NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY
18 JUNE 2025
ବୁଧବାର
୧୮ ଜୁନ୍ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 34 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୪ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର







**ବଙ୍ଗୋପସାଗରରେ ଲଘୁଚାପ**

## ଆସନ୍ତା ୩ ଦିନ ପ୍ରବଳ ବର୍ଷିବ



**ଭୁବନେଶ୍ୱର,୧୭।୬/ଏନ୍ଏନ୍ଏସ୍:**

ଉତ୍ତର ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ଘୂର୍ଣ୍ଣିବଳୟ ଓ ଦକ୍ଷିଣ ପଶ୍ଚିମ ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟାକାରେ ସୃଷ୍ଟ ଘୂର୍ଣ୍ଣିବାୟୁ ଲଘୁଚାପର ରୂପ ନେଇଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ଏହା ତୀବ୍ର ହେବା ସମ୍ଭାବନା ରହିଛି। ଫଳରେ ଆସନ୍ତା ଦୁଇରୁ ତିନିଦିନ ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ପବନ ଜାରି ରହିବ। ଆସନ୍ତା ୨୪ ଘଣ୍ଟା ପାଇଁ ବଜ୍ରପାତଜନିତ ଓ୍ୱାର୍ଣ୍ଣିଂ ଜାରି ରହିଥିବା ବେଳେ ସୁନ୍ଦରଗଡ଼, ମୟୂରଭଞ୍ଜ ଓ କେନ୍ଦୁଝର, ଝାରସୁଗୁଡ଼ା ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଏଥିସହ ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ଅତ୍ୟନ୍ତରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିବ। ଏଥିସହ ଝଟ୍କା ପବନର ବେଗ ୩୦-୪୦ କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି। ସେହିପରି ଦେବଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, ସମ୍ବଲପୁର, ଅନୁଗୁଳ, ବରଗଡ଼, ଢେଙ୍କାନାଳ, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, କଟକ ଓ ଝାରସୁଗୁଡ଼ା ଜିଲ୍ଲାକୁ ▶▶ ୫

**୨୪ ଘଣ୍ଟାରେ ତୀବ୍ର ରୂପନେବା ସମ୍ଭାବନା**

**ବଲାଙ୍ଗୀରରେ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ**

# କୃଷି ଓ କୃଷକଙ୍କ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ

**ଭୁବନେଶ୍ୱର,ବଲାଙ୍ଗୀର,୧୭।୬/ଏନ୍ଏନ୍ଏସ୍:**

ଆମ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ବିଭିନ୍ନ ଚାଷୀ କଲ୍ୟାଣକାରୀ ପଦକ୍ଷେପଗୁଡ଼ିକ କେବଳ କୃଷକଙ୍କର ଆୟବୃଦ୍ଧି କରିନାହିଁ, ବରଂ ରାଜ୍ୟରେ କୃଷି ବିକାଶରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ସରକାର ଏହି କ୍ଷେତ୍ରର ଏକ ସ୍ଥାୟୀ ବିକାଶ ପାଇଁ ପ୍ରୟାସ ଜାରି ରଖିଛନ୍ତି। ନିକଟରେ ମେ' ୨୯ରୁ ଜୁନ୍ ୧୨ପର୍ଯ୍ୟନ୍ତ ପୁରୀର ସାକ୍ଷୀଗୋପାଳଠାରୁ ଆରମ୍ଭ ହୋଇଥିବା 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଦେଶବ୍ୟାପୀ ଚାଲୁ ରହିଥିଲା। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ବିକଶିତ କୃଷି ସଂକଳ୍ପ ଅଭିଯାନ କୃଷକଙ୍କ ସାମୂହିକ କଲ୍ୟାଣ ସାଧନ ସହ କୃଷି କ୍ଷେତ୍ରରୁ ରୋଜଗାର ବୃଦ୍ଧି ପାଇଁ ବାସ୍ତବିକ ଏକ ଯୁଗାନ୍ତକାରୀ ପଦକ୍ଷେପ।

ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ପାଳନ ଅବସରରେ ବଲାଙ୍ଗୀରଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି ଯେ ରାଜ୍ୟରେ କୃଷକମାନଙ୍କୁ ସଶକ୍ତ କରିବା ପାଇଁ ସରକାର ସମସ୍ତ ପ୍ରକାର ଯାନ୍ତ୍ରିକ ଓ ପ୍ରଯୁକ୍ତିବିଦ୍ୟା ସାହାଯ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ। ନିର୍ବାଚନ ସମୟରେ ଆମର ଏକ ମୁଖ୍ୟ ପ୍ରତିଶ୍ରୁତି ଥିଲା ରାଜ୍ୟର ଲକ୍ଷ ଲକ୍ଷ ଚାଷୀ ଭାଇଭଉଣୀଙ୍କୁ



ସେମାନଙ୍କ କଠୋର ପରିଶ୍ରମର ପ୍ରକୃତ ମୂଲ୍ୟ ପ୍ରଦାନ କରିବା। ଆଉ ଆଜି ଆମେ ସେହି ଲକ୍ଷ୍ୟ ପୂରଣ କରିଛୁ। ବଲାଙ୍ଗୀର ଜିଲ୍ଲାରୁ ଦୁଇଜଣ ମନ୍ତ୍ରୀ ଓଡ଼ିଶା ସରକାରରେ ପ୍ରତିନିଧିତ୍ୱ କରୁଛନ୍ତି। ଏବେ ଏଠାରେ ଡବଲ୍ ଇଞ୍ଜିନ୍ ନୁହେଁ, ଟ୍ରିପଲ୍ ଇଞ୍ଜିନ୍ ସରକାର ଚାଲିଛି ଏବଂ ଜିଲ୍ଲାର ବିକାଶ ବି ତିନିଗୁଣ ବେଗରେ ଚାଲୁଛି, ଏହି ପ୍ରକ୍ରିୟା ଆଗାମୀ ଦିନରେ ଜାରି ରହିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜି ଆମ ଦେଶ ତା'ର ଅନନ୍ୟ କୃଷି ପ୍ରଣାଳୀ ପାଇଁ ସାରା ବିଶ୍ୱରେ ପ୍ରଶଂସିତ। ଆମ ରାଜ୍ୟର ପ୍ରାୟ ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଏବଂ ଆନୁଷଙ୍ଗିକ କୃଷି କାର୍ଯ୍ୟ ଉପରେ ନିର୍ଭରଶୀଳ। ମେ' ମାସ ସୁଦ୍ଧା ୭୮ ହଜାର ୬୮୧ କୃଷି ଯନ୍ତ୍ରପାତି ଯୋଗାଣ କରାଯାଇ ସେ ବାବଦକୁ ଡିବିଟି ମାଧ୍ୟମରେ ୪୫୯.୬୮ କୋଟି ଟଙ୍କାର ରିହାତି ପ୍ରଦାନ କରାଯାଇଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଆମ ଦେଶର କୃଷକ ସମାଜକୁ ବହୁ ସମ୍ମାନ ଦିଅନ୍ତି। ସେମାନଙ୍କୁ ଅନ୍ନଦାତା ଭାବେ ସମ୍ବୋଧନ କରନ୍ତି। ସମସ୍ତଙ୍କୁ କୃଷି କ୍ଷେତ୍ରରେ ନିଜ ନିଜର ଅବଦାନ ଦେଇ କୃଷିକୁ ଦେଶର ମୁଖ୍ୟ ଆଧାର କରିବାକୁ ସେ ଆହ୍ୱାନ ଦେଇଛନ୍ତି। ରାଜ୍ୟରେ କୃଷିର ବିକାଶ ପାଇଁ ଅଧିକରୁ ଅଧିକ ଚାଷୀଙ୍କ ଚାଷଜମିକୁ ଜଳସେଚନ

> **ଜିଲ୍ଲାରେ ଡବଲ୍ ନୁହେଁ, ଚାଲିଛି ଟ୍ରିପଲ୍ ଇଞ୍ଜିନ୍ ସରକାର।**
> **ମୁଖ୍ୟମନ୍ତ୍ରୀ**

ସୁବିଧା ଯୋଗାଇଦେବା ପାଇଁ ଆମେ ପ୍ରତିବଦ୍ଧତାର ସହ କାମ କରୁଛୁ। ଆସନ୍ତା ୫ ବର୍ଷ ମଧ୍ୟରେ ୧୫ ଲକ୍ଷ ହେକ୍ଟର୍ ଅଣଜଳସେଚିତ ଜମିକୁ ଆମେ ଜଳସେଚନ ଯୋଗାଇଦେବାର ଲକ୍ଷ୍ୟ ରଖିଛୁ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶ୍ରୀଅନ୍ନ ଅଭିଯାନ ମାଧ୍ୟମରେ ବିସ୍ମୃତ ଖାଦ୍ୟର ପୁନରୁଦ୍ଧାର ଏବଂ ପୁଷ୍ଟିଶସ୍ୟ ଆଧାରିତ କୃଷି ପ୍ରଣାଳୀ ମାଧ୍ୟମରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ରୋଜଗାରରେ ଉନ୍ନତି ଅଣାଯାଇଛି। ବର୍ତ୍ତମାନ ଆମ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟରେ ଶିଶୁ ବାଟିକାରୁ ▶▶ ୫

**ରାଜ୍ୟକୁ ଝାଡ଼ାବାନ୍ତି ଡର**

# ସମସ୍ତ ଜିଲ୍ଲାକୁ ଆଲର୍ଟ

**ଭୁବନେଶ୍ୱର,୧୭।୬/ଏନ୍ଏନ୍ଏସ୍:**

୫ ଜିଲ୍ଲାରେ ଝାଡ଼ାବାନ୍ତି ବ୍ୟାପିବା ପରେ ସମସ୍ତ ଜିଲ୍ଲାକୁ ଆଲର୍ଟ କରିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ। ସମସ୍ତ ଜିଲ୍ଲାରେ ସତର୍କତାମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଳ ଉତ୍ସଗୁଡ଼ିକୁ ସଫା ରଖିବା ସହ ବିଶୋଧନ ପାଇଁ ପଦକ୍ଷେପ ନେବାକୁ ପ୍ରୟାସ ଆରମ୍ଭ ହୋଇଛି। ହସ୍ପିଟାଲ୍‌ଗୁଡ଼ିକ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ସଚିବ ଅଶ୍ୱତୀ ଏସ୍। ସେ ଆହୁରି କହିଛନ୍ତି, 'ଆଜି ସକାଳ ୧୦ ଟା ସୁଦ୍ଧା ୫ ଜିଲ୍ଲାରୁ ୩୦୦ ନୂଆ କେସ୍ ଚିହ୍ନଟ ହୋଇଛି। ନୂଆ କେସ୍‌ର କ୍ୟାଟେଗୋରୀ ସାମାନ୍ୟ ରହୁଛି। ଡାଇରିଆ ବ୍ୟାପିବାର ଗୋଟିଏ ସୋର୍ସ ଜଣାପଡ଼ିନି। ସବୁ ସୋର୍ସକୁ ବିଶୋଧନ ପାଇଁ ବ୍ୟବସ୍ଥା ନିଆଯାଉଛି। ଲୋକଙ୍କୁ ସଚେତନ ପାଇଁ ଗାଁ ଗାଁରେ ମାଇକ୍ ଯୋଗେ ପ୍ରଚାର ଚାଲିଛି। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଏଭଳି ପ୍ରକ୍ରିୟା ଜାରି ରଖିବାକୁ



**୨୪ ଘଣ୍ଟିଆ ନିରୀକ୍ଷଣରେ ରହିବେ ରୋଗୀ**

ନିର୍ଦ୍ଦେଶ ରହିଛି। ପ୍ରତିଦିନ ରାଜ୍ୟସ୍ତରୀୟ ସମୀକ୍ଷା କରାଯିବ। କେନ୍ଦ୍ରୀୟ ଟିମ୍ ଏବେ ବି ଅଛନ୍ତି, ଅନୁଧ୍ୟାନ କରୁଛନ୍ତି। ଆସନ୍ତାକାଲି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହ ବୈଠକ କରିବେ। ଲୋକେ ତରବରିଆ ଭବେ ହସ୍ପିଟାଲ୍‌ରୁ ଡିସଚାର୍ଜ ନେଇ ଯାଉଥିଲେ। ଯେଉଁଥି ପାଇଁ ଦ୍ୱିତୀୟଥର ହସ୍ପିଟାଲ୍‌କୁ ଆସିବା ବେଳକୁ ସ୍ୱାସ୍ଥ୍ୟ ବିଗଡ଼ି ଯାଉଥିଲା। ଯେଉଁ ବ୍ୟକ୍ତିମାନେ ହସ୍ପିଟାଲ୍ ଆସୁଛନ୍ତି ସେମାନଙ୍କୁ ୨୪ ଘଣ୍ଟା ନିରୀକ୍ଷଣରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେତିକି ଟେଷ୍ଟ ହୋଇଥିଲା ସେଥିରୁ ୧୦ ପ୍ରତିଶତ କଲେରା ବାହାରିଥିଲା। ରାଜ୍ୟରେ ଡାଇରିଆକୁ ନେଇ ଆଜିଠାରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଡାଇରିଆ ନିରାକରଣ ଅଭିଯାନ ଆରମ୍ଭ ହୋଇଛି। କିଭଳି ଭାବରେ ଡାଇରିଆରୁ ଛୋଟ ପିଲାଙ୍କୁ ସୁରକ୍ଷିତ ରଖାଯିବ ସେନେଇ ହେଉଛି ଆଲୋଚନା। ଯାଜପୁର ଜିଲ୍ଲାରେ ଡାଇରିଆ ସ୍ଥିତିର ମୁକାବିଲା ଏବଂ ନିୟନ୍ତ୍ରଣ ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ମିଶନପକ୍ଷରୁ ଅଧିକ ଡାକ୍ତର ଏବଂ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ୍ ମୁତୟନ କରାଯାଇଛି। ମିଶନ ନିର୍ଦ୍ଦେଶକ ଡାକ୍ତର ବୃନ୍ଦା ଡି.ଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ପ୍ରଭାବିତ ଅଞ୍ଚଳରେ ଥିବା ହସ୍ପିଟାଲ୍‌ଗୁଡ଼ିକରେ ୮ ଜଣ ମେଡିସିନ୍ ସ୍ପେସାଲିଷ୍ଟ ▶▶ ୫

### ପ୍ରଭାବିତ ଅଞ୍ଚଳକୁ ଗଲା ୪ ସ୍ୱତନ୍ତ୍ର ଟିମ୍

ରାଜ୍ୟର କେତେକ ସ୍ଥାନରେ ଦେଖା ଦେଇଥିବା ବର୍ଷାଦିନିଆ ଜଳବାହିତ ଡାଇରିଆ ରୋଗର ସ୍ଥିତିରେ ସୁଧାର ଆସୁଥିବା ବେଳେ ଏହାର ନିରାକରଣ ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ରାଜ୍ୟ ସରକାର ମିଳିତ ଉଦ୍ୟମ ଜାରି ରଖିଛନ୍ତି। ଇତି ମଧ୍ୟରେ ପ୍ରଭାବିତ ଅଞ୍ଚଳକୁ ଅଧିକ ଡାକ୍ତର ଚିକିତ୍ସା ସହାୟକ, ଔଷଧ ପତ୍ର ଏବଂ ସଚେତନତା ସୂଚନାପତ୍ର ଆଦି ପଠାଯାଇଥିବା ବେଳେ କ୍ଷେତ୍ରସ୍ତରୀୟ ସଚେତନତା କାର୍ଯ୍ୟକ୍ରମକୁ ସଘନ କରାଯାଇଛି। ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍‌ଙ୍କ ନିର୍ଦ୍ଦେଶକ୍ରମେ ୪ଟି ରାଜ୍ୟସ୍ତରୀୟ ଟିମ୍‌ଙ୍କୁ କ୍ଷେତ୍ରସ୍ତରୀୟ କାର୍ଯ୍ୟାୟନ ଦେଖିବା ପାଇଁ ପଠା ଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀ, ବିଶେଷଜ୍ଞ ଓ ପରାମର୍ଶଦାତାମାନଙ୍କୁ ନେଇ ଏହି ଟିମ୍ ଗଠନ କରାଯାଇଛି। ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଅଶୋକ କୁମାର ପାଇକ ରାୟ, ପରାମର୍ଶଦାତା ଡାକ୍ତର କଲ୍ଲୋଳ ଦାସ, ଆଇଆର୍‌ଟି ସଦସ୍ୟ ସୁରଜିତ ଗରାବଡ଼ୁ, ଡାକ୍ତର ଅସିତ୍ କୁମାର ମହାନ୍ତି, ଡାକ୍ତର ପ୍ରଭାକର ସାହୁ ଏବଂ ପରାମର୍ଶ ଦାତା ଅନୁପ ପ୍ରମୁଖ ଏହି ଟିମଗୁଡ଼ିକର ସଦସ୍ୟ ଅଛନ୍ତି। ଏମାନେ ଭୁବନ, ବାଙ୍କୀ, ଧର୍ମଶାଳା, ବଡ଼ଚଣା ଓ ଭଣ୍ଡାରପୋଖରୀ ଆଦି ଅଞ୍ଚଳ ଗସ୍ତକରି କ୍ଷେତ୍ରସ୍ତରୀୟ ଡାଇରିଆ ନିରାକରଣ କର୍ଯ୍ୟାୟନର ନିରୀକ୍ଷଣ ପୂର୍ବକ କ୍ଷେତ୍ରସ୍ତରରେ କାର୍ଯ୍ୟରତ ବିଭିନ୍ନ ବିଭାଗୀୟ ଟିମ୍‌ମାନଙ୍କ ମଧ୍ୟରେ ସମନ୍ୱୟକୁ ଦୃଢ଼ୀଭୂତ କରିବେ। ଜଳ ଉତ୍ସଗୁଡ଼ିକର ବିଶୋଧନ, ଘରକୁ ଘର ଅଭିଯାନ, ଡାଇରିଆ ରୋଗୀଙ୍କୁ ପ୍ରାଥମିକ ଅବସ୍ଥାରୁ ଚିହ୍ନଟ ଓ ପ୍ରାଥମିକ ଚିକିତ୍ସା, ଘରକୁ ଘର ଔଷଧ ଓ ହଲୋଜେନ୍ ବଟିକା ବଣ୍ଟନ, ଜନ ସଚେତନତା କାର୍ଯ୍ୟକ୍ରମ ଆଦିର ନିରୀକ୍ଷଣ କରି ସେ ସବୁକୁ ଅଧିକ ଲକ୍ଷ୍ୟଭେଦୀ କରିବା ପାଇଁ ଟିମମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଓ ସହାୟତା ଦେବେ।

**ଗଣଦୁଷ୍କର୍ମ ଘଟଣାକୁ ମୁଖ୍ୟମନ୍ତ୍ରୀଙ୍କ ନିନ୍ଦା**

## ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ

**ଭୁବନେଶ୍ୱର,୧୭।୬/ଏନ୍ଏନ୍ଏସ୍:**

ଗୋପାଳପୁର ଗଣଦୁଷ୍କର୍ମ ଘଟଣାରେ ଅପରାଧୀମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ। ଏ ଘଟଣାରେ ସମ୍ପୃକ୍ତ କୌଣସି ଅପରାଧୀଙ୍କୁ ଛଡ଼ାଯିବ ନାହିଁ, ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଘଟଣାକୁ ଦୃଢ଼ ନିନ୍ଦା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଭଳି ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ମାନବତା ବିରୁଦ୍ଧରେ ଏକ ଅପରାଧ। ଏ ଘଟଣାରେ ପୁଲିସକୁ ସମସ୍ତ ସନ୍ଦିଗ୍ଧ ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥାନୀୟ ପୁଲିସ ୧୦ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସମ୍ପୃକ୍ତ ଥିବା ସମସ୍ତ ଅପରାଧୀଙ୍କୁ ଧରାଯାଇ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ଆଇନ ଅନୁମୋଦିତ ସବୁଠାରୁ କଠୋର ଦଣ୍ଡବିଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ତାର ସହ ପ୍ରକାଶ କରିଛନ୍ତି।

### ତଦନ୍ତ କରିବ କ୍ରାଇମ୍‌ବ୍ରାଞ୍ଚ୍



ଗୋପାଳପୁର ବେଳାଭୂମି ଗଣଦୁର୍ଷମ ଘଟଣାର ତଦନ୍ତ କରିବ ସିଆଇଡି କ୍ରାଇମ୍‌ବ୍ରାଞ୍ଚ୍। ସିଆଇଡି କ୍ରାଇମ୍‌ବ୍ରାଞ୍ଚ୍‌କୁ ତଦନ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମ୍‌ବ୍ରାଞ୍ଚ୍‌ର ସିଏଡବ୍ଲ୍ୟୁ ଏବଂ ସିଡବ୍ଲ୍ୟୁ ଟିମ୍ ଘଟଣାର ତଦନ୍ତ କରିବ। ତଦନ୍ତ ତଦାରଖ ▶▶ ୫

**ପଞ୍ଚମ ଦିନରେ ଇରାନ୍-ଇସ୍ରାଏଲ୍ ଯୁଦ୍ଧ**

# ମୋସାଦ୍ ମୁଖ୍ୟାଳୟ ଉପରେ ଆକ୍ରମଣ

**ତେହେରାନ/ତେଲ ଅଭିଭ୍, ୧୭।୬/ଏଜେନ୍ସି:**

ଇସ୍ରାଏଲ ଏବଂ ଇରାନ୍ ମଧ୍ୟରେ ଚାଲିଥିବା ଆକ୍ରମଣ-ପ୍ରତିଆକ୍ରମଣ ପଞ୍ଚମ ଦିନରେ ପହଞ୍ଚିଛି। ପଞ୍ଚମ ଦିନ ସୁଦ୍ଧା ଉଭୟ ପକ୍ଷରୁ ଅନେକ ମୃତାହତ ହୋଇଥିବା ଖବର ଆସିବାରେ ଲାଗିଛି। ଇସ୍ରାଏଲ୍ ପକ୍ଷରୁ ଆକ୍ରମଣ ଆରମ୍ଭ ହୋଇଥିଲେ ମଧ୍ୟ ଇରାନ୍ ନିଜ ସାମର୍ଥ୍ୟ ମୁତାବକ ପ୍ରତିଆକ୍ରମଣ ଜାରି ରଖିଛି। ଏସବୁ ମଧ୍ୟରେ ଇରାନର ଇସଲାମିକ୍ ରେଭୋଲ୍ୟୁସନାରୀ ଗାର୍ଡ କର୍ପସ୍ (ଆଇଆର୍‌ଜିସି) ମଙ୍ଗଳବାର ଦାବି କରିଛି ଯେ ସେମାନେ ଇସ୍ରାଏଲ୍‌ର ଗୁପ୍ତଚର ସଂସ୍ଥା ମୋସାଦ୍‌ର ତେଲ ଅଭିଭ୍‌ସ୍ଥିତ ମୁଖ୍ୟାଳୟ ଏବଂ ଗ୍ଲିଲୋଟରେ ଥିବା ସାମରିକ ଗୁପ୍ତଚର କେନ୍ଦ୍ର 'ଆମାନ'କୁ ବାଲିଷ୍ଟିକ୍ ମିସାଇଲ୍ ଦ୍ୱାରା ଟାର୍ଗେଟ୍ କରିଛନ୍ତି। ଇରାନ୍ ସେନା ପକ୍ଷରୁ ଆକ୍ରମଣ ଭିଡିଓ ମଧ୍ୟ ପ୍ରମାଣ ସ୍ୱରୂପ ଜାରି କରାଯାଇଛି, ଯାହାକି ଏବେ



ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ତେହେରାନ ଟାଇମ୍ସ ଅନୁସାରେ, ଆଇଆର୍‌ଜିସି ନିଜର 'ଟ୍ରୁ ପ୍ରମିଜ୍-୩' ଅପରେସନ୍‌ର ଅଂଶ ଭାବେ ତେଲ ଅଭିଭ୍ ମେଟ୍ରୋପଲିଟାନ୍ ଅଞ୍ଚଳରେ ଥିବା ମୋସାଦ ଓ ଆମାନ କେନ୍ଦ୍ରକୁ ଟାର୍ଗେଟ୍ ପୂର୍ବକ ଆକ୍ରମଣ କରିଛି। ଜାରି ଭିଡିଓରେ ତେଲ ଅଭିଭରେ ଧୂଆଁ ଓ ନିଆଁ ଦେଖାଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି, ଯାହାକୁ ଆଇଆର୍‌ଜିସି ନିଜର ସଫଳ ଆକ୍ରମଣର ପ୍ରମାଣ ବୋଲି ଦାବି କରିଛି। ଇରାନ କହିଛି ଯେ ଏହି ଆକ୍ରମଣ ଇସ୍ରାଏଲ୍‌ର ଉନ୍ନତ ପ୍ରତିରକ୍ଷା ବ୍ୟବସ୍ଥାକୁ ଭେଦକରି ସଫଳ ହୋଇଛି ଏବଂ ଏହା ଇସ୍ରାଏଲ୍‌ର ପୂର୍ବତନ ଆକ୍ରମଣର ପ୍ରତିଶୋଧ।

> **ଆତ୍ମସମର୍ପଣ କରନ୍ତୁ ଖାମେନେଇ, ନଚେତ୍ ସଦ୍ଦାମ ହୁସେନ୍‌ଙ୍କ ଭଳି ପରିଣାମ ଭୋଗିବେ: ଟ୍ରମ୍ପ୍**

ଅନ୍ୟପକ୍ଷେ ଇସ୍ରାଏଲ୍ ଏହି ଦାବିକୁ ଖଣ୍ଡନ କରି କହିଛି ଯେ ମୋସାଦ୍ ମୁଖ୍ୟାଳୟ ସୁରକ୍ଷିତ ରହିଛି ଏବଂ ଇରାନର ଆକ୍ରମଣ ଗୁରୁତ୍ୱପୂର୍ଣ୍ଣ କ୍ଷତି ▶▶ ୫

**ମଧ୍ୟପ୍ରାଚ୍ୟ ଘନଘଟା: ଜାରି ରହିଛି ରେସ୍କ୍ୟୁ ଅପରେସନ୍**

## ଆର୍ମେନିଆ ଦେଇ ଇରାନରୁ ଫେରୁଛନ୍ତି ୧୧୦ ଭାରତୀୟ ଛାତ୍ର

**ତେହେରାନ/ନୂଆଦିଲ୍ଲୀ,୧୭।୬/ଏଜେନ୍ସି:**

ଇରାନ ଏବଂ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧ ଏବେ ଦିନକୁ ଦିନ ଉଗ୍ରରୂପ ଧାରଣ କରିବାରେ ଲାଗିଛି। ବିଶେଷକରି ଇରାନ୍ ଉପରେ ଇସ୍ରାଏଲ୍ ପ୍ରଚଣ୍ଡ ଆକ୍ରମଣ ଜାରି ରଖିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ସରକାର ଏବେ ଇରାନ୍‌ରେ ଥିବା ଭାରତୀୟ ଛାତ୍ରଛାତ୍ରୀଙ୍କୁ ସ୍ୱଦେଶ ଫେରାଇ ଆଣିବାକୁ ଅଣ୍ଟା ଭିଡ଼ିଛନ୍ତି। ରିପୋର୍ଟ ଅନୁସାରେ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୧୦ ଭାରତୀୟ ଛାତ୍ରଛାତ୍ରୀ ଏବେ ଆର୍ମେନିଆ ମାର୍ଗ ଦେଇ ଭାରତ ଫେରୁଛନ୍ତି। ତେହରାନ୍‌ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଏନେଇ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଆର୍ମେନିଆ ସୀମାରେଖା ପର୍ଯ୍ୟନ୍ତ ଏବେ ସ୍ଥାନାନ୍ତର କରାଯାଉଛି। କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏନେଇ ଏକ ବିବୃତ୍ତି ଜାରି କରି ଏହି ସୂଚନା ପ୍ରଦାନ କରିଛି।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ



ଭାରତୀୟ ଦୂତାବାସ ଇରାନରେ ଉପସ୍ଥିତ ଭାରତୀୟଙ୍କ ସହ ନିରନ୍ତର ଯୋଗାଯୋଗରେ ଅଛି। ସେମାନଙ୍କୁ ସମସ୍ତ ଆବଶ୍ୟକୀୟ ଜିନିଷ ଯୋଗାଇ ଦିଆଯାଉଛି। ଭାରତୀୟ ଦୂତାବାସ ସହାୟତାରେ ପ୍ରଥମ ପର୍ଯ୍ୟାୟରେ କିଛି ଛାତ୍ରଛାତ୍ରୀଙ୍କୁ ସୁରକ୍ଷା ପାଇଁ ସ୍ଥାନାନ୍ତର କରାଯାଇଛି। ବାକି ନାଗରିକଙ୍କୁ ▶▶ ୫

# ଭୋକିଲାଙ୍କ ଉପରେ ଗୋଳାମାଡ଼

## ଗାଜାଷ୍ଟ୍ରିପ୍‌ରେ ୭୩ ମୃତ, ୨୦୦ ଗୁରୁତର



**କାଇରୋ/ଗାଜା, ୧୭।୬/ଏଜେନ୍ସି:** ଗୋଟିଏ ପଟେ ଇରାନ୍ ସହ ଲଢ଼େଇ ଲଢୁଥିବା ଇସ୍ରାଏଲ୍ ଅନ୍ୟପଟେ ହମାସ୍ ଉଗ୍ରବାଦୀଙ୍କ ବିରୋଧରେ ନିଜ ଆକ୍ରମଣକୁ ଜାରି ରଖିଛି। ସୋମବାର ବିଳମ୍ବିତ ରାତିରେ ଦକ୍ଷିଣ ଗାଜାରେ ଥିବା ଏକ ସହାୟତା ବଣ୍ଟନ ସ୍ଥଳ ନିକଟରେ ଇସ୍ରାଏଲୀ ସେନା ଗୁଳିମାଡ଼ କରିବା ଏବଂ ଏଥିରେ ୫୧ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ତଥା ପ୍ରାୟ ୨୦୦ ଜଣ ଆହତ ହୋଇଥିବା ସୂଚନା ମିଳିଛି। ଅନ୍ୟ ଏକ ରିପୋର୍ଟ ଅନୁସାରେ ସେହିପରି ଗାଜାର ଅନ୍ୟ ଏକ ଜନବସତି ଅଞ୍ଚଳରେ ଇସ୍ରାଏଲୀ ସେନାର ଗୁଳିକାଣ୍ଡ ଏବଂ ବିମାନ ଆକ୍ରମଣରେ ଅତି କମରେ ୧୪ ଜଣ ଲୋକ ମଧ୍ୟ ପ୍ରାଣ ହରାଇଛନ୍ତି। ଫଳରେ ମଙ୍ଗଳବାର ଦିନ ମୃତକଙ୍କ ସଂଖ୍ୟା ଅତି କମରେ ୭୩ରେ ପହଞ୍ଚିଛି। ହମାସ ପରିଚାଳିତ ନାଗରିକ ପ୍ରତିରକ୍ଷା ସଂସ୍ଥା ଦାବି କରିଛି ଯେ, ଖାନ୍ ୟୁନିସ୍‌ରେ ସହାୟତା ସ୍ଥଳ ନିକଟରେ ଇସ୍ରାଏଲୀ ସେନା ଖାଦ୍ୟ ବଣ୍ଟନ କେନ୍ଦ୍ର ନିକଟରେ ଜମା ହୋଇଥିବା ନୀରିହ ଜନସାଧାରଣଙ୍କ ଉପରେ ଗୁଳି ଚଳାଇଥିଲେ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଲୋକମାନେ ବାନି ସୁହେଇଲା ସହରକୁ ଯାଉଥିବା ଏକ ପ୍ରମୁଖ ରାସ୍ତା ନିକଟରେ ଏକତ୍ରିତ ହୋଇଥିଲେ, ଯେଉଁଠାରେ ସପ୍ତାହ ଧରି ଇସ୍ରାଏଲୀ ସାମରିକ କାର୍ଯ୍ୟାନୁଷ୍ଠାନ ଚାଲିଆସିଛି। ଅନ୍ୟପକ୍ଷେ ଇସ୍ରାଏଲୀ ସେନା କର୍ତ୍ତୃପକ୍ଷ ଏପ୍ରକାର ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରାଯାଇଥିବା କହିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ଇସ୍ରାଏଲ୍ ସେନା ନିଜ ଟ୍ୟାଙ୍କ୍ ସହାୟତାରେ ନୀରିହ ଜନସାଧାରଣଙ୍କ ଉପରେ ବରାବର ଆକ୍ରମଣ କରୁଛି। ମଙ୍ଗଳବାର ଗାଜାକୁ ଟ୍ରକ୍ ଯୋଗେ ମିଳିତ ଜାତିସଂଘ ପକ୍ଷରୁ ଆସିଥିବା ରିଲିଫ୍ ବଣ୍ଟନ ସମୟରେ ରୁଣ୍ଡ ହୋଇଥିବା ଲୋକଙ୍କ ଉପରେ ଗୁଳି ଚଳାଇ ୫୯ ଜଣଙ୍କୁ ନିର୍ମମ ହତ୍ୟା କରିଛି ଇସ୍ରାଏଲ୍ ସେନା। ଗୋଟିଏ ପଟେ ପାଲେଷ୍ଟାଇନ୍‌ବାସୀ ଯେଉଁଠି ଖାଇବା ପାଇଁ ଦୈନିକ ସଂଘର୍ଷ କରୁଛନ୍ତି ସେଠାରେ ଇସ୍ରାଏଲ୍ ସେନା ଭୋକିଲାଙ୍କ ଉପରେ ଗୁଳିମାଡ଼ କରିବା ଅତ୍ୟନ୍ତ ଅମାନବୀୟ ବୋଲି ଜାତିସଂଘ କହିଛି। ରଏଟର୍ସ ଦ୍ୱାରା ସାକ୍ଷାତକାର ନିଆଯାଇଥିବା ସାକ୍ଷୀମାନେ କହିଛନ୍ତି ଯେ ଇସ୍ରାଏଲୀ ଟ୍ୟାଙ୍କଗୁଡ଼ିକ ଖାନ ୟୁନିସ୍ ଦେଇ ମୁଖ୍ୟ ପୂର୍ବ ରାସ୍ତାରେ ହଜାର ହଜାର ଲୋକଙ୍କ ଭିଡ଼ ଉପରେ ଅତି କମରେ ଦୁଇଟି ସେଲ୍ ମାରିଥିଲେ ଯେଉଁମାନେ ସାହାଯ୍ୟ ଟ୍ରକରୁ ଖାଦ୍ୟ ପାଇବା ପାଇଁ ଆଶା କରିଥିଲେ।

ଇସ୍ରାଏଲୀ ସହଯୋଗୀମାନେ କହିଛନ୍ତି ଯେ, ଗାଜା ଯୁଦ୍ଧ ଅକ୍ଟୋବର ୨୦୨୩ ରେ ଆରମ୍ଭ ହୋଇଥିଲା, ଯେତେବେଳେ ପାଲେଷ୍ଟାଇନୀୟ ହମାସ ଆତଙ୍କବାଦୀମାନେ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲେ ଏବଂ ୧,୨୦୦ ଲୋକଙ୍କୁ ହତ୍ୟା କରିଥିଲେ ଏବଂ ୨୫୧ ଜଣଙ୍କୁ ବନ୍ଧକ ନେଇଥିଲେ। ଅନ୍ୟପକ୍ଷେ ଯେତେବେଳେ ଇସ୍ରାଏଲ୍ ପକ୍ଷରୁ ଗାଜା ଉପରେ ପ୍ରତି ଆକ୍ରମଣ କରାଯାଇଥିଲା ସେତେବେଳେ ପ୍ରାୟ ୫୫,୦୦୦ ପାଲେଷ୍ଟାଇନୀୟଙ୍କୁ ହତ୍ୟା କରାଯାଇଥିଲା (ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ)। ସେହିପରି ଇସ୍ରାଏଲ୍ ଆକ୍ରମଣ ପରେ ପ୍ରାୟ ୨.୩ ମିଲିଅନ ଜନସଂଖ୍ୟାକୁ ବିସ୍ଥାପିତ କରାଯାଇଥିଲା ଏବଂ ପାଲେଷ୍ଟାଇନ୍ ଏବଂ ଗାଜା ଷ୍ଟ୍ରିପ୍‌ରେ ଖାଦ୍ୟ ସଙ୍କଟ ସୃଷ୍ଟି ହୋଇଥିଲା। ତେବେ ମିଳିତ ଜାତିସଂଘ ପକ୍ଷରୁ ଏଠାରେ ପ୍ରଭାବିତ ଲୋକଙ୍କୁ ଦୈନିକ ଖାଦ୍ୟ ତଥା ଅନ୍ୟ ରିଲିଫ୍ ସାମଗ୍ରୀ ଯୋଗାଣ ଅବ୍ୟାହତ ରହିଛି।

# ୨୪ ଘଣ୍ଟାରେ ଏୟାର ଇଣ୍ଡିଆର ୬ ଅନ୍ତର୍ଜାତୀୟ ଉଡାଣ ବାତିଲ

**ନୂଆଦିଲ୍ଲୀ, ୧୭।୬/ଏଜେନ୍ସି:** ଗତ ସପ୍ତାହରେ ଅହମଦାବାଦରେ ଘଟିଥିବା ଭୟଙ୍କର ଦୁର୍ଘଟଣା ପରେ ବୋଇଂ କମ୍ପାନୀ ଦ୍ୱାରା ନିର୍ମିତ ପ୍ରମୁଖ ବିମାନଗୁଡ଼ିକର ଯାଞ୍ଚ ବୃଦ୍ଧି ପାଇଛି। ତେବେ ଏସବୁ ମଧ୍ୟରେ ରିପୋର୍ଟ ଲେଖାହେବା ସୁଦ୍ଧା ଏୟାର ଇଣ୍ଡିଆ ପକ୍ଷରୁ ଗତ ୨୪ ଘଣ୍ଟା ମଧ୍ୟରେ ପ୍ରାୟ ୬ଟି ଅନ୍ତର୍ଜାତୀୟ ଉଡ଼ାଣକୁ ବାତିଲ୍ କରିଥିବା ସୂଚନା ମିଳିଛି। ତେବେ ସବୁଠୁ ବଡ଼କଥା ହେଉଛି ବାତିଲ ହୋଇଥିବା ଏୟାର ଇଣ୍ଡିଆର ଏସମସ୍ତ ବିମାନଗୁଡ଼ିକ ୭୮୭-୮ ଡ୍ରିମଲାଇନର ବୋଲି ଜଣାପଡିଛି। ରିପୋର୍ଟ ଅନୁସାରେ ବାତିଲ ହୋଇଥିବା ବିମାନ ସେବାଗୁଡ଼ିକ ହେଉଛି ଏଆଇ ୯୧୫ (ଦିଲ୍ଲୀ-ଦୁବାଇ), ଏଆଇ ୧୫୩ (ଦିଲ୍ଲୀ-ଭିଏନା), ଏଆଇ ୧୪୩ (ଦିଲ୍ଲୀ-ପ୍ୟାରିସ୍), ଏଆଇ ୧୫୯ (ଅହମଦାବାଦ-ଲଣ୍ଡନ ଗାଟୱିକ୍), ଏଆଇ ୧୩୩ (ବେଙ୍ଗାଲୁରୁ-ଲଣ୍ଡନ) ଏବଂ ଏଆଇ ୧୭୦ (ଲଣ୍ଡନ-ଅମୃତସର)।

ଏସବୁ ବିମାନ ବ୍ୟତୀତ, ଦିଲ୍ଲୀକୁ ଉଡାଣ ଭରିଥିବା ବିମାନ ଏଆଇ ୩୧୫ ଡ୍ରିମଲାଇନର ମଧ୍ୟ ଆଜି ମଝି ଆକାଶରେ ଏକ ଯାନ୍ତ୍ରିକ ସମସ୍ୟାର ସମ୍ମୁଖୀନ ହୋଇଥିଲା, ଯାହା ଫଳରେ ପାଇଲଟଙ୍କୁ ହଂକଂ ଫେରିବାକୁ ବାଧ୍ୟ କରିଥିଲା। ସେହିପରି ଆଜି ଦିନରେ ଏୟାର ଇଣ୍ଡିଆର ସାନ ଫ୍ରାନ୍‌ସିସ୍କୋ-ମୁମ୍ବାଇ ବିମାନରେ



ମଧ୍ୟ କୋଲକାତାରେ ଏହାର ନିର୍ଦ୍ଧାରିତ ରହଣି ସମୟରେ ଯାନ୍ତ୍ରିକ ତ୍ରୁଟି ଦଖାଦେଇଥିଲା। ଯାହା ଫଳରେ ବିମାନ କମ୍ପାନୀ ସମସ୍ତ ଯାତ୍ରୀଙ୍କୁ ଉକ୍ତ ବିମାନରୁ ଓହ୍ଲାଇ ଅନ୍ୟ ଏକ ବିମାନରେ ଯାତ୍ରା ପାଇଁ ବ୍ୟବସ୍ଥା କରିବାକୁ ବାଧ୍ୟ ହୋଇଥିଲା। ଲୁପ୍‌ଥାନ୍‌ସା ଏବଂ ବ୍ରିଟିଶ ଏୟାରୱେଜ୍ ଦ୍ୱାରା ପରିଚାଳିତ ଦୁଇଟି ଡ୍ରିମଲାଇନର୍ - ଯାହା ଫ୍ରାଙ୍କଫର୍ଟ ଏବଂ ଲଣ୍ଡନରୁ ହାଇଦ୍ରାବାଦ ଏବଂ ଚେନ୍ନାଇକୁ ଉଡ଼ାଣ କରୁଥିଲା - ସେମାନଙ୍କୁ ମଧ୍ୟ ନିଜ ମୂଳ ବିମାନବନ୍ଦରକୁ ଫେରିବାକୁ ପଡିଛି। ରଏଟର୍ସ କହିଛି ଯେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଜେନେଏକ୍ସ ଇଞ୍ଜିନ୍ ସହିତ ସଜ୍ଜିତ ୭୮୭-୮/୯ ଭାରିଆଣ୍ଟ ବିମାନର ଏକ ବିସ୍ତୃତ ରକ୍ଷଣାବେକ୍ଷଣ ଯାଞ୍ଚ ନିର୍ଦ୍ଦେଶ ଦେଇଛି, ଯେଉଁଥିରେ କିଛି ଟେକ୍-ଅଫ୍ ପାରାମିଟରର ମୂଲ୍ୟାଙ୍କନ, ଇଲେକ୍ଟ୍ରୋନିକ୍ ଇଞ୍ଜିନ୍ ନିୟନ୍ତ୍ରଣ ପରୀକ୍ଷା ଏବଂ ଇଞ୍ଜିନ୍ ଇନ୍ଧନ-ସମ୍ବନ୍ଧୀୟ ଯାଞ୍ଚ ଅନ୍ତର୍ଭୁକ୍ତ।

## ଅହମଦାବାଦ୍ ପ୍ଲେନ୍ କ୍ରାଶ୍ ଘଟଣା: ବୈଠକ କଲା ଡିଜିସିଏ

# ଏୟାର୍ ଇଣ୍ଡିଆ କର୍ତ୍ତୃପକ୍ଷଙ୍କୁ ସମନ୍

**ନୂଆଦିଲ୍ଲୀ, ୧୭।୬/ଏଜେନ୍ସି:** ଗୋଟିଏ ପଟେ ଅହମଦାବାଦ-ଲଣ୍ଡନ ବିମାନ ଦୁର୍ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଅନ୍ୟପଟେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଜେନେରାଲ (ଡିଜିସିଏ) ପକ୍ଷରୁ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡିଜିସିଏ ପକ୍ଷରୁ ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଅଧିକାରୀଙ୍କୁ ସମନ ଜାରି କରାଯାଇଥିବା ଜଣାପଡିଛି। ରିପୋର୍ଟ ଅନୁସାରେ ଡିଜିସିଏ ମୁଖ୍ୟ ଫୈଜ୍ ଅହମ୍ମଦ କିଡୱାଇଙ୍କ ଅଧ୍ୟକ୍ଷତାରେ ଭର୍ଚ୍ଚୁଆଲ ମୋଡ୍ ଯୋଗେ ଅନୁଷ୍ଠିତ ଏହି ବୈଠକରେ ଏୟାର ଇଣ୍ଡିଆ ବିମାନଗୁଡ଼ିକରେ ସମ୍ପ୍ରତି ଦେଖାଦେଉଥିବା ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ଅହମଦାବାଦ୍ ବିମାନ ଦୁର୍ଘଟଣା ସମ୍ପର୍କରେ ମଧ୍ୟ ପୁଙ୍ଖାନୁପୁଙ୍ଖ ବିଚାର ବିମର୍ଶ କରାଯାଇଥିଲା। ତେବେ ଡିଜିସିଏ ଜାରି କରିଥିବା ସମନ୍‌ରେ ଏୟାର ଇଣ୍ଡିଆର ଏମ୍‌ଡି ଏବଂ ସିଇଓ କ୍ୟାମ୍ପବେଲ୍ ୱିଲସନ୍, ଫ୍ଲାଇଟ୍ ଅପରେସନ୍ ନିର୍ଦ୍ଦେଶକ କ୍ୟାପଟେନ୍ ପଙ୍କୁଲ୍ ମାଥୁର ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସର ସିଇଓ ଆଲୋକ ସିଂହଙ୍କ ସମେତ ବିମାନ ପରିଚାଳନା ଏବଂ ସୁରକ୍ଷା ଅନୁପାଳନ ପାଇଁ ଦାୟୀ ଅନ୍ୟ ସମସ୍ତ ବରିଷ୍ଠ ଅଧିକାରୀମାନେ ସାମିଲ ଥିବା ଜଣାପଡିଛି। ପ୍ରକାଶ ଅହମଦାବାଦ ଘଟଣାରେ ତଦନ୍ତ କରୁଥିବା କେନ୍ଦ୍ରର ତଦନ୍ତ ପ୍ୟାନେଲ ୩ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବ।

**୨୪ ବୋଇଂ ବିମାନର ଯାଞ୍ଚ ଶେଷ, ବିମାନରେ କୌଣସି ତ୍ରୁଟି ନାହିଁ: ଡିଜିସିଏ**

ସେହିପରି ରଏଟର୍ସ ରିପୋର୍ଟ ଅନୁସାରେ ଡିଜିସିଏ ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସକୁ ସେମାନଙ୍କ ପାଇଲଟ୍ ତାଲିମ ରେକର୍ଡ ଏବଂ ବିମାନ ଏଆଇ-୧୭୧ ପାଇଁ ଦାୟୀ ଡିସପାଚରଙ୍କ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛି। ନିୟାମକ ଦ୍ୱାରା କରାଯାଇଥିବା ଏକ ସାମ୍ପ୍ରତିକ ଅଡିଟ୍ ଜବାବରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ବିବରଣୀ ସୋମବାର ସୁଦ୍ଧା ଦାଖଲ କରିବାକୁ ଡିଜିସିଏ ଏୟାରଲାଇନ୍ସକୁ କହିଛି। ରିପୋର୍ଟରେ କୁହାଯାଇଛି ଯେ, ଜୁନ୍ ୧୬ ତାରିଖରେ ଏକ ପୃଥକ ମେମୋ ମାଧ୍ୟମରେ ଡିଜିସିଏ ସମସ୍ତ ଫ୍ଲାଇଂ ସ୍କୁଲଗୁଡ଼ିକୁ ତାଲିମ ଅନୁପାଳନ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିମାନର ସୁରକ୍ଷା ଚିନ୍ତା ଏବଂ କାର୍ଯ୍ୟକ୍ଷମ ଅନୁପାଳନକୁ ସମାଧାନ କରିବା ବୈଠକର ଲକ୍ଷ୍ୟ ରହିଥିଲା। ଏସବୁ ମଧ୍ୟରେ ଦେଶରେ ଚଳାଚଳ କରୁଥିବା ଏୟାର ଇଣ୍ଡିଆର ମୋଟ୍ ୩୪ଟି ବୋଇଂ ବିମାନ (୭୮୭ ଡ୍ରିମ୍‌ଲାଇନର) ମଧ୍ୟରୁ ୨୪ଟି ବିମାନର ଯାଞ୍ଚ୍ ଶେଷ କରିଛି। ଯାଞ୍ଚ୍ କରାଯାଇଥିବା ଏହି ୨୪ଟି ବିମାନରେ କୌଣସି ଯାନ୍ତ୍ରିକ କିମ୍ବା ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ତ୍ରୁଟି ମିଳିନଥିବା ଡିଜିସିଏ ସ୍ପଷ୍ଟ କରିଛି। ଯାତ୍ରୀଙ୍କ ସୁରକ୍ଷା ପ୍ରତି ବିପଦ ଦର୍ଶାଉଥିବା ଭଳି କୌଣସି ଚିନ୍ତାଜନକ କାରଣ ଏହି ୨୪ଟି ବିମାନରୁ ମିଳିନଥିବା ଡିଜିସିଏ ସ୍ପଷ୍ଟ କରିଛି।




ସାଟେଲାଇଟ୍ ଫଟୋ: ଇରାନ୍‌ର ନାଟାଞ୍ଜ୍ ଭୂତଳ ଆଣବିକ କେନ୍ଦ୍ର ( ୟୁରାନିୟମ ଏନରିଚମେଣ୍ଟ ସେଣ୍ଟର) କ୍ଷତିଗ୍ରସ୍ତ ହୋଇଥିବା ସମ୍ପର୍କୀତ ଫଟୋ ଜାରି କରିଛି ମିଳିତ ଜାତିସଂଘ ଏଜେନ୍ସି ଆଇଏଇଏ (ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି)। ଫଟୋରୁ ଇସ୍ରାଏଲ୍ ପକ୍ଷରୁ ହୋଇଥିବା ଆକ୍ରମଣରେ ଇରାନ୍‌ର କ୍ଷୟକ୍ଷତି ସମ୍ପର୍କରେ ସହଜରେ ଆକଳନ କରାଯାଇପାରେ।

## ସିନ୍ଧୁ ନଦୀ ଜଳ ବିନା ସିନ୍ଧ ପ୍ରଦେଶରେ ହାହାକାର

# ପାକିସ୍ତାନରେ ମରୁଡ଼ିର ପଦଧ୍ୱନି

**ଇସଲାମାବାଦ, ୧୭।୬/ଏଜେନ୍ସି:** ପାକିସ୍ତାନ ଏବେ ନିଜ କଲା କର୍ମର ଫଳ ଭୋଗୁଛି। ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ପଟୁ ପାକିସ୍ତାନକୁ ସିନ୍ଧୁ ନଦୀ ଜଳ ପ୍ରବାହ ବନ୍ଦ ହେବା କାରଣରୁ ପାକିସ୍ତାନର ସିନ୍ଧ ପ୍ରଦେଶରେ ହାହାକାର ପରିସ୍ଥିତି ଉତ୍ପନ୍ନ ହୋଇଛି। ରିପୋର୍ଟ ଅନୁସାରେ ସିନ୍ଧ ପ୍ରଦେଶ ଏବଂ ପାକିସ୍ତାନ ଅଧିକୃତ ପଞ୍ଜାବ ପ୍ରଦେଶରେ ଖରିଫ ଚାଷ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି। ପାଣି ଅଭାବ କାରଣରୁ ପାକିସ୍ତାନର ସିନ୍ଧ୍ ପ୍ରଦେଶରେ ଫସଲ ବୁଣା ଗୁରୁତର ଭାବେ ପ୍ରଭାବିତ ହୋଇଛି। ପାଣି ଅଭାବରୁ ସେଠାକାର ଚାଷୀମାନେ ଅସୁବିଧାରେ ପଡ଼ିଛନ୍ତି।



ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିଛି। ପାକିସ୍ତାନର ପଞ୍ଜାବ ପ୍ରଦେଶରେ ମଧ୍ୟ, ଗତ ବର୍ଷ ତୁଳନାରେ ଚାଷୀଙ୍କ ପାଇଁ ଉପଲବ୍ଧ ସିନ୍ଧୁ ଜଳ ହ୍ରାସ ପାଉଛି। ଏବେ ଖରିଫ ଫସଲ ବୁଣାର ସମୟ ଏବଂ ଯଦି ଏହି କାମ ଠିକ୍ ସମୟରେ ନ କରାଯାଏ, ତେବେ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ସମ୍ଭାବନା ରହିଛି। ଗତ ବର୍ଷ ତୁଳନାରେ ଉଭୟ ପ୍ରଦେଶକୁ କମ୍ ପାଣି ମିଳିଛି। ପାକିସ୍ତାନ ସରକାରଙ୍କ ସିନ୍ଧୁ ନଦୀ ପ୍ରଣାଳୀ ପ୍ରାଧିକରଣର ରିପୋର୍ଟ ଅନୁଯାୟୀ, ସିନ୍ଧ୍ ପ୍ରଦେଶ ଚଳିତ ବର୍ଷ ଜୁନ୍ ୧୬ ତାରିଖରେ ସିନ୍ଧୁ ନଦୀରୁ ୧.୩୩ ଲକ୍ଷ କ୍ୟୁସେକ୍ ପାଣି ପାଇଥିଲା। ଗତ ବର୍ଷ ୧.୬ ଲକ୍ଷ କ୍ୟୁସେକ୍ ପାଣି ଆସିଥିଲା। ଅର୍ଥାତ୍ ଏହା ପ୍ରାୟ ୧୭% ହ୍ରାସ ପାଇଛି। ପାକିସ୍ତାନର ପଞ୍ଜାବ ପ୍ରଦେଶ ଗତ ଥର ତୁଳନାରେ ଚଳିତ ବର୍ଷ ମଧ୍ୟ କମ୍ ପାଣି ପାଇଛି। ଚଳିତ ବର୍ଷ ୧.୨୬ ଲକ୍ଷ ମଧ୍ୟ ପାଣି ପାଇଛି, ଯେତେବେଳେ ଗତ ବର୍ଷ ୧.୨୯ ଲକ୍ଷ କ୍ୟୁସେକ୍ ପାଣି ଆସିଥିଲା। ଅର୍ଥାତ୍ ପୂର୍ବବର୍ଷ ତୁଳନାରେ ଚଳିତ ବର୍ଷ ୨.୨୫% ହ୍ରାସ ଘଟିଛି। ସିଧାସଳଖ ଭାବେ କହିବାକୁ ଗଲେ ପାକିସ୍ତାନୀ ନଦୀ ଏବଂ ଜଳଭଣ୍ଡାରରେ ପାଣି ସରିବାକୁ ଲାଗିଛି। ରିପୋର୍ଟରେ କୁହାଯାଇଛି ଯେ, ପାକିସ୍ତାନରେ ସିନ୍ଧୁ ନଦୀ ସହିତ ସଂଯୁକ୍ତ ନଦୀ ଏବଂ ଜଳଭଣ୍ଡାରଗୁଡ଼ିକରେ ପାଣି କମ୍ ଅଛି। ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବା ପରେ, ଭାରତ ପାକିସ୍ତାନକୁ ନଦୀଗୁଡ଼ିକର ଜଳସ୍ତର ବିଷୟରେ ସୂଚନା ଦେବା ମଧ୍ୟ ବନ୍ଦ କରିଦେଇଛି। ଏହା ପାକିସ୍ତାନ ପାଇଁ ବନ୍ୟା ପାଇଁ ପ୍ରସ୍ତୁତି କରିବା କଷ୍ଟକର କରିପାରେ। ଯଦି ଭାରତରେ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଏ, ତେବେ ପାକିସ୍ତାନକୁ ବନ୍ୟା ମୁକାବିଲା କରିବାରେ ସମସ୍ୟା ହୋଇପାରେ।

୧୯୬୦ ମସିହାରେ ସିନ୍ଧୁ ଜଳ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅନେକ ଉତ୍ତେଜନା ସତ୍ତ୍ୱେ ଏହି ଚୁକ୍ତି ବଳବତ୍ତର ରହିଥିଲା। କିନ୍ତୁ, ୨୨ ଏପ୍ରିଲରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ (୨୬ ଜଣଙ୍କୁ ହତ୍ୟା) ପରେ ଭାରତ ଏହାକୁ ସ୍ଥଗିତ ରଖିଥିଲା। ଭାରତ ସ୍ପଷ୍ଟ କରିଛି ଯେ, ରକ୍ତ ଏବଂ ପାଣି ଏକାଠି ପ୍ରବାହିତ ହୋଇପାରିବ ନାହିଁ।' ଅର୍ଥାତ୍, ପାକିସ୍ତାନ ଆତଙ୍କବାଦକୁ ସମର୍ଥନ କରିବା ବନ୍ଦ ନ କରିବା ପର୍ଯ୍ୟନ୍ତ ପାଣି ବଣ୍ଟନ ହୋଇପାରିବ ନାହିଁ।

# ନାଗପୁରରେ ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

**ନୂଆଦିଲ୍ଲୀ, ୧୭।୬/ଏଜେନ୍ସି:** ମଙ୍ଗଳବାର କୋଚିରୁ ଦିଲ୍ଲୀ ଯାଉଥିବା ଏକ ଇଣ୍ଡିଗୋ ବିମାନକୁ ବୋମା ଧମକ ମିଳିବା ଏବଂ ଏହି କାରଣରୁ ବିମାନଟିକୁ ଜରୁରି ଅବତରଣ କରିବାକୁ ପଡିଥିବା ସମ୍ପର୍କରେ ସୂଚନା ମିଳିଛି। ରିପୋର୍ଟ ଅନୁସାରେ ଦିଲ୍ଲୀ ଅଭିମୁଖେ ଉଡାଣ ଭରିଥିବା ଏହି ବିମାନଟି ନାଗପୁରର ଡକ୍ଟର ବାବାସାହେବ ଆମ୍ବେଦକର ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିଛି। କୁହାଯାଉଛି ଯେ, ବିମାନରେ ବୋମା ରଖାଯାଇଥିବା ଭଳି ଧମକ ସର୍ବପ୍ରଥମେ ବିମାନ ଅଧିକାରୀମାନଙ୍କୁ ମିଳିଥିଲା। ମାନକ ପ୍ରୋଟୋକଲ ଅନୁସରଣ କରି, ବିମାନକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ନାଗପୁର ବିମାନବନ୍ଦରରେ ସୁରକ୍ଷିତ ଭାବରେ ଅବତରଣ କରାଯାଇଥିଲା। ନାଗପୁର ଡିସିପି ଲୋହିତ ମାଟାନି କହିଛନ୍ତି, 'ବୋମା ଧମକ ପାଇବା ପରେ ମସ୍କଟ-କୋଚି-ଦିଲ୍ଲୀରୁ ଉଡ଼ାଣ କରୁଥିବା ଇଣ୍ଡିଗୋ ବିମାନ ୬ଇ ୨୭୦୬କୁ ନାଗପୁର ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିବାକୁ ପଡିଲା। ବୋମା ଚିହ୍ନଟ ଏବଂ ନିଷ୍କ୍ରିୟକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଯାତ୍ରୀଙ୍କୁ ବିମାନରୁ ଓହ୍ଲାଇ ଦେଇଥିଲେ ଏବଂ ତଲାସୀ କରିଥିଲେ। କିନ୍ତୁ କୌଣସି ସନ୍ଦେହଜନକ ଜିନିଷ ମିଳିନଥିଲା। ବିମାନବନ୍ଦର ସୁରକ୍ଷା, କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍) ଏବଂ ସ୍ଥାନୀୟ ପୁଲିସ୍ ବର୍ତ୍ତମାନ ହାଇ ଆଲର୍ଟରେ ଅଛନ୍ତି ଏବଂ ଧମକ କେଉଁଠାରୁ ଆସିଥିଲା ସେନେଇ ତଦନ୍ତ କରୁଛନ୍ତି।




# ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ସମର କ୍ୟାମ୍ପ୍ ଏବଂ ସ୍କୁଲ ପାଇଁ ପ୍ରସ୍ତୁତି ମେଳା ଉଦ୍‌ଘାଟିତ

## ବିପିଏସ୍‌ଏଲ୍ ପ୍ଲାଣ୍ଟ୍‌ର ଆଖପାଖ ୨୦ଟି ପାର୍ଶ୍ୱବର୍ତ୍ତୀ ଗ୍ରାମର ସ୍କୁଲ ପିଲାମାନେ ଉପକୃତ

**ସମ୍ବଲପୁର, ୧୭।୬/ଏଜେନ୍ସି:** ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍, ପ୍ରଥମ ଏଜୁକେସନ୍ ଫାଉଣ୍ଡେସନ୍ ସହ ମିଳିତ ସହଭାଗିତାରେ ଏହାର ପ୍ରମୁଖ ସାମ୍ପ୍ରଦାୟିକ ବିକାଶ ପଦକ୍ଷେପ, 'ହମାରା ଗାଓଁ' ପ୍ରକଳ୍ପ ଅଧୀନରେ ଘିଚମୁରା, ଗୁମକର୍ମା ଠାରେ ଏକ ସମର କ୍ୟାମ୍ପ୍ ଏବଂ ସ୍କୁଲ ପ୍ରସ୍ତୁତି ମେଳାର ଉଦ୍‌ଘାଟନ କରିଥିଲା। ଏହି କାର୍ଯ୍ୟକ୍ରମ ୫ଟି ଗ୍ରାମ ପଞ୍ଚାୟତରେ ବିସ୍ତାରିତ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପ୍ଲାଣ୍ଟ୍‌ର ୨୦ଟି ପାର୍ଶ୍ୱବର୍ତ୍ତୀ ଗ୍ରାମର ପିଲାମାନଙ୍କ ପାଇଁ ଏକ ଆକର୍ଷଣୀୟ ସମର କ୍ୟାମ୍ପ୍ ଅଭିଜ୍ଞତାର ଶୁଭାରମ୍ଭ ଭାବେ ବିବେଚନା କରାଯାଉଛି। ଘିଚମୁରା ସରପଞ୍ଚ ରାଜୀବ କିଷାନ, ରେଙ୍ଗାଲିର ବ୍ଲକ ଶିକ୍ଷା କାର୍ଯ୍ୟାଳୟର ପ୍ରତିନିଧିମାନଙ୍କ ସମେତ ଲଇଡା, ଲପଙ୍ଗା ଏବଂ କତାରବାଗ କ୍ଲଷ୍ଟରର ସିଆରସିସିଙ୍କ ଉପସ୍ଥିତିରେ ସମ୍ବଲପୁର ଏବଂ ଝାରସୁଗୁଡାର ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍‌ର ସିଏସ୍‌ଆର୍ ମୁଖ୍ୟ ବିଶାଳ ରାଜ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ।



ପ୍ରାଥମିକ ଶିକ୍ଷା ବୃଦ୍ଧି କରିବା ପାଇଁ ଏହି କାର୍ଯ୍ୟକ୍ରମରେ ଦୁଇଟି ପ୍ରମୁଖ ଉପାଦାନ ରହିଛି। ଚତୁର୍ଥରୁ ଷଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଡିଜାଇନ୍ ହୋଇଥିବା ଏହି ସମର କ୍ୟାମ୍ପ୍‌ରେ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପରିଚାଳିତ ମଜାଦାର, କାର୍ଯ୍ୟକଳାପ-ଭିତ୍ତିକ ଅଧିବେଶନ ମାଧ୍ୟମରେ ମୌଳିକ ଶିକ୍ଷା ଗଠନ ଉପରେ ଧ୍ୟାନ ଦିଆଯାଇଥାଏ। ଏହି ସମୟରେ, ସ୍କୁଲ ପ୍ରସ୍ତୁତି ମେଳା ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀରେ ନୂଆ କରି ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ଫୋକସ୍ କରିଥାଏ। ଏହି ପିଲାମାନଙ୍କ ଶିକ୍ଷଣ ସ୍ତର ମୂଲ୍ୟାଙ୍କନ କରେ ଏବଂ ସେମାନଙ୍କ ମା'ମାନଙ୍କୁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ସ୍କୁଲ ପ୍ରସ୍ତୁତି ପୁସ୍ତକ ପ୍ରଦାନ କରିଥାଏ। ଏହି ଘରୋଇ ସହାୟତା ନିଶ୍ଚିତ କରେ ଯେ ଗ୍ରୀଷ୍ମ ଶେଷ ସୁଦ୍ଧା ପିଲାମାନେ ସ୍କୁଲ ପାଇଁ ପର୍ଯ୍ୟାପ୍ତ ଭାବରେ ପ୍ରସ୍ତୁତ ହୋଇପାରିଛନ୍ତି।

କାର୍ଯ୍ୟକ୍ରମ ସମୟରେ, ୨୦ଟି ଗାଁର ସମସ୍ତ ମନୋନୀତ ଏବଂ ପ୍ରଶିକ୍ଷିତ ସ୍ୱେଚ୍ଛାସେବକଙ୍କୁ ଶିକ୍ଷଣ କିଟ୍ ବଣ୍ଟନ କରାଯାଇଥିଲା। ଏହି ସ୍ୱେଚ୍ଛାସେବୀମାନେ ସେମାନଙ୍କ ସମ୍ପ୍ରଦାୟର ପିଲାମାନଙ୍କ ସହିତ ନିୟମିତ ଅଧିବେଶନକୁ ସହଜ କରିବେ। ସ୍କୁଲ ପ୍ରସ୍ତୁତି ମେଳା ପାଇଁ, ପିଲାଙ୍କ ଶିକ୍ଷଣ ସ୍ତର ବୁଝିବା ପାଇଁ ଏକ ପ୍ରାରମ୍ଭିକ ମୂଲ୍ୟାଙ୍କନ କରାଯିବ, ତା'ପରେ ଗ୍ରୀଷ୍ମ ଶେଷରେ ପ୍ରଗତି ମାପିବା ପାଇଁ ଆଉ ଏକ ମୂଲ୍ୟାଙ୍କନ ପର୍ଯ୍ୟାୟ ଆୟୋଜନ କରାଯିବ। ଉଦ୍‌ଘାଟନୀ ଉତ୍ସବରେ ୱାର୍ଡ ସଦସ୍ୟ, ସ୍କୁଲ ପ୍ରତିନିଧି, ସମ୍ପ୍ରଦାୟ ସଦସ୍ୟ ଏବଂ ଛାତ୍ରମାନଙ୍କ ଉତ୍ସାହୀ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯାହା ଅଂଶୀଦାରମାନଙ୍କ ମଧ୍ୟରେ ମାଲିକାନା ଏବଂ ସହଯୋଗର ଏକ ଦୃଢ଼ ଭାବନାକୁ ପ୍ରତିଫଳିତ କରିଥାଏ। ଏହି ପଦକ୍ଷେପ ସମ୍ପ୍ରଦାୟ-ଚାଳିତ, ସ୍ଥାୟୀ ହସ୍ତକ୍ଷେପ ମାଧ୍ୟମରେ ସାମଗ୍ରିକ ଶିଶୁ ବିକାଶ ଏବଂ ଗୁଣାତ୍ମକ ଶିକ୍ଷା ପ୍ରତି ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନର ପ୍ରତିବଦ୍ଧତାକୁ ପ୍ରତିପାଦିତ କରୁଛି।

# ମେ'ରେ ବେକାରୀ ହାର ୫.୬%, ଗ୍ରାମାଞ୍ଚଳରେ ରୋଜଗାର ଅଭାବ

**ନୂଆଦିଲ୍ଲୀ, ୧୭।୬/ଏଜେନ୍ସି:** ଭାରତ ପାଇଁ ଏକ ବଡ଼ ଚିନ୍ତାଜନକ ରିପୋର୍ଟ ସାମ୍ନାକୁ ଆସିଛି। ଭାରତର ବେକାରୀ ହାର ୨୦୨୫ ମେ' ମାସରେ ୫.୬%କୁ ବୃଦ୍ଧି ପାଇଛି। ଯାହା ଏପ୍ରିଲ୍ ୨୦୨୫ରେ ୫.୧% ଥିଲା। ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଦ୍ୱିତୀୟ ମାସିକ ପିରିଓଡିକ୍ ଲେବର ଫୋର୍ସ ସର୍ଭେ (ପିଏଲ୍‌ଏଫ୍‌ଏସ୍) ଅନୁଯାୟୀ, ଫସଲ ସଂଗ୍ରହ ପରେ ଗ୍ରାମାଞ୍ଚଳରେ କୃଷି କାର୍ଯ୍ୟରେ ହ୍ରାସ ଦେଶରେ ଏପ୍ରକାର ବେକାରୀ ହାର ବୃଦ୍ଧି ପାଇବା ପଛର ମୁଖ୍ୟ କାରଣ। ଏହା ଦେଶରେ ଶ୍ରମ ବଜାରର ମୌସୁମୀ ପ୍ରକୃତିକୁ ପ୍ରତିଫଳିତ କରୁଛି। ମେ' ୨୦୨୫ରେ ଗ୍ରାମାଞ୍ଚଳରେ କୃଷି କ୍ଷେତ୍ରରେ କାମର ଅଭାବ ଦେଖାଦେଇଥିଲା, ଯେଉଁଥିରେ କୃଷକମାନେ ଫସଲ ସଂଗ୍ରହ ପରେ ଅନ୍ୟ କାମ ଖୋଜୁଥିଲେ।

ସର୍ଭେ ଅନୁଯାୟୀ, କୃଷି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ଅଂଶ ଏପ୍ରିଲ୍‌ରେ ୪୫.୯% ଥିବାବେଳେ ମେ'ରେ ୪୩.୫%କୁ ହ୍ରାସ ପାଇଛି। ଏହା ପରିବର୍ତ୍ତେ ଶ୍ରମିକମାନେ ଉତ୍ପାଦନ ଓ ସେବା କ୍ଷେତ୍ରକୁ ମୁହାଁଇଛନ୍ତି। ଗ୍ରାମାଞ୍ଚଳରେ ଯୁବକମାନଙ୍କ (୧୫-୨୯ ବର୍ଷ) ବେକାରୀ ହାର ୧୨.୩%ରୁ ବୃଦ୍ଧି ପାଇ ୧୩.୭%କୁ ପହଞ୍ଚିଛି। ସହରାଞ୍ଚଳରେ ବେକାରୀ ହାର ମଧ୍ୟ ବୃଦ୍ଧି ପାଇଛି, ଯେଉଁଥିରେ ଯୁବକମାନଙ୍କ (୧୫-୨୯ ବର୍ଷ) ବେକାରୀ ହାର ଏପ୍ରିଲ୍‌ରେ ୧୭.୨% ଥିବାବେଳେ ମେ'ରେ ୧୭.୯%କୁ ବୃଦ୍ଧି ପାଇଛି। ମହିଳାଙ୍କ ମଧ୍ୟରେ ବେକାରୀ ହାର ମେ'ରେ ୫.୮% ଥିବାବେଳେ ପୁରୁଷମାନଙ୍କ ପାଇଁ ଏହା ୫.୬% ରହିଛି। ଗ୍ରାମାଞ୍ଚଳରେ ମହିଳାଙ୍କ ଶ୍ରମ ଶକ୍ତି ଅଂଶଗ୍ରହଣ ହାର (ଏଲ୍‌ଏଫ୍‌ପିଆର୍) ୨୮.୮%ରୁ ହ୍ରାସ ପାଇ ୨୭.୮%କୁ ଆସିଛି, ଯାହା କୃଷି କାର୍ଯ୍ୟରେ ସୁଯୋଗ ହ୍ରାସକୁ ଇଙ୍ଗିତ କରୁଛି। ଏହି ବେକାରୀ ବୃଦ୍ଧି ସମୟରେ ଭାରତୀୟ ଅର୍ଥନୀତି ୨୦୨୫-୨୬ ଆର୍ଥିକ ବର୍ଷରେ ୬.୫% ହାରକୁ ହ୍ରାସ ପାଇବା ଆଶଙ୍କା ସୃଷ୍ଟି ହୋଇଛି ଯାହା ଗତ ବର୍ଷର ୭.୪% ତୁଳନାରେ କମ୍। ଉତ୍ପାଦନ କ୍ଷେତ୍ରରେ ମନ୍ଦାଗତି, ମୂଲ୍ୟ ଚାପ ଏବଂ ଭୂ-ରାଜନୈତିକ ଉତ୍ତେଜନା ମଧ୍ୟ ଚାକିରି ସୃଷ୍ଟିରେ ବାଧା ସୃଷ୍ଟି କରୁଛି। ମେ' ମାସରେ ଉତ୍ପାଦନ ବୃଦ୍ଧି ତିନି ମାସର ନିମ୍ନତମ ସ୍ତରକୁ ଖସିଥିବା ସର୍ଭେରୁ ଜଣାପଡ଼ିଛି।



ନିତିଦିନ NITIDIN



## ଗଛରେ ପିଟିହେଲା ବାଇକ୍, ୨ ମୃତ



**ଭବାନୀପାଟଣା, ୧୭।୬/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲା ରେ ଚଳିତ ମାସ ଲଗାତାର ଭାବେ ସିରିଜ ଦୁର୍ଘଟଣା ଘଟି ଲୋକେ ମୃତ୍ୟୁ ମୁଖରେ ପଡୁଛନ୍ତି। ଗତକାଲି ଜୁନାଗଡ଼ଠାରେ ଜଣେ ଟ୍ରକ୍ ଡ୍ରାଇଭର୍‌ଙ୍କର ବେପରୁଆ ଗାଡ଼ି ଚାଳନା ଯୋଗୁଁ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି ଓ ଅନ୍ୟ ଜଣେ ଅଟୋ ଚାଳକ ଗୁରୁତର ହୋଇ ଚିକିତ୍ସାଧିନ ଅଛନ୍ତି। ତେବେ ଆଜି ପୁଣି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି କଲମପୁର ଜୁନାଗଡ଼ ରାସ୍ତା ଦେପୁର ନିକଟରେ ବିଳମ୍ବିତ ରାତିରେ ଗଛରେ ପିଟିହୋଇ ଦୁଇ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ନାବାଳକକୁ ଗୁରୁତର ଅବସ୍ଥାରେ କଲମପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



ସୂଚନା ଅନୁଯାୟୀ କଲମପୁର ବ୍ଲକ ଅନ୍ତର୍ଗତ ପରୁଆଗୁଡ଼ା ଗ୍ରାମର ରୋହିତ ପଟେଲ ନାମକ ଜନୈକ ଯୁବକଙ୍କ ସହ ଜୁନାଗଡ଼ ବ୍ଲକ ମୁଣ୍ଡୁରାଗୁଡ଼ା ମହୁଲପଡ଼ାର ଅଜୟ ମାଝୀ ଏବଂ ଲକ୍ଷ୍ମୀକାନ୍ତ ମାଝୀ ୧୪ ବର୍ଷୀୟ ନାବାଳକ ଓଡି ୦୮ ଏମ ୬୭୨୪ ନମ୍ବର ବିଶିଷ୍ଟ ବାଇକ ଯୋଗେ ବିଳମ୍ବିତ ରାତିରେ କଲମପୁର ଜୁନାଗଡ ମୁଖ୍ୟ ରାସ୍ତା ଦେଇ ମୁଣ୍ଡୁରାଗୁଡ଼ା ଗ୍ରାମକୁ ଯାଉଥିଲେ। ତେବେ ଦେପୁର ନିକଟରେ କୌଣସି କାରଣରୁ ବାଇକ ଚାଳକ ଭାରସାମ୍ୟ ହରାଇବାରୁ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇଥିଲେ। ଫଳରେଘଟଣାସ୍ଥଳରେ ହିଁ ରୋହିତ ଏବଂ ଅଜୟର ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଅବସ୍ଥାରେ ଲକ୍ଷ୍ମୀକାନ୍ତକୁ ଭୋର ୫ଟାରେ ପ୍ରଥମେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଏହି ଦୁର୍ଘଟଣାଟି ବିଳମ୍ବିତ ରାତିରେ ହୋଇଥିବାରୁ ଗୁରୁତର ବାଇକ ଆରୋହୀମାନଙ୍କୁ କେହି ଦେଖିପାରିନଥିଲେ। ତେଣୁ ଅଧିକ ରକ୍ତସ୍ରାବରୁ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଏନେଇ କଲମପୁର ପୁଲିସ ଏକ ମାମଲା ରୁଜୁକରି ଜୟପାଟଣା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି।

# ମଦନ ମୋହନ ଦତ୍ତଙ୍କ ପ୍ରତିମୂର୍ତ୍ତି ଅନାବରଣ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ





**ବାଲେଶ୍ୱର, ୧୭।୬/ଏନ୍ଏନ୍ଏସ୍:** ବାଲେଶ୍ୱରର ଦିବଙ୍ଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତୀ ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ଓଟି ରୋଡ଼ ପାର୍ଶ୍ୱ ଶୋଭାରାମପୁର ଛକଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଅନାବରଣ ହୋଇଯାଇଛି। ମଙ୍ଗୁ ଭାଇ ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗତ ଦତ୍ତଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ମଙ୍ଗୁ ଭାଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରି ତାଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଏଥିରେ ଅନ୍ୟତମ ଅତିଥି ଭାବେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡିଆ ଭାଷା ସାହିତ୍ୟ, ସଂସ୍କୃତି ଏବଂ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସରକାରି ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବସ୍ତା ବିଧାୟିକା ସୁବାସିନୀ ଜେନା, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡ଼ା ପ୍ରମୁଖ ଯୋଗଦେଇ ସ୍ୱର୍ଗତ୍ ମଙ୍ଗୁଭାଇଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ସ୍ମୃତିଚାରଣ କରିଥିଲେ। ପୂର୍ବାଞ୍ଚଳ ଜୋନ ପୁଲିସ ଡିଆଇଜି ଡାକ୍ତର ସତ୍ୟଜିତ ନାୟକ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ ପ୍ରବକ୍ତା ଇଂ. ବିଭୂପଦ ଦାସ, ପୂର୍ବତନ ବିଧାୟକ ସୁଦର୍ଶନ ଯେନା, ଜିଲ୍ଲା କଂଗ୍ରେସ କମିଟି ସଭାପତି ସଞ୍ଜିବ ଗିରି, ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ, ଯୁବ ଶିଳ୍ପଦ୍ୟୋଗୀ ସଞ୍ଜୟ ଦାସ, ସଂଗ୍ରାମ ଦାସ, ଶିବୁ ପୋଦାର, ଲକ୍ଷ୍ମୀନାରାୟଣ ମହାନ୍ତି, ବାଲେଶ୍ୱର ପ୍ରେସ କ୍ଲବ ସଭାପତି ବିପ୍ଳବ କୁମାର ମହାନ୍ତି ପ୍ରମୁଖଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବକ୍ତବ୍ୟ ପ୍ରଦାନ ମାଧ୍ୟମରେ ମଙ୍ଗୁଭାଇଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ମଙ୍ଗୁ ଭାଇ ସ୍ମୃତି କମିଟିର ଅଧକ୍ଷା ସମାଜସେବୀ ଅଞ୍ଜଳି ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ପୃଥ୍ୱୀରାଜ ପଣ୍ଡା ପରିଚାଳନା କରିଥିଲେ। ପରେ ସ୍ଥାନୀୟ ପୁରୁଣା ଷ୍ଟାଡିଅମ ପରିସରରେ ଆୟୋଜିତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଉଦ୍‌ଘାଟନ କରିବା ସହିତ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମଙ୍ଗୁଭାଇଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଶତାଧିକ ଯୁବକ ଯୁବତୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ ପାଇଁ ରୁଣ୍ଡ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ଜିଲ୍ଲା ରକ୍ତଭଣ୍ଡାର କର୍ମଚାରୀଙ୍କ ସହଯୋଗରେ ଶିବିର ଶେଷ ସୁଦ୍ଧା ୬୧୪ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହା ପରେ ପୁରୁଣା ଷ୍ଟାଡିଅମ ପଡିଆରେ ଆୟୋଜିତ ବିଶାଳ ସ୍ମୃତି ସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସାଧାରଣ ଜନମାନସରେ ସ୍ୱର୍ଗତ୍ ମଙ୍ଗୁଭାଇଙ୍କ ଜୀବନର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶାରେ ରାଷ୍ଟ୍ରବାଦୀ ଚିନ୍ତାଧାରାରେ ଶାସନ ବ୍ୟବସ୍ଥା ଆଣିବାକୁ ଯେଉଁ କେତେଜଣ ନିଜର

### ୬୧୪ ୟୁନିଟ୍ ରକ୍ତ ସଂଗ୍ରହ

ଜୀବନ ଉତ୍ସର୍ଗ କରିଛନ୍ତି ସେମାନଙ୍କ ମଧ୍ୟରୁ ମଙ୍ଗୁ ଭାଇ ଅନ୍ୟତମ। ତୃଣମୂଳସ୍ତର ଜନସାଧାରଣଙ୍କ ସେବା ପ୍ରତି ଆବେଗ ତାଙ୍କୁ ଜନନେତାରେ ପରିଣତ କରିପାରିଥିଲା ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ। ସେହି ଆଦର୍ଶକୁ ଆଗେଇ ନେବାରେ ତାଙ୍କ ସୁପୁତ୍ର ସଦର ବିଧାୟକ ମାନସ ଦତ୍ତ ସଫଳତାର କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ ମତ ପ୍ରକାଶ କରିଥିଲେ। ମଙ୍ଗୁଭାଇ କେବଳ ଗୋଟିଏ ନାମ ନୁହେଁ, ପ୍ରାୟ ସମସ୍ତଙ୍କ ଅତ୍ୟନ୍ତ ଆପଣାର ମଣିଷ ଥିଲେ ସେ। ସେଇଥିପାଇଁ ମଦନ ମୋହନ ଦତ୍ତ ଅପେକ୍ଷା ସମସ୍ତଙ୍କ ନିକଟରେ ମଙ୍ଗୁଭାଇ ଭାବେ ପରିଚିତ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ। ଆଗାମୀ ଦିନରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବାଲେଶ୍ୱର ଜିଲ୍ଲା ପାଇଁ ଆବଶ୍ୟକ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ ଘୋଷଣା କରିଥିଲେ। ଏହି ସଭାରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ, ରାଜ୍ୟ ଶାସକ ଦଳ ଉପମୁଖ୍ୟ ସଚେତକ ଶ୍ରୀ ଦାସ, ସିମୁଳିଆ ବିଧାୟକ ଶ୍ରୀ ପଣ୍ଡା, ବଡସାହି ବିଧାୟକ ଶ୍ରୀ ବିଜୁଳିଙ୍କ ସହ ବିଜେପି ଜିଲ୍ଲା ସଭାପତି ଈଶ୍ୱର ବେହେରା ଓ ଉତ୍ତର ବାଲେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ସଦର ବିଧାୟକ ମାନସ କୁମାର ଦତ୍ତ ସଭା ସଂଚାଳନ କରିଥିଲେ। ଶେଷରେ ମଙ୍ଗୁଭାଇ ସ୍ମୃତି କମିଟିର ଅଧକ୍ଷା ଶ୍ରୀମତୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗତ ମାଟ୍ରିକ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ବିଭିନ୍ନ ବିଦ୍ୟାଳୟର ୧୦ଜଣ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସମ୍ବର୍ଦ୍ଧିତ କରିଥିଲେ। ଏହା ସହିତ ଅର୍ଥାଭାବରୁ ଅଧିକ ପାଠ ପଢ଼ିବା ନେଇ ସମସ୍ୟାର ସମ୍ମୁଖୀନ ହେଉଥିବା କେନ୍ଦ୍ରୀୟ ବିଦ୍ୟାଳୟର ଜନୈକା ଛାତ୍ରୀଙ୍କୁ ୨୦ହଜାର ଟଙ୍କା ଓ ଗତବର୍ଷ ଦୁର୍ଘଟଣାରେ ଶିକାର ହୋଇ ଶଯ୍ୟାଶାୟୀ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଙ୍କ ଚିକିତ୍ସା ପାଇଁ ୨୦ହଜାର ଟଙ୍କାର ସହାୟତା ରାଶି କମିଟି ପକ୍ଷରୁ ପ୍ରଦାନ କରାଯାଇଥିଲା। ସେହିପରି ସ୍ୱର୍ଗତ୍ ଦତ୍ତଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ନିର୍ମାଣ କରିଥିବା ଶିଳ୍ପୀଙ୍କୁ ମନ୍ତ୍ରୀ ଶ୍ରୀ ପ୍ରଧାନ ସମ୍ବର୍ଦ୍ଧିତ କରିଥିଲେ। ଅନୁରୂପ ଭାବେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ୮ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର ଓ ବ୍ୟାଟେରୀ ଚାଳିତ ଗାଡ଼ି ପ୍ରଦାନ କରାଯାଇଥିଲା। ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ସୀତାକାନ୍ତ ସ୍ୱାଇଁ ପ୍ରମୁଖଙ୍କ ସହ କମିଟିର ସ୍ୱେଚ୍ଛାସେବୀମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ନବ ଗଠିତ ମଙ୍ଗୁଭାଇ ସ୍ମୃତି କମିଟିର ପ୍ରାରମ୍ଭିକ ସମାଜସେବା ମୂଳକ କାର୍ଯ୍ୟକୁ ସଭାରେ ଉପସ୍ଥିତ ଜନସାଧାରଣ ଭୂୟସୀ ପ୍ରଶଂସା କରିଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମଙ୍ଗୁଭାଇଙ୍କୁ ଭଲ ପାଉଥିବା ହଜାର ହଜାର ଲୋକ ଏହି ସ୍ମୃତି ସଭାରେ ଯୋଗଦେଇଥିଲେ।

### ଗୋପାଳପୁର ଗଣଦୁଷ୍କର୍ମ ଘଟଣା

# ଧରାପଡ଼ିଲେ ୪ ନାବାଳକଙ୍କ ସମେତ ୧୦

**ବ୍ରହ୍ମପୁର, ୧୭।୬/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ଗୋପାଳପୁର ବେଳାଭୂମିରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ସମ୍ପୃକ୍ତ ସମସ୍ତ ୧୦ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ୍। ସେମାନଙ୍କ ମଧ୍ୟରେ ୪ ନାବାଳକ ରହିଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ପୁରୁଷୋତ୍ତମପୁର ଥାନା ହିନ୍ଦୁଳା ଗ୍ରାମର ପ୍ରମୋଦ ନାୟକ(୨୩), ହିଞ୍ଜିଳି ଥାନା ବୁରୁପଡ଼ା ଅଞ୍ଚଳର ବାବୁରାମ ଦଳାଇ(୧୯), ବେଲଗାଁ ଥାନା ପାଟପୁର ଅଞ୍ଚଳର କୁନାଲ ପ୍ରଧାନ(୨୪), ହିଞ୍ଜିଳି ଥାନା ସିକିରି ଅଞ୍ଚଳର ଓମ୍ ପ୍ରଧାନ(୧୯), ବୁରୁପଡ଼ା ଅଞ୍ଚଳର ଲକ୍ଷ୍ମଣ ପ୍ରଧାନ(୨୪), ସିକିରି ଅଞ୍ଚଳର ଦୀପକ ତରାଇ(୧୯) ରହିଛନ୍ତି। ଅନ୍ୟ ୪ ନାବାଳକ ହିଞ୍ଜିଳି ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ଘଟଣାସ୍ଥଳକୁ ସାଇଣ୍ଟିଫିକ୍ ଟିମ୍ ଯାଇ ତଦନ୍ତ କରି ଫେରିଛି। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଆବଶ୍ୟକ ସମସ୍ତ ପ୍ରମାଣ ଯୋଗାଡ଼ କରାଯାଇଛି। ଗିରଫ ୪ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡକୁ ପଠାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏଭଳି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିନ୍ଦାକରିବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସ୍ ପ୍ରଶାସନକୁ ନିର୍ଦ୍ଦେଶ

### ମୁଖ୍ୟ ଅଭିଯୁକ୍ତ ନାଁରେ ରହିଛି ୨ ମାମଲା

ଦେଇଥିବା ଜଣାପଡିଛି।

ସୂଚନା ପ୍ରକାରେ ଗତ ୧୫ତାରିଖ ଶନିବାର ଦିନ ପୁରୁଷୋତ୍ତମପୁର ଥାନା ହିନ୍ଦୁଳା ଅଞ୍ଚଳର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରମୋଦ ନାୟକ ବାଇକ୍‌ରେ ହିଞ୍ଜିଳି ଥାନା ଅଞ୍ଚଳକୁ ଆସିଥିଲେ। ସେଠାରେ ରହୁଥିବା ତାଙ୍କର କିଛି ବନ୍ଧୁଙ୍କ ସହ ମିଶି ୩ଟି ବାଇକ୍‌ରେ ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଯାଇଥିଲେ। ଶନିବାର ମଧ୍ୟାହ୍ନ ସାଢେ ୩ଟା ସମୟରେ ସେମାନେ ଗୋପାଳପୁର ସମୁଦ୍ରରେ ଗାଧୋଇଥିଲେ। ପରେ ସେଠାରୁ ସେମାନେ ୬ଟାରେ ପାନ୍ଥ ନିବାସ ହୋଟେଲ ପଛପଟ ନିର୍ଜନ ଅଞ୍ଚଳରେ ବୁଲୁଥିଲେ। ଏହି ସମୟରେ ବେଳାଭୂମିକୁ ବୁଲିବାକୁ ଆସିଥିବା ଦୁଷ୍କର୍ମ ପୀଡ଼ିତା ଯୁବତୀ ଏବଂ ତାଙ୍କ ପୁରୁଷ ବନ୍ଧୁ ସେଠାକୁ ଆସିଥିଲେ। ଯୁବତୀଙ୍କୁ ସେଠାରେ ଏକାକୀ ଦେଖି ଅଭିଯୁକ୍ତମାନେ ତାଙ୍କୁ ବନ୍ଧକ ରଖିଥିଲେ। ସେମାନଙ୍କୁ ମାଡ଼ଧର କରିବା ସହ ଭୟଭୀତ କରିଥିଲେ। ୭ ଜଣ ଅଭିଯୁକ୍ତ ଯୁବତୀଙ୍କ ପୁରୁଷ ବନ୍ଧୁକୁ ଅଟକ ରଖିଥିବା ବେଳେ ଯୁବତୀଙ୍କୁ ଅଭିଯୁକ୍ତ ପ୍ରମୋଦ ନାୟକ ଏବଂ ତା'ର ଅନ୍ୟ ଦୁଇ ସାଙ୍ଗ ଦୁଷ୍କର୍ମ କରିଥିଲେ। ରାତି ପ୍ରାୟ ୧୦ଟାରେ ସେମାନଙ୍କୁ ସେଠାରେ ଛାଡ଼ିବା ସହ ଘଟଣା ସମ୍ପର୍କରେ ଥାନାରେ ଜଣାଇଲେ ପରିସ୍ଥିତି ଭୟଙ୍କର ହେବ ବୋଲି ଧମକ ଦେଇ ଚାଲିଯାଇଥିଲେ। ଅଭିଯୁକ୍ତଙ୍କ କବଳରୁ ଯୁବତୀ ଏବଂ ତାଙ୍କ ପୁରୁଷ ବନ୍ଧୁ ମୁକୁଳିବା ପରେ ରାତି ୧୧ଟାରେ ସେମାନେ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ।

### ଖୋର୍ଦ୍ଧା ପାଇଁ ବିକଶିତ ଓଡ଼ିଶା ପରାମର୍ଶ କର୍ମଶାଳା

# ଓଡ଼ିଶା ଭିଜନ୍ ୨୦୩୬ ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ

**ଭୁବନେଶ୍ୱର, ୧୭।୬/ଏନ୍ଏନ୍ଏସ୍:** ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲାସ୍ତରରେ ପ୍ରତ୍ୟେକ ବର୍ଗର ମତାମତକୁ ବିଚାରକୁ ନିଆଯାଇ ପ୍ରଶାସନିକ ସ୍ତରରେ ସହଯୋଗ ଜାରି ରଖିବାକୁ ହେବ। ଏହାଦ୍ୱାରା ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହିତ ଏହା ଦ୍ୱାରା ଓଡ଼ିଶା ଭିଜନ ୨୦୩୬ ହାସଲ କରିବାରେ ସହାୟକ ହେବ। ଏଭଳି ଆହ୍ୱାନ ଦେଇଛନ୍ତି ରାଜ୍ୟ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଅନୁଷ୍ଠିତ ବିକଶିତ ଖୋର୍ଦ୍ଧା ପାଇଁ ବିକଶିତ ଓଡ଼ିଶା ପରାମର୍ଶ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ଦୃଷ୍ଟିରୁ ଖୋର୍ଦ୍ଧା ଜିଲ୍ଲାର ସ୍ୱତନ୍ତ୍ରତା ରହିଛି। ଏହାକୁ ପାଥେୟ କରି ଭବିଷ୍ୟତ ପିଢ଼ି ପାଇଁ ନୂତନ ପରିକଳ୍ପନାର ଆବଶ୍ୟକତା ରହିଛି। ପରିବେଶ ସୁରକ୍ଷା, ବୈଜ୍ଞାନିକ ଜ୍ଞାନକୌଶଳର ଉପଯୋଗ, ଶିଳ୍ପ ଅଭିବୃଦ୍ଧି ଏବଂ ଜୈବିକ କୃଷିକୁ ପ୍ରାଧାନ୍ୟ ଦିଆଯିବ। ଏତଦ୍‌ବ୍ୟତୀତ ପ୍ରତ୍ୟେକ ଯୋଜନା ସଂପର୍କରେ ସଂପୃକ୍ତ ହିତାଧିକାରୀ ଭଲ ଭାବେ ଅବଗତ ହୋଇପାରିଲେ ଅଭିବୃଦ୍ଧି ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ଓଡ଼ିଶା ଭିଜନ ଲକ୍ଷ୍ୟ ହାସଲ ପାଇଁ ସରକାରଙ୍କ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ ଖୋର୍ଦ୍ଧା ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ଭାବେ ଜିଲ୍ଲାକୁ ପ୍ରଗତିର ଶିଖରରେ ପହଞ୍ଚାଇବାକୁ ସମସ୍ତଙ୍କ ସହଯୋଗ ଲୋଡ଼ିବା ସହ ତୃଣମୂଳ ସ୍ତରରେ ବିକାଶର ସୁଫଳ ପହଞ୍ଚାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ଓଡ଼ିଶା ଭିଜନରେ ଖୋର୍ଦ୍ଧା ଜିଲ୍ଲାର ଭାଗୀଦାରିତା ଉପରେ ମତବ୍ୟକ୍ତ କରିଥିଲେ। ସମସ୍ତଙ୍କ ପାଇଁ ସମାନ ସୁବିଧା ଉପଲବ୍ଧ କରାଇବା ସହ ସହଯୋଗୀ ବିକାଶ ବର୍ତ୍ତମାନର ନିତାନ୍ତ ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ। ସେହିଭଳି ଏହି କର୍ମଶାଳାରେ ପ୍ରଥମ ପର୍ଯ୍ୟାୟ ଆଲୋଚନାଚକ୍ରରେ ଶିକ୍ଷା, ଦକ୍ଷତା ବିକାଶ ଶିକ୍ଷା ଓ ଜୀବିକାକୁ ନେଇ ଗୋଷ୍ଠୀ ସଶକ୍ତିକରଣ ଉପରେ ଆଲୋଚନା ହୋଇଥିଲା। ଏଥିରେ ସିଓ୍ୱାଇଏସ୍‌ଡି ଅଧକ୍ଷ ଜଗଦାନନ୍ଦ ଅଧକ୍ଷତା କରିଥିବାବେଳେ ଏନ୍‌ସିଆରଟିର ପୂର୍ବତନ ପ୍ରଫେସର ପ୍ରଫେସର ପି. କେ. ଦାସ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଅନୁପ ଦାସ ଯୋଗଦେଇ ନିଜର ମତାମତ ପ୍ରକାଶ କରିଥିଲେ। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ନବସୃଜନ, ଶିଳ୍ପ ଓ ପର୍ଯ୍ୟଟନ ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଓପିଏସିର ପୂର୍ବତନ ଅଧକ୍ଷ ବ୍ରିଗେଡ଼ିଅର୍ ଡ. ଏଲ୍. ସି. ପଟ୍ଟନାୟକ ଅଧକ୍ଷତା କରିଥିବାବେଳେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ଏ. ପି. ଦାସ, ଭାରତୀୟ ପର୍ଯ୍ୟଟନ ଓ ଭ୍ରମଣ ପରିଚାଳନା ସଂସ୍ଥାର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସୀତାକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ସୁଚିନ୍ତିତ ମତାମତ ରଖିବା ସହ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ। ଅନ୍ୟ ପକ୍ଷରେ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ମଧ୍ୟ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ। ଖୋର୍ଦ୍ଧାର ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ପ୍ରମୁଖ ଧନ୍ୟବାଦ ଅର୍ପଣ କରିବା ସହ ନିଜର ମାନସିକତାରେ ପରିବର୍ତ୍ତନ ଆଣିପାରିଲେ ଗୋଷ୍ଠୀ ବିକାଶ ସହ ଜିଲ୍ଲା ଓ ରାଜ୍ୟର ବିକାଶ ହୋଇପାରିବ ବୋଲି କହିଥିଲେ। ଭୁବନେଶ୍ୱର ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ସହଯୋଗ କରିଥିବା ବେଳେ ବୁଦ୍ଧିଜୀବୀ, ବିଭିନ୍ନ ବେସରକାରୀ ସଂସ୍ଥାର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।

### ମୁଖ୍ୟ ସଚିବଙ୍କ ଡାଇରିଆ ସ୍ଥିତି ସମୀକ୍ଷା

# ସଚେତନତା, ପରୀକ୍ଷଣ ଓ ଚିକିତ୍ସାକୁ ଗୁରୁତ୍ୱ

**ଭୁବନେଶ୍ୱର, ୧୭।୬/ଏନ୍ଏନ୍ଏସ୍:** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯାଜପୁର ସମେତ କେନ୍ଦୁଝର, ଭଦ୍ରକ, କଟକ, ଢେଙ୍କାନାଳ ଜିଲ୍ଲାରେ ଦେଖାଦେଇଥିବା ଡାଇରିଆ ସ୍ଥିତି ଓ ଏହାର ପ୍ରତିକାରାତ୍ମକ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଉପରୋକ୍ତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇ ନିଜ ନିଜ ଜିଲ୍ଲାର କ୍ଷେତ୍ରସ୍ତରୀୟ ସ୍ଥିତି ଜଣାଇଥିଲେ।

ସ୍ୱାସ୍ଥ୍ୟ ସଚିବ ଜଣାଇଥିଲେ ଯେ ଡାଇରିଆ ସ୍ଥିତିର ପୂର୍ଣ୍ଣ ନିୟନ୍ତ୍ରଣ ପାଇଁ ପ୍ରତିରୋଧ, ପରୀକ୍ଷଣ ଓ ପ୍ରତିଷେଧକ ବ୍ୟବସ୍ଥା ସହ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ବେସରକାରୀ ଓ ସରକାରୀ କୂପ ଆଦିକୁ ନିୟମିତ ଭାବେ ବିଶୋଧନ କରାଯାଉଛି। ରୋଗୀମାନଙ୍କ ସଂଖ୍ୟାରେ ହ୍ରାସ ଘଟିଛି। ଏବେ ଯେଉଁ ରୋଗୀମାନେ ଆସୁଛନ୍ତି, ସେମାନଙ୍କର ରୋଗର ଲକ୍ଷଣ ସାମାନ୍ୟ ରହୁଛି। ବିଭିନ୍ନ ଡାକ୍ତରଖାନାରେ ନୂଆ ଆଡମିଶନ୍ ହାରରେ କ୍ରମାଗତ ହ୍ରାସ ଘଟିଛି। ଅଦ୍ୟତନ ତଥ୍ୟ ଅନୁସାରେ ପ୍ରଭାବିତ ୫ଟି ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ଆଜି ୪୨୯ ଜଣ ରୋଗୀ ଆଡମିଶନ୍ ହୋଇଥିବା ବେଳେ ୨୮୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରିଛନ୍ତି। ତେବେ ବିଗତ ଦିନଗୁଡ଼ିକ ମିଶାଇ ଆଜିସୁଦ୍ଧା ସମୁଦାୟ ୩୭୦ ଜଣ ଚିକିତ୍ସାଧୀନ ଅଛନ୍ତି। ଯେଉଁମାନେ ସୁସ୍ଥ ହେଉଛନ୍ତି, ସେମାନଙ୍କୁ ଡାକ୍ତରଙ୍କ ବିନା ପରାମର୍ଶରେ ଘରକୁ ଛଡ଼ାଯାଉ ନାହିଁ। ପୂର୍ଣ୍ଣ ଆରୋଗ୍ୟ ପରେ ସେମାନଙ୍କୁ ହସ୍ପିଟାଲ୍‌ରୁ ଡିସଚାର୍ଯ୍ୟ କରାଯାଉଛି। ପରିମଳ ଓ ବିଶୋଧନ କାର୍ଯ୍ୟକୁ ବ୍ୟାପକ ଭାବେ ଜାରି ରଖିବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି। ମାଇକ୍ ଯୋଗେ ପ୍ରଚାର ପ୍ରସାରକୁ ବ୍ୟାପକ କରାଯାଇଛି। ଆଗାମୀ ୭ ରୁ ୧୦ ଦିନ ପର୍ଯ୍ୟନ୍ତ ଏହି କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତିଦିନ ରାଜ୍ୟସ୍ତରୀୟ କମିଟି ସ୍ଥିତିର ସମୀକ୍ଷା କରୁଛନ୍ତି। ପ୍ରଭାବିତ ଜିଲ୍ଲାମାନଙ୍କରେ ୨୪ ଘଣ୍ଟିଆ ନିୟନ୍ତ୍ରଣ ଓ ପରିଚାଳନା କକ୍ଷ କାର୍ଯ୍ୟ କରୁଛି। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଟିମ୍ ବିଭିନ୍ନ ଜିଲ୍ଲା ଗସ୍ତ କରି ଏହା ମହାମାରୀ ନୁହେଁ ବୋଲି କରିଛନ୍ତି। ଦେଖା ଦେଇଥିବା ଡାଇରିଆ ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ସଂକ୍ରମିତ ହୋଇନାହିଁ। ଏହା ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଭାବେ ଦେଖାଦେଇଛି। ବର୍ଷା ଦିନେ ଜଳବାହିତ ରୋଗ ହୋଇଥାଏ। ତେଣୁ ପ୍ରଭାବିତ ୫ଟି ଜିଲ୍ଲା ସମେତ ଅନ୍ୟ ସମସ୍ତ ଜିଲ୍ଲାକୁ ସ୍ୱାସ୍ଥ୍ୟ ସତର୍କତା ଓ ସଚେତନତା ଅବଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟ ସଚିବ କହିଛନ୍ତି ଯେ ହସ୍ପିଟାଲ୍‌କୁ ଆସୁଥିବା ପ୍ରତ୍ୟେକ ରୋଗୀଙ୍କ ଯେପରି ଉପଯୁକ୍ତ ଧ୍ୟାନ ଓ ଚିକିତ୍ସା ଦିଆଯିବ, ସେଥିପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ନଦୀ, ନାଳ ଅଞ୍ଚଳର ଲୋକମାନେ ଅଧିକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ବିଭିନ୍ନ ଜିଲ୍ଲାରେ ସଂକ୍ରମଣ ମାତ୍ରା କମୁଥିଲେ ମଧ୍ୟ ଆମକୁ ସତର୍କତା





ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଜାରି ରହିବାକୁ ପଡ଼ିବ। ଆଗକୁ ମୌସୁମୀ ବର୍ଷାରେ ଜଳ ସଂକ୍ରମଣର ସମ୍ଭାବନା ରହିଛି। ଏଥିପାଇଁ ନିୟମିତ ବ୍ୟବଧାନରେ ଜଳ ଉତ୍ସକୁ ବିଶୋଧନକରିବା, ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ସଂକ୍ରାମକ ରୋଗ କାରଣରୁ ଯେପରି ଜୀବନ ହାନି ନ ଘଟେ, ସେଥିପ୍ରତି ଏହାର ନିରାକରଣ ପାଇଁ ସବୁ ସତର୍କତା, ସଚେତନତା ଓ ପରୀକ୍ଷା ଓ ଚିକିତ୍ସାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। କ୍ଷେତ୍ରସ୍ତରରେ ସ୍ଥିତି ଅନୁଧ୍ୟାନ କରି ଯାହା ଯାହା ଆବଶ୍ୟକତା ରହୁଛି, ସେଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ସବୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି।

ଯାଜପୁର ଜିଲ୍ଲାପାଳ, ଜିଲ୍ଲାରେ ବିଶୋଧନ କାର୍ଯ୍ୟକ୍ରମ, ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ଜାରି ରହିଥିବା, ଗ୍ରାମ ପଞ୍ଚାୟତ ସ୍ତରରେ ଏବଂ ଗାଁକୁ ଗାଁ ଓ ପଡ଼ା ଗ୍ରାମରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର ପ୍ରସାରକୁ ବ୍ୟାପକ କରାଯାଇଥିବା ପ୍ରକାଶ କରିଥିଲେ। ଆଶା, ଅଙ୍ଗନବାଡି, ସ୍ୱାସ୍ଥ୍ୟକର୍ମୀମାନେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛନ୍ତି। କେବଳ ଯାଜପୁର ଜିଲ୍ଲାରେ ନୂଆ ଆଡମିଶନ ସଂଖ୍ୟା ୬୪ ଥିବା ବେଳେ ସେଥିରୁ ୪୫ ଜଣ ସୁସ୍ଥ ହୋଇଛନ୍ତି। ଆଜି ସୁଦ୍ଧା ଏହି ଜିଲ୍ଲାରେ ୨୧୦ ଜଣ ଚିକିତ୍ସାଧିନ ଅଛନ୍ତି। ଜିଲ୍ଲାରେ ୪୦ ଲକ୍ଷ ହାଲୋଜେନ ବଟିକା ଏବଂ ୬ ଲକ୍ଷ ଓଆରଏସ୍ ପ୍ୟାକେଟ ବଣ୍ଟନ କରାଯାଇଛି। ୪୦୦ ପ୍ୟାକେଟ୍ ବ୍ଲିଚିଂ ପାଉଡର ଏବଂ ୩ ଲକ୍ଷ ୪୦ ହଜାର ସଂକ୍ରାମକ ରୋଗ ନିରୋଧକ ଔଷଧ-ଡକ୍ସିସାଇକ୍ଲିନ୍ ବଣ୍ଟନ କରାଯାଇଛି। ସେହିପରି କଟକ, ଭଦ୍ରକ, କେନ୍ଦୁଝର ଓ ଢ଼େଙ୍କାନାଳ ଜିଲ୍ଲାରେ ଡାଇରିଆ ସ୍ଥିତି ସମ୍ପର୍କରେ ଜିଲ୍ଲାପାଳମାନେ ଅବଗତ କରାଇଥିଲେ। ଜଳ ଉତ୍ସ ବିଶୋଧନ କାର୍ଯ୍ୟ, ପ୍ରଚାର ପ୍ରସାର, ପରୀକ୍ଷଣ ଓ ଚିକିତ୍ସା କାର୍ଯ୍ୟକ୍ରମ ବ୍ୟାପକ କରାଯାଇଥିବା ସୂଚନା ଦେଇଥିଲେ । ସମସ୍ତ ଜିଲ୍ଲାରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କର୍ମଚାରୀମାନେ କୂପ, ନଳକୂପ ବିଶୋଧନ କାର୍ଯ୍ୟ ଆଦି ଜାରି ରଖିଛନ୍ତି। ସମସ୍ତ ଜିଲ୍ଲାରେ ସ୍ଥିତି ନିୟନ୍ତ୍ରଣାଧିନ ରହିଥିବା ବୈଠକରୁ ଜଣାଯାଇଛି।

### ରୋଗୀ ସଂଖ୍ୟାରେ କ୍ରମଶଃ ହ୍ରାସ

ନୂଆ ଆଡମିଶନ ମଧ୍ୟରେ ଆଦି ସକାଳ ସୁଦ୍ଧା, କେନ୍ଦୁଝର ଜିଲ୍ଲାରେ ୮୨ ଜଣ, ଯାଜପୁର ଜିଲ୍ଲାରେ ୬୪ ଜଣ, କଟକ ଜିଲ୍ଲାରେ ୧୪୫ ଜଣ, ଢ଼େଙ୍କାନାଳ ଜିଲ୍ଲାରେ ୬୫, ଭଦ୍ରକ ଜିଲ୍ଲାରେ ୭୩ ଏହିପରି ମୋଟ ୪୨୯ ଜଣ ଡାଇରିଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରିପୋର୍ଟ ଅନୁସାରେ ଆଜି ସୁଦ୍ଧା ବିଭିନ୍ନ ଜିଲ୍ଲାରେ ମୋଟ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ସଂକ୍ରମିତ ଜଳଉତ୍ସ କିମ୍ବା ସଂକ୍ରମିତ ଖାଦ୍ୟ, ପରିମଳ ବ୍ୟବସ୍ଥାରେ ତ୍ରୁଟି, ଅଧିକ ରୋଗୀ ଦେଖାଦେଇଥିବା ଅଞ୍ଚଳରୁ କିମ୍ବା ଏବଂ ଡେରିରେ ପରୀକ୍ଷା ପାଇଁ ରୋଗୀ ଆସୁଥିବା କାରଣରୁ ଏହା ହୋଇଥାଇପାରେ ବୋଲି କୁହାଯାଇଛି । ଡାଇରିଆ ସଂକ୍ରମଣକୁ ରୋକିବା ପାଇଁ ବ୍ୟାପକ ସଚେତନତା, ପ୍ରତିଷେଧକ ବ୍ୟବସ୍ଥା, ଜଳ ଉତ୍ସର ବିଶୋଧନ ଆଦି ଯୋଗୁଁ ବିଭିନ୍ନ ଜିଲ୍ଲାରେ ଡାଇରିଆ ସଂଖ୍ୟା କମୁଥିବା ପରିଲକ୍ଷିତ ହୋଇଛି।

## ଜନ ଜାଗରଣ ଯାତ୍ରା ଆରମ୍ଭ କରିବ ବିଜେଡି

**ପୁରୀ, ୧୭।୬/ଏନ୍ଏନ୍ଏସ୍:** ଶ୍ରୀକ୍ଷେତ୍ରରୁ ଆସନ୍ତାକାଲି ବିଜେଡି ଜନ ଜାଗରଣ ଯାତ୍ରା ଆରମ୍ଭ କରିବ। ଉଭୟ ଦେଶ ଓ ରାଜ୍ୟର ଡବଲ ଇଞ୍ଜିନ ସରକାର ରହିଥିଲେ ହେଁ ଗତ ଏକ ବର୍ଷ ମଧ୍ୟରେ ବିଜେପି ସରକାର ଦେଇଥିବା ପ୍ରତିଶ୍ରୁତି ପ୍ରତାରଣାର ପରିଣତ ହୋଇଛି। ପ୍ରଭୁ ବଳଭଦ୍ର ପଡିବା ଘଟଣା, ଆମ୍ବ ଟାକୁଆ ଖାଇ ମୃତ୍ୟୁ, ଚିକିଟି ମଦ ନୃତ୍ୟ, ଯୁବ, ଛାତ୍ର, ମହିଳାଙ୍କ ସମସ୍ୟା ମହାନଦୀ, ପୋଲାଭରମ୍ ପ୍ରସଙ୍ଗରେ ନିରବ ରହିବା ଘଟଣାକୁ ଜନ ଜାଗରଣ ଯାତ୍ରା ମାଧ୍ୟମରେ ଲୋକଙ୍କ ପାଖକୁ ନେବ ବିଜେଡି। ସମସ୍ୟା ସମାଧାନ ପାଇଁ ସେପଟେ ବିଜେପି ଉତ୍ସବ ମନାଉଛନ୍ତି। ୬ଟି ଜିଲ୍ଲାରେ ହଇଜା ବ୍ୟାପିଛି। ଓଡ଼ିଶାବାସୀଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ବିଜେପି ସରକାର। ପ୍ରତିଦିନ ୧୫ରୁ ଅଧିକ ହତ୍ୟା, ଧର୍ଷଣ ଘଟୁଛି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯୁବ ଓ ଛାତ୍ରଙ୍କୁ ନେଇ ଏହି ଜନ ଜାଗରଣ ଯାତ୍ରା କରାଯିବ। ବିଜେଡି ପ୍ରମୁଖ ବିରୋଧୀ ଦଳର ଭୂମିକା ନିର୍ବାହ କରୁଛି। ସରକାରଙ୍କ ଏକ ବର୍ଷର ବିଫଳତା ଲୋକଙ୍କ ପାଖକୁ ଆଣିବ ବିଜେଡି। ସରକାରଙ୍କ ଏକ ବର୍ଷ ପୂର୍ତ୍ତି ସଫଳତା ଉତ୍ସବ କାର୍ଯ୍ୟକ୍ରମକୁ ନିନ୍ଦା କରୁଛୁ। ସରକାର ନିଜ ଦାୟିତ୍ୱ ବହନ କରନ୍ତୁ। ବେରୋଜଗାର ମୁଖ୍ୟ ପ୍ରସଙ୍ଗ କରିବୁ। ବର୍ଷକୁ ୨ କୋଟି ଚାକିରି କୁଆଡ଼େ ଗଲା। ବୃତ୍ତି ଅର୍ଥ ବଜେଟ୍‌ରେ ରଖାଯାଇନାହିଁ। ଓବିସି ସଂରକ୍ଷଣ ମେଡିକାଲ ଓ ଇଞ୍ଜିନିୟରିଂ କ୍ଷେତ୍ରରେ କରାଯାଉ। ବ୍ୟାପକ ଜନ ଜାଗରଣ ସୃଷ୍ଟି କରିବ ବିଜେଡି। ବିଜେପି ସରକାରରେ ନିଯୁକ୍ତି ଓ ଆତ୍ମନିଯୁକ୍ତିର କୌଣସି ସୁଯୋଗ ନାହିଁ। ପୂର୍ବ ସରକାର ସମୟରେ ୮ ହଜାର ସ୍କୁଲ ରୂପାନ୍ତରିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଯୁବ ଓ ଛାତ୍ର ନେତା ସାମିଲ ହେବେ। ୨୦୨୪- ୨୫ରେ ଛାତ୍ର ସଂସଦ ନିର୍ବାଚନ କ'ଣ ପାଇଁ ଅନୁଷ୍ଠିତ ହୋଇନଥିଲା ବୋଲି ପ୍ରଶ୍ନ ଉଠିଥିଲା। ଏ ସମସ୍ତ ପ୍ରସଙ୍ଗ ଓ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଆସନ୍ତା କାଲି ପୁରୀ - କୋଣାର୍କ ବେଳାଭୂମି ରାସ୍ତାର ସ୍ୱାମୀ ନାରାୟଣ ମନ୍ଦିରରେ ଜନ ଜାଗରଣ ଯାତ୍ରା ଅନୁଷ୍ଠିତ ହେବ। କେନ୍ଦ୍ରରେ ୧୧ ବର୍ଷ ଭିତରେ ବଜେଟରେ ହୋଇଥିବା ବ୍ୟୟ ବରାଦର୍ ମାତ୍ର ୪୨ ପ୍ରତିଶତ ଖର୍ଚ୍ଚ ହୋଇଛି। ପୁରୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୁରୀ ବିଧାୟକ ସୁନୀଲ ମହାନ୍ତି, ବିଧାୟକ ବ୍ୟୋମକେଶ ରାୟ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଯୁବ ବିଜେଡି ନେତା ପ୍ରଣବ ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ପିଜି ଡାକ୍ତରଙ୍କ ପାଇଁ ଇକ୍ୱିଟି ଫେଲୋଶିପ୍ ଘୋଷଣା

**ଭୁବନେଶ୍ୱର,୧୭।୬/ଏନ୍ଏନ୍ଏସ୍:** ସ୍ନାତକୋତର ଡାକ୍ତର (ପିଜି) ମାନଙ୍କ ନିମନ୍ତେ ୧୮ ମାସର ନିମଗ୍ନକାରୀ ଶିକ୍ଷଣ ଅଭିଜ୍ଞତା ହାସଲ କରିବାକୁ 'ଅଜିମ ପ୍ରେମଜୀ ହେଲ୍ଥ ଇକ୍ୱିଟି ଫେଲୋସିପ' ପ୍ରଦାନ କରାଯିବ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମର ଅଂଶ ଭାବରେ ଫେଲୋମାନଙ୍କୁ ଗ୍ରାମାଞ୍ଚଳରେ ରୋଗୀମାନଙ୍କ ସହିତ ଫଳପ୍ରଦ ଭାବରେ କାମ କରିବାର ଅନୁଭବ ସହିତ ଶିଖିବାର ସୁଯୋଗ ମିଳିବ। ସ୍ୱାସ୍ଥ୍ୟ ସୁବିଧାଗୁଡିକ ଆବଶ୍ୟକତା ମୁତାବକ ଉପଲବ୍ଧ କରାଇବା ଏବଂ ଲୋକଙ୍କ ନିକଟରେ ପହଞ୍ଚାଇବା ରାସ୍ତାରେ ରହୁଥିବା ଚାଲେଞ୍ଜଗୁଡିକୁ ବୁଝିପାରିବେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଆସିବାକୁ ଥିବା ବହୁବିଧ ଚାଲେଞ୍ଜର ମୁକାବିଲା ଓ ସମାଧାନ ଶିଖିବା ଅବସରରେ ଏହି କ୍ଷେତ୍ରର ଅନୁଭବୀ ଲୋକ ଏବଂ ଜନସମୁଦାୟଙ୍କ ସହିତ ମିଳିତ ଭାବରେ କାମ କରିବା ଶିକ୍ଷାଲାଭ କରିପାରିବେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ଥାୟୀ ପରିବର୍ତ୍ତନ ଆଣିବା ନିମନ୍ତେ କାର୍ଯ୍ୟ କରୁଥିବା ଲୋକଙ୍କ ସହିତ ଯୋଡିହେବେ।

## ଆଭ୍ୟନ୍ତରୀଣ ଜେନେଟିକ୍ ପରୀକ୍ଷଣ ଆରମ୍ଭ

**ଭୁବନେଶ୍ୱର,୧୭।୬/ଏନ୍ଏନ୍ଏସ୍:** ଭୁବନେଶ୍ୱର ଏମଟିସି କ୍ୟାମ୍ପସରେ ଅବସ୍ଥିତ ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ଆନୁବଂଶିକ ରେଟିନା ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ପ୍ରଦାନ କରିବା ପାଇଁ ଏକ ଉତ୍ସର୍ଗୀକୃତ ଇନହେରିଟେଡ୍ ରେଟିନାଲ୍ ଡିଷ୍ଟ୍ରୋଫି (ଆଇଆରଡି) କ୍ଲିନିକ୍ ଆରମ୍ଭ କରିଛି। ଏହି ଆଇଆରଡି କ୍ଲିନିକ୍ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକର ଲୋକଙ୍କ ପାଇଁ ଉନ୍ନତ ଭାବେ ରୋଗ ନିର୍ଣ୍ଣୟକୁ ଅଧିକ ସୁଲଭ କରି ଇନ୍-ହାଉସ୍ ଜେନେଟିକ୍ ପରୀକ୍ଷଣ ସୁବିଧା ପ୍ରଦାନ କରିବ। ଏହା ରାଜ୍ୟରେ ବଂଶାନୁକ୍ରମିକ ଜେନେଟିକ୍ ଚକ୍ଷୁ ରୋଗର ପ୍ରାରମ୍ଭିକ ନିର୍ଣ୍ଣୟ ଏବଂ ଚିକିତ୍ସାରେ ଥିବା ବ୍ୟବଧାନକୁ ପୂରଣ କରିବାରେ ସହାୟକ ହେବ ବୋଲି ରେଟିନା ବିଶେଷଜ୍ଞ ଡାକ୍ତର ଶ୍ରୀକାନ୍ତ କୁମାର ପାଢ଼ୀ କହିଛନ୍ତି। ସେ କହିଛନ୍ତି ଯେ, ଏଲଭିପିଇଆଇ ଭୁବନେଶ୍ୱର ସ୍ଥିତ ଆଇଆରଡି କ୍ଲିନିକ୍ ବହୁବିଧ ପଦ୍ଧତି ପ୍ରଦାନ କରେ ଯେଉଁଥିରେ ସ୍ୱତନ୍ତ୍ର ରେଟିନା ମୂଲ୍ୟାଙ୍କନ, ଇଆରଜି ଏବଂ ଭିଇପି ଭଳି ଇଲେକ୍ଟ୍ରୋଫିଜିଓଲୋଜିକାଲ୍ ଟେଷ୍ଟ, ଜିନ୍ ପ୍ୟାନେଲ୍ କିମ୍ବା ସାମଗ୍ରିକ ଏକ୍ସୋମ୍ ସିକ୍ୱେନ୍ସିଂ ସାହାଯ୍ୟରେ ଉନ୍ନତ ଜେନେଟିକ୍ ପରୀକ୍ଷଣ ଏବଂ ଜେନେଟିକ୍ ପରାମର୍ଶ ଅନ୍ତର୍ଭୁକ୍ତ। ଏହି କ୍ଲିନିକ୍ ଦୁର୍ବଳ ଦୃଷ୍ଟିଶକ୍ତି ଥିବା ଛୋଟପିଲା ଏବଂ ଯୁବକମାନଙ୍କ ପାଇଁ କମ୍ ଦୃଷ୍ଟିଶକ୍ତି ପାଇଁ ଆବଶ୍ୟକ ସହାୟକ ଉପକରଣ, ଗତିଶୀଳତା ତାଲିମ ଏବଂ ଶିକ୍ଷାଗତ ସହାୟତା ସମେତ ପୁନର୍ବାସ ସେବା ମଧ୍ୟ ପ୍ରଦାନ କରେ।

### 'କଳ୍ପନାରୁ ଦକ୍ଷତାକୁ ଯାତ୍ରା' କର୍ମଶାଳା

# ଯୋଗଦେଲେ ୧୬୦ ରୁ ଅଧିକ ଶିକ୍ଷକ ଓ ଛାତ୍ରଛାତ୍ରୀ



**ଭୁବନେଶ୍ୱର,୧୭।୬/ଏନ୍ଏନ୍ଏସ୍:** ରାଜ୍ୟରେ ଉଚ୍ଚ ମାଧ୍ୟମିକସ୍ତରରେ ଛାତ୍ରଛାତ୍ରୀମାନଙ୍କ ସୃଜନଶୀଳତା ଓ ଦକ୍ଷତାକୁ ଏକ ସୁଯୋଗ ପ୍ରଦାନ କରିବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଆଜି କୃଷି ଭବନସ୍ଥିତ ଅଡ଼ିଟୋରିୟମଠାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଦୁଇ ଦିନିଆ କର୍ମଶାଳାର ଆୟୋଜନ କରାଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ନବସୃଜନ ସେଲ୍ ଏବଂ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ ସହଯୋଗରେ ବିଦ୍ୟାଳୟ ନବସୃଜନ ପରିଷଦକୁ କାର୍ଯ୍ୟକାରୀ କରିବା ନେଇ "କଳ୍ପନାରୁ ଦକ୍ଷତାକୁ ଯାତ୍ରା"କର୍ମଶାଳାର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ ଉପସ୍ଥିତ ରହି ବିକଶିତ ଓଡ଼ିଶା ଗଠନରେ ଏହି କର୍ମଶାଳା ସହାୟକ ହେବ ବୋଲି ମତବ୍ୟକ୍ତ କରିଛନ୍ତି। ଉଦ୍ଭାବନ କ୍ଷେତ୍ରରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ। ଓଡ଼ିଶାରେ ନବସୃଜନ ଓ ଦକ୍ଷତା କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହି ଦୁଇ ଦିନିଆ କର୍ମଶାଳାରେ ଉଭୟ ଶିକ୍ଷକ ଓ ଛାତ୍ରଛାତ୍ରୀ ଉଦ୍ଭାବନ କ୍ଷେତ୍ରରେ ଉଚିତ୍ ମାର୍ଗଦର୍ଶନ ପାଇବେ ବୋଲି ସୂଚନା ଦେଇଛନ୍ତି ଶ୍ରୀମତୀ ନନ୍ଦ। ଏହି କର୍ମଶାଳାରେ ୧୬୪ ଜଣ ଅଂଶଗ୍ରହଣ କରିଛନ୍ତି, ଯେଉଁଥିରେ ପିଏମ-ଶ୍ରୀ ବିଦ୍ୟାଳୟର ୫୯ ଜଣ ଅଧ୍ୟକ୍ଷ, ବିଭିନ୍ନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୬୦ ଜଣ ସ୍ନାତକୋତ୍ତର ଶିକ୍ଷକ ବା ପିଜିଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୩୦ ଜଣ ସ୍ନାତକୋତ୍ତର ଶିକ୍ଷକ ବା ପିଜିଟି ଭାଗ ନେଇଥିବା ବେଳେ ଓଡ଼ିଆପ୍ରେନ୍ୟୁର ୧.୦ ଏବଂ ୨.୦ ରେ କୃତିତ୍ୱ ହାସିଲ କରିଥିବା ୧୫ ଜଣ ଛାତ୍ରଛାତ୍ରୀ ମଧ୍ୟ ଏହି କର୍ମଶାଳାରେ ଭାଗ ନେଇଛନ୍ତି।

କର୍ମଶାଳାର ଉଦଘାଟନୀ ଅଧିବେଶନରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟର, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସ୍ମିତା ରାଉତ, କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ନବସୃଜନ ସେଲ୍ ର ଆସିସଟାଣ୍ଟ ଇନୋଭେସନ୍ ନିର୍ଦ୍ଦେଶକ ଡ. ଏଲାନଗୋଭନ୍ କାରିଆପ୍ପାନ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅଧିକାରୀ ଡ଼ ଜ୍ୟୋତି ପ୍ରକାଶ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ ଅଧିବେଶନରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ଆୟର୍ ଓଡ଼ିଶା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅପାର ସମ୍ଭାବନା ସମ୍ପର୍କରେ ସୂଚନା ଦେଇ ଓଡ଼ିଆ ପ୍ରେନ୍ୟୁର ୧.୦ ଏବଂ ୨.୦ର ସଫଳତା ବିଷୟରେ ସୂଚିତ କରିଥିଲେ। ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ରାଉତ କର୍ମଶାଳା ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଶିକ୍ଷକମାନେ ହେଉଛନ୍ତି ଉପଯୁକ୍ତ ମାଧ୍ୟମ। ସେମାନଙ୍କ ଜରିଆରେ ଛାତ୍ରଛାତ୍ରୀ ନିଜର ନୂତନ ଚିନ୍ତାଧାରାକୁ ପ୍ରକାଶ କରିଥାନ୍ତି। ଛାତ୍ରଛାତ୍ରୀମାନଙ୍କ ଅଭିନବ ଚିନ୍ତାଧାରାକୁ ଉପଯୁକ୍ତ ପଥ ଦେଖାଇବାରେ ଏହି କର୍ମଶାଳା ସହାୟକ ହେବ ବୋଲି ସେ କହିଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ନବସୃଜନ ସେଲ୍‌ର ଆସିସଟାଣ୍ଟ ଇନୋଭେସନ୍ ନିର୍ଦ୍ଦେଶକ ଶିକ୍ଷା ଓ ଦକ୍ଷତା ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିବା ସହ କର୍ମଶାଳା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ଅଭିନବ ଚିନ୍ତାଧାରାକୁ କିପରି ବିକଶିତ କରାଯାଇ ସେଗୁଡିକୁ ଉପଯୁକ୍ତ ପ୍ଲାଟଫର୍ମରେ ପ୍ରଦର୍ଶିତ କରିବା ଏବଂ ପେଟେଣ୍ଟ ଦାଖଲକୁ ସୁନିଶ୍ଚିତ କରି ଉପଯୁକ୍ତ ବଜାର ଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ପରିଶେଷରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅଧିକାରୀ ଡ଼ ଜ୍ୟୋତି ପ୍ରକାଶ ରଥ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ଦୁଇ ଦିନିଆ କର୍ମଶାଳାରେ ଡିଜାଇନ୍ ବିଚାରଧାରା ଓ ନବସୃଜନ, ପ୍ରୋଟୋଟାଇପ୍/ଉତ୍ପାଦ ବିକାଶ, ଆଇଡ଼ିଆ ଜେନେରେସନ୍ ଓ ମାର୍କେଟ ରିସର୍ଚ୍ଚ, ଉତ୍ପାଦ ନିର୍ମାଣ ଓ ଆଇପି କମର୍ସିଆଲାଇଜେସନ, ଷ୍ଟାର୍ଟ-ଅପ୍ ପ୍ରତିଷ୍ଠାତାଙ୍କ ସହ ଆଲୋଚନା, ପେଟେଣ୍ଟ ଉପରେ ଗୁରୁତ୍ୱ, ଭାରତରେ ପେଟେଣ୍ଟ ଦାଖଲ କରିବା, ଆଇପି ଶିକ୍ଷା ଓ ସଚେତନତା ନିମନ୍ତେ କଲାମ କାର୍ଯ୍ୟକ୍ରମ, ବିଦ୍ୟାଳୟ ନବସୃଜନ ପରିଷଦ, ବିଦ୍ୟାଳୟ ପାଇଁ ନବସୃଜନ ପଦକ୍ଷେପ, ବ୍ୟବସାୟ ମଡେଲ୍ ଆଦି ସମ୍ପର୍କରେ ଆଲୋଚନା କରାଯିବ।

## ରଥଯାତ୍ରା ପାଇଁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ କଲେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ

**ଭୁବନେଶ୍ୱର,୧୭।୬/ଏନ୍ଏନ୍ଏସ୍:** ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଯୋଗ ଦେବା ପାଇଁ ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟିଙ୍କୁ ନିମନ୍ତ୍ରଣ କରିଛନ୍ତି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଡ଼. ଅରବିନ୍ଦ କୁମାର ପାଢୀ। ମଙ୍ଗଳବାର ଦିନ ମୁଖ୍ୟ ପ୍ରଶାସକ ଶ୍ରୀ ପାଢୀ ରାଜଭବନରେ ରାଜ୍ୟପାଳଙ୍କୁ ଭେଟି ପୁରୀରେ ରଥଯାତ୍ରାରେ ଯୋଗ ଦେବାକୁ ନିମନ୍ତ୍ରଣ କରିଥିଲେ। ଏହି ଅବସରରେ ଶ୍ରୀ ପାଢୀ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ସୁଗମ ଏବଂ ନିରାପଦ ପରିଚାଳନା ପାଇଁ ଚାଲିଥିବା ବିସ୍ତୃତ ପ୍ରସ୍ତୁତି ବିଷୟରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ଦେଖିବା ପାଇଁ ଦେଶ ଏବଂ ବିଦେଶରୁ ଲକ୍ଷ ଲକ୍ଷ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ଆଗମନ ଦୃଷ୍ଟିରୁ ଏହାର ଯଥାଯଥ ପରିଚାଳନା କରିବା ପାଇଁ ଗ୍ରହଣ କରାଯାଉଥିବା ବ୍ୟାପକ ବ୍ୟବସ୍ଥା ଉପରେ ଶ୍ରୀ ପାଢ଼ୀ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଏ ଦିଗରେ ଶ୍ରୀ ମନ୍ଦିର ପ୍ରଶାସନର ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି ଏବଂ ରଥଯାତ୍ରାର ସଫଳ ଆୟୋଜନ ଏବଂ ଶାନ୍ତିପୂର୍ଣ୍ଣ ପାଳନ ପାଇଁ ଶୁଭକାମନା ଜଣାଇଛନ୍ତି।



## ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ସେବାପୂଜା ସମ୍ପର୍କିତ ରେକର୍ଡ ଅଫ୍ ରାଇଟ୍ସର ସମୀକ୍ଷା ପାଇଁ ଦୁଇ ସଦସ୍ୟବିଶିଷ୍ଟ ସମିତି ଗଠିତ

**ଭୁବନେଶ୍ୱର,୧୭।୬/ଏନ୍ଏନ୍ଏସ୍:** ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିରରେ ନିଯୁକ୍ତ ବିଭିନ୍ନ ନିଯୋଗମାନଙ୍କ ଦ୍ୱାରା କରାଯାଉଥିବା ସେବାପୂଜ ସମ୍ପର୍କିତ ରେକର୍ଡ ଅଫ୍ ରାଇଟ୍ସର ସମୀକ୍ଷା କରିବା ସହ ଅନ୍ତିମ ରୂପ ଦେବା ପାଇଁ ରାଜ୍ୟ ସରକାର, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ଡଃ. ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏକ ଦୁଇ-ସଦସ୍ୟ ବିଶିଷ୍ଟ ସମିତି ଗଠନ କରିଛନ୍ତି। ଆଜି ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ସମିତିର କାର୍ଯ୍ୟାଳୟ ସମିତିର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଡଃ. ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଅଛି। ଏହି ଅବସରରେ ସମିତିର ଅଧ୍ୟକ୍ଷଙ୍କ ସମେତ ସଦସ୍ୟ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଏବଂ ବିଧି ବିଭାଗର, ବିଧି ଚେତକ ତଥା ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର, ଦ୍ୱିତୀୟ ଅତିରିକ୍ତ ବିଧି ଚେତକ ତଥା ଅତିରିକ୍ତ ଶାସନ ସଚିବ, ଅରୁଣ କୁମାର ସାହୁ ଏବଂ ଅତିରିକ୍ତ ଶାସନ ସଚିବ (ନ୍ୟାୟିକ) ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତି ରହି କମିଟିର କାର୍ଯ୍ୟପଦ୍ଧତି ବିଷୟରେ ଆଲୋଚନା କରିଥିଲେ। ଏହି ସମିତି ଲିଙ୍ଗରାଜ ମନ୍ଦିରର ବିଭିନ୍ନ ସେବାପୂଜା, ନିଯୋଗମାନଙ୍କ ଦାୟିତ୍ୱ ଓ ଅଧିକାର ସମ୍ପର୍କରେ ଅନୁଧ୍ୟାନ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ। ଏହି କ୍ରମରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ଦୈନନ୍ଦିନ ନିୟମିତ ନୀତି ବିଧି ସମ୍ପର୍କିତ ଦଲିଲପତ୍ର ପ୍ରଦାନ କରିବାକୁ ସମିତି ପକ୍ଷରୁ ଅନୁରୋଧ କରାଯାଇଅଛି।

## କଳିଙ୍ଗବିହାର ଶ୍ରୀଜଗନ୍ନାଥ ବାଟିକାରେ ବୃକ୍ଷରୋପଣ ଓ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୧୭।୬/ଏନ୍ଏନ୍ଏସ୍:** କଳିଙ୍ଗ ବିହାରସ୍ଥ ଶ୍ରୀଜଗନ୍ନାଥ ବାଟିକାରେ ଆଜି ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ବଉଳ ଗଛ, ଆମ୍ବ ଗଛ, ନଡ଼ିଆ ଗଛ ଆଦି ରୋପଣ କରାଯାଇଥିଲା। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ମତପ୍ରକାଶ ପାଇଥିଲା ଯେ ବୃକ୍ଷ ଆମର ସମ୍ପଦ। ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା। ଏଥିପାଇଁ ସମସ୍ତେ ଯତ୍ନବାନ ହେବା ଉଚିତ ଏବଂ ବହୁ ପରିମାଣରେ ଗଛ ଲଗାଇବା ଉଚିତ। ପ୍ରକାଶ ଥାଉକି ଏହି ବାଟିକାରୁ ଆଜିକୁ ତିନି ବର୍ଷ ଧରି ଶ୍ରୀମନ୍ଦିର ପୁରୀକୁ ନିୟମିତ ଭାବେ ଫଳୁଥିବା କଦଳୀ, ଆମ୍ବ, ପଣସ ଆଦି ମହାପ୍ରଭୁଙ୍କ ସେବା ପାଇଁ ପଠାଯାଉଛି। ଆଜିର କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର, ଦେବେନ୍ଦ୍ର ପ୍ରସାଦ ଧଳ, ଗିରିଜାଶଙ୍କର ମିଶ୍ର, ତ୍ରିବିକ୍ରମ ପ୍ରଧାନ, ଧୋବେଇ ସାହୁ,ସୌମ୍ୟ ନାରାୟଣ ପାଣିଗ୍ରାହୀ, ହେମନ୍ତ କୁମାର ପାଢ଼ୀ, ଶ୍ରୀକାନ୍ତ ମହାପାତ୍ର, ରମାକାନ୍ତ ମିଶ୍ର ଆଦି ଯୋଗ ଦାନ କରିଥିଲେ। ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କୁ ଅଶ୍ୱିନୀ କୁମାର ସମ୍ମାନ, ହେମନ୍ତ କୁମାର ପାଢୀଙ୍କୁ ବଉଳ ସମ୍ମାନ, ହିମାଂଶୁ ଶେଖର ପଟ୍ଟନାୟକଙ୍କୁ ଅଗସ୍ତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରିଥିଲେ।

### ଓଡ଼ିଶାରେ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପର ୫୦ ବର୍ଷ ପୂର୍ତ୍ତି ସମାରୋହ

# କୁମ୍ଭୀରଙ୍କ ସଂରକ୍ଷଣ ପାଇଁ ଓଡ଼ିଶା ଏକ ଉଚ୍ଚକୋଟୀର ମାର୍ଗଦର୍ଶକ: ଜଙ୍ଗଲମନ୍ତ୍ରୀ

**ଭୁବନେଶ୍ୱର,୧୭।୬/ଏନ୍ଏନ୍ଏସ୍:** ଆଜି ଅନ୍ତର୍ଜାତୀୟ କୁମ୍ଭୀର ଦିବସ। ଏହି ଅବସରରେ 'ଓଡ଼ିଶାରେ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପର ୫୦ ବର୍ଷ ପୂର୍ତ୍ତି ସମାରୋହ' ଆଜି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟ, ଜଙ୍ଗଲ, ପରିବେଶ, ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି। ସମାରୋହକୁ ଭିଡିଓ ବାର୍ତ୍ତା ଦେଇ ଜଙ୍ଗଲ, ପରିବେଶ, ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ କହିଲେ ଯେ, ଆମ ରାଜ୍ୟ ଓଡ଼ିଶା, ଭାରତରେ ଦେଖାଯାଉଥିବା ସମସ୍ତ କୁମ୍ଭୀର ପ୍ରଜାତି-ବଉଳା, ମଗର ଓ ଘଡ଼ିଆଳର ଏକ ମହତ୍ୱପୂର୍ଣ୍ଣ ଆବାସସ୍ଥଳୀ। ଦୀର୍ଘ ୫୦ ବର୍ଷ ଧରି ଆମ ରାଜ୍ୟ କୁମ୍ଭୀରମାନଙ୍କ ସଂରକ୍ଷଣ ପାଇଁ ଏକ ଉଚ୍ଚକୋଟୀର ମାର୍ଗଦର୍ଶକ ରୂପେ ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିପାରିଛି। ଏକ ସୁସ୍ଥ ଆର୍ଦ୍ରଭୂମି ପାଇଁ କୁମ୍ଭୀରମାନଙ୍କର ବିଶେଷ ଭୂମିକା ରହିଛି। ଖାଦ୍ୟଶୃଙ୍ଖଳର ଅଭିନ୍ନ ଅଙ୍ଗ ଭାବେ ପରିଗଣିତ କୁମ୍ଭୀର, ନଦୀ, ହ୍ରଦ ଓ ଅନ୍ୟ ଜଳାଶୟଗୁଡ଼ିକରୁ ମୃତ ଜୀବମାନଙ୍କୁ ଅପସାରଣ କରି ସୁସ୍ଥ ବାତାବରଣ ସୃଷ୍ଟି କରିବା ସହ ପ୍ରାକୃତିକ ଜୈବ ବିବିଧତାକୁ ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପରିବେଶ ପର୍ଯ୍ୟଟନସ୍ଥଳୀ ରୂପେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଉପାୟରେ ଜୀବିକା ଉପାର୍ଜନରେ ସହାୟକ ହୋଇଥାଏ। କୁମ୍ଭୀର ସଂରକ୍ଷଣ କେବଳ ଗୋଟିଏ ଜୀବକୁ ବଞ୍ଚାଇବା ନୁହେଁ, ଏହା ଆମର ନଦୀ, ଜଳାଶୟ ଓ ସମଗ୍ର ପରିସଂସ୍ଥାକୁ ସୁରକ୍ଷିତ ରଖିବାର ପ୍ରତୀକ। ଆର୍ଦ୍ରଭୂମିର ପରିବେଶ ସନ୍ତୁଳନ ରକ୍ଷା କରି ରାଜ୍ୟରେ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପକୁ ଅଧିକରୁ ଅଧିକ ସଫଳ କରିବା ଆଜିର ଆହ୍ୱାନ ବୋଲି ସେ ମତବ୍ୟକ୍ତ କରିଥିଲେ।

### କୁମ୍ଭୀର ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶାର ଅଦ୍ୱିତୀୟ ଗୌରବୋଜ୍ଜ୍ୱଳ ଯାତ୍ରା : ଅତିରିକ୍ତ ମୁଖ୍ୟ ସଚିବ



ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜଙ୍ଗଲ, ପରିବେଶ, ଏବଂ ଜଳବାୟୁ ପରିବର୍ତ୍ତନ ସତ୍ୟବ୍ରତ ସାହୁ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କହିଲେ ଯେ, ଆଜି ଆମେ କେବଳ ଏକ ସାଧାରଣ ଉତ୍ସବ ପାଳନ କରୁନାହୁଁ, ବରଂ ପ୍ରକୃତି ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶାର ଏକ ଅଦ୍ୱିତୀୟ ଗୌରବୋଜ୍ଜ୍ୱଳ ଯାତ୍ରାର ୫୦ ବର୍ଷ ପୂର୍ତ୍ତି ପାଳନ କରୁଛୁ। ଏହି ଯାତ୍ରା ହେଉଛି 'ପ୍ରୋଜେକ୍ଟ କ୍ରୋକୋଡାଇଲ୍' ବା 'ରାଜ୍ୟରେ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପ'ର ପଚାଶ ବର୍ଷର ସଫଳତାର ଯାତ୍ରା। ଆମ ନଦୀ, ହ୍ରଦ ଓ ହେନ୍ତାଳବନ ଆଦିର ପରିବେଶ ସନ୍ତୁଳନକୁ ବଜାୟ ରଖିବାରେ କୁମ୍ଭୀରମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏମାନଙ୍କ ସଂରକ୍ଷଣ କେବଳ ପରିବେଶ ପାଇଁ ନୁହେଁ ବରଂ ଆମର ସାଂସ୍କୃତିକ ଗର୍ବ ଓ ମାନବୀୟ ମୂଲ୍ୟବୋଧ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସମଗ୍ର ଭାରତବର୍ଷରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠାରେ ଆମ ଦେଶରେ ଦେଖାଯାଉଥିବା ସମସ୍ତ ତିନି ପ୍ରଜାତିର କୁମ୍ଭୀର ଯଥା: ବଉଳା କୁମ୍ଭୀର, ଘଡ଼ିଆଳ କୁମ୍ଭୀର ଏବଂ ମଗର କୁମ୍ଭୀର ନିଜ ପ୍ରାକୃତିକ ଆବାସସ୍ଥଳୀରେ ବସବାସ କରନ୍ତି। ସେଥିପାଇଁ ଆମେ ଗର୍ବ ଅନୁଭବ କରିବା ଉଚିତ୍। କିନ୍ତୁ ଆଜିଠାରୁ ପଚାଶ ବର୍ଷ ତଳେ, ଆମ ରାଜ୍ୟର ନଦୀ, ହ୍ରଦ ଓ ଜଳାଶୟରେ ବାସ କରୁଥିବା ତିନି ପ୍ରଜାତିର କୁମ୍ଭୀର ବିଲୁପ୍ତିର ଦ୍ୱାରଦେଶରେ ପହଞ୍ଚି ଯାଇଥିଲେ। ସେମାନଙ୍କ ସଂଖ୍ୟା ହାତଗଣତି କିଛିରେ ସୀମିତ ଥିଲା। ସେହି ସଙ୍କଟମୟ ପରିସ୍ଥିତିରେ, ୧୯୭୫ ମସିହାରେ ଭାରତ ସରକାର ଏବଂ ଜାତିସଂଘର ମିଳିତ ସହଯୋଗରେ ଓଡ଼ିଶାରେ ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା। ଏହି ପ୍ରକଳ୍ପର ସଫଳତାରେ ଓଡ଼ିଶାର ଭୂମିକା ଆଜି ସାରା ବିଶ୍ୱରେ ଏକ ଉଦାହରଣ ପାଲଟିଛି। ଭିତରକନିକା ହେନ୍ତାଳବନରେ ୯୬ଟି ବଉଳା କୁମ୍ଭୀରରୁ ସେମାନଙ୍କ ସଂଖ୍ୟା ୧୮୮୦ରେ ପହଞ୍ଚିଛି। ମହାନଦୀର ଟିକରପଡାସ୍ଥିତ ସାତକୋଶିଆ ଗଣ୍ଡଠାରେ ଘଡିଆଳ କୁମ୍ଭୀରର ପ୍ରାକୃତିକ ପ୍ରଜନନ ଫଳରେ ଏହାର ସଂଖ୍ୟା ୧୬ରେ ପହଞ୍ଚିଛି। ଏହାର ସୁରକ୍ଷାପାଇଁ 'କୁମ୍ଭୀର ବନ୍ଧୁ' ଭାବେ ସ୍ଥାନୀୟ ଅଧିବାସୀମାନଙ୍କୁ ନିୟୋଜିତ କରାଯାଇଛି। ତା' ସହ ମତ୍ସ୍ୟଜୀବୀଙ୍କ ଜାଲରେ ପଡିଥିବା ଶାବକମାନଙ୍କୁ ସୁରକ୍ଷିତ ଭାବରେ ଫେରାଇଲେ ୧୦୦୦ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି। ମଧୁର ଜଳରେ ବସବାସ କରୁଥିବା ମଗର କୁମ୍ଭୀର, ଶିକାର ଓ ବାସସ୍ଥାନ ନଷ୍ଟ ହେବା ଯୋଗୁଁ ବିଲୁପ୍ତପ୍ରାୟ ହୋଇଯାଇଥିଲା।

ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓ ବନବାହିନୀ ମୁଖ୍ୟ ସୁରେଶ ପନ୍ଥ ସମ୍ମାନିତ ଅତିଥିଭାବେ ଯୋଗ ଦେଇ କହିଲେ ଯେ ସଂପ୍ରତି ରାଜ୍ୟରେ କୁମ୍ଭୀର ସଂଖ୍ୟା ବୃଦ୍ଧି ଏକ ନୂତନ ଆହ୍ୱାନ ସୃଷ୍ଟି କରିଛି। ସେମାନଙ୍କ ବାସସ୍ଥଳୀ ସଂକୋଚନ, ଅଣ୍ଡାଦାନ ସ୍ଥାନ ନଷ୍ଟ ଯୋଗୁଁ ମଣିଷ-କୁମ୍ଭୀର ସଂଘର୍ଷ ବଢିଛି। କୁମ୍ଭୀର ସୁରକ୍ଷା ଦିଗରେ ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟ କରିବା ଆଜି ଜରୁରୀ ହୋଇପଡିଛି। ମନୁଷ୍ୟ-କୁମ୍ଭୀରର ସଂଘର୍ଷକୁ ପ୍ରତିହତ କରିବା ପାଇଁ ତାରଜାଲି ଘେର, ନଦୀକୂଳରେ ସୁରକ୍ଷିତ ସ୍ନାନାଗାର ଆଦି ନିର୍ମାଣ କରାଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଭାତ କୁମାର ରାଉଳ ଓୟୁଏଟି ପରିସରରେ ବନ୍ୟଜନ୍ତୁ ଗବେଷଣା ଓ ସଂରକ୍ଷଣ ସମ୍ବନ୍ଧୀୟ ଏକାଡେମିକ ସେଣ୍ଟର ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ୍ କୁମାର ଝା ସ୍ୱାଗତ ଭାଷଣ ଦେଇ ଓଡ଼ିଶାରେ କୁମ୍ଭୀର ପ୍ରକଳ୍ପର ୫୦ ବର୍ଷ ପୂର୍ତ୍ତି ଓ ଏହାର ସଫଳତା ଭାରତୀୟ ସଂରକ୍ଷଣ ଇତିହାସରେ ଏକ ଗୌରବମୟ ଗାଥା ବୋଲି କହିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ 'ଓଡ଼ିଶାରେ କୁମ୍ଭୀର ସଂରକ୍ଷଣ' ଉପରେ ଏକ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ମୁଖ୍ୟ ବନସଂରକ୍ଷକ ଓ ନନ୍ଦନକାନନ ନିର୍ଦ୍ଦେଶକ ଡ଼. ମନୋଜ ଭି. ନାୟାର ଧନ୍ୟବାଦ ଦେଇଥିଲେ।

## ନିଟ୍-୨୦୨୫ରେ ଓଡିଏମ୍‌ର କୃତିତ୍ୱ







**ଭୁବନେଶ୍ୱର,୧୭।୬/ଏନ୍ଏନ୍ଏସ୍:** ନ୍ୟାସ୍‌ନାଲ ଟେଷ୍ଟିଙ୍ଗ ଏଜେନ୍‌ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ସର୍ବଭାରତୀୟ ନିଟ୍-୨୦୨୫ ପରୀକ୍ଷାରେ ପଟିଆସ୍ଥିତ ଓଡିଏମ୍ ଏଜୁକେସନାଲ୍ ଗ୍ରୁପ୍‌ର ୬୨ ଜଣ ଛାତ୍ର-ଛାତ୍ରୀ କୃତିତ୍ୱର ସହିତ ଯୋଗ୍ୟ ବିବେଚିତ ହୋଇ ବିଦ୍ୟାଳୟକୁ ସବୁବର୍ଷ ପରି ଗୌରବମଣ୍ଡିତ କରିଛନ୍ତି। ଓଡିଏମ୍ ପବ୍ଲିକ୍ ସ୍କୁଲର ଛାତ୍ର ଶ୍ରୀମାନ୍ ସଂକଳ୍ପ ଚନ୍ଦ୍ରାକର (୯୯.୭୩) ପରସେଣ୍ଟାଇଲ ତଥା ଏଆଇଆର୍-୫୭୯୨ ରଖିଥିଲାବେଳେ ଓଡିଏମ୍ ଗ୍ଲୋବାଲ୍ ସ୍କୁଲର ଛାତ୍ର ରୁଦ୍ରାକ୍ଷ ଆପଟ (୯୯.୬୫) ପରସେଣ୍ଟାଇଲ୍ ତଥା ଏଆଇଆର୍-୭୪୧୨ ସହିତ ନିଜ ନିଜ ବିଦ୍ୟାଳୟରେ ପ୍ରଥମ ସ୍ଥାନ ପାଇଛନ୍ତି। ସେହିପରି ଓଡିଏମ୍ ପବ୍ଲିକ୍ ସ୍କୁଲର ଛାତ୍ର ସୌଭାଗ୍ୟ ନାୟକ (୯୯.୪୫) ପର୍‌ସେଣ୍ଟାଇଲ୍ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏତଦ୍‌ବ୍ୟତୀତ ଟପ୍ କ୍ୟାଟେଗୋରୀ ବ୍ୟାଙ୍କରେ ଅଛନ୍ତି ଓଡିଏମ୍ ପବ୍ଲିକ୍ ସ୍କୁଲର ମହମ୍ମଦ ଜାହୀର କ୍ରାନ୍ତି (୯୯.୩୯), କୁମାରୀ ପ୍ରତୀକ୍ଷା ସ୍ୱାଇଁ (୯୯.୩୪), ସି. ନିମିର୍ ତିରିଆ (୯୫.୪୨), କୁମାରୀ ଶ୍ରୁଥିକା କିନ୍ତୁ (୯୨.୮୫), ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍‌ର ଦେବାଶିଷ ବିଶ୍ୱାଳ (୯୯.୩୭) ପରସେଣ୍ଟାଇଲ୍ ରଖି ଓଡିଏମ୍ ଶିକ୍ଷାସମୂହକୁ ଗୌରାବାନ୍ୱିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡିଏମ୍ ଶିକ୍ଷା-ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ସ୍ୱୟନ୍ ସତ୍ୟେନ୍ଦୁ, ଅନ୍ୟ ଅଧିକାରୀ ତଥା ଶିକ୍ଷକଶିକ୍ଷୟିତ୍ରୀ ଏହି ସଫଳତା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ଛାତ୍ରଛାତ୍ରୀମାନଙ୍କ କୃତିତ୍ୱ ଓ ସଫଳତା ପଛରେ ଅଭିଭାବକଗଣ ଓ ଅଧ୍ୟାପକଗଣଙ୍କ ଅର୍ଥାହ ଓ ଅଗାଧ ଅବଦାନ ପାଇଁ ଅଧ୍ୟକ୍ଷ ମୀନକେତନ ସେମାନଙ୍କୁ ହାର୍ଦ୍ଦିକ ପ୍ରଶଂସା କରିଥିଲେ। ପୁନଃ ଶ୍ରୀ ମୀନକେତନ ସମସ୍ତ ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରନିର୍ମାଣ ହେତୁ ଜଣେ ଜଣେ ଉତ୍ତମ ନାଗରିକ ହେବା ପାଇଁ ଆହ୍ୱାନ ଦେଇଥିଲେ।

## ଅନ୍ତର୍ଜାତୀୟ ଯୋଗ ଦିବସରେ ଉତ୍ତମ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୭।୬/ଏନ୍ଏନ୍ଏସ୍:** ଆନ୍ତର୍ଜାତୀୟ ଯୋଗ ଦିବସ ଶାରିରିକ, ମାନସିକ ଓ ଆଧ୍ୟାତ୍ମିକ ସୁସ୍ଥତା କ୍ଷେତ୍ରରେ ଯୋଗର ସାମଗ୍ରିକ ଲାଭକୁ ପାଳନ କରିଥାଏ। ବାଦାମ ହେଉଛି ଏଭଳି ଏକ ଉତ୍ସ ଯେଉଁଥିରେ ଅନେକ ଭିଟାମିନ ଓ ମିନେରାଲ ଓ ପ୍ରୋଟିନ ଭରି ରହିଛି। ଦୈନନ୍ଦିନ ଖାଦ୍ୟରେ ଏହାକୁ ସାମିଲ କରିବା ଯୋଗାଭ୍ୟାସ ପାଇଁ ସରଳ ଏବଂ ଏକ ପ୍ରଭାବୀ ମାଧ୍ୟମ ଅଟେ। ବାଦାମନ୍ୟୁଟ୍ରିସନର ପାୱାରହାଉସ ଅଟେ ଯେଉଁଥିରେ ୧୫ଟି ଜରୁରୀ ପୋଷକତତ୍ୱ ରହିଛି ଓ ଏହା ଅନେକ ସ୍ୱାସ୍ଥ୍ୟଗତ ଲାଭ ପ୍ରଦାନ କରିଥାଏ ବୋଲି ଡାଏଟେଟିକ୍ସ ରିତିକା ସମାଦର କହିଛନ୍ତି। ସେହିପରି ଏସ୍ ଅଲୀ ଖାନ କହିଛନ୍ତି, ଯୋଗ ଅଭ୍ୟାସକୁ ପୂରିପୂର୍ଣ୍ଣ କରିବା ପାଇଁ ଋତୁକାଳିନ ଫଳ, ପନିପରିବା, ଦହି ଓ ଆଲମଣ୍ଡରେ ପରିପୂର୍ଣ୍ଣ ଏକ ସନ୍ତୁଳିତ ଆହାରକୁ ଗୁରୁତ୍ୱ ଦେବା ଉଚିତ। ସେହିପରି ନ୍ୟୁଟ୍ରିସନ ଓ ୱେଲନେସ୍ କନ୍‌ସଲଟାଣ୍ଟ ଶୀଲା କ୍ରିଷ୍ଣାସ୍ୱାମୀ କହିଛନ୍ତି, ଯୋଗ ଭଳି ଶାରିରିକ ଅଭ୍ୟାସରେ ଏକ ସନ୍ତୁଳିତ ଆହାରକୁ ଅନ୍ତର୍ଭୁକ୍ତ କରାଯିବା ଉଚିତ।

ନିତିଦିନ NITIDIN

## ବ୍ୟବସାୟୀଙ୍କ ଠାରୁ ଝମ୍ପିନେଲେ ମୋବାଇଲ୍

**ନୟାହାଟ,୧୭।୬/ଏନ୍ଏନ୍ଏସ୍:** ରବିବାର ଯୋଗେଶ୍ୱରପୁର ବଜାରର ଜଣେ ଫଳ ବ୍ୟବସାୟୀଙ୍କ ଠାରୁ ରାତି ୧୨ଟାରେ ଦୁଇଜଣ ଲୁଟେରା ମୋବାଇଲ ଝମ୍ପି ନେଇଥିବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୁମାଳ ପଞ୍ଚାୟତର ଯୋଗେଶ୍ୱର ପୁର ବଜାର ରେ ଥିବା ନିଲୁ ଦାସ ନାମକ ଜଣେ ଫଳ ବେବ୍ୟସାଇ ଦୋକାନ ବନ୍ଦ କରି ଘରକୁ ଯିବା ସମୟରେ ଏକ ବାଇକ୍‌ରେ ଦୁଇଜଣ ଯୁବକ ତାଙ୍କଠାରୁ ମୋବାଇଲ ଝମ୍ପି ନେଇ କାକଟପୁର ଆଡ଼କୁ ଦ୍ରୁତଗତିରେ ଚାଲିଯାଇଥିଲେ। ଏ ସଂପର୍କରେ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କୁ ପଚାରିବାରେ ଘଟଣାର ତଦନ୍ତ ଚାଲିଥିବା ସେ କହିଥିଲେ।



### ନୂତନ ଡ୍ରେନ୍ ନିର୍ମାଣରେ ଅନିୟମିତତା ଅଭିଯୋଗ

# ଦୋକାନ ଭିତରେ ବେନିୟମ ଡ୍ରେନ୍ ନିର୍ମାଣ

**ଜଟଣୀ,୧୭।୬/ଏନ୍ଏନ୍ଏସ୍:** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନଂ ୮, ସର୍ଦ୍ଦାର ପଟେଲ ମାର୍ଗର ନୂତନ ଡ୍ରେନ ନିର୍ମାଣରେ ଅନିୟମିତତା ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ବାସିନ୍ଦା। ସୂଚନା ମୁତାବକ କାହା ସ୍ୱାର୍ଥରେ ଡ୍ରେନ ନିର୍ମାଣ। ଏଠି ଡ୍ରେନ ନିର୍ମାଣରେ ବ୍ୟବହୃତ ସାମଗ୍ରୀ ନିମ୍ନ ମାନର ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ବାସିନ୍ଦା। ଡ୍ରେନର ଗଭୀରତା ଏବଂ ଚଉଡା ସଠିକ ନ ଥିବା ସ୍ଥଳେ। ଡ୍ରେନର ନିର୍ମାଣରେ ପାତର ଅନ୍ତର ଅଭିଯୋଗ। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ପୂର୍ବରୁ ଏଠାରେ ଡ୍ରେନ୍‌ର ବ୍ୟବସ୍ଥା ଥିଲା। କିନ୍ତୁ ପୌର ପ୍ରଶାସନର ଅବହେଳା, ରକ୍ଷଣାବେକ୍ଷଣ ଅଭାବ ଏବଂ ଡ୍ରେନ୍ ଉପରେ କିଛି ସ୍ଥାନୀୟ ପ୍ରଭାବଶାଳୀ ତଥା ସ୍ଥାନୀୟ ବଜାରର କିଛି ଦୁଷ୍ଟ ପ୍ରକୃତିର ଲୋକ ଦୋକାନ ଗୃହକରି ପୁରାତନ ଡ୍ରେନ୍‌କୁ ସମ୍ପୂର୍ଣ୍ଣ ନଷ୍ଟ କରିଥିବା ନଜିର ଅଛି। ପୁରାତନ ଡ୍ରେନ୍‌କୁ ପୁନଃଉଦ୍ଧାର ନକରି ପୁନର୍ବାର ନୂତନ ଡ୍ରେନ



ନିର୍ମାଣ କାହା ସ୍ୱାର୍ଥରେ। ଆଶ୍ଚର୍ଯ୍ୟର ବିଷୟ ନୂତନ ଡ୍ରେନ ନିର୍ମାଣ ରାଜାବଜାର ରୁ ଜଟଣୀ ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ସର୍ଦ୍ଦାର ପଟେଲମାର୍ଗର ରାସ୍ତା କଡରେ ନିର୍ମାଣ ହେଉଥିବାରୁ ରାସ୍ତାର ବୁଲାଣି ସ୍ଥାନରେ ଚାରଟି ବେନିୟମ ଦୋକାନ ଘରକୁ ଉଚ୍ଛେଦ କରାନଯାଇ କେଉଁ ନିୟମ ଅନୁଯାଇ ଦୋକାନ ଗୃହ ମଝିରେ ଡ୍ରେନ ନିର୍ମାଣ କରିବା ଚର୍ଚ୍ଚାର ବିଷୟ ପାଲଟିଛି। ବେନିୟମ ଦୋକାନ ଘର ଉଚ୍ଛେଦ ନ ହେବା ଦ୍ୱାରା ରାସ୍ତା ମଧ ସଂକୁଚିତ ହେବାରେ ଲାଗିଛି କ୍ଷଏଠି ସମସ୍ତେ ଚୁପ ଏହିପରି ନିର୍ମାଣ ପାଇଁ ଦାୟି କିଏ। ସ୍ଥାନୀୟ ବୁଦ୍ଧିଜୀବିଙ୍କ ମତରେ କହିବ କାହାକୁ ଶୁଣିବ କିଏ? ସମସ୍ତେ ଏକାକାର। ପୌରପରିଷଦର ଯନ୍ତ୍ରୀଠାରୁ ଆରମ୍ଭ କରି ଠିକାଦାର, ସ୍ଥାନୀୟ କାଉନସିଲର ଏବଂ ପୌରାଧକ୍ଷ ବେନିୟମ ଦୋକାନ ଘରକୁ ବଞ୍ଚାଇ ଡ୍ରେନ ନିର୍ମାଣ ପାଇଁ ଦୋକାନ ମାଲିକଙ୍କ ଠାରୁ କେତେ ଟଙ୍କା ଉକ୍ତଚ ନେଇଛନ୍ତି ନା ଦୋକାନ ମାଲିକ କେଉଁ ରାଜନେତାଙ୍କ ବାହୁ ଛାୟାର ତଳେ ରହି ନେତାଙ୍କ ଚାପରେ ଏଭଳି କାର୍ଯ୍ୟ ହେଉଛି ତାହା ସାଧାରଣରେ ଚର୍ଚ୍ଚା। ଏଠି ପୌରପରିଷଦକୁ ପ୍ରତ୍ୟକ ଦୁର୍ନୀତି ମୂଳକ କାର୍ଯ୍ୟକୁ ଅଭିଯୋଗ କଲେ ପୌରପରିଷଦ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ନାହିଁ। ଏଠି ପୌରାଧକ୍ଷ ସର୍ବେସର୍ବା। ପୌରପରିଷଦର ନୂତନ ନିର୍ବାଚିତ କାଉନସିଲର ମାନେ ପୌରାଧକ୍ଷଙ୍କ ଦ୍ୱାରା ଚାବି ଚାଳିତ କଣ୍ଢେଇ କହିଲେ ଅତ୍ୟୁକ୍ତି ହେବନାହିଁ। ଉନ୍ନତି ଯୋଜନା ନାମରେ ପୌରପରିଷଦ ହରିଲୁଟ କରୁଥିବା ଅଭିଯୋଗ ହେଉଅଛି। ଏଭଳି କାର୍ଯ୍ୟ ପ୍ରତି ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

## ଭିତ୍ତିପ୍ରସ୍ତର ସ୍ଥାପନକୁ ଛଅ ବର୍ଷ ବିତିଲା, କାର୍ଯ୍ୟକ୍ଷମ ହେଉନି କେନ୍ଦୁପାଟଣା ଡାଏରୀ

**ନିଶ୍ଚିନ୍ତକୋଇଲି,୧୭।୬/ଏନ୍ଏନ୍ଏସ୍:** ଗୋଚାଷୀମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା କରିଚାଲିଥିଲା ବେଳେ ବିଗତ ବିଜୁ ଜନତା ଦଳ ସରକାର ସମୟରେ ଓମ୍‌ଫେଡ୍ ଓ ସରକାରଙ୍କ ମିଳିତ ଉଦ୍ୟମରେ କେନ୍ଦୁପାଟଣାଠାରେ ଦୈନିକ ୨୦ ହଜାର ଲିଟର କ୍ଷମତା ସମ୍ପନ୍ନ ଓମ୍‌ଫେଡ୍ କାର୍ଯ୍ୟକ୍ଷମ ହୋଇପାରିନି। ବର୍ତ୍ତମାନ ସରକାର ଗୋଚାଷୀମାନଙ୍କ ପାଇଁ ପ୍ରୋତ୍ସାହନ ଯୋଗାଉଥିଲା ବେଳେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଅନ୍ୟ ରାଜ୍ୟ ତୁଳନାରେ ଓଡିଶା ଏକ ପ୍ରମୁଖ ଅଂଶ ଗ୍ରହଣ କରିବ ବୋଲି ରାଜ୍ୟ ସରକାର କହୁଥିଲାବେଳେ କେବେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ କେନ୍ଦୁପାଟଣାଠାରେ ନବ ନିର୍ମିତ ଓମ୍‌ଫେଡ୍ କାର୍ଯ୍ୟକ୍ଷମ ହେବ ତାହା ନେଇ ଗୋଚାଷୀଙ୍କ ମନରେ ନାନା କଳ୍ପନାଜଳ୍ପନା ସୃଷ୍ଟି ହୋଇଛି। ଯଦି ଏହି ଡାଏରୀ କାର୍ଯ୍ୟକ୍ଷମ ହୁଏ ତାହା ହେଲେ ଆଖପାଖ ଅଞ୍ଚଳର ବହୁ ଦୁଗ୍ଧ ଚାଷୀ ଉପକୃତ ହେବା ସହ ଏହି ସଂସ୍ଥାରେ ବହୁ ନିଯୁକ୍ତି ସୃଷ୍ଟି ହୋଇ ପାରିବ ବୋଲି ମତ ପ୍ରକାଶ ପାଇଛି। ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ଡାଏରୀର ଗୃହ କାର୍ଯ୍ୟ ଓ ବାଉଣ୍ଡରୀ ୱାଲ କାମ ଶେଷ ହୋଇଥିଲେ ମଧ ତାହା କାର୍ଯ୍ୟକ୍ଷମ ହୋଇ ପାରୁନି। ନିକଟ ଅତୀତରେ ବର୍ତ୍ତମାନର ରାଜ୍ୟ ବିଜେପି ସରକାର ଗୋଚାଷୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ସରକାରୀ ରିହାତି ଥାଇ ଋଣ ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି। ଏଥିରେ ଗୋଚାଷୀ ଗୁହାଳ କରିବା ସହ ଗାଈ କିଣି ତା'ର ଆର୍ଥିକ ମାନଦଣ୍ଡ ବୃଦ୍ଧି କରିପାରିବେ। ମଣ୍ଡଳ ପ୍ରାଣୀ ଚିକିତ୍ସା କେନ୍ଦ୍ର ପକ୍ଷରୁ ମଣ୍ଡଳ ସ୍ତରୀୟ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଗୋଚାଷୀମାନଙ୍କୁ ନେଇ କରାଯାଉଛି। ହେଲେ ସ୍ଥାନୀୟ ଅଞ୍ଚଳର ଗୋଚାଷୀମାନଙ୍କ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ କେନ୍ଦୁପାଟଣା ଡାଏରୀ (ଓମ୍‌ଫେଡ୍)




ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ପାରୁନାହିଁ। ଶୁଭ ଶିଳାନ୍ୟାସର ୫ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଗଲା ହେଲେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ କି ଗୋଚାଷୀମାନେ ଉପକୃତ ହୋଇ ପାରିଲେ ନାହିଁ। ଗୋଚାଷୀ କ୍ଷୀର ବିକ୍ରୟ କରିବା ପାଇଁ ବିଭିନ୍ନ ଘରୋଇ ଶିଳ୍ପକୁ କମ୍‌ଦରରେ କ୍ଷୀର ବିକ୍ରି କରି ଦାନା କିଣି ଚାଷୀଟିଏ କ୍ଷତିରେ ରହୁଥିବାର ଅଭିଯୋଗ ଆଣୁଛନ୍ତି। କେବେ କାର୍ଯ୍ୟକ୍ଷମ ହେବ ବୋଲି ନୂତନ ଓମ୍‌ଫେଡ୍ ଡାଏରୀ ଫାର୍ମ ଦୁଗ୍‌ଧ ଚାଷୀମାନଙ୍କ ମହଲରେ ଆଲୋଚନା ହେଉଛି। ସେପଟେ ରାଜ୍ୟ ସରକାର ଗୋଚାଷୀଙ୍କର ଦୁଗଧ ବିକ୍ରୟ କରିବା ପାଇଁ ଆଖପାଖ ଅଞ୍ଚଳରେ କୌଣସି ସୁବିଧା ନଥିବାରୁ ବିଭିନ୍ନ ଘରୋଇ ଉଦ୍ୟଗରେ ବିକ୍ରି କରି କ୍ଷତି ସହୁଥିବାର ଜଣାଯାଇଛି। ଦୁଗ୍ଧ ଚାଷୀମାନଙ୍କ ପାଇଁ ରାଜ୍ୟ ସରକାର କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି।

## ନାଟ୍ୟ ନିର୍ଦ୍ଦେଶକ ସମ୍ବର୍ଦ୍ଧିତ



**ଫୁଲନଖରା,୧୭।୬/ଏନ୍ଏନ୍ଏସ୍:** କଟକ ସଦର ବୟାଳିଶମୌଜା କୂଳସରିଚୁଆଁ ଗ୍ରାମ ନିବାସୀ ବିଶିଷ୍ଟ ସମାଜସେବୀ, ପରିବେଶବିତ୍, ଖ୍ୟାତି ସମ୍ପନ୍ନ ନାଟ୍ୟ ନିର୍ଦ୍ଦେଶକ, ଲୋକପ୍ରିୟ ଅଭିନେତା, ସାହିତ୍ୟିକ, ସଙ୍ଗଠକ ତଥା ଆମର ଅତ୍ୟନ୍ତ ପ୍ରିୟ ମଣିଷ, ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ପ୍ରାଣ, ମାଟି ମନସ୍କ, ଅହଙ୍କାର ସକରାତ୍ମକ ମାନସିକତା ବିଜଡ଼ିତ, ପୂଜ୍ୟପୂଜା ସଂସ୍କୃତି ପ୍ରାଣ, ସର୍ଜନଶୀଳ, ସୃଜନଶୀଳ, ସହନଶୀଳ, ସମଧର୍ମାବତ୍ସଳ, ସକରାତ୍ମକ ସାରସ୍ୱତ ସାଧକ ସମରେନ୍ଦ୍ର କୁମାର ମହାପାତ୍ରଙ୍କ ୫୫ତମ ଶୁଭ ଜନ୍ମଦିନର ଅବସରରେ ବିଭିନ୍ନ ସଙ୍ଗଠନ ଓ କଳାକାରମାନଙ୍କ ପକ୍ଷରୁ ଶୁଭାଭିନନ୍ଦନ ଜଣାଇବା ସହ ଉଲ୍ଲେଖନୀୟ କୃତିତ୍ୱ ନେଇ ସମ୍ବର୍ଦ୍ଧିତ କରାଯାଇଛି। ସୂଚନାଯୋଗ୍ୟ କଟକ ସଦର ଅଞ୍ଚଳରେ ସେବା, କଳା, ସାହିତ୍ୟ, ସଂସ୍କୃତିର ବିକାଶ, ମେଧା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଓ ପୂଜ୍ୟପୂଜା ଆଦି ବିଭିନ୍ନ ଦିଗରେ ଦୀର୍ଘଦିନ ଧରି ସେ ସାଧନାରତ ଜଣେ ଉଦାହରଣୀୟ ମହାନ୍ ବ୍ୟକ୍ତିତ୍ୱ।

## ରଜ ମହୋତ୍ସବ ପାଳିତ



**ଅସ୍ତରଙ୍ଗ,୧୭।୬/ଏନ୍ଏନ୍ଏସ୍:** ରଜ ପର୍ବ ଓଡ଼ିଶାର ଗାଁ ଗଣ୍ଡାରେ ବେଶ ଧୁମ୍‌ଧାମ୍‌ରେ ତିନିଦିନ ବ୍ୟାପି ପାଳିତ ହେଉଥିବା ଅବସରରେ ଅସ୍ତରଙ୍ଗ ବ୍ଲକ କେରେଣ୍ଡିଆପାଳ ଗ୍ରାମରେ ଏହି ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଓ ସମାଜସେବୀ ବିଜୟ କୁମାର ବିଶ୍ୱାଳ, ଅନ୍ନଦା କୁମାର ବେହେରା, ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କିଶୋର ପୃଷ୍ଟି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ସହ ପ୍ରଧାନାଚାର୍ଯ୍ୟା ଜୟନ୍ତୀବାଳା ନନ୍ଦ, ଆଚାର୍ଯ୍ୟା ସୁଶ୍ରୀ ପ୍ରତିଭା ବିଶ୍ୱାଳ, ଗ୍ରାମ୍ୟ କମିଟି ସଭାପତି ତଥା ବରିଷ୍ଠ ଅଧ୍ୟାପକ ସୁରେନ୍ଦ୍ର କୁମାର ମାଣିକ, ଆଇନଜୀବି ବିରେନ କୁମାର ମହାନ୍ତି, କ୍ଷେତ୍ର ମୋହନ ଗିରି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶଙ୍ଖ ଧ୍ୱନି, ହୁଳହୁଳି, ରଜ ପୋଡ଼ ପିଠା, ପୁଚି ଖେଳ, ଦଉଡି ଡ଼ିଆ, ଜଣା ଅଜଣା, ଅନ୍ତାକ୍ଷରୀ ଏବଂ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଉତ୍ସବକୁ ସୁଶ୍ରୀ ସୁମନ ସରିତା ମାଣିକ, ଦିବ୍ୟା ଦିବ୍ୟଜ୍ୟୋତି ମହାନ୍ତି ସଂଯୋଜନା କରିଥିଲେ।

## ଲିଟିଲ୍ ଷ୍ଟାର୍ ଗ୍ରୁପ୍‌ର ପ୍ରତିଷ୍ଠା ଦିବସରେ ସାହିତ୍ୟ ଆସର

**ନିମାପଡ଼ା,୧୭।୬/ଏନ୍ଏନ୍ଏସ୍:** ନିମାପଡ଼ାର ଅଗ୍ରଣୀ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପ୍‌ର ୨୩ତମ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଭୁବନେଶ୍ୱର ସହଯୋଗରେ ରଜ ଉତ୍ସବ ସାହିତ୍ୟ ଆସର ରବିବାର ସ୍ଥାନୀୟ ବାବା କପିଳେଶ୍ୱର ଦେବଙ୍କ ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି। ଲିଟିଲ୍ ଷ୍ଟାର ଗ୍ରୁପ୍ ତଥା 'ମୋ ଆଶା' ସାହିତ୍ୟ ପତ୍ରିକାର ସଂପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ପିଲାମାନେ ଗପ, କବିତା ଆବୃତି କରିବା ସହ ରଜ ଓ ରଥଯାତ୍ରାକୁ ବିଭିନ୍ନ ଚିତ୍ର ଆଙ୍କି ଥିଲେ। ପରେ ଆୟୋଜିତ ସାମରୋହରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଣବ ସ୍ୱାଇଁ, ନିର୍ଝରିଣୀ ନାୟକ, ସମାଜସେବୀ କୃଷ୍ଣଚନ୍ଦ୍ର ନାୟକ, ପ୍ରକାଶ ଚନ୍ଦ୍ର ଖଟୋଇ, କବି କାଳିକିଙ୍କର, ଶିକ୍ଷକ ନିର୍ମଳ ମିଶ୍ର, ବସନ୍ତ ସ୍ୱାଇଁ, ସଂଯୁକ୍ତା ମହାନ୍ତି, ଫାର୍ମାସିଷ୍ଟ ଆଇ ତ୍ରିନାଥ ପାତ୍ର ପ୍ରମୁଖ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି



ଅବସରରେ ଡ଼. ମନୋରଂଜନ ମହାପାତ୍ର, ସାମ୍ବାଦିକା ଶତରୂପା ସାମନ୍ତରାୟ, ଶିକ୍ଷୟିତ୍ରୀ ନିବେଦିତା ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ଗଳ୍ପ, କବିତା ପାଠ ଓ ଚିତ୍ରାଙ୍କନର କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗ୍ରୁପ ପକ୍ଷରୁ ଅଜୟ ମିଶ୍ର, ସୁନନ୍ଦ ରାଉତରାୟ, ଧର୍ମପଦ ଦାସ, ସାରଦା ପ୍ରସନ୍ନ ବେହେରା, ନିରଞ୍ଜନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀଙ୍କ ସମେତ ସାହିତ୍ୟ ଅନୁରାଗୀ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।

## ବେତନ ବୃଦ୍ଧି ଦାବିରେ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ପ୍ରଥପ୍ରାନ୍ତ ସଭା

**ଆଠଗଡ଼,୧୭।୬/ଏନ୍ଏନ୍ଏସ୍:** ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ, ରାଜ୍ୟ ସଂଘର ସଭାପତି ବିଶ୍ୱରଂଜନ ଦାସଙ୍କ ଆହ୍ୱାନକ୍ରମେ ଆଠଗଡ ଖଣ୍ଡ ସଂଯୋଜକ ରଞ୍ଜିତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏକ ପଥପ୍ରାନ୍ତ ସଭା ସ୍ଥାନୀୟ ମହିଳା ମହାବିଦ୍ୟାଳୟ ଛକଠାରେ କରି ସେମାନଙ୍କ ବେତନକୁ ନେଇ ସରକାର ଟାଳଟୁଳ ନୀତି କୁ ନେଇ ଅନୁଷ୍ଠିତ ହୋଇଯାଇଛି କ୍ଷ ସଭାରେ ଜିଲ୍ଲା ସଂଯୋଜକ କେଶବ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ ଦେଇ ସଂଘର ଦାବି ସଂପକରେ ସାଧାରଣରେ ସଚେତନତା କରାଇଥିଲେ। ସଂଘ କରିଥିବା ଦାବି ଅନୁଯାୟୀ ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ମାନେ ଦୀର୍ଘ ୧୫ ବର୍ଷ ହେଲା କାର୍ଯ୍ୟକରି କଲେଜରୁ ୨୦୦୦ ରୁ ୫୦୦୦ ବେତନ ପାଇଥାନ୍ତି ଯାହାକି ଅଜିର ଦୁନିଆରେ ଚଳିବ ବା ନିଜର ଗୁଜୁରାଣ ମେଣ୍ଟାଇବା ନିତ୍ୟାନ୍ତ କଷ୍ଟ ଦାୟକ। ସଂଘ ଏହା ପୂର୍ବରୁ ଭୁବନେଶ୍ୱର ଲୋୟାର



ପିଏମଜୀଠାରେ ୪୯୭ଦିନ ଆହୋରାତ୍ର ଧାରଣା ଦେଇଥିଲେ ମଧ ବିଗତ ସରକାର ପ୍ରତିଶ୍ରୁତି ଦେଇଥିଲେ ଇଲେକ୍ସନ ପୂର୍ବରୁ ନୂତନ ଆଦେଶ ନାମା ବାହାରିବ। କିନ୍ତୁ ତାହା କାର୍ଯ୍ୟରେ ପରିଣତ ହୋଇପାରିନଥିଲା। ଏବେ ସଂଘ ଲୋକ ସମର୍ଥନ ହାସଲ କରିବା ପାଇଁ ସମଗ୍ର ରାଜ୍ୟରେ ସବୁ ବ୍ଲକରେ ପଥପ୍ରାନ୍ତ ସଭା ଅନୁଷ୍ଠିତ କରି ଲୋକଙ୍କୁ ସଚେତନ କରାଇବା ସହିତ ହୋଇଚାଲିଛି। ଯଦି ଲୋକଙ୍କ ସରକାର ୨୦୦୮ ରୁ ୨୦୧୮ ପର୍ଯ୍ୟନ୍ତ ନୂତନ ଅନୁଦାନ ନୀତି ବାହାର ନ କରନ୍ତି ଆଗାମୀ ଦିନରେ ଯାହା ଅପ୍ରୀତିକର ପରିସ୍ଥିତି ରାଜରାସ୍ତାରେ ସୃଷ୍ଟି ହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଜିଲ୍ଲା ସଂଯୋଜକ କେଶବ ଚନ୍ଦ୍ର ସାହୁ କହିଥିଲେ। ଏଥିରେ ଆଠଗଡ ଖଣ୍ଡରେ ଥିବା ୧୪ ଗୋଟି କଲେଜର ପ୍ରାୟ ସମସ୍ତ ପରିଚାଳନା କମିଟିଦ୍ୱାରା ନିଯୁକ୍ତ ପାଇଥିବା ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ବହୁମାତ୍ରାରେ ଯୋଗଦାନ କରିଥିଲେ।

## ଓଡ଼ଗାଁ କଲେଜରେ ଖୋଲିଲା ଯୁକ୍ତଦୁଇ ବାଣିଜ୍ୟ ପାଠ୍ୟକ୍ରମ

**ଓଡ଼ଗାଁ,୧୭।୬/ଏନ୍ଏନ୍ଏସ୍:** ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟରେ ନୂତନ ଭାବେ ଯୁକ୍ତ ୨ ବାଣିଜ୍ୟ (କମର୍ସ) ବିଭାଗ ଖୋଲିଛି। ଯାହାଦ୍ୱାରା ଓଡ଼ଗାଁ ଅଞ୍ଚଳର ମେଧାବୀ ଛାତ୍ରଛାତ୍ରୀମାନେ ଚଳିତବର୍ଷ ଠାରୁ ବାଣିଜ୍ୟ ବିଭାଗରେ ନାମ ଲେଖାଇବା ସହ ପାଠପଢିବାର ସୁବିଧା ପାଇପାରିବେ। ପ୍ରଥମ ପର୍ଯ୍ୟାୟରେ ସମୁଦାୟ ୩୨ ଗୋଟି ସିଟରେ ନାମ ଲେଖାଇବା ପାଇଁ ବିଭାଗ ପକ୍ଷରୁ ଅନୁମତି ମିଳିଛି। ଛାତ୍ରଛାତ୍ରୀମାନଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଏହା ବୃଦ୍ଧି ହେବବୋଲି ଜଣାପଡିଛି। ଏ ନେଇ ରାଜ୍ୟସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ହୋଇଛି। ସୂଚନା ଅନୁଯାୟୀ ୧୯୭୯ ମସିହା ଠାରୁ ଓଡ଼ଗାଁ କଲେଜରେ ଯୁକ୍ତ ୨ ବାଣିଜ୍ୟ ପାଠ୍ୟକ୍ରମ ଆରମ୍ଭ ହୋଇଥିବା ୨୦୦୪ ପର୍ଯ୍ୟନ୍ତ ଏହା ଚାଲିଥିଲା। ସ୍ୱଳ୍ପ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ନାମଲେଖା ଯୋଗୁଁ ଏହା ୨୦୦୫ ମସିହା ଠାରୁ ବନ୍ଦରହିଥିଲା। ଯାହା ଫଳରେ ବାଣିଜ୍ୟ ପାଠ୍ୟକ୍ରମ ପଢିବା ନିମନ୍ତେ ଆଗ୍ରହ ପ୍ରକାଶ କରୁଥିବା ଛାତ୍ରଛାତ୍ରୀ ନିରାଶ ହେବାସହ ବହୁ ଦୂରଦୂରାନ୍ତକୁ ଗମନ କରୁଥିଲେ। ବାଣିଜ୍ୟ ପାଠ୍ୟକ୍ରମ ଖୋଲିବା ନିମନ୍ତେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଦୀର୍ଘଦିନ ଧରି ଦାବି କରି ଆସୁଥିଲେ। ଦୀର୍ଘ ୨୦ ବର୍ଷ ପରେ ପୁଣି ଥରେ ନୂତନକରି ଯୁକ୍ତ ୨ ବାଣିଜ୍ୟ ବିଭାଗ ଖୋଲିବା ନେଇ ଖବର ପ୍ରସାରିତ ହେବାପରେ କଲେଜ କର୍ତ୍ତୃପକ୍ଷ ଓ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ତୈଳିକ ବୈଶ୍ୟ ସମାଜର ରଜୋତ୍ସବ

**ସାକ୍ଷୀଗୋପାଳ,୧୭।୬/ଏନ୍ଏନ୍ଏସ୍:** ଦାସବିଦ୍ୟାଧରପୁର ଗ୍ରାମ ପଞ୍ଚାୟତ ଅଧୀନ ବସନ୍ତପୁର ଠାରେ ଏଗାର ସାହି ତୈଳିକ ବୈଶ୍ୟ ସମାଜର ଏକ ବୈଠକ ଓ ରଜୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବରିଷ୍ଠ ବୁଦ୍ଧିଜୀବୀ ବୃନ୍ଦାବନ ସାହୁ ସଭାପତିତ୍ୱ କରିଥିଲେ। ଏଗାର ସାହି ତୈଳିକ ବୈଶ୍ୟ ସମାଜର ସମ୍ପାଦକ ଶିକ୍ଷାବିତ୍ ନିରଞ୍ଜନ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବୈଠକରେ ରଜୋତ୍ସବର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ୍ ପୂର୍ବକ ବୈଶ୍ୟ ସମାଜର ଆଗାମୀ ଉନ୍ନୟନ ମୂଳକ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଶ୍ୟ ସମାଜର ମୂଳକ ହାକିମ୍ ତ୍ରିନାଥ ସାହୁ ବୈଠକ ଗୃହ ଜମିର ମାଲିକାନା ପରିବର୍ତ୍ତନ



କରାଇ ବୈଶ୍ୟ ସମାଜ ନାମରେ କରାଯିବା ପାଇଁ ସମ୍ମତି ପ୍ରଦାନ କରିଥିଲେ। ବର୍ଷୀୟାନ ନାଗରିକ ଦୀନବନ୍ଧୁ ସାହୁ, ହରିହର ସାହୁଙ୍କ ସହ ପ୍ରାୟ ୧୦ଜଣଙ୍କୁ ବୈଠକରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନାରେ ବଂଶୀଧର ସାହୁ, ଗୋବିନ୍ଦ ସାହୁ, ଈଶ୍ୱର ସାହୁ, ପ୍ରହଲ୍ଲାଦ ବେହେରା, ହରମୋହନ ସାହୁ, ଲକ୍ଷ୍ମୀଧର ସାହୁ, ଗୋପାଳ ସାହୁ ଓ ଅନ୍ୟମାନେ ସହଯୋଗ କରିଥିଲେ। ଶେଷରେ ପୂର୍ଣ୍ଣଚନ୍ଦ୍ର ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କଣ୍ଟିଲୋରେ ବିକାଶ ବାହନ ରଥ ପରିକ୍ରମା

**କଣ୍ଟିଲୋ,୧୭।୬/ଏନ୍ଏନ୍ଏସ୍:** ରାଜ୍ୟରେ ବିଜେପି ସରକାରଙ୍କ ଶାସନର ଏକ ବର୍ଷ ଓ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ରେ ବିକାଶ ର ବାର୍ତ୍ତା ପ୍ରଚାର କରିବା ପାଇଁ ବିକାଶ ବାହନ ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତରେ ଗାଡି ବୁଲାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ସୋମବାର ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ କଣ୍ଟିଲୋ ପଞ୍ଚାୟତର ସମସ୍ତ ଆଶାକର୍ମୀ, ଏମବିକେ ଓ ଅଙ୍ଗନବାଡି କର୍ମୀଙ୍କ ସହିତ ଶତାଧିକ ମହିଳା ଓ ବରିଷ୍ଠ ନାଗରିକ ଏକତ୍ରିତ ହୋଇ ବିକାଶ ବାହନକୁ ବନ୍ଦାପନା କରି ସ୍ୱାଗତ କରିଥିଲେ। କଣ୍ଟିଲୋ ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ସସ୍ମିତା ବେହେରା ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ବରିଷ୍ଠ ନାଗରିକ ମାନଙ୍କୁ ପ୍ରଧାନମନ୍ତ୍ରୀ ୱୟୋ ବନ୍ଦନା ରେ ଅନ୍ତର୍ଭୁକ୍ତ କରିବା ପାଇଁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସରରେ ଉପସ୍ଥିତ ଥିବା ୭୦ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ ଓ



ବୃଦ୍ଧାଙ୍କୁ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ମାନଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା କରି ଯୋଜନାରେ ଅନ୍ତର୍ଭୁକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ସ୍ୱାସ୍ଥ୍ୟ କର୍ମୀ ଜ୍ୟୋସ୍ନାରାଣୀ ପ୍ରଧାନ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଭିଇଏଲ୍ ସନ୍ତୋଷ କୁମାର ବେହେରା ଯୋଗଦେଇ ୨୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ବୟୋ ବନ୍ଦନାରେ ସାମିଲ କରିଥିଲେ। ଭିଡିଓ ମାଧମରେ ସରକାରଙ୍କ କାର୍ଯ୍ୟକଳାପର ଅଗ୍ରଗତି ସମ୍ପର୍କୀୟ ତଥ୍ୟ ପ୍ରସାରିତ କରାଯାଇ ସରକାରଙ୍କ ବିଭିନ୍ନ ଯୋଜନା ଜାଣିବା ସଙ୍ଗେ ସଙ୍ଗେ ଇ-ସେବା ମାଧମରେ ଆଧାର କାର୍ଡ ଓ ଆଧାର ସଂଶୋଧନ, ଆୟୁଷ୍ମାନ କାର୍ଡ, ଇ କେ ୱାଇସି ଆଦିର ସୁଯୋଗ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା।

### ୨୬ତମ କୋଣାର୍କ ରଜ ଉତ୍ସବର ତୃତୀୟ ଦିବସ

# ଭଗବତୀ ପୀଠ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ

**କୋଣାର୍କ,୧୭।୬/ଏନ୍ଏନ୍ଏସ୍:** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ମା ଭଗବତୀ ପୀଠରେ ଆଜି ଥିଲା ୨୬ତମ ରଜ ଉତ୍ସବର ତୃତୀୟ ଦିବସ। ସାମାଜିକ ସଂଗଠନ ଅର୍କଶ୍ରୀର ସଂପାଦକ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରଜ ଉତ୍ସବର ତୃତୀୟ ଦିବସରେ ଅତିଥି ଭାବରେ ଗବେଷକ ସଂଜୟ କୁମାର ବରାଳ, କୋଣାର୍କ ଜବାହର ନବୋଦୟ ବିଦ୍ୟାଳୟର ଅଧକ୍ଷ ବିଶ୍ୱନାଥ ଖିଲାରୀ, ବରିଷ୍ଠ ପ୍ରଶାସିକା କୁସୁମ କୁମାରୀ ସିଂ, ପ୍ରାକ୍ତନ ସହକାରୀ ଶିକ୍ଷା ଅଧିକାରୀ ସ୍ୱର୍ଣ୍ଣଲତା ତ୍ରିପାଠୀ, କୋଣାର୍କ ରଜ ଉତ୍ସବର ଅଭ୍ୟର୍ଥନା କମିଟି ଅଧକ୍ଷ ପ୍ରଫୁଲ୍ଲ କୁମାର ପାତ୍ର ଓ ରାମଚଣ୍ଡୀ ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରର ଅଧିକାରୀ ବିଚିତ୍ର କୁମାର ଚୌଧୁରୀ ପ୍ରମୁଖ ଯୋଗଦେଇ କୃଷି, ଭାଇଚାରା, ଐତିହ୍ୟ ଓ ଗଣପର୍ବ ରଜ ଉତ୍ସବର ଉତ୍କଳୀୟ ପର୍ବପର୍ବାଣୀ ଓ ସଂସ୍କୃତିର ଏକ ମହାନ ପର୍ବ ଭାବେ ପୁରପଲ୍ଲୀରେ ସୁଖ୍ୟାତି ଅର୍ଜନ କରିଥିବା ବେଳେ ଐତିହ୍ୟ ଓ ସଂସ୍କୃତିର ପ୍ରତୀକ ଭାବରେ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖିବା ପାଇଁ ଏକ ମାଇଲି ଖୁଣ୍ଟ ସଦୃଶ ବୋଲି ଅଭିହିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଅତିଥି ମାନେ ରଜ ପାନ ଓ ରଜ ଦୋଳି ଖେଳି ମଜା ନେଇଥିଲେ। ହଜାର ହଜାର ସଂଖ୍ୟା




ରେ ମହିଳା ଓ ଝିଅ ମାନେ ଆସି ଆଜି ଦିନ ତମାମ ରଜ ଦୋଳି ଖେଳି ମଜା ଉଠାଇଥିଲେ। ସମଗ୍ର ଭଗବତୀ ପୀଠ ଆଜି ଲୋକରଣ୍ୟ ହୋଇପଡିଥିଲା। କୋଣାର୍କ ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଛି। କୋଣାର୍କ ସତ୍ୟ ସାଇ ସେବା ସମିତିର ଆବାହକ ବାମଦେବ ଆଲୁକ, ବରିଷ୍ଠ ସମାଜସେବୀ ରାମକୃଷ୍ଣ ମହାନ୍ତି ଓ ଅଧ୍ୟାପକ ଅରବିନ୍ଦ ସାହୁଙ୍କ ନେତୃତ୍ୱରେ ରଜ ଉତ୍ସବ ଅବସରରେ ୩ ଦିନ ଧରି ଭଗବତୀ ପୀଠରେ ଜଳଛତ୍ର ମାଧମରେ ପାନୀୟ ଜଳ ଦହି ସର୍ବତ ବଣ୍ଟନ କରାଯାଇଥିଲା। ରଜ ଉତ୍ସବର ତୃତୀୟ ଦିବସରେ ଚେତନା ଧର୍ମୀ ସାଂସ୍କୃତିକ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ସରକାର ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ପ୍ରତାପ ରାଉତ ସଂଯୋଜନା କରିଥିବା ବେଳେ ବରିଷ୍ଠ ଆଇନଜୀବୀ ସୁରେଶ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଅଜିତ ମଲ୍ଲିକ, ବରିଷ୍ଠ ଶିକ୍ଷକ ଗନ୍ଧର୍ବ ସେନାପତି, ପଞ୍ଚାନନ ବରାଳ, ରାନୁ ରାଓ, ସବିତା ରଥ, ସୁଦର୍ଶନ ମଲ୍ଲିକ, କାମଦେବ ବିଶ୍ୱାଳ ଓ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।


ନିତି ଭାରତୀ

ସାଧୁତା ଏକ ବହୁମୂଲ୍ୟ ଉପହାର, ଶସ୍ତା ଲୋକଙ୍କଠାରୁ ଏହା ଆଶାକର ନାହିଁ।
- ପ୍ରବାଦ

ନିତିଦିନ NITIDIN
ବୁଧବାର, ୧୮ ଜୁନ୍ ,୨୦୨୫

# ଯୁଦ୍ଧୋନ୍ମାଦ ପାକିସ୍ତାନ

କାଶ୍ମୀରର ପହଲଗାମ୍ ଉପତ୍ୟକାରେ ଏପ୍ରିଲ ୨୨ର ଅମାନୁଷିକ ଆତଙ୍କବାଦୀ ଆକ୍ରମଣର ସମୁଚିତ ପ୍ରତିଶୋଧ ନେଇଛି ଭାରତ 'ଅପରେସନ ସିନ୍ଦୂର' ମାଧ୍ୟମରେ। ସେନା କାର୍ଯ୍ୟାନୁଷ୍ଠାନ ଯେ ଅତ୍ୟନ୍ତ ସୁଚିନ୍ତିତ ଓ ଯୋଜନାବଦ୍ଧ ଭାବେ ଉଚିତ ସମୟରେ କରାଯାଇଛି, ସେଥିରେ ସନ୍ଦେହ ନାହିଁ। ସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଲକ୍ଷ୍ୟ ସୁନିର୍ଦ୍ଦିଷ୍ଟ କରି ଅତ୍ୟାଧୁନିକ ଉନ୍ନତ ଯୁଦ୍ଧାସ୍ତ୍ରରେ ଆତଙ୍କବାଦୀଙ୍କ ଶିବିରକୁ ଧ୍ୱଂସ କରାଯାଇଛି। ଏଥିରେ କୌଣସି ପାକିସ୍ଥାନୀ ସାମରିକ ଘାଟି ବା ସାଧାରଣ ଜନତାଙ୍କ ଭିତ୍ତିଭୂମିକୁ ଲକ୍ଷ୍ୟବିଦ୍ଧ କରାଯାଇ ନାହିଁ। ଭାରତ ସରକାର ଏହି ସାମରିକ କାର୍ଯ୍ୟାନୁଷ୍ଠାନକୁ 'ସୁନିୟମିତ' 'ଅଣଉତ୍ତେଜନାମୂଳକ' ଓ 'ମପାଚୁପା' ବୋଲି ବର୍ଣ୍ଣନା କରିଛନ୍ତି। ଏହା ନିଶ୍ଚିତ ଭାବେ ଆକ୍ରମଣକୁ ନ୍ୟାୟସଙ୍ଗତ ବୋଲି ଆନ୍ତର୍ଜାତିକ ସ୍ତରରେ ଉତ୍ତମ ବାର୍ତ୍ତା ଦେବ। ଏଥିରୁ ପ୍ରତୀୟମାନ ହୁଏ, ଭାରତର ସଂସ୍କୃତି ସଦା ପ୍ରଜ୍ୱଳିତ ଓ ଗୌରବାନ୍ୱିତ ଅଟେ। ଅବଶ୍ୟ ସମ୍ପ୍ରତି ଦୁଇ ଦେଶର ସହମତି କ୍ରମେ 'ଯୁଦ୍ଧ ବିରତି' ଘୋଷଣା କରାଯାଇଛି। ମାତ୍ର ଯୁଦ୍ଧୋନ୍ମାଦ ଓ ସମର ବିଳାସୀ ପାକିସ୍ତାନୀ ନେତା ଓ ସେନାଧ୍ୟକ୍ଷଙ୍କ ବିଷୋଦ୍‌ଗାର ଫମ୍ପା ମାଠିଆର ଶବ୍ଦ ସଦୃଶ। ଖାଦ୍ୟାଭାବ, ବେରୋଜଗାରୀ ଓ ଘୋର



ଅଜୟ କୁମାର ପାତ୍ର

ଅନ୍ତରୀଣ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନର ନେତୃବୃନ୍ଦଙ୍କ ରଣହୁଙ୍କାର ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପାକିସ୍ତାନର ମନ୍ତ୍ରୀ ହନିଫ୍ ଅଜାସୀ ପ୍ରତିଶୋଧର ଧମକ ଦେଇ ଦାବି କରିଛନ୍ତି ଯେ ଘୋରୀ, ଶାହୀନ ଏବଂ ଗଜନବୀ କ୍ଷେପଣାସ୍ତ୍ର ସହିତ ୧୩୦ ପରମାଣୁ ଯୁଦ୍ଧାସ୍ତ୍ର ଥିବା ପାକିସ୍ତାନରେ କ୍ଷେପଣାସ୍ତ୍ର ଭଣ୍ଡାର 'କେବଳ ଭାରତ' ପାଇଁ ଉଦ୍ଦିଷ୍ଟ। ଆହୁରି ମଧ୍ୟ ସେ ଓ ଜଣେ ଆତଙ୍କବାଦୀ ନେତା କହିଛନ୍ତି ଯେ ଭାରତ ଯଦି ପାକିସ୍ତାନକୁ ସିନ୍ଧୁ ଜଳ ଯୋଗାଣ ବନ୍ଦ ଘୋଷଣା ପଥରୁ ଓହରି ନ ଯାଏ, ତେବେ ଏହା 'ପୂର୍ଣ୍ଣ ମାତ୍ରାରେ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବା ଉଚିତ ଓ ଭାରତୀୟଙ୍କ ଶ୍ୱାସରୁଦ୍ଧ କରିଦେବେ।' କିନ୍ତୁ ଭାରତ ସରକାର ସର୍ବଦା ସଂଯମତା ରକ୍ଷା କରି ପରମାଣୁ ଅସ୍ତ୍ର ପ୍ରୟୋଗର ଧମକ ଦେବା ତ ଦୂରର କଥା, ସେ ସମ୍ପର୍କରେ ପଦୁଟିଏ ଉଚ୍ଚାରଣ ମଧ୍ୟ କରି ନାହାନ୍ତି। ପୂର୍ବରୁ ପାକିସ୍ତାନ ପିପଲ୍ସ ପାର୍ଟି (ପିପିପି) ଅଧ୍ୟକ୍ଷ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ଖୋଲାଖୋଲି ଧମକ ଦେଇ କହିଥିଲେ ଯେ 'ସିନ୍ଧୁ ନଦୀର ଜଳ ରୋକିଲେ ରକ୍ତ ବୋହିବ।' ପାକିସ୍ତାନର ସେନାମୁଖ୍ୟ ଆସୀମ ମୁନୀର ପହଲଗାମ୍ ଘଟଣାର କିଛି ଦିନ ପୂର୍ବରୁ 'ଦ୍ୱି-ରାଷ୍ଟ୍ର ତତ୍ତ୍ୱ'ର ଉଲ୍ଲେଖ କରି କହିଥିଲେ ଯେ ମୁସଲମାନ ଓ ହିନ୍ଦୁ ସମ୍ପ୍ରଦାୟ ଗୋଟିଏ ରାଷ୍ଟ୍ର ନୁହେଁ, ଦୁଇଟି ପୃଥକ୍ ରାଷ୍ଟ୍ର। କାବୁଲସ୍ଥିତ ପାକିସ୍ତାନ ମିଲିଟାରୀ ଏକାଡେମୀର 'ପାସିଂଆଉଟ୍ ପରେଡ୍'ରେ ଭାଷଣ ଦେଇ ସେ ଏହାର ପୁନରାବୃତ୍ତି କରିବା ସହ 'ପାକିସ୍ତାନର ଅସ୍ତିତ୍ୱ ଅତୁଳନୀୟ ସଂଘର୍ଷ ଓ ତ୍ୟାଗର ଫଳ ଓ ରାଷ୍ଟ୍ରକୁ ରକ୍ଷା କରିବା ସେନାର କର୍ତ୍ତବ୍ୟ ବୋଲି କହିଥିଲେ। ଉକ୍ତ ସଭାରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ମହମ୍ମଦ ଅଲୀ ଜିନ୍ନାଙ୍କ ଶବ୍ଦକୁ ଦୋହରାଇ ଥିଲେ ଯେ 'କାଶ୍ମୀର ହେଉଛି ପାକିସ୍ତାନର ଜୀବନ ନାଡ଼ି।' ଏମିତି ଅତୀତରେ ପାକିସ୍ତାନର ଶତ ଆସ୍ଫାଳନ ପାଣିରେ ପଡ଼ିଛି। କଥାରେ ଅଛି, 'ହାତି ଚାଲେ ବଜାର, କୁତା ଭୁକେ ହଜାର।'

ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯୁଦ୍ଧୋନ୍ମାଦ ପାକିସ୍ତାନୀ ସେନା ଯେତେବେଳେ ଜନସାଧାରଣଙ୍କ ବିଶ୍ୱାସ ହରାନ୍ତି, ସେତେବେଳେ ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ଦେବା ସହ ଭାରତ-ବିରୋଧୀ ସ୍ଲୋଗାନ ଦେବା ଆରମ୍ଭ କରନ୍ତି। ପାକିସ୍ତାନୀ ନେତା ଓ ସାମରିକ ବ୍ୟକ୍ତିଙ୍କ ଏଭଳି ମନମୁଖୀ ତଥା ଅସଂଗତ ଯୁଦ୍ଧୋନ୍ମାଦକାରୀ ବକ୍ତବ୍ୟର କଡ଼ା ଜବାବ ଦେଇ ମାନ୍ୟବର ପ୍ରଧାନମନ୍ତ୍ରୀ, ନରେନ୍ଦ୍ର ମୋଦୀ ଅଙ୍ଗୁଳି ନିର୍ଦ୍ଦେଶ କରି କହିଛନ୍ତି ଯେ ପାକିସ୍ତାନ ସରକାର କଦାପି 'ପରମାଣୁ ଅସ୍ତ୍ରର ପ୍ରୟୋଗ'ର ଭୟ ଦେଖାଇ ପାରିବ ନାହିଁ। ବିଶେଷଜ୍ଞଙ୍କ ମତରେ, ଯଦି ପାକିସ୍ତାନ ଭାରତ ଉପରେ ପରମାଣୁ ଅସ୍ତ୍ର ପ୍ରୟୋଗ କରେ, ଭାରତର ନିଶ୍ଚିତ କିଛି କ୍ଷତି ହେବ, ମାତ୍ର ପାଲଟା ପରମାଣୁ ଆକ୍ରମଣରେ ପାକିସ୍ତାନ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ପାଇବ। ବିଶ୍ୱ ମାନଚିତ୍ରରୁ ପାକିସ୍ତାନ ଚିରକାଳ ପାଇଁ ଲୋପ ପାଇବ। ସେମାନଙ୍କ ପାଗଳର ପ୍ରଳାପରୁ ପ୍ରତୀୟମାନ ହୁଏ ଯେ ଯୁଦ୍ଧ ସତେ ଯେମିତି ଏକ ପିଲା ଖେଳ!

ଆସନ୍ତୁ ଜାଣିବା ପରମାଣୁ ବୋମାର ଭୟାବହ ତଥ୍ୟାବଳୀ: ପରମାଣୁ ଶବ୍ଦର ଅର୍ଥ, ଯାହାକୁ ଆଉ ଭାଗ କରିହେବ ନାହିଁ। ଏହା ତିନୋଟି କଣିକାକୁ ନେଇ ଗଠିତ, ଯଥା: ପ୍ରୋଟନ, ଇଲେକ୍‌ଟ୍ରନ୍ ଓ ନିଉଟ୍ରନ। ମଝିରେ ଥାଏ ନିଉକ୍ଲିୟସ। ପ୍ରୋଟନ ଓ ନିଉଟ୍ରନକୁ ନେଇ ନାଭିକେନ୍ଦ୍ର ଗଠିତ ଏବଂ ନାଭିକେନ୍ଦ୍ର ଚାରିପଟେ ବିଭିନ୍ନ କକ୍ଷରେ ଇଲେକ୍‌ଟ୍ରନ୍‌ଗୁଡ଼ିକ ଅନବରତ ଘୂର୍ଣ୍ଣନରତ। କୌଣସି ପରମାଣୁର ନାଭିକେନ୍ଦ୍ର ସ୍ୱୟଂକ୍ରିୟ ଭାବେ ବସ୍ତୁତ୍ୱ ହରାଇବାକୁ ତେଜସ୍କ୍ରିୟତା (ରେଡିଓଆକ୍ଟିଭିଟି) କୁହାଯାଏ। ଫରାସୀ ପଦାର୍ଥ ବିଜ୍ଞାନୀ ଆଣ୍ଟୋନି ହେନରୀ ବେକରେଲ୍ ୧୮୯୬ ମସିହାରେ ତେଜସ୍କ୍ରିୟତା ଆବିଷ୍କାର କରିଥିଲେ। ଫରାସୀ ରାସାୟନିକ ବିଜ୍ଞାନୀ ମେରୀ କ୍ୟୁରୀ ଓ ପିଏରୀ କ୍ୟୁରୀ ୧୮୯୮ରେ ପ୍ରମାଣ କଲେ ଯେ ତେଜସ୍କ୍ରିୟତା ପରି ଘଟଣା ପରମାଣୁ ସହ ସଂଶ୍ଳିଷ୍ଟ। ଅନେକ ବର୍ଷ ପର୍ଯ୍ୟନ୍ତ ତେଜସ୍କ୍ରିୟତା ଜନିତ ଭୟାବହ ବିପଦ ସମ୍ପର୍କରେ କେହି ସଚେତନ ନଥିଲେ। ତେଣୁ ରେଡିୟମ ଭଳି ବସ୍ତୁ ସାଧାରଣ କ୍ଷେତ୍ରରେ ମଧ୍ୟ ପ୍ରୟୋଗରେ କୌଣସି ବାଧା ନଥିଲା। ଏପରିକି ୟୁଏସ୍‌ଏ ରେଡିୟମ କର୍ପୋରେସନର ସାବିନ୍ ଭନ୍ ଅତି ଉତ୍ସାହିତ ହୋଇ ଭବିଷ୍ୟବାଣୀ କରିଥିଲେ ଯେ ଦିନେ ନା ଦିନେ ରେଡିୟମ ଘରେ ଘରେ ଶକ୍ତିର ଉତ୍ସ ଭାବେ ବ୍ୟବହାର ହେବ। ସେ ଭାବୁଥିଲେ, ଦିନେ ନା ଦିନେ ପ୍ରତି ଘରର କାନ୍ଥରେ ଲଗା ଥିବା ରେଡିୟମ ବତିରୁ ନିର୍ଗତ ରଙ୍ଗିନ ଆଲୋକ ଜହ୍ନ ଆଲୋକ ଭଳି ସ୍ନିଗ୍ଧ ହେବ ଏବଂ ପ୍ରତ୍ୟେକ ଘରକୁ ଆଲୋକିତ କରିବ। ଏସବୁ ସେ ପ୍ରକାଶ କରିଥିଲେ ରେଡିୟମର ପ୍ରଭୂତ ହାନିକାରକ ପ୍ରଭାବ ଜାଣି ନ ଥିବାରୁ। ମନେ କରନ୍ତୁ, ଏହା କରିଥିଲେ ଆଜି ପୃଥିବୀର ଅବସ୍ଥା କ'ଣ ହୋଇଥାନ୍ତା! ହୁଏତ ପ୍ରତି ଘରେ ଘରେ କର୍କଟ ରୋଗୀ ଦେଖିବାକୁ ମିଳନ୍ତେ।

କ୍ୟୁରୀ ଦମ୍ପତି ଦୀର୍ଘକାଳ ଧରି ରେଡିୟମର ସଂସ୍ପର୍ଶରେ ଆସି ଦୁରାରୋଗ୍ୟ ଚର୍ମ ରୋଗ (ଲ୍ୟୁକୋମିଆ)ରେ ଆକ୍ରାନ୍ତ ହୋଇ ମୃତ୍ୟୁ ଲଭିଲେ। ସେମାନଙ୍କ ଗବେଷଣା କାଳରେ ବ୍ୟବହାର କରିଥିବା ଟିପ୍ପଣୀ ଖାତା ବର୍ଷ ବର୍ଷ ଧରି ରେଡିୟମ ବିକିରଣ ସଂସ୍ପର୍ଶରେ ଆସି ଏତେ ତେଜସ୍କ୍ରିୟ ହେଲା ଯେ ଶେଷକୁ ସେଗୁଡ଼ିକ ସୀସା (ସୀସା ତେଜସ୍କ୍ରିୟ ବିକିରଣର ପ୍ରତିରୋଧକ) ବାକ୍ସରେ ବନ୍ଦ କରି ରଖିବାର ଆବଶ୍ୟକ ପଡ଼ିଲା। ଉକ୍ତ ଟିପା ଖାତାରେ ରହିଯାଇଛି ତାଙ୍କର ରେଡିୟମବୋଳା ହାତର ଅଦୃଶ୍ୟ ଛାପ। ସେଦିନ ଥିଲା କାଳରାତ୍ରି। ୨୬ ଏପ୍ରିଲ ୧୯୮୬ର ରାତ୍ରି ସମୟ। ୟୁକ୍ରେନ୍ ଦେଶର ଚେର୍ଣ୍ଣୋବିଲ ସହରରେ ଥିବା ଏକ ଆଣବିକ ଶକ୍ତି କେନ୍ଦ୍ରରେ ହଠାତ୍ ବିସ୍ଫୋରଣ ଘଟି କିଛି କ୍ଷଣ ମଧ୍ୟରେ ଚତୁର୍ଦ୍ଦିଗକୁ ବ୍ୟାପିଗଲା। ବିସ୍ଫୋରଣରୁ ଉତ୍ପନ୍ନ ରଙ୍ଗିନ ନିଆଁକୁ ଦେଖିବା ପାଇଁ କୌତୁହଳପୂର୍ବକ ସ୍ଥାନୀୟ ପ୍ରାୟ ସମସ୍ତ ପରିବାରବର୍ଗ ନିକଟସ୍ଥ ରେଳ ପୋଲ ଉପରେ ଏକତ୍ରିତ ହୋଇଥିଲେ। ସେଠାରେ ଅଗଣିତ ଶିଶୁ ସୁନ୍ଦର ଦେଖା ଯାଉଥିବା ତୁଷାର ସଦୃଶ ଉଡୁଥିବା ରେଡିଓ ଆକ୍ଟିଭ ପାଉଁଶ ଖଣ୍ଡ ସହ ମନ ଖୁସିରେ ଖେଳିବାରେ ଲିପ୍ତ ଥିଲେ। କୁହାଯାଏ, ସେହି ରାତ୍ରିରେ ପୋଲ ଉପରେ ଥିବା ସମସ୍ତ ପରିବାରର ସଦସ୍ୟ ଓ ଶିଶୁମାନେ, ସମସ୍ତ ଅଗ୍ନିଶମ କର୍ମଚାରୀ ତଥା ରାତି କର୍ତ୍ତବ୍ୟରେ ଥିବା ପ୍ଲାଣ୍ଟର ଅନେକ କର୍ମଚାରୀ କିଛି ଦିନ ବ୍ୟବଧାନରେ ମୃତ୍ୟୁବରଣ କଲେ। ଉକ୍ତ ପୋଲ ଆଜି 'ମୃତ୍ୟୁର ସେତୁ' ରୂପେ ଜଣା। ସରକାରୀ ତଥ୍ୟାନୁଯାୟୀ, ପରେ ପ୍ରାୟ ୧,୨୫,୦୦୦ ବ୍ୟକ୍ତି କର୍କଟ ଭଳି ମାରାତ୍ମକ ରୋଗରେ ମୃତ୍ୟୁବରଣ କଲେ। ୨୦୧୧ ମସିହା ମାର୍ଚ୍ଚ ମାସରେ ଜାପାନର ଫୁକୁସିମା ଡାଏଚି ଆଣବିକ ନ୍ୟୁକ୍ଲିୟର ପ୍ଲାଣ୍ଟରେ ଭୂମିକମ୍ପ ଓ ସୁନାମି ଯୋଗୁଁ ହାଇଡ୍ରୋଜେନ ବିସ୍ଫୋରଣ ଘଟି ହଜାର ହଜାର ଜାପାନୀଙ୍କ ମୃତ୍ୟୁ ଘଟିବା ସହ ଲକ୍ଷ ଲକ୍ଷ ଲୋକଙ୍କୁ ବାସସ୍ଥାନ ହରାଇବାକୁ ପଡ଼ିଥିଲା। ୧୯୭୯ ମସିହା ମାର୍ଚ୍ଚ ମାସରେ ଆମେରିକାର ପେନ୍‌ସିଲଭାନିଆ ପ୍ରଦେଶର ତିନି ମାଇଲ ଦ୍ୱୀପରେ ଥିବା ଆଣବିକ ଶକ୍ତି କେନ୍ଦ୍ରର ସମାନ ରୂପକ ଦୁର୍ଘଟଣା ଘଟି ବ୍ୟାପକ କ୍ଷତିକାରକ ବିକିରଣ ପରିବେଶକୁ ମୁକ୍ତ ହୋଇଥିଲା। ମାନବ ଇତିହାସର ପରମାଣୁଜନିତ ବିନାଶର ସବୁଠାରୁ ଭୟଙ୍କର ଘଟଣାର ମୂକସାକ୍ଷୀ ହେଉଛି ଜାପାନର ହିରୋସୀମା ଓ ନାଗାସାକି ସହର। ୧୯୪୬ ମସିହା ଅଗଷ୍ଟ ୬ ଓ ୯ ତାରିଖରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷ ପର୍ଯ୍ୟାୟରେ ଆମେରିକା ଦ୍ୱାରା ହିରୋସୀମା ଓ ନାଗାସାକି ସହରରେ ପଡ଼ିଥିଲା ଲିଟିଲ ବୟ ଓ ଫ୍ୟାଟ୍ ମ୍ୟାନ୍ ନାମକ ଦୁଇଟି ପରମାଣୁ ବୋମା, ଯାହାର ତେଜସ୍କ୍ରିୟ କିରଣ ପ୍ରଭାବରେ କ୍ଷୟକ୍ଷତିର ଆକଳନ କରିବା ବର୍ଣ୍ଣନାର ପରିଧି ବାହାରେ। ଜାପାନର ଦୁଇ ଲକ୍ଷ ପଚାଶ ହଜାର ନାଗରିକଙ୍କ ମୃତ୍ୟୁ କିଛି କ୍ଷଣ ମଧ୍ୟରେ ଘଟିଥିଲା। ଅନେକ ଆଜି (୭୯ ବର୍ଷ ପରେ) ବି କର୍କଟ ରୋଗରେ ପୀଡ଼ିତ। ଏହା ୭୯ ବର୍ଷ ପୂର୍ବର ପରମାଣୁ ବୋମା। ମାତ୍ର ଆଜିର ପରମାଣୁ ବୋମା ଉକ୍ତ ବୋମାଠାରୁ ହଜାରେ ଗୁଣ ଅଧିକ ଶକ୍ତିଶାଳୀ। ମାତ୍ର ୩ଟି ବୋମାରେ ଭାରତ କିମ୍ବା ପାକିସ୍ତାନ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ପାଇଯିବ। ପରମାଣୁ ଶକ୍ତିର ଅଧିକାରୀ ବୋଲି ଗର୍ବରେ ଫାଟି ପଡୁଥିବା ପାକିସ୍ତାନ ଓ ତା'ର ଅପପ୍ରୟୋଗର ବାରମ୍ବାର ଧମକ ସମଗ୍ର ବିଶ୍ୱ ପାଇଁ ନିଶ୍ଚିତ ଘୋର ବିପଦସଂକୁଳ, ଏଥିରେ ସନ୍ଦେହ ନାହିଁ। ଆମର ପ୍ରତିରକ୍ଷା ମନ୍ତ୍ରୀଙ୍କ କହିବାନୁଯାୟୀ ପାକିସ୍ତାନ ହାତରେ ପରମାଣୁ ବୋମା ନିଶ୍ଚିତ ଅସୁରକ୍ଷିତ। 'ବାନର ହାତରେ ଶାଳଗ୍ରାମ, ନଚାଇ ନଚାଇ ନେଲା ପ୍ରାଣ' ଭଳି ପାକିସ୍ତାନ ଭଳି ଆତଙ୍କବାଦୀ-ପୋଷକ ରାଷ୍ଟ୍ର ପକ୍ଷରେ ପରମାଣୁ ବୋମାର ଧମକ ସ୍ୱାଭାବିକ ହୋଇପାରେ, ମାତ୍ର ତା'ର କୁପରିଣାମ ବିଷୟରେ ସଚେତନ ହେବା ନିହାତି ଜରୁରୀ।

ଆଣବିକ ଶକ୍ତି ମାନବ ଜାତି ପାଇଁ ବିନାଶକାରୀ ହୋଇପାରେ କିମ୍ବା ସୁପରିଚାଳନା ଦ୍ୱାରା କଲ୍ୟାଣକାରୀ ମଧ୍ୟ ହେଇପାରେ। ନିଆଁ ଯେପରି ଆୟତ୍ତର ବାହାରେ ହେଲେ ବିନାଶ କରିଥାଏ, ସେହିପରି ଆଣବିକ ଶକ୍ତି ମଧ୍ୟ ଆୟତ୍ତର ବାହାରେ ହେଲେ ବିଶ୍ୱକୁ ଧ୍ୱଂସ କରି ପାରିବ। ଭବିଷ୍ୟତରେ ଶକ୍ତିର କ୍ଷୁଧାକୁ ପୂର୍ଣ୍ଣ କରିବାରେ ଆଣବିକ ଶକ୍ତି ହିଁ ସକ୍ଷମ। ତେଣୁ ଏହି ଆଣବିକ ଶକ୍ତିର ଚୟନ ବିନାଶକାରୀ ଦିଗରେ ନା କଲ୍ୟାଣକାରୀ ଦିଗରେ ଉପଯୋଗ କରିବା ଏହି ବିଶ୍ୱବାସୀଙ୍କୁ ଏବେଠୁ ନିଶ୍ଚିତ କରିବାକୁ ପଡ଼ିବ।

ମୋଟ ଉପରେ, ଯୁଦ୍ଧ କୌଣସି ଦୃଷ୍ଟିରୁ ଆମନ୍ତ୍ରଣୀୟ ନୁହେଁ। ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଦେଶ ଦେଶ ମଧ୍ୟରେ ଛୋଟକାଟର ଯୁଦ୍ଧ ହେଲେ ମଧ୍ୟ ତାହା ଅସଂଖ୍ୟ ଧନ ଜୀବନ ହାନିର କାରଣ ହେବା ସୁନିଶ୍ଚିତ। 'ଅପରେସନ ପରାକ୍ରମ' ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ମୂଲ୍ୟବାନ ଉକ୍ତିଟି ସ୍ମରଣୀୟ, 'ଆପଣ ଗୋଟିଏ ଯୁଦ୍ଧ ଆରମ୍ଭ କରି ପାରିବେ, କିନ୍ତୁ କେବେ ଓ କିପରି ତାହା ଶେଷ ହେବ, ତାକୁ ନିୟନ୍ତ୍ରଣ କରି ପାରିବେ ନାହିଁ।' ପ୍ରାୟ ତିନି ବର୍ଷରୁ ଊର୍ଦ୍ଧ୍ୱ ହେବ ରୁଷିଆ - ୟୁକ୍ରେନ ଯୁଦ୍ଧ ଏହାର ଜ୍ୱଳନ୍ତ ଉଦାହରଣ। ❒

ପ୍ରାକ୍ତନ ପ୍ରଫେସର ଓ ପରିବେଶ ବିଜ୍ଞାନୀ
ମୋ: ୯୪୩୮୬୨୧୩୯୧

# ଯଶସ୍ୱାନ୍ ଆୟୁଷ୍ମାନ ରାଧାକାନ୍ତ

ଅଳ୍ପ ଜୀବନ ଭିତରେ ଯିଏ ନିଃସ୍ୱାର୍ଥପରତାର ବିପୁଳ କର୍ମ କରି ଜ୍ୱଳନ୍ତ ଓ ତେଜୀୟାନ୍ ଦୀପଶିଖା ଭଳି ହଠାତ୍ ନିର୍ବାପିତ ହୋଇଯାଏ, ସେ ହିଁ ଦିବ୍ୟତାର ଏକ ପରିପୂର୍ଣ୍ଣ ମଣିଷ ବୋଲି ବିବେଚିତ ହୋଇଥାଏ। ଏଭଳି ବ୍ୟକ୍ତି ସଂସାରକୁ ଆସନ୍ତି ସତ, କିନ୍ତୁ କଳେବଳେ ଧନ, ମାନ ଓ ଯଶ ଗୋଟାଇବାକୁ ସଦା ନିସ୍ପୃହ; ବରଂ ଅନ୍ୟକୁ ଧନ, ମାନ ଓ ଯଶ ପ୍ରଦାନ କ୍ଷେତ୍ରରେ ଅଯାଚିତ ସାହାଯ୍ୟ କରିବାକୁ ନିଜର ପୂରା ଜୀବନ ସମର୍ପଣ କରି ଦିଅନ୍ତି। ସେଥିପାଇଁ ଏମାନଙ୍କୁ କୁହାଯାଏ ଦେବଦୂତ ବା ଶାନ୍ତିଦୂତ ବା ଗୁଡ୍ ସମରିଟାନ୍। ଚନ୍ଦନ କାଠ ଭଳି ନିଜେ ନିଜକୁ ଘଷି ଓ ମନ୍ଥନ କରି ଅନ୍ୟକୁ ସୁଗନ୍ଧିତ କରାନ୍ତି ବା ନିଜେ ନିଜକୁ ଜଳାଇ ନିଃସ୍ୱ ବଞ୍ଚିତ ମଣିଷ ଓ ସମାଜର ଆଲୋକବର୍ତ୍ତିକା ସାଜନ୍ତି। ଏଭଳି ଦିବ୍ୟ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ସୁପ୍ରିମ୍‌କୋର୍ଟର ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ, ଯିଏ ମାତ୍ର ୪୯ ବର୍ଷ ବୟସରେ ଚଳିତ ମାସ ଆଠ ତାରିଖରେ ହୃଦ୍‌ଘାତରେ ଦିଲ୍ଲୀ ବାସଭବନରେ ପରଲୋକ ଗମନ କରିଛନ୍ତି। ତାଙ୍କର ଅପ୍ରତ୍ୟାଶିତ ଦେହାନ୍ତ ଯୋଗୁଁ କେବଳ

ମନୋଜ କୁମାର ମହାପାତ୍ର

ଭଦ୍ରକବାସୀ ନୁହନ୍ତି, ଅନେକଙ୍କ ଆଖି ଅଶ୍ରୁସିକ୍ତ ଓ ଶୋକାକୁଳ ହୋଇ ପଡ଼ିଛି। ସେ ଜଣେ ବିଜ୍ଞ ଓ ଜ୍ଞାନଦୀପ୍ତ ଓକିଲ ଏବଂ ସାମାଜିକ ନ୍ୟାୟ ଆନ୍ଦୋଳନ, ମାନବାଧିକାର ଓ ସମାଜ ସେବାର ଜଣେ ପ୍ରଚଣ୍ଡ ପ୍ରବକ୍ତା। ଭାରତର ଅନେକ ଅଞ୍ଚଳରେ ତାଙ୍କର ସାମାଜିକ ନ୍ୟାୟ ପରିବ୍ୟାପ୍ତ ହୋଇଥିଲା। ମଣିପୁରରେ ଜାତିଗତ ଆନ୍ଦୋଳନରେ ନିଜକୁ ଶାନ୍ତିଦୂତ ଭାବେ କାର୍ଯ୍ୟ କରିବା, ସାଲନ୍ଦୀ ନଦୀ ସଂସ୍କାରରେ କୃଷକମାନଙ୍କର ଜମି ବଦଳରେ ହକ୍ ମିଳିବା ଇତ୍ୟାଦି ବୈପ୍ଳବିକ କାର୍ଯ୍ୟକ୍ରମ ସେ ହାତକୁ ନେଇ ସଂଗ୍ରାମ କରିଥିଲେ। ହଜାର ହଜାର କୃଷକ, ଦଳିତ ଓ ଗରିବ ନିଃସହାୟ ଲୋକଙ୍କ ପାଇଁ ଲଢ଼ି ସେ ସେମାନଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି। ତାଙ୍କର ଏତାଦୃଶ ତ୍ୟାଗପୂର୍ଣ୍ଣ ମନୋଭାବ ଓ କାର୍ଯ୍ୟକୁ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ପ୍ରଶଂସା କରିଥିଲେ। ଆନ୍ତର୍ଜାତିକ କୋର୍ଟ ଅଫ୍ ଜଷ୍ଟିସ୍‌ର ବିଚାରପତିଙ୍କ ଦ୍ୱାରା ସେ ବି ସମ୍ମାନିତ ହୋଇଛନ୍ତି। ରାଜ୍ୟ ସରକାର ସମାଜ ସେବା ପୁରସ୍କାରରେ ତାଙ୍କୁ ବିମଣ୍ଡିତ କରିଛନ୍ତି। ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍ ଏବଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ତାଙ୍କ ନାମ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇଛି।

ସେ କେବଳ ଜଣେ ବିଜ୍ଞ ଅଧିବକ୍ତା ନଥିଲେ, ବରଂ ଆଇନକୁ ନିଜର ବ୍ୟକ୍ତିଗତ ସମୃଦ୍ଧିର ଚରମ ଶିଖରରେ ପହଞ୍ଚିବାର ଉଦ୍ୟମ ନ କରି ବହୁଜନ ହିତାୟ ନିମନ୍ତେ ଉପଯୋଗ କରିଥିଲେ। ସମାଜର ବଞ୍ଚିତ ଶ୍ରେଣୀକୁ ନ୍ୟାୟ ଦେବା କ୍ଷେତ୍ରରେ ଆଇନଗତ ଲଢ଼େଇ କରୁଥିଲେ ବିଭିନ୍ନ କୋର୍ଟରେ। ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇ ଯେଉଁମାନେ କୋର୍ଟ କଚେରିରେ ସମ୍ବଳ ଅଭାବରୁ ମକଦ୍ଦମା କରିବାକୁ ସାହସ ହରାଇ ଥିଲେ, ସେମାନଙ୍କର ମାମଲା ନିଜ ହାତକୁ ନେଇ ଲଢ଼େଇ କରୁଥିଲେ। ଅନେକ ମକଦ୍ଦମାରେ ବିଜୟ ଲାଭ କରି ଗରିବ ଲୋକଙ୍କ ମୁହଁରେ ହସ ଫୁଟାଉ ଥିଲେ। ଏତଦ୍ ବ୍ୟତୀତ ସାମାଜିକ ନ୍ୟାୟ ଆନ୍ଦୋଳନ ହେଉ କି ମାନବାଧିକାର ଓ ସମାଜ ସେବା ହେଉ, ସବୁ କ୍ଷେତ୍ରରେ ତାଙ୍କର ଅଯାଚିତ ସାହାଯ୍ୟର ପରାକାଷ୍ଠା ଦେଖିବାକୁ ମିଳୁଥିଲା। କେବଳ ଓଡ଼ିଶାରେ ନୁହେଁ, ଦେଶର ଅନେକ ଅଞ୍ଚଳରେ ତାଙ୍କର ଏତାଦୃଶ ସାମାଜିକ ନ୍ୟାୟର ପରିଧି ପରିବ୍ୟାପ୍ତ ହୋଇଥିଲା। ମଣିପୁରରେ ଜାତିଗତ ଆନ୍ଦୋଳନରେ ନିଜକୁ ଶାନ୍ତିଦୂତ ଭାବେ ସାମିଲ କରି ସଫଳତା ପାଇଥିଲେ। ସାଲନ୍ଦୀ ନଦୀ ସଂସ୍କରଣରେ କୃଷକଙ୍କର ହକ୍ ପାଇଁ ସଂଗ୍ରାମ କରିଥିବାରୁ ଲୋକେ ଏବେ ବି ତାଙ୍କୁ ମନେ ରଖିଛନ୍ତି।

ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ତାଲିକାରେ ସେ ସ୍ଥାନ ପାଇଥିଲେ। ପୀଡ଼ିତାକୁ ନ୍ୟାୟ ଦେବା ପାଇଁ ଜାତୀୟ ମାନବାଧିକାର ଆୟୋଗରେ ବାର ହଜାରରୁ ଊର୍ଦ୍ଧ୍ୱ ମାମଲା ଦାଖଲ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ଏଥିପାଇଁ ସର୍ବାଧିକ ସଂଖ୍ୟକ ମାମଲା ଦାଖଲ କରିବା ଏବଂ ପରବର୍ତ୍ତୀ ସମୟରେ ପୀଡ଼ିତଙ୍କୁ ନ୍ୟାୟ ଦେବା ପାଇଁ ପ୍ରତ୍ୟେକ ମାମଲାରେ ତାଙ୍କର ନିରବଚ୍ଛିନ୍ନ ଉଦ୍ୟମକୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ପ୍ରଶଂସା କରାଯାଇଛି। ଲୋକଙ୍କର ସମସ୍ୟାକୁ ନିଜ ସମସ୍ୟା ଭାବି ପାରୁଥିବା ବ୍ୟକ୍ତି ଆଜି ସମାଜରେ କାହାନ୍ତି? 'ତୁ ତ ମୁତୁରୀ, ମୁଁ ତ ମୁତୁରୀ, ହେଁସ କାହିଁପାଇଁ ଧୋଇବା' ନ୍ୟାୟରେ ସମସ୍ତେ ତ ଏକମୁଖା ହୋଇ ଭାସି ଚାଲିଛନ୍ତି! କାହାର ଅନ୍ୟ ଲୋକର ସମସ୍ୟା ଶୁଣିବାକୁ ସମୟ ଅଛି? ରାଧାକାନ୍ତ ତ୍ରିପାଠୀ ନଥିଲେ ଆମ ଭଳି ଏକମୁଖୀ ହୋଇ ଭାସି ଯାଉଥିବା ମଣିଷ। ସେ ଥିଲେ ଆମ ଗହଣରେ ନ୍ୟାୟ ଓ ହକ୍ ପାଉ ନଥିବା ମଣିଷର ଉଦ୍ଧାରକର୍ତ୍ତା ଭାବରେ ଜଣେ ଅଦ୍ୱିତୀୟ ବ୍ୟକ୍ତିତ୍ୱ। ଜାତୀୟ ମାନବାଧିକାର ଆୟୋଗ, ଜାତୀୟ ମହିଳା ଆୟୋଗ, ଜାତୀୟ ଅନୁସୂଚିତ ଜାତି ଆୟୋଗ, ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ଏବଂ ଜାତୀୟ ଶିଶୁ ସୁରକ୍ଷା ଓ ଅଧିକାର ଆୟୋଗ ଭଳି ସଂସ୍ଥାରେ ମାନବାଧିକାର ଉଲ୍ଲଂଘନ ନେଇ ବିଗତ ଦିନରେ ବହୁ ଘଟଣାରେ ସେ ଦୃଷ୍ଟି ଆକର୍ଷଣ କରିଛନ୍ତି। ହୀରାକୁଦ ପ୍ରକଳ୍ପ, କାନପୁର ପ୍ରକଳ୍ପ, ଇନ୍ଦ୍ରାବତୀ ପ୍ରକଳ୍ପ, ସାଲନ୍ଦୀ ସଂସ୍କାର ପ୍ରକଳ୍ପ, ଶୁକତେଇ ପ୍ରକଳ୍ପ ଆଦି ଜଳସେଚନ ପ୍ରକଳ୍ପରେ ବିସ୍ଥାପିତଙ୍କ ସମସ୍ୟା, ଗୁଣିଗାରେଡ଼ି ସନ୍ଦେହ, ସାଇକଲ ପମ୍ପରେ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ଆଦି ଘଟଣାରେ ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଗତ ଦିନରେ ସେ ଜାତୀୟ ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ ହେଉଥିଲେ।

୨୦୧୫ରେ କୋରାପୁଟ ଓ କନ୍ଧମାଳ ଜିଲ୍ଲା ଆଶ୍ରମ ବିଦ୍ୟାଳୟରେ ଦଶମ ଓ ଷଷ୍ଠ ଶ୍ରେଣୀରେ ପଢୁଥିବା ଦୁଇ ଜଣ ଛାତ୍ରୀ ସନ୍ତାନ ପ୍ରସବ କରିବା ଘଟଣାରେ ତାଙ୍କର ଉଦ୍ୟମ କ୍ରମେ ପୀଡ଼ିତାଙ୍କୁ ରାଜ୍ୟ ସରକାର ଏକ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ରାଶି ପ୍ରଦାନ କରିଥିଲେ। ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ତଳଗୋପବିନ୍ଧାର ମାତଗଜପୁର ଗ୍ରାମରେ ଜନ୍ମିତ ରାଧାକାନ୍ତ ତ୍ରିପାଠୀଙ୍କ




ନାମରେ ପୂର୍ବରୁ ତିନୋଟି ବିଷୟରେ ଲିମ୍‌କା ବୁକ୍ ଅଫ୍ ରେକର୍ଡ ରହିଛି। ଏହା କମ୍ ଗୌରବର ବିଷୟ ନୁହେଁ।

ଏଭଳି ସମର୍ପିତ ଲୋକହିତକର ମିଶନରେ କାର୍ଯ୍ୟରତ ଥିବାବେଳେ ଅନେକ ବାର ମାଫିଆମାନଙ୍କ ଆକ୍ରମଣର ରାଧାକାନ୍ତ ଶରବ୍ୟ ହୋଇଛନ୍ତି, କିନ୍ତୁ ମରଣ ମୁହଁରୁ ବର୍ତ୍ତି ଯାଇଛନ୍ତି। ତନ୍ମଧ୍ୟରୁ ଭଦ୍ରକର ଗୋଟିଏ ଘଟଣା ଆଜି ବି ଲୋକଙ୍କ ମନରୁ ଲିଭିନି। ଯାହାର ବୃତ୍ତି ମାନବ ସେବା ଆଧାରିତ, ଯାହାର ମାନସିକତା ଅନ୍ୟର ଉପକାର ପାଇଁ ସମର୍ପିତ, ସେ କସ୍ମିନ୍ କାଳେ ଭୀରୁ ଓ ମୂର୍ଖ ହୋଇ ପାରିବେନି, କିନ୍ତୁ ବୀର ଓ ସାହସୀ ହୋଇ ଲୋକଙ୍କ ସୁଖଦୁଃଖ ଭିତରେ ଜଣେ ହୋଇଯିବେ। ରାଧାକାନ୍ତ ସେହିଭଳି ଜଣେ ବ୍ୟକ୍ତିତ୍ୱ ଯାହାଙ୍କ ପରିଧିକୁ ମାପି ହୁଏନି। କାହିଁକି ନା, ଯିଏ ଅନ୍ୟର ଦୁଃଖ ସମସ୍ୟାକୁ ନିଜ ଭିତରେ ସମାହିତ କରିପାରେ, ତାହାର ପରିଧି କେବେ ବି ସୀମିତ ହୋଇ ପାରେନା, ଯେପରି ସକଳ ଭିତରେ ବିରାଜିତ ଏକ ସତ୍ୟ ଅପରିମେୟ। ସ୍ୱାମୀ ବିବେକାନନ୍ଦ ନିଜ ଇଂରାଜୀ କବିତାରେ ଲେଖିଛନ୍ତି- ସେହି ଏକା ବିରାଜିତ ଅନ୍ତରେ-ବାହାରେ/ ସକଳ ହାତରେ ତାଙ୍କ କର୍ମ/ ସକଳ ପାଦରେ ତାଙ୍କ ଚାଲି, କର ତାଙ୍କ ଉପାସନା/ ଫିଙ୍ଗିଦିଅ ଦିଅ ଆଉ ସବୁ ପୁତୁଳ ପ୍ରତିମା। ମହାମହୀୟାନ ହେଇ ମଧ୍ୟ ଅଣୁରନୀୟାନ/ କୀଟଠାରୁ ଦେବତା ଯିଏ, ପାପୀ ପୁଣ୍ୟବାନ/ ଦୃଶ୍ୟମାନ ଜ୍ଞାନ-ଗମ୍ୟ, ସର୍ବବ୍ୟାପୀ ପ୍ରତ୍ୟକ୍ଷ ମହାନ / କର ତାଙ୍କ ଉପାସନା... ହେ ମୂର୍ଖ ଦଳ! ଜୀବନ୍ତ ଦେବତାଙ୍କ, କରି ଅବହେଳା, ଧାଇଁ ଅଛ, ମିଛ ମାୟା ପଛେ/ ଅନନ୍ତ ପ୍ରକାଶ ତାଙ୍କ ଏହି ଭୁବନରେ/ ବୃଥା ଦ୍ୱନ୍ଦ୍ୱ, କାହିଁ ଆବଶ୍ୟକ, କର ତାଙ୍କ ଉପାସନା...।

ରାଧାକାନ୍ତମାନେ ଏପରି ଜଗତକୁ ଆସନ୍ତି, ସଭିଙ୍କୁ ଆଲୋକିତ କରି ଚାଲିଯାନ୍ତି ନିଜ ଶାଶ୍ୱତ ଧାମକୁ। ସେ ଜଣେ ବିଶିଷ୍ଟ ରାଜନେତା ନୁହନ୍ତି କି ପଦ୍ମ ଉପାଧି ବିଭୂଷିତ ବ୍ୟକ୍ତିତ୍ୱ ନୁହନ୍ତି, ତାଙ୍କ ପାଇଁ ଜାତୀୟ ପତାକା ଅର୍ଦ୍ଧନମିତ ହେବା ଆବଶ୍ୟକ ନାହିଁ, କିନ୍ତୁ ଶିକ୍ଷକ-ପିତାମହ ଗିରୀଶ ଚନ୍ଦ୍ର ତ୍ରିପାଠୀ ଓ ଶିକ୍ଷକ-ପିତା ଗୌରହରି ତ୍ରିପାଠୀଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ପାଇଥିବା ଉଦାର ଭାବର ମହାମନ୍ତ୍ରରେ ଦୀକ୍ଷିତ ରାଧାକାନ୍ତ ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ ଥିଲେ ଜଣେ ଯଶସ୍ୱାନ ଆୟୁଷ୍ମାନ 'They alone live who live for others.' ଜୀବନଯାକ ଅନ୍ୟମାନଙ୍କ ପାଇଁ ବଞ୍ଚିଥିବା ରାଧାକାନ୍ତଙ୍କର ଆଦର୍ଶ ନିଶ୍ଚିତ ଭାବେ କେତେ ଜଣଙ୍କୁ ଦିଗ୍‌ଦର୍ଶନ ଦେବ ହିଁ ଦେବ, ଏଥିରେ ସନ୍ଦେହ ନାହିଁ। ଅକାଳ ମୃତ୍ୟୁ କେବେ ବି ତାଙ୍କର ଯଶକୁ ନିର୍ବାପିତ କରି ପାରିବନି, କାହିଁକି ନା ନିଜ ଯଶରେ ସେ ଯଶସ୍ୱାନ ଆୟୁଷ୍ମାନ ହୋଇ ରହିବେ। ❒

ଭୁବନେଶ୍ୱର
ମୋ: ୯୯୩୭୨୯୭୦୩୯

# ଜି-୭ ଓ ଭାରତ

କାନାଡାର କାନାନାସ୍‌କିସ୍ ସହରରେ ଆରମ୍ଭ ହୋଇଛି ଜି୭ ଗୋଷ୍ଠୀର ନେତାମାନଙ୍କ ସମ୍ମିଳନୀ। ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି ପ୍ରଥମ ବିଶ୍ୱର ତୁଙ୍ଗ ନେତାମାନେ, ଯେଉଁଥିରେ ବ୍ୟବସାୟ ବାଣିଜ୍ୟ କାରବାର ଏବଂ ଆନ୍ତର୍ଜାତିକ ସୁରକ୍ଷା ପ୍ରସଙ୍ଗ ସମଗ୍ର କାର୍ଯ୍ୟସୂଚୀ ଉପରେ ପ୍ରାଧାନ୍ୟ ବିସ୍ତାର କରିବା ଆଶା କରାଯାଏ। କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଯୁକ୍ତରାଜ୍ୟ (ୟୁକେ)ର ନେତାମାନେ ଏହି ସମ୍ମିଳନୀରେ ଯୋଗ ଦେଉଛନ୍ତି ଇରାନ୍ ଏବଂ ଇସ୍ରାଏଲ ମଧ୍ୟରେ ନୂଆ ଯୁଦ୍ଧ ଆରମ୍ଭ ହେବାର ଠିକ୍ ଅବ୍ୟବହିତ ପରେ, ଯାହା ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧର ଆଶଙ୍କା ସମସ୍ତଙ୍କ ମନରେ ଜାଗ୍ରତ କରାଇଛି ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଦ୍ୱାରା ଅନେକ ଦେଶଙ୍କ ଉପରେ ଅଧିକ ତାରିଫ୍ ବା ଶୁଳ୍କ ଲାଗୁ କରିବାକୁ ଜୁଲାଇ ୯ ତାରିଖକୁ ଶେଷ ତାରିଖ ଭାବରେ ଧାର୍ଯ୍ୟ କରା ଯାଇଥିବାର କିଛି ଦିନ ପୂର୍ବରୁ। ତାରିଫ୍ ଲାଗୁ କରିବାକୁ ନେଇ ଟ୍ରମ୍ପଙ୍କ ଆଭିମୁଖ୍ୟ ୧୯୬୦ ଦଶକ ପରଠାରୁ ସର୍ବାଧିକ ଦୁର୍ବଳ ଅର୍ଥନୀତିକ ଅଭିବୃଦ୍ଧିର ଦଶନ୍ଧି ଜନିତ ଚିନ୍ତା ଦିଗରେ ପଥ ପରିଷ୍କାର କରି ସାରିଛି। ଜି-୭ ସହିତ ଟ୍ରମ୍ପଙ୍କର ସମ୍ପର୍କ ସେତେ ମଧୁର ନୁହେଁ। ୨୦୧୮ରେ ତାଙ୍କର ପ୍ରଥମ ପାଳିର ରାଷ୍ଟ୍ରପତିତ୍ୱ କାଳରେ ଟ୍ରମ୍ପ୍ ଏହି ବୈଠକରୁ ଉତ୍‌କ୍ଷିପ୍ତ ହୋଇ ଉଠି ଚାଲି ଯାଇଥିଲେ ଏବଂ ଏହି ସମ୍ମିଳନୀର ସିଦ୍ଧାନ୍ତମୂଳକ ବିବୃତିକୁ ସ୍ୱୀକାର କରିବାକୁ ମନା କରି ଦେଇଥିଲେ। ଏକ ସାମ୍ବାଦିକ ସମ୍ମିଳନୀରେ ସେ କାନାଡାର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ଦ୍ୱାରା ପ୍ରଦତ୍ତ ବିବୃତିକୁ 'ମିଥ୍ୟା ବିବୃତି' ବୋଲି କହିଥିଲେ ତଥା ନିର୍ଦ୍ଦିଷ୍ଟ କେତେକ ଆମେରିକୀୟ ସାମଗ୍ରୀ ଉପରେ କାନାଡା ଦ୍ୱାରା ଲାଗୁ କରାଯାଇଥିବା ତାରିଫ୍‌ଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଜୁନ୍ ୧୭ ତାରିଖରେ, ଅର୍ଥାତ୍ ଗତ କାଲି ଜି-୭ ସଦସ୍ୟ ରାଷ୍ଟ୍ର ସମୂହ ଏବଂ ଏହି ସମ୍ମିଳନୀରେ ଯୋଗ ଦେଇଥିବା ଅନ୍ୟାନ୍ୟ ଦେଶ ଯଥା ଭାରତ, ଅଷ୍ଟ୍ରେଲିଆ, ବ୍ରାଜିଲ, ମେକ୍ସିକୋ, ଦକ୍ଷିଣ କୋରିଆ ଏବଂ ୟୁକ୍ରେନ୍‌ର ନେତାମାନେ ପରସ୍ପର ସହିତ ଭାବ ବିନିମୟ କରିଛନ୍ତି। ପରସ୍ପରଙ୍କ ସହିତ ଭାବ ବିନିମୟ ସମୟରେ ସେମାନଙ୍କ ଭିତରେ ଏଇ ଆଶାଟିଏ ଅବଶ୍ୟ ଥିଲା ଯାହା କେନ୍ଦ୍ରିତ ଥିଲା ଅର୍ଥନୀତିକ ପ୍ରସଙ୍ଗଗୁଡ଼ିକୁ ନେଇ ଟ୍ରମ୍ପଙ୍କ ଚିନ୍ତାଧାରା ଉପରେ ଅଧିକ ସ୍ପଷ୍ଟୀକରଣ।

ପାଶ୍ଚାତ୍ୟ ଅର୍ଥନୀତିମାନଙ୍କର- ଜାପାନ୍ ହେଉଛି ଏକମାତ୍ର ବ୍ୟତିକ୍ରମ- ଏହି ଗୋଷ୍ଠୀ ତା'ର ପଚାଶତମ ବର୍ଷରେ ବିଭିନ୍ନ କାରଣରୁ ପୁଣିଥରେ ବ୍ୟବସ୍ଥିତ ହେବାର ଆବଶ୍ୟକତା ରହିଛି ବୋଲି ସ୍ପଷ୍ଟ ଶବ୍ଦରେ କୁହାଯାଇପାରେ। ବିଶ୍ୱ ଅର୍ଥନୀତି ଉପରେ ଏହାର ପ୍ରାଧାନ୍ୟକୁ ଏହା ହରାଇ ସାରିଛି- ଚୀନ୍‌ର ଅଭ୍ୟୁଦୟ ସହିତ ବିଶ୍ୱ ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଦୁଇ ଦଶନ୍ଧି ପୂର୍ବେ ଏହାର ରହିଥିବା ଅଂଶ ୬୦ ପ୍ରତିଶତରୁ ବର୍ତ୍ତମାନ ୪୪ ପ୍ରତିଶତକୁ ଖସି ଆସିଛି। ଚୀନ୍ ଏବଂ ଭାରତ ଯେତେବେଳେ ବୈଶ୍ୱିକ ଅଭିବୃଦ୍ଧିର ନେତୃତ୍ୱ ନେଉଛନ୍ତି ଏବଂ ବିଶ୍ୱର ସର୍ବାଧିକ କ୍ଷମତାଶାଳୀ ରାଷ୍ଟ୍ର ଭାବରେ ଟ୍ରମ୍ପଙ୍କ ଶାସିତ ଆମେରିକା ଘଡ଼ିକେ ଘୋଡ଼ା ଛୁଟାଉଛି, ସେତେବେଳେ ଜି-୭ ସମ୍ମୁଖରେ ଏହାର ପ୍ରାଥମିକତାଗୁଡ଼ିକର ପୁନଃସଂଯୋଜନା କରିବା କାର୍ଯ୍ୟ ଅନିବାର୍ଯ୍ୟ ହୋଇ ପଡ଼ିଛି। ଜି-୭ ସଦସ୍ୟ ଗୋଷ୍ଠୀର ପ୍ରତ୍ୟେକ ରାଷ୍ଟ୍ର ଟ୍ରମ୍ପଙ୍କ ସହିତ ପୃଥକ୍ ପୃଥକ୍ ବାଣିଜ୍ୟିକ ରାଜିନାମା ସମ୍ପନ୍ନ କରୁଥିବା ବେଳେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ଏକ ବିକଳ୍ପହୀନ ନୀତି ପାଲଟି ଯାଇଛି ଏବଂ ଦେଖିବାକୁ ବାକି ରହିଛି ଜି-୭ କେତେଦିନ ପର୍ଯ୍ୟନ୍ତ ଏହାର ସାମ୍ପ୍ରତିକ ରୂପକୁ ବଜାୟ ରଖି ପାରୁଛି। ପୁନଶ୍ଚ, ଇସ୍ରାଏଲ ଗୋଟିଏ ପଟେ ଲଗାତର ଭାବରେ ଗାଜାରେ ଯୁଦ୍ଧ ଚଳାଇ ରଖିବା ସହିତ ନିକଟରେ ଇରାନ୍ ଉପରେ ଆକ୍ରମଣ କରି ଅନ୍ୟ ଏକ ଯୁଦ୍ଧକୁ ଆମନ୍ତ୍ରଣ କରି ଆଣିଛି, ଯାହାର ପ୍ରଭାବ ସମଗ୍ର ଏସିଆ ଭୂଖଣ୍ଡ ଉପରେ ଅନୁଭୂତ ହେବାକୁ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ ଗୋଟିଏ ପଟେ ଆମେରିକା ସହିତ ବାଣିଜ୍ୟିକ କାରବାରକୁ ନେଇ ସବୁ ଦେଶ ଚିନ୍ତିତ ରହିଥିବା ବେଳେ ଅପର ପକ୍ଷରେ ଇସ୍ରାଏଲ ପଛରେ ଆମେରିକାର ସମର୍ଥନ ରହିଛି ଯାହା ଇସ୍ରାଏଲକୁ ଇରାନ୍ ବିରୁଦ୍ଧରେ ଯୁଦ୍ଧରୁ ନିବର୍ତ୍ତାଇବା ପାଇଁ କ୍ୱଚିତ୍ କୌଣସି ପଦକ୍ଷେପ ନେଉଛି।

ଏସବୁ ମଝିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱର- ଏହା ଯୁଦ୍ଧର ଯୁଗ ନୁହେଁ- ହୁଏତ କ୍ଷୀଣ ହୋଇ ଚାଲିଛି। ଇସ୍ରାଏଲ କୁଦ୍‌ମାନଙ୍କ ମୁଖ୍ୟାଳୟ ଉପରେ ଆକ୍ରମଣ କରିବାରେ ସଫଳ ହୋଇଥିବା ଦାବି କରୁଥିବା ବେଳେ ବିଶ୍ୱରେ ଆରମ୍ଭ ହୋଇଥିବା ସଦ୍ୟତମ ଯୁଦ୍ଧର ନିକଟ ଭବିଷ୍ୟତରେ ପରିସମାପ୍ତି ଘଟିବା ଆଶା ସୃଷ୍ଟି ହେଉନାହିଁ। ତେବେ ଏସବୁ ଭିତରେ ତୈଳର ଭଣ୍ଡାର ଭାବରେ ବିବେଚିତ ଇରାନ୍‌କୁ ଏକ ଯୁଦ୍ଧ କ୍ଷେତ୍ରରେ ଇସ୍ରାଏଲ ପରିଣତ କରି ଦେଇଥିବାରୁ ଏବଂ ଏହାର ତୈଳ ଓ ଗ୍ୟାସ୍ ଭିତ୍ତିଭୂମିଗୁଡ଼ିକ ଉପରେ ଆକ୍ରମଣ ଚଳାଇ ଥିବାରୁ ସମ୍ପ୍ରତି ସମଗ୍ର ବିଶ୍ୱ ପାଇଁ ଏହା ଚିନ୍ତାର କାରଣ ପାଲଟିଛି, ବିଶେଷକରି ଭାରତ ପାଇଁ ଯାହା ଏକ ସମ୍ପ୍ରସାରିତ ଅର୍ଥନୀତିରେ ଯେତିକି ତୈଳ ଖର୍ଚ୍ଚ କରୁଛି, ସେସବୁଯାକ ପ୍ରାୟ ଏହାଠାରୁ ଆମଦାନୀ କରୁଛି। ଗତ ସପ୍ତାହରେ ମାନଦଣ୍ଡ ସମ୍ପନ୍ନ ବ୍ରେଣ୍ଟ୍ ଅଶୋଧିତ ତୈଳର ବ୍ୟାରେଲ ପିଛା ୭୪ ଆମେରିକୀୟ ଡଲାରରେ ରହିବାରୁ ଯାହା ସୂଚନା ମିଳେ, ତାହା ୧୨ ପ୍ରତିଶତ ମୂଲ୍ୟ ବୃଦ୍ଧିକୁ ଦର୍ଶାଉ ଥିବା ବେଳେ ତୈଳ ଦର ବର୍ତ୍ତମାନ ଦୋଦୁଲ୍ୟମାନ ସ୍ଥିତିରେ କହିଲେ ଅତ୍ୟୁକ୍ତି ହେବନାହିଁ। ଇରାନ୍ ଉପରେ ଆକ୍ରମଣ ପରେ ଚେତାବନୀ ପ୍ରଦାନକାରୀମାନେ ଏହି ଦର ବ୍ୟାରେଲ ପିଛା ୧୨୦ ଡଲାରକୁ ବୃଦ୍ଧି ପାଇବା ଆଶଙ୍କା କରୁଛନ୍ତି ଯାହା ସମ୍ଭବତଃ ଗୋଟିଏ ଦଶନ୍ଧି ଭିତରେ ଦେଖାଯାଇ ନାହିଁ। ତେବେ ବର୍ତ୍ତମାନ ପାଇଁ ଏତିକି କୁହାଯାଇପାରେ ଯେ ତୈଳ ଦର ବୃଦ୍ଧି ଏକ ସୁନିଶ୍ଚିତ ଘଟଣା ପାଲଟିବାକୁ ଯାଉଛି ଯାହା ଭାରତର ତୈଳ ବିଲ ହିସାବ ଉପରେ ଆଘାତ ଦେବ ଏବଂ ତା' ସହିତ ଏହାର ଚାଲୁଖାତା ନିଅଣ୍ଟ ଉପରେ ମଧ୍ୟ। ଇରାକ୍, ସାଉଦି ଆରବ ଏବଂ ୟୁଏଇରୁ ଅଣା ଯାଉଥିବା ତୈଳର ପରିବହନ କ୍ଷେତ୍ରରେ ଯଦି କିଛି ଅସୁବିଧାଜନକ ପରିସ୍ଥିତି ଉପୁଜେ ଏବଂ ଚୀନ୍ ପରେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ଅଶୋଧିତ ତୈଳ ରପ୍ତାନୀକାରୀ ରାଷ୍ଟ୍ର ରୁଷିଆରୁ କଟକଣା କାରଣରୁ କମ୍ ତୈଳ ଆମଦାନୀ କରୁଥିବାରୁ ଏହା ଭାରତର ଅର୍ଥନୀତିକୁ ପ୍ରତିକୂଳ ଭାବରେ ପ୍ରଭାବିତ କରିବ। ସୂଚାଇ ଦିଆଯାଇପାରେ କି ଭାରତ ଦୈନିକ ହାରାହାରି ୫ ମିଲିଅନ୍ ବ୍ୟରେଲ ତୈଳ ଆବଶ୍ୟକ କରେ। ଅଧିକ ଦରରେ ତୈଳ କ୍ରୟ କରିବା ଏହାର ବଜାରରେ ବ୍ୟାଘାତ ସୃଷ୍ଟି କରିବ ଯାହାର ଭାର ସାଧାରଣ ଜନତାଙ୍କ ପାଇଁ ବହନ କରିବା ସହଜ ହୋଇ ନପାରେ। ❒

# ଗୁରୁ ହେଲେ ସେବକ

ଗୁରୁ ଜଣେ ବ୍ୟକ୍ତି ନୁହନ୍ତି; ଶକ୍ତି। ସେ ସ୍ତରରେ ଯିଏ ପହଞ୍ଚନ୍ତି, ସେ ଗୁରୁ ପଦବାଚ୍ୟ। ଶିଷ୍ୟ ସେଠାରେ ପହଞ୍ଚି ଗଲେ ଗୁରୁ ଓ ଶିଷ୍ୟଙ୍କ ଭିତରେ ସେବ୍ୟ ଓ ସେବକର ଭାବ ରୁହେନା। ଏହାର ଏକ ଉଦାହରଣ। ତୋତାପୁରୀ ଥିଲେ ନିରାସକ୍ତ, ମୌନୀ, ବ୍ରହ୍ମବିଦ୍, ଦିଗମ୍ବର ଓ ବେଦାନ୍ତୀ ସନ୍ଥ। ଦିଗମ୍ବର ହେତୁ ତାଙ୍କୁ ସମସ୍ତେ ଲଙ୍ଗୁଳି ବାବା କୁହନ୍ତି। ଅବିଭକ୍ତ ପଞ୍ଜାବରେ ତାଙ୍କର ଜନ୍ମ। କୁଳ, ଗୋତ୍ର ତଥା ପୂର୍ବ ଆଶ୍ରମର କିଛି ସୂଚନା ମିଳେନା। ତଥାପି ଷୋଡ଼ଶ ଶତାବ୍ଦୀର ଶେଷ ବେଳକୁ ତାଙ୍କର ଜନ୍ମ ବୋଲି ଅନୁମାନ କରାଯାଏ। ଲଙ୍ଗୁଳି ବାବା ନାଗା ମଠରେ ରହି ଶିକ୍ଷା, ଦୀକ୍ଷା, ବେଦ ଓ ବେଦାନ୍ତ ପଢ଼ିଥିଲେ। କଠୋର ବୈରାଗୀ ଜୀବନ ଅତିବାହିତ କଲେ। ପ୍ରବୃତ୍ତି ମାର୍ଗର ସାଧକ ସାକାର ଓ ସଗୁଣ ବ୍ରହ୍ମଙ୍କୁ ଉପାସନା କରନ୍ତି। ମାତ୍ର ନିବୃତ୍ତି ମାର୍ଗର ସାଧକମାନେ ନିର୍ଗୁଣ ଓ ନିରାକାର ବ୍ରହ୍ମଙ୍କୁ ନିଜ ଭିତରେ ଅନୁଭବ କରନ୍ତି। ନିଜକୁ ବ୍ରହ୍ମ ବୋଲି ବିଚାର କରନ୍ତି; 'ଅହଂବ୍ରହ୍ମୋସ୍ମି' ଭାବନ୍ତି। ନାଗା ମଠରେ କଠୋର ବ୍ୟାୟାମ, ଆସନ, ପ୍ରାଣାୟାମ, ହଠ ଯୋଗରେ ଅଭ୍ୟସ୍ତ ହୋଇଥିଲେ ଲଙ୍ଗୁଳି ବାବା। ସେ ସମଗ୍ର ଭାରତବର୍ଷକୁ ଚାଲିଚାଲି ଭ୍ରମଣ କରିଥିଲେ। ଲଙ୍ଗୁଳି ବାବା ୧୭୬୨ ମସିହାର ତୃତୀୟ ପାନିପଥ ଯୁଦ୍ଧ ଦେଖିଥିବା କଥା ପ୍ରକାଶ କରିଛନ୍ତି। ସେ କୌଣସି ସ୍ଥାନରେ ତିନି ଦିନରୁ ଅଧିକ ରୁହନ୍ତି ନାହିଁ। ଅନ୍ୟ ସନ୍ଥଙ୍କ ଭଳି ସେ ମଠ, ଆଶ୍ରମ ବା ଶିଷ୍ୟ କରିବାରେ ଆଗ୍ରହୀ ନଥିଲେ। ୧୮୬୨ ମସିହାର ଘଟଣା। ତୋତାପୁରୀ ଗଙ୍ଗା କୂଳ ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ତୃତୀୟ ଥର ପାଇଁ ପହଞ୍ଚିଲେ। ମୁଣ୍ଡରେ ବିରାଟ ଜଟା, ହାତରେ ଚିମୁଟା, କମଣ୍ଡଳୁ ଓ ଛାଲ। ସମ୍ପୂର୍ଣ୍ଣ ଉଲଗ୍ନ। ବିରାଟକାୟ ଚେହେରା। ସତେ ଯେମିତି ସେ କିଛି ଖୋଜୁଥିଲେ। ଦୃଷ୍ଟି ପଡ଼ିଲା ମନ୍ଦିର ପାହାଚରେ ବସିଥିବା ଶ୍ୟାମଳ ବର୍ଣ୍ଣ ବ୍ରହ୍ମଚାରୀଙ୍କ ଉପରେ। ମାଆ କାଳୀଙ୍କର ଅନନ୍ୟ ସେବକ ସେ। ନାଁ ଗଦାଧର ଚଟ୍ଟୋପାଧ୍ୟାୟ। ତୋତାପୁରୀ ଜାଣି ପାରିଲେ ଯୁବକଟି ଭକ୍ତିଯୋଗସିଦ୍ଧ। ପାଖରେ ପହଞ୍ଚି ପଚାରିଲେ- 'ବେଦାନ୍ତ ଜ୍ଞାନ ପାଇଁ ଦୀକ୍ଷା ନେବୁ?'- 'ମାଆଙ୍କୁ ପଚାରି ଆସେ'- କହି ଗଦାଧର ମନ୍ଦିର ଭିତରକୁ ଗଲେ। ମାଆ କହିଲେ- 'ମୁଁ ତୋ ପାଇଁ ତାଙ୍କୁ ଏଠିକି ଆଣିଛି। ଦୀକ୍ଷା ନେ।' ଗଦାଧର ଧାଇଁ ଆସିଲେ। ଲଙ୍ଗୁଳି ବାବାଙ୍କ ପାଦତଳେ ପଡ଼ିଗଲେ। ଦୀକ୍ଷା ଗ୍ରହଣ ପରେ ଗଦାଧରଙ୍କ ନାମ ହେଲା ଶ୍ରୀ ରାମକୃଷ୍ଣ। ଖୁବ୍ କମ୍ ଦିନରେ ବେଦାନ୍ତର ଗୂଢ଼ ତତ୍ତ୍ୱ, ଧ୍ୟାନ, ଧାରଣା ଆୟତ୍ତ କରି ସମାଧି ଆଡ଼କୁ ଆଗେଇ ଚାଲିଲେ।

'ନିର୍ଗୁଣ ନିରାକାର ହିଁ ସତ୍ୟ, ଜଗତ ମିଥ୍ୟା'- ଏକଥା କହୁଥିଲେ ଗୁରୁ ତୋତାପୁରୀ। କିନ୍ତୁ ରାମକୃଷ୍ଣ ସହଜରେ ଗ୍ରହଣ କରିପାରୁ ନଥିଲେ। ତାଙ୍କର ସମସ୍ତ ଧ୍ୟାନ, ଧାରଣା ପହଞ୍ଚି ଯାଉଥିଲା ମାଆଙ୍କ ନିକଟରେ। ଏ ଅବସ୍ଥାକୁ ଲକ୍ଷ୍ୟ କରୁଥିଲେ ଗୁରୁ ତୋତାପୁରୀ। ଦିନେ ଚିମୁଟାରେ ଶ୍ରୀ ରାମକୃଷ୍ଣଙ୍କ ଆଜ୍ଞାଚକ୍ରରେ ମୃଦୁ ଆଘାତ ଦେଇ କହିଲେ- 'ଏଇଠି ଧ୍ୟାନ ଲଗା'। ଶିଷ୍ୟ ଶ୍ରୀ ରାମକୃଷ୍ଣ ନିର୍ବିକଳ୍ପ ସମାଧିରେ ବସିଗଲେ। ତିନି ଦିନ, ତିନି ରାତି ବିତିଗଲା। ଗୁରୁ ତୋତାପୁରୀ ଶ୍ରୀ ରାମକୃଷ୍ଣ ଓ କୁଡ଼ିଆକୁ ଜଗି ବସିଲେ। ଗୁରୁ ସେବକ ହୋଇଗଲେ। ଶିଷ୍ୟର ସେବାରେ ଲାଗିଲେ। ସମାଧିରୁ ଫେରିଲା ପରେ ତୋତାପୁରୀ ଶ୍ରୀ ରାମକୃଷ୍ଣ ପରମହଂସଙ୍କୁ କହିଲେ- 'ମୁଁ ଯାହାକୁ ଚାଳିଶ ବର୍ଷ ଧରି ସାଧନା କରିଥିଲି, ତୁ ତାକୁ ଏକ ମୁହୂର୍ତ୍ତରେ ହାସଲ କରିନେଲୁ?' ସେହି ଲଙ୍ଗୁଳି ବାବା ପୁରୀର ଶ୍ରୀକ୍ଷେତ୍ର ନିକଟବର୍ତ୍ତୀ ଗିର୍ଣ୍ଣାରବନ୍ତଠାରେ ୧୯୬୨ ମସିହା ଅଗଷ୍ଟ ମାସରେ ସମାଧିସ୍ଥ ହୋଇ ଦେହରକ୍ଷା କରିଥିଲେ। ❒

ପଦାରବିନ୍ଦ

# ବିକଶିତ ଭାରତ ପ୍ରତିଯୋଗିତାରେ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା



**ନୟାଗଡ଼,୧୭।୬/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ସମଗ୍ର ଶିକ୍ଷା ପକ୍ଷରୁ ଆୟୋଜିତ ଭିଜନ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ସମ୍ପର୍କିତ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ନବଘନପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ତଥା ପ୍ରକଳ୍ପ ସଂଯୋଜକ ଚିତ୍ତରଞ୍ଜନ ପାଣ୍ଡେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରବନ୍ଧ ଏବଂ ଚିତ୍ରକଳା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୧୧ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ ସହିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ସଂଯୋଜିକା ଶୁଭସ୍ମିତା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରିଣୀ ଗୀତାଞ୍ଜଳି ସାହୁ, ବନଲତା ବେହେରା ଏବଂ ସନ୍ଧ୍ୟାରାଣୀ ରାଉତ ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ଦିନରେ ରାଜ୍ୟ ତଥା ଦେଶର ବିକାଶରେ ସହାୟକ ହୋଇ ଏକ ଉତ୍ତମ ନାଗରିକ ଭାବେ ନିଜକୁ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ସନ୍ଧ୍ୟା ସମୟରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନେ ଜିଲ୍ଲା ବିକାଶ ମେଳାର ମୁଖ୍ୟ ଅତିଥି ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏବଂ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅତିଥି ମାନଙ୍କଠାରୁ ପୁରସ୍କାର ଭାବେ ନଗଦ ଅର୍ଥରାଶି ଗ୍ରହଣ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀଙ୍କୁ ୫ହଜାର, ଦ୍ୱିତୀୟ ସ୍ଥାନ ପ୍ରତିଯୋଗୀଙ୍କୁ ୩ହଜାର ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ୨ହଜାର ଟଙ୍କା ଲେଖାଏଁ ନଗଦ ଅର୍ଥରାଶି ପୁରସ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପିଲାମାନଙ୍କ ସହିତ ସେମାନଙ୍କ ପିତାମାତା ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦାନ କରିଥିଲେ।

# କଂଗ୍ରେସର ସମ୍ବିଧାନ ବଞ୍ଚାଓ ସମାବେଶ



**ନୟାଗଡ଼,୧୭।୬/ଏନ୍ଏନ୍ଏସ୍:** ରାହୁଲ ଗାନ୍ଧିଙ୍କ ନିର୍ଦ୍ଦେଶ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ନୟାଗଡ଼ରେ ସମ୍ବିଧାନ ବଞ୍ଚାଓ ଦେଶ ବଞ୍ଚାଓ ସମାବେଶ ନ୍ୟାୟପଥ ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ସତ୍ୟବ୍ରତ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ଶହ ଶହ ସଂଖ୍ୟାରେ କଂଗ୍ରେସ କର୍ମୀ ଓ ଯୁବ ଛାମୁଆ ସଂଗଠକ ପିତବ୍ଲୁଡି ଡ଼ାକବଙ୍ଗଳା ଠାରୁ ନୂଆ ରାଜବାଟୀ ପର୍ଯ୍ୟନ୍ତ ବିଶାଳ ରାଲିରେ ଯାଇ ନୂଆ ରାଜବାଟୀ ଠାରେ ଆୟୋଜିତ ଏକ ବିଶାଳ ଜନ ସମାବେଶରେ ଯୋଗଦେଇଥିଲେ। ପଦଯାତ୍ରା ବେଳେ କଂଗ୍ରେସ କର୍ମୀମାନେ ସାମ୍ବିଧାନ ବଚାଓ, ଦେଶ ବଞ୍ଚାଓ, ମୋଦି ହଟାଓ ଦେଶ ବଞ୍ଚାଓ ଆଦି ବିଭିନ୍ନ ମୋଦି ବିରୋଧୀ ନାରା ଦେଇ ସରକାଙ୍କ ଅପାରଗତାକୁ ସମାଲୋଚନା କରିଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚନ ପୂର୍ବରୁ ଶହ ଶହ ବିଜେଡି ଓ ବିଜେପି କର୍ମୀ ନୟାଗଡ଼ କଂଗ୍ରେସରେ ଯୋଗଦେଇ ନୟାଗଡ଼ କଂଗ୍ରେସକୁ ସୁଦୃଢ଼ କରିବେ ବୋଲି ସୂଚନା ଦେଇଥିଲେ। ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳର ଉପନେତା ଅଶୋକ ଦାସ, ପିସିସି ସାଧାରଣ ସମ୍ପାଦକ ଯଶୀର ନୱାଜ, କୃଷକ ସେଲ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ସତ୍ୟବ୍ରତ ନାୟକ ପ୍ରମୁଖ ଯୋଗଦେଇ ବିଜେପି ସରକାରର ବିଫଳତାକୁ ସମାଲୋଚନା କରିଥିଲେ। ସମାବେଶରେ ପୂର୍ବତନ ଜିଲ୍ଲା ସଭାପତି ରଂଜିତ ଦାସ, ବରିଷ୍ଠ କଂଗ୍ରେସ ନେତା ମନୋଜ ସାହୁ, ହୁସେନ ଖାଁ, ବିଭୁପ୍ରସାଦ ମିଶ୍ର, ବୈଜୟନ୍ତୀ ମାଳା, ସରୋଜ ପରିଡା, ସୁଶାନ୍ତ ଶତପଥି, ଧ୍ରୁବଚରଣ ପରିଡା, ସତ୍ୟରଞ୍ଜନ ମଣ୍ଡା, ମିର୍ ଅବଦ୍ଧାର ସିଦିକି, ଅନିଲ ଚୁଆଲ ସିଂ, ଲକ୍ଷ୍ମୀଧର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରଦ୍ୟୁମ୍ନ କୁମାର ସାହୁ, ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଚାରିଛକ ବଜାରର ବରିଷ୍ଠ ବ୍ୟବସାୟୀଙ୍କ ବିୟୋଗରେ ଶୋକ

**ଚାରିଛକ,୧୭।୬/ଏନ୍ଏନ୍ଏସ୍:** ଚାରିଛକ ବଜାରର ବରିଷ୍ଠ ବ୍ୟବସାୟୀ ତୋଫାନ କୁମାର ଲେଙ୍କା(୬୨)ଙ୍କ ଆଜି ଦେହାନ୍ତ ଘଟିଛି। ଚାରିଛକ ନିକଟସ୍ଥ ତଢଣା ଗ୍ରାମର ଶ୍ରୀ ଲେଙ୍କା ଚାରିଛକ ବଜାରରେ ଏକ ଗ୍ରୋସରୀ ଦୋକାନକରି ପରିବାର ପ୍ରତିପୋଷଣ କରୁଥିଲେ। ଗତ ଦୁଇମାସ ତଳେ ବ୍ରେନ୍ ଷ୍ଟ୍ରୋକ୍ ହେବା ପରେ ଚିକିତ୍ସାଧୀନ ଥିଲେ। ସେ ଜଣେ ସରଳ ଓ ସଚୋଟ ବ୍ୟବସାୟୀ ଥିଲେ। ତାଙ୍କର ବିୟୋଗ ଖବର ଶୁଣି ଚାରିଛକ ବ୍ୟବସାୟୀ ସଂଘର ସଭାପତି ସନ୍ତୋଷ ପ୍ରଧାନ, ପୂର୍ବତନ ସଭାପତି ତଥା ପୂର୍ବତନ ସମିତିସଭ୍ୟ ମହେନ୍ଦ୍ର କୁମାର ନାୟକ, ସଂପାଦକ ଗଗନ ମଲ୍ଲିକ, ଅନିରୁଦ୍ଧ ସ୍ୱାଇଁ, ଦିଲ୍ଲୀପ ନାୟକ, ସୁବାସ ଚନ୍ଦ୍ର ଓଝା, ଜିତେନ୍ଦ୍ର ପରିଡା ଓ ବିରଞ୍ଚି ଖଟୋଇ, ଚନ୍ଦନ ଲେଙ୍କାଙ୍କ ସମେତ ଅନେକ ବ୍ୟବସାୟୀ ତାଙ୍କ ବାସ ଭବନରେ ପହଂଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ନିଜ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଛି। ପୁଅ ସରୋଜ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବୁଧବାର ଚାରିଛକ ବଜାରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିବ ବୋଲି ସଭାପତି ଶ୍ରୀ ପ୍ରଧାନ ଜଣାଇଛନ୍ତି।

## ତ୍ରିଦିବସୀୟ ରଜ ମହୋତ୍ସବରେ ଯୋଗଦେଲେ ବିଜେପି ନେତା



**ସାଲେପୁର,୧୭।୬/ଏନ୍ଏନ୍ଏସ୍:** କୃଷିଭିତ୍ତିକ ଗଣପର୍ବ ରଜ ଅବସରରେ ସାଲେପୁର ବ୍ଲକ ବିଭିନ୍ନ ପଞ୍ଚାୟତରେ ବିଭିନ୍ନ କ୍ଲବ, ଅନୁଷ୍ଠାନ ତରଫରୁ ଆୟୋଜିତ ରଜ ମହୋତ୍ସବ-୨୦୨୫ କାର୍ଯ୍ୟକ୍ରମରେ ରଜପାନ, ରଜଦୋଳି ଖେଳିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ଟାଙ୍ଗୀ-ସାଲେପୁରର ବିଜେପି ନେତା ହିମାଂଶୁ ମହାନ୍ତି। ଏହି ଅବସରରେ ସାଧାରଣ ଲୋକମାନଙ୍କ ସହିତ ମିଶି ରଜଦୋଳି ଖେଳିବା ସହିତ ପୋଡ଼ପିଠା ଖାଇବା, ରଜପାନ ଖାଇବାର ମଜା ଉଠାଇଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କରାଯାଇଥିବା ପୁଚି, ମ୍ୟୁଜିକ ଚେୟାର, ଝୋଟି ଆଦି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଶ୍ରୀ ମହାନ୍ତି ସାଲେପୁର ଅଞ୍ଚଳର ରଟିଲୋ, ପୁରୁଣାହାଟ, ତରିତୋ, ତେନ୍ତୋଳ, ବହୁଗ୍ରାମ, ମହାଜନପୁର, ମୁତାରିଫା, ମାଳଶାସନ, ନାଦୋଳ ଆଦି ବହୁ ପଞ୍ଚାୟତରେ ଆୟୋଜିତ ରଜ ମହୋତ୍ସବରେ ଯୋଗଦେଇଥିଲେ।

## ଅବସରପ୍ରାପ୍ତ କୃଷି କର୍ମଚାରୀଙ୍କ ବିୟୋଗରେ ଶୋକ



**କୁଆଁପାଳ,୧୭।୬/ଏନ୍ଏନ୍ଏସ୍:** ମାହାଙ୍ଗା ହଳଦିଆ ପଞ୍ଚାୟତ ଅର୍ନ୍ତଗତ ବାଏନପୁର ଗ୍ରାମର ଅବସରପ୍ରାପ୍ତ କୃଷି କର୍ମଚାରୀ ବସନ୍ତ କୁମାର ସ୍ୱାଇଁଙ୍କର ୮୭ବର୍ଷ ବୟସରେ ପରଲୋକ ଘଟିଛି। ସେ ଦୀର୍ଘ ୩୭ବର୍ଷଧରି କୃଷିବିଭାଗରେ କାର୍ଯ୍ୟରତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ଚାରୁଲତା, ସାନପୁଅ ସତ୍ୟବ୍ରତ ସ୍ୱାଇଁ, ପୁତୁରା ମିଙ୍କୁ, ଝିଅ ଗୀତାଞ୍ଜଳୀ ସ୍ୱାଇଁ, ରୀତାଞ୍ଜଳୀ ସ୍ୱାଇଁ, କବିତା ସାମଲ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜ୍ୱାଇଁ ଅଚ୍ୟୁତାନନ୍ଦ ସ୍ୱାଇଁ, ସୁଧୀର କୁମାର ପ୍ରଧାନ, ଯୁଗଳ କିଶୋର ସାମଲ, ହେମନ୍ତ ପ୍ରଧାନ, ସାନଭାଇ ଶରତ କୁମାର ସ୍ୱାଇଁ, ଭଉଣୀ ସାବିତ୍ରୀ, ପ୍ରମିଳା ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ବସନ୍ତଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ ବ୍ୟକ୍ତିଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ମାହାଙ୍ଗା ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

## ବେଦାନ୍ତ କର୍ମଚାରୀଙ୍କ ବିୟୋଗରେ ଶୋକ



**କଣ୍ଟିଲୋ,୧୭।୬/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ଗ୍ରାମ ପଞ୍ଚାୟତର ପାଣ୍ଡୁସାହୁ ପାଟଣା କୁଞ୍ଜବିହାରୀପୁର ପାଟଣାସାହିର ବେଦାନ୍ତ କମ୍ପାନୀ କର୍ମଚାରୀ ଧନେଶ୍ୱର ସାହୁ(୫୨)ଙ୍କ ରବିବାର ପରଲୋକ ହୋଇଯାଇଛି। ସୂଚନାରୁ ଜଣାପଡ଼ିଛି ଯେ, ଶ୍ରୀ ସାହୁ ଝାରସୁଗୁଡ଼ା ସ୍ଥିତ ବେଦାନ୍ତ ଆଲୁମିନା କମ୍ପାନୀରେ ଇଲେକ୍ଟ୍ରିସିଆନ୍ ଭାବେ ଚାକିରି କରୁଥିଲେ। ୬/୭ ମାସ ପୂର୍ବେ କମ୍ପାନୀ କାମରେ ନିୟୋଜିତ ଥିବା ବେଳେ ଏକ ଦୁର୍ଘଟଣାରେ ଆଘାତ ହୋଇଥିଲେ। ଫଳରେ କ୍ୟାନ୍ସରକୁ ଗତି କରିଥିଲା। ଅପରପକ୍ଷେ କମ୍ପାନୀ କାର୍ଯ୍ୟରେ ଦୁର୍ଘଟଣା ଘଟିଥିଲେ ହେଁ କମ୍ପାନୀ ତାଙ୍କର ଚିକିତ୍ସା ପାଇଁ ଗୁରୁତ୍ୱ ଦେଇ ନଥିବା ବିଷୟ ତାଙ୍କର ଭାଇ ଅଖିଳ କୁମାର ସାହୁ ଅଭିଯୋଗ କରିଛନ୍ତି। ଧନେଶ୍ୱରଙ୍କର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିବା ନେଇ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ସେ ଜଣେ ସ୍ନେହୀ, ମେଳାପି, ବନ୍ଧୁବତ୍ସଳ, ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ରାସ୍ତା ପାର୍ଶ୍ୱ ବୃକ୍ଷ ପାଲଟିଛି ବିଜ୍ଞାପନର ମାଧ୍ୟମ

**କଣ୍ଟିଲୋ,୧୭।୬/ଏନ୍ଏନ୍ଏସ୍:** ସମ୍ପ୍ରତି ପରିବେଶକୁ ସୁରକ୍ଷିତ ରଖିବା ତଥା ଜୀବ ଜଗତ ପାଇଁ ନିହାତି ଭାବେ ଆବଶ୍ୟକ ଥିବା ବୃକ୍ଷ ଗୁଡ଼ିକର ସୁରକ୍ଷା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ପଥପାର୍ଶ୍ୱ ବନୀକରଣ ଠାରୁ ଆରମ୍ଭକରି ବିଭିନ୍ନ ସ୍ଥାନରେ ପ୍ରତିବର୍ଷ ହଜାର ହଜାର ବୃକ୍ଷରୋପଣ କରାଯାଉଥିବା ବହୁ ନଜିର ଅଛି। କିନ୍ତୁ ଗଛଗୁଡ଼ିକର ସୁରକ୍ଷାକୁ ଅଣଦେଖା କରି ବିଭିନ୍ନ ପ୍ରକାର ବିଜ୍ଞାପନ ମାରିବା ଏବଂ ଗଛ ଡାଳ ଓ ବଡ଼ ବଡ଼ ଗଣ୍ଡି କାଟି ବ୍ୟାନର ଭିଡୁଥିବା ଯୋଗୁ ଗଛଗୁଡ଼ିକର ଆୟୁଷ ହାନି ଘଟୁଛି ବୋଲି ଅଭିଯୋଗ ହେଉଛି। ସୂଚନାରୁ ଜଣାପଡ଼ିଛି ଯେ, ଜଙ୍ଗଲ ବିଭାଗ ଓ ପୂର୍ତ୍ତ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଗଛଗୁଡିକର ରକ୍ଷଣା ବେକ୍ଷଣ ପାଇଁ ଆଦୌ ଧ୍ୟାନ ନଦେଇ ନିରବଦ୍ରଷ୍ଟା ସାଜି ସରକାରୀ ଅର୍ଥ ହରିଲୁଟ୍ କରୁଥିବା ନେଇ ଜନସାଧାରଣଙ୍କ ମନରେ ଉଦ୍‌ବେଗ ପ୍ରକାଶ ପାଉଛି। ସଚେତନତା ଓ କାର୍ଯ୍ୟାନୁଷ୍ଠାନ ଅଭାବରୁ ପଥପାର୍ଶ୍ୱ ମହାଦ୍ରୁମ ବୃକ୍ଷଗୁଡିକ ଏବେ ବିଜ୍ଞାପନର ମାଧ୍ୟମ ପାଲଟିଥିବା ଜଣାପଡିଛି। ପ୍ରକୃତି ପ୍ରତି ବୃକ୍ଷର ଆବଶ୍ୟକତା ସଂପର୍କରେ ସମସ୍ତେ ଅବଗତ ଥିଲେ ହେଁ, କେତେକ ନ୍ୟସ୍ତ ସ୍ୱାର୍ଥ ସ୍ୱାର୍ଥପର ବ୍ୟକ୍ତି ନିଜର ସ୍ୱାର୍ଥ ସାଧନ ପାଇଁ ବିଭିନ୍ନ ସ୍ଥାନରେ ପଥପାର୍ଶ୍ୱ ବୃକ୍ଷ ଗୁଡିକରେ ଲୁହାକଣ୍ଟା ମାରି ମାଳମାଳ ବିଜ୍ଞାପନ ଲଗାଉଥିବା ଦେଖିବାକୁ ମିଳୁଛି। ଏଥିପାଇଁ କଣ୍ଟିଲୋ ତଥା ଆଖପାଖ ଅଞ୍ଚଳର ପରିବେଶବିତ୍‌ମାନେ ବୃକ୍ଷଗୁଡ଼ିକର ଆୟୁଷ ଉପରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦଶପଲ୍ଲାରୁ ଫତେଗଡ ଓ ନୟାଗଡ଼ରୁ କଣ୍ଟିଲୋ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱସ୍ଥିତ ବୃକ୍ଷ ଗୁଡିକ ବିଜ୍ଞାପନର ମାଧ୍ୟମ ପାଲଟିଥିବା ନଜରକୁ ଆସୁଛି। ତେଣୁ ନୟାଗଡ଼ ବନଖଣ୍ଡ ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଓ ଜିଲ୍ଲାପାଳ ଏ ବାବଦରେ ପଦକ୍ଷେପ ନେଇ ବିଜ୍ଞାପନ ଲଗାଉଥିବା କମ୍ପାନୀ ଏବଂ ବ୍ୟାନର୍ ମାରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ଗଛଗୁଡ଼ିକୁ ସୁରକ୍ଷାଦେବାକୁ କଣ୍ଟିଲୋ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଦାବି କରିଛନ୍ତି।

## ନାରୀଶକ୍ତି ସମାବେଶରେ ଅଙ୍ଗନବାଡ଼ି କର୍ମୀ ପୁରସ୍କୃତ



**ସାଲେପୁର,୧୭।୬/ଏନ୍ଏନ୍ଏସ୍:** କଟକ ବାଲିଯାତ୍ରା ପଡ଼ିଆଠାରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ନାରୀଶକ୍ତି ସମାବେଶ କାର୍ଯ୍ୟକ୍ରମରେ ସାଲେପୁର ଅଙ୍ଗନବାଡ଼ି କର୍ମୀ ପୁରସ୍କୃତ ହୋଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ କନବର୍ଦ୍ଧନ ସିଂଦେଓ ଓ ବିଭାଗୀୟ ପ୍ରମୁଖ ସଚିବ ଯୋଗ ଦେଇଥିଲେ। ସମାରୋହରେ କଟକ ଜିଲ୍ଲା ସାଲେପୁର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ସେକ୍ଟର ଚମ୍ପତି ଅଙ୍ଗନବାଡ଼ି କର୍ମୀ ମଧୁସ୍ମିତା ପଣ୍ଡାଙ୍କୁ ମୁଖ୍ୟମନ୍ତ୍ରୀ ଟ୍ରଫି ପ୍ରଦାନକରି ସମ୍ମାନିତ କରିଥିଲେ। ଏହା ପୂର୍ବରୁ ଶ୍ରୀମତୀ ପଣ୍ଡା ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ଓ ନିଷ୍ଠା ପାଇଁ ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସ୍ତରରେ ପୁରସ୍କୃତ ହୋଇଛନ୍ତି। ଏହି ପୁରସ୍କାର ମିଳିବା ପରେ ଶ୍ରୀମତୀ ପଣ୍ଡା ବିଭାଗୀୟ ଅଧିକାରୀଙ୍କୁ ଏବଂ ଗ୍ରାମବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ରାଜ୍ୟସ୍ତରୀୟ ଉତ୍ସବରେ ପୁରସ୍କୃତ ହୋଇଥିବାରୁ ଶ୍ରୀମତୀ ପଣ୍ଡାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

## କମ୍ପାନୀ କାର୍ଯ୍ୟକୁ ନେଇ ଦୁଇଗୋଷ୍ଠୀ ମୁହାଁମୁହିଁ, ଥାନାରେ ମାମଲା

**ଖୋର୍ଦ୍ଧା,୧୭।୬/ଏନ୍ଏନ୍ଏସ୍:** ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ନାଲିପଡ଼ା ଅର୍ଜୁନପୁର ପଞ୍ଚାୟତ ହଳଦିପଦା ମୌଜାରେ ପ୍ରତିଷ୍ଠା ହେବ ବୃହତ୍ ଶିଳ୍ପ। ଏ ନେଇ ନିକଟରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବାବେଳେ କାର୍ଯ୍ୟ ଏବେ ଆଗେଇ ଚାଲିଛି। ମାତ୍ର ପ୍ରସ୍ତାବିତ ଶିଳ୍ପ ନିର୍ମାଣ କାର୍ଯ୍ୟରେ ବାଧାସୃଷ୍ଟି କରୁଛନ୍ତି କିଛି ଗ୍ରାମବାସୀ। ଏହାକୁ ନେଇ ଶିଳ୍ପ ସପକ୍ଷବାଦୀ ଓ ଉକ୍ତ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଏନେଇ ଥାନାରେ ଉଭୟ ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସଞ୍ଜନ ନାୟକ ସୂଚନା ଦେଇଛନ୍ତି। ଶରଧାପୁର ର ଭଜମନ ବେହେରାଙ୍କ ଅଭିଯୋଗ ଅନୁଯାୟୀ, ହଳଦୀପଦା ମୌଜାରେ ଏକ କମ୍ପାନୀ କାର୍ଯ୍ୟ ଚାଲିଛି । ସରକାର କମ୍ପାନୀକୁ ଦେଇଥିବା ଜମି ମଧ୍ୟରେ କିଛି କାଜୁଗଛ ରହିଛି। ଏହାକୁ କେନ୍ଦ୍ର କରି କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ମହିଳାଙ୍କୁ ଢାଲକରି କମ୍ପାନୀ କାର୍ଯ୍ୟକୁ ବିରୋଧ କରୁଛନ୍ତି। ଆଜି ସନ୍ଧ୍ୟାରେ ଏହି ଘଟଣାକୁ କେନ୍ଦ୍ରକରି ତହସିଲ କାର୍ଯ୍ୟାଳୟ ପରିସରରେ ହଳଦିପଦା ଓ ଶରଧାପୁର ଲୋକଙ୍କ ସମେତ କମ୍ପାନୀ କର୍ତ୍ତୃପକ୍ଷ ତହସିଲଦାରଙ୍କ ଉପସ୍ଥିତିରେ ଏକ ଆଲୋଚନା କରାଯାଇଥିଲା। ମାତ୍ର ଆଲୋଚନା ସରିବା ପରେ ହଳଦିପଦାର କିଛି ବିଶୃଙ୍ଖଳିତ ଲୋକ ଶରଧାପୁର ଲୋକଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ଏହା ଉଗ୍ରରୂପ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ହଳଦିପଦାର ପ୍ରଶାନ୍ତ ସାହୁ ସାମାନ୍ୟ ଆହତ ହୋଇଥିଲେ। ପ୍ରଶାନ୍ତ ନିଜେ ତାଙ୍କ ଗାଡିରେ ନିଜକୁ ଆଘାତ ଦେଇ ଗ୍ରାମବାସୀଙ୍କୁ ଧମକ ଦେଇ ଥାନାରେ ଦେଖିଦେବେ ବୋଲି କହିଥିବା ଭଜମନ ଅଭିଯୋଗ କରିଛନ୍ତି। ଏପରିକି ସେମାନେ ମାରଣାସ୍ତ୍ର ଧରି ଭଜମନ ଓ ତାଙ୍କ ସହଯୋଗୀଙ୍କୁ ଆକ୍ରମଣ କରିଥିଲେ। ଏନେଇ ଭଜମନ ପ୍ରଶାନ୍ତଙ୍କ ସମେତ ଅନ୍ୟମାନଙ୍କ ନାଁରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପ୍ରଶାନ୍ତଙ୍କୁ ଶରଧାପୁର ଗୋଷ୍ଠି ଆକ୍ରମଣ କରିଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପ୍ରଶାନ୍ତ ଓ ଭଜମନଙ୍କ ପକ୍ଷରୁ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହେବାରେ ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶଥାଉ କି, ବିଗତ ଦିନରେ ଖଣିମାଫିଆଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦେଇ ଖଣି ରେ ବନ୍ଧା ହୋଇଥିଲେ ପ୍ରଶାନ୍ତ। ଗୋରୁ ଗାଡି ସୁରକ୍ଷା ନାମରେ ରାତି ଅଧରେ ଜାତୀୟ ରାଜପଥରେ ପହରା ଦେଇ ବେଆଇନ ମୋରୋମ ଗାଡି ପାସ କରୁଥିବା ନେଇ ମଧ୍ୟ ବିବାଦୀୟ ହୋଇଥିଲେ।

## ୨ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିଯୁକ୍ତ

**ଓଡ଼ଗାଁ,୧୭।୬/ଏନ୍ଏନ୍ଏସ୍:** ଇଲିମିଣ୍ଟାରି ଏଜୁକେସନ ବିଭାଗ ପକ୍ଷରୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏବିଇଓ) ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ ହୋଇଛି। ୬୧ଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ବିଭିନ୍ନ ସ୍ଥାନରେ ନିଯୁକ୍ତି କରାଯାଇଛି। ନୟାଗଡ଼ ଜିଲ୍ଲା ଓଡ଼ଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ୨ଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନିଯୁକ୍ତି କରାଯାଇଥିବା ବେଳେ ରଣପୁରରେ ଜଣକୁ ନିଯୁକ୍ତି କରାଯାଇଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଛି। କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକରୁ ବିଭୂତି ଭୂଷଣ ଜେନା ଓ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକରୁ ରାଜକିଶୋର ସାହୁଙ୍କୁ ଓଡ଼ଗାଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ନିଯୁକ୍ତି କରାଯାଇଛି। ସେହିପରି ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକରୁ ଯଶୋଦା ସାହୁଙ୍କୁ ରଣପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ନିଯୁକ୍ତି ମିଳିଛି। ଏନେଇ ଶିକ୍ଷାବିଭାଗ ପକ୍ଷରୁ ୦୦୭୫-୨୦୨୫/୧୦୭୮୧ରେ ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

## ମେଗା ରକ୍ତଦାନ ଶିବିର

**ପୁରୀ,୧୭।୬/ଏନ୍ଏନ୍ଏସ୍:** ରକ୍ତଦାନ ପୂର୍ବରୁ ରକ୍ତଦାତାର ସର୍ବନିମ୍ନ ସ୍ୱାସ୍ଥ୍ୟ ପରୀକ୍ଷା ଏକ ଆବଶ୍ୟକତା ବୋଲି କହିଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ। ହୋଟେଲ ଆସୋସିଏସନ୍‌ର ସଂପାଦକ ରାଜକିଶୋର ପାତ୍ରଙ୍କ ୭୫ତମ ଜନ୍ମଦିନ ଉପଲକ୍ଷେ କଳିଙ୍ଗ ବୈଶ୍ୟ ସଂଘ, କଳିଙ୍ଗ ବୈଶ୍ୟ ଯୁବକ ସଂଘ ଓ କଳିଙ୍ଗ ବୈଶ୍ୟ ମହିଳା ସଂଘର ମିଳିତ ଆନୁକୂଲ୍ୟରେ ହଲିଡେ ରିସୋର୍ଟ ହ୍ୱାଇଟ ହାଉସ୍‌ରେ ଅନୁଷ୍ଠିତ ମେଗା ରକ୍ତଦାନ ଶିବିରରେ ପ୍ରାକ୍ତନ ମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରାକ୍ତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ଉମାକାନ୍ତ ସାମନ୍ତରାୟ, ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଶତକ ରକ୍ତଦାତା ବଦ୍ରି ମିଶ୍ର, ସେଣ୍ଟ ଜନ୍ ଆମ୍ବୁଲାନ୍ସର ଯୁଗ୍ମ ସଂପାଦକ ମଧୁସୂଦନ ମିଶ୍ର, ରୋଟାରୀ କ୍ଲବ୍‌ର କର୍ମକର୍ତ୍ତା, ବୈଶ୍ୟ ସଂଘର ସମସ୍ତ କର୍ମକର୍ତ୍ତା, ଜୟଦେବ ପାତ୍ର ପ୍ରମୁଖ ଯୋଗଦେଇ ଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଜୟନ୍ତୀ ମହାପାତ୍ର, ସୌମ୍ୟରଞ୍ଜନ ପାତ୍ର, ଗୋବିନ୍ଦ ପାତ୍ର, ହଲିଡେ ରିସୋର୍ଟର ସମସ୍ତ କର୍ମଚାରୀ। ଏଥିରେ ୧୦୫ ୟୁନିଟ୍ ବ୍ଲଡ୍ ସଂଗୃହୀତ ହୋଇଥିଲା।

## ନୟାହାଟରେ ରଜ ମହୋତ୍ସବ ଉଦ୍‌ଯାପିତ



**ନୟାହାଟ,୧୭।୬/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ନରସିଂହପୁର ହାଟରେ ଚାଟଖାଇ ଠାକୁରାଣୀଙ୍କ ନିକଟରେ ସୋମବାର ରାତି ୧୦ଟାରେ ରଜ ମହୋଉସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଦିବସରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆମାନଙ୍କର ରଜ ହେଉଛି ଏକ କୃଷିଭିତ୍ତିକ ଗଣପର୍ବ ବୋଲି କହିବା ସହ ଧୂମାଳ ପଞ୍ଚାୟତରେ ତିନି ଦିନ ଧରି ରଜ ମହୋ ଉତ୍ସବ ଆୟୋଜକ ସମ୍ପଦ ମହାନ୍ତିଙ୍କୁ ପ୍ରଶଂସା କରିଥିଲେ। ଉତ୍ସବରେ ବିଶାଖା ପ୍ରିୟଦର୍ଶିନୀ ମହାନ୍ତି ଜୁନିୟର ଦଳର ପ୍ରଥମ କୁଇନ୍ ହୋଇଥିବା ବେଳେ ସିନିୟର୍ ଦଳର ରିୟା ମଲ୍ଲିକ ପ୍ରଥମ କୁଇନ ଭାବେ ବିବେଚିତ ହୋଇଥିଲେ ଓ କଣ୍ଠଶିଳ୍ପୀ ବିନୋଦ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଧୂମାଳ ସରପଞ୍ଚ ମୋନାଲିସା ସିଂହ, ସମିତିସଭ୍ୟା ଭାନୁମତୀ ମାଣିକ, ନାଏବ ସରପଞ୍ଚ ଅଶୋକ ସାହୁ, ଭୂମାଳ ସଭାପତି ଦିଲ୍ଲୀପ ରାୟ, ହାଇଟେକ୍ ଡାକ୍ତର ବିରଞ୍ଚି ନାରାୟଣ ଲେଙ୍କା, ପୁରୀ ଜିଲ୍ଲା ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। କୃଷ୍ଣ ଚନ୍ଦ୍ର ସ୍ୱାଇଁ, ଅଭିମନ୍ୟୁ ସିଂହ, ୧୪ନମ୍ବର ଜିଲ୍ଲାପରିଷଦ ସାଗରିକା ନାୟକ ପ୍ରମୁଖ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

## ସିନେମାର ପ୍ରମୋଟ୍ ପାଇଁ ନୟାଗଡ଼ରେ ବାବୁସାନ୍ ମହାନ୍ତି

**ନୟାଗଡ଼,୧୭।୬/ଏନ୍ଏନ୍ଏସ୍:** ରଜ ପାଇଁ ନୟାଗଡ଼ ଉତ୍ସବମୁଖର ଥିଲାବେଳେ ରାଧାକୃଷ୍ଣ ସିନେମାହଲରେ ଓଡ଼ିଆ ସିନେମା 'ବୋଉ ବୁଟୁ ଭୁତ' ଦେଖିବାକୁ ଯୁବବର୍ଗ ମହଲରେ ଉତ୍ସୁକତା ଦେଖିବାକୁ ମିଳିଛି। ଏହି ଅବସରରେ ଓଲିଉଡ ଅଭିନେତା ବାବୁସାନ୍ ମହାନ୍ତି ନୟାଗଡ଼ ରାଧାକୃଷ୍ଣ ସିନେମାହଲ୍ ଆସି ଫିଲ୍ମ ପ୍ରମୋଟ କରିଛନ୍ତି। ଯାହାକି ବାବୁସାନ୍ ଙ୍କୁ ଦେଖିବା ପାଇଁ ନାହିଁ ନଥିବା ଗହଳି ପରିଲକ୍ଷିତ ହୋଇଛି। ହାଉସ ଫୁଲ୍ ରେ ଦର୍ଶକ ଏହି ଫିଲ୍ମ ଦେଖୁଥିବାରୁ ବାବାସାନ ଖୁସି ହେବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରବଳ ଜନଗହଳିରେ ଫିଲ୍ମ ଚାଲିଥିବା ବେଳେ ପ୍ରାୟତଃ ଅନଲାଇନରେ ଟିକେଟ ବିକ୍ରି ହୋଇଯାଉଥିବା କୁହାଯାଉଛି।

## ବାଲୁଙ୍କେଶ୍ୱର ପୀଠରେ ରଜ ମହୋତ୍ସବ ଉଦ୍‌ଯାପିତ



**କୁଆଁପାଳ,୧୭।୬/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଗୋତରା ପଞ୍ଚାୟତ ସ୍ଥିତ ବାବା ବାଲୁଙ୍କେଶ୍ୱର ପୀଠରେ ତିନିଦିନ ବ୍ୟାପୀ ଅନୁଷ୍ଠିତ ରଜ ମହୋତ୍ସବ ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୨ଧରି ସ୍ଥାନୀୟ ରଜମହୋତ୍ସବ କମିଟିର କର୍ମକର୍ତ୍ତାମାନେ ଏହି ଉତ୍ସବ ପାଳନ କରିଆସୁଛନ୍ତି। କାର୍ଯ୍ୟକ୍ରମରେ ଭଦ୍ରେଶ୍ୱର ଥାନା ଅଧିକାରିଣୀ ସନ୍ଧ୍ୟାରାଣୀ ସିଂ ମୁଖ୍ୟଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବାସହ ଗ୍ରାମ୍ୟ ଜୀବନରେ ରାଜ ପରମ୍ପରା ଅତି ପ୍ରାଚୀନ ବୋଲି ମତ ଦେବା ସହ ବର୍ତ୍ତମାନ କିଭଳି ଯୁବସମାଜ ସଂସ୍କୃତିଠାରୁ ଦୂରେଇ ଯାଉଛନ୍ତି ସେ ସଂପର୍କରେ ଆଲୋଚନା କରିଥିଲେ। ଉତ୍ସବରେ ବିଶିଷ୍ଟ ଅତିଥିଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ତ୍ରିଲୋଚନ ପ୍ରଧାନ, ଶିକ୍ଷାବିତ୍ ଡଃ ଭାବଗ୍ରାହୀ ରାଉତ,ସମାଜସେବୀ ଶଶଧର ପଣ୍ଡା, ଅକ୍ଷୟ କୁମାର ଷଡ଼ଙ୍ଗୀ, ଶିକ୍ଷାବିତ୍ ଅକ୍ଷୟ ମହାନ୍ତି, ସ୍ଥାନୀୟ ସରପଂଚ ସୂର୍ଯ୍ୟକାନ୍ତ ପଣ୍ଡା,କବି କୁଳମଣି ସାହୁ, ଦେବେନ୍ଦ୍ର ଶର୍ମା, କୁନି ମହଲା, ସାମ୍ବାଦିକ ବିଜୟ କୁଅଁର, ସମାଜସେବୀ ବିକାଶ ରଂଜନ ପଟ୍ଟନାୟକ, ବିଶ୍ୱରଂଜନ ମିଶ୍ର, ଗୀତିକାର ପ୍ରିୟଦର୍ଶିନୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନାଟ୍ୟକାର ଅଭୟ କୁମାର ଦାସ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦ୍ୟୁମ୍ନ କୁମାର ବାରିକ, ସାମ୍ବାଦିକ ଶଶିଭୂଷଣ ଷଡ଼ଙ୍ଗୀ, କମିଟିର ସଭାପତି ସୁବ୍ରତ ବାରିକ, ସଂପାଦକ ଦେବାଶିଷ ପରିଡା, ଉପଦେଷ୍ଟା ଉମେଶ ଚନ୍ଦ୍ର ଦାସ, ଜଗନ୍ନାଥ ଦାସ, ସୁକାନ୍ତ ମାଢ଼େଇ, ରାଜେଶ ସାହୁ, ପ୍ରଭାକର ଦାସଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହିଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ଶିଶୁମାନଙ୍କ ଠାରୁ ବୟସ୍କବର୍ଗର ବ୍ୟକ୍ତିମାନଙ୍କ ପାଇଁ ବିଭିନ୍ନ ଦୋଳିର ବ୍ୟବସ୍ଥା ରହିଥିଲା। ଏଥିସହିତ ପାରମ୍ପରିକ ନାଚ, ଗୀତ, ପୁଚି, ବାଗୁଡି, ତାସ୍, ଲୁଡୁ, ମ୍ୟୁଜିକ ଚେୟାର ଆଦି ଖେଳ ସବୁ ଉଭୟ ବାଳକ/ବାଳିକ ଓ ଆବାଳବୃଦ୍ଧବନିତା ଦ୍ୱାରା ଖେଳାଯାଇଥିଲା। ପ୍ରତିଦିନ ସନ୍ଧ୍ୟାରେ ସ୍ଥାନୀୟ ନୃତ୍ୟଶିଳ୍ପୀଙ୍କ ସମେତ ଦୂରଦର୍ଶନ, ଚଳଚ୍ଚିତ୍ର, ମଞ୍ଚ ଓ ଯାତ୍ରାର କଳାକାରମାନେ ନୃତ୍ୟଗୀତ ଓ ଅଭିନୟ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଲେଖ ସାହୁ, ବିଭୂତି ଷଡ଼ଙ୍ଗୀ, ସୋମନାଥ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ହଇଜା ଆକ୍ରାନ୍ତ ଗାଁରେ ପହଞ୍ଚିଲେ ଜିଲ୍ଲାପାଳ



**ଟାଙ୍ଗୀ,୧୭।୬/ଏନ୍‌ଏନ୍‌ଏସ୍:** ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ସୁଆଁରି ଗ୍ରାମରେ ୧୫ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ସହିତ ଜଣଙ୍କର ମୃତ୍ୟୁ ହୋଇଥିଲା। ସେଥିମଧ୍ୟରୁ ୩ଜଣ ସୁସ୍ଥ ହୋଇଥିବା ଜଣାପଡ଼ିଛି। ଆଜି ଉକ୍ତ ଗ୍ରାମରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓ ସାହେବ୍ ସିନ୍ଧେ ପହଞ୍ଚି ଗ୍ରାମର ସ୍ଥିତି ଯାଞ୍ଚକରି ନଳକୂପ ଗୁଡିକ ମୂଳରେ ଲୋକେ ଗାଧୋଇବା, ପୋଷାକ ପତ୍ର ସଫା କରିବା ଓ ସେହି ପାଣିକୁ ପିଇବାରେ ବ୍ୟବହାର କରୁଥିବା ଦେଖିବାକୁ ପାଇଥିଲେ। ଜିଲ୍ଲାପାଳ ଗ୍ରାମ ବାସୀ ମାନଙ୍କ ଅଭିଯୋଗ ଶୁଣିବା ପରେ ସେମାନଙ୍କୁ ସଚେତନ କରିଥିଲେ ଅମୃତଶର ଯୋଜନାରେ ଜଗା ଚିହ୍ନଟପରେ ଏକ ପୋଖରୀର ଖୋଳାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତାହା ସହ ଗ୍ରାମର ନଳକୂପ କୂଅ ବୁଲି ଦେଖି ପାଣି ଗୁଡ଼ିକ ସଫା କରି ଜମୁଥିବା ପାଣି କୁ ପାଇପ ବିଛାଯାଇ ଅନ୍ୟ ଏକ ସ୍ଥାନରେ ପକା ଯାଉ ବୋଲି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା. ମଧୁସ୍ମିତା ନାୟକ, ବ୍ଲକସ୍ୱାସ୍ଥ୍ୟ ଅଫିସର ଡାକ୍ତର ଜ୍ୟୋତିପ୍ରକାଶ ସାହୁ, ଅତିରିକ୍ତ ବିଡ଼ିଓ ଶାଶ୍ୱତ କୁମାର ଜେନା ଓ ଆରଡବ୍ଲୁଏସ୍‌ଏସ୍ ଜେଇ ସ୍ୱର୍ଣ୍ଣମୟୀ ସାହୁ, ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ ଉପସ୍ଥିତ ରହିଥିଲେ। ପାଣି ପାଇଁ ଏହି ରୋଗ ବ୍ୟାପୁଥିବା ଜିଲ୍ଲାପାଳ କହିଥିବା ବେଳେ ଯେଉଁ ପର୍ଯ୍ୟନ୍ତ ଗାଁରୁ ହଇଜା ଆକ୍ରାନ୍ତ ନ କମିଛି ସେ ପର୍ଯ୍ୟନ୍ତ ଗ୍ରାମରେ ବିଭାଗୀୟ ଅଧିକାରୀ ରହିବେ ବୋଲି ଜିଲ୍ଲାପାଳ ଶ୍ରୀ ସିନ୍ଧେ ପ୍ରକାଶ କରିଥିଲେ।

## ଖବର ପ୍ରସାରଣ ପରେ ନର୍ଦ୍ଦମା ପାଣି ସଫାକଲା ପ୍ରଶାସନ

**ଟାଙ୍ଗୀ,୧୭।୬/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଅଞ୍ଚଳରେ ହଇଜା ଆକ୍ରାନ୍ତ ବଢ଼ି ଚାଲିଥିବା ବେଳେ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ପାଲଟିଛି। ସେଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରିବା ସହ ରାସ୍ତା ଘାଟ କୂଅ, ନଳକୂପଗୁଡିକ ସଫା ସୁତୁରା ରଖିବାକୁ କୁହାଯାଉଛି। ହେଲେ ଟାଙ୍ଗୀ ଚୌଦ୍ୱାର ବ୍ଲକ ଭଟିମୁଣ୍ଡା ପଞ୍ଚାୟତ ୧୩ନଂ ୱାର୍ଡରେ ଦୀର୍ଘ ଦିନ ଧରି ରାସ୍ତାରେ ନର୍ଦ୍ଦମା ପାଣି ଜମି ରହିବା ସହ ପୋକ ମାଛି ସାଲୁ ବାଲୁ ହେଉଥିଲା ଯାହାକୁ ନେଇ ଦୈନିକ 'ନିତିଦିନ'ରେ ଖବର ପ୍ରସାରଣ କରାଯାଇଥିଲା। ଏହା ପରେ ଆଜି ବ୍ଲକ ପ୍ରଶାସନର ନିର୍ଦ୍ଦେଶକ୍ରମେ ଯୁବନେତା ରବିନ୍ଦ୍ର ସାହୁ ଜେସିବି ଲଗାଇ ଉକ୍ତ ରାସ୍ତାରେ ଜମିଥିବା ନର୍ଦ୍ଦମା ପାଣିକୁ ସଫା କରିବା ସହ ଜମିଥିବା ପାଣିକୁ ନିଷ୍କାସନ ବ୍ୟବସ୍ଥା କରିଥିଲେ। ତୁରନ୍ତ ଉକ୍ତ ରାସ୍ତାରେ ଡ୍ରେନ୍ ନିର୍ମାଣ କରା ନଗଲେ ପୁନର୍ବାର ଏଭଳି ସମସ୍ୟା ଭୋଗିବାକୁ ପଡ଼ିବ ବୋଲି ଗ୍ରାମବାସୀମାନେ କହିଛନ୍ତି।



## ରଜ ମହୋତ୍ସବ ଉଦ୍‌ଯାପିତ

**କିଶୋରନଗର,୧୭।୬/ଏନ୍‌ଏନ୍‌ଏସ୍:** କିଶୋର ନଗର ହାଟ ଟୋଟାରେ ପାଞ୍ଚଦିନ ଧରି ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଶିଳ୍ପ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ ବିଜେପି ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ ଯୋଗଦେଇଥିଲେ। ପରେ ସୁନାମଧନ୍ୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍ସବ ଶେଷରେ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମା' ରାମଚଣ୍ଡୀ ପୀଠରେ ରଜ ମହୋତ୍ସବ

**ବେଗୁନିଆ,୧୭।୬/ଏନ୍‌ଏନ୍‌ଏସ୍:** ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡ଼ମାଣତୀର ମା' ରାମଚଣ୍ଡୀ ପୀଠରେ କେଉଁ ଆବାହମାନ କାଳରୁ ରଜ ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି। ବର୍ଷାର ଶୁଭ ଆଗମନ ଓ କୃଷି କାର୍ଯ୍ୟର ଆଦ୍ୟ ପ୍ରସ୍ତୁତି ପରିପେକ୍ଷୀରେ ଓଡ଼ିଶାର ପୁରପଲ୍ଲୀରେ ପାଳନ ହୁଏ ରଜପର୍ବ ରଜ ଚାରିଦିନ ଧରି ଆୟୋଜିତ ହୋଇଥାଏ। ପ୍ରଥମ ଦିନ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି, ତୃତୀୟ ଦିନ ଭୂଇଁ ଦହନ, ଚତୁର୍ଥ ଦିନ ବସୁମତୀ ସ୍ନାନ। ରଜ ମହୋତ୍ସବ ମୁଖ୍ୟ ଆକର୍ଷଣ ରଜ ଦୋଳି, ପୁଚୀ, ମ୍ୟୁଜିକ ଚେୟାର, ଡ୍ୟାନ୍ସ, ରାମଚଣ୍ଡୀ ପୀଠରେ ଶତାଧିକ ଦୋକାନ ରଜ ପାନ କିଣାବିକା ଗହଳି ଦେଖିବାକୁ ମିଳିଛି। ଏ ବର୍ଷ ତୃତୀୟ ଦିନ ଲୋକଙ୍କ ଗହଳି ରହି ଥିବାରୁ ପୁଲିସ ଫୋର୍ସ ଓ ସ୍ୱେଚ୍ଛାସେବୀ ନିୟୋଜିତ କରାଯାଇଛି। ଭିଡ଼ ନିୟନ୍ତ୍ରଣ ପୁଲିସ୍‌କୁ ନାକେଦମ ହେବାକୁ ପଡ଼ିଥିଲା।

**AFFIDAVIT**

By virtue of an affidavit sworn before Notary Public, Balliguda, on dated.09.04.2025, I Manik Dalai, aged about 38 year, Son of Late Surendra Dalai of Village-Kilugaon, P.O.-Sindrigaon, P.S-Balliguda, Dist-Kandhamal, that I have changes the name of my minor son from "RUDRA DALAI" to "BARUNA DALAI" and henceforth he will be known as "BARUNA DALAI" for all purpose.

**AFFIDAVIT**

By virtue of an affidavit sworn before Notary Public, Balliguda, on dated.05.04.2025, I Pramila Digal, aged about 30 year, Wife of Lalita Digal of Village-Barakhama, Medical Sahi, P.O.-Barakhama, P.S-Balliguda, Dist-Kandhamal, that I have changes the name of my minor son from "EJESH DIGAL" to "IJESH DIGAL" and henceforth he will be known as "IJESH DIGAL" for all purpose.

# ଆଦିବାସୀ ଗାଁରେ ରଜଦୋଳିର ମାହୋଲ୍



**ଓଡ଼ଗାଁ,୧୭।୬/ଏନ୍‌ଏନ୍‌ଏସ୍:** ଓଡ଼ିଶାର ଗଣପର୍ବ ଭାବେ ରଜପର୍ବକୁ ଗାଁଠୁ ସହର ସବୁଠି ବଡ଼ ଧୂମ୍‌ଧାମ୍‌ରେ ପାଳନ କରାଯାଉଛି। କେଉଁଠି ଦୋଳି ଖେଳି, ନାଚ ଗୀତରେ ଯୁବତୀମାନେ ଝୁମୁଛନ୍ତି ତ ଆଉ କେଉଁଠି ତାସ୍, ଲୁଡୁଖେଳି ପିଠାପଣାର ମଜା ଉଠାଉଛନ୍ତି। ଓଡ଼ଗାଁ ବ୍ଲକ୍ ନେପାଳ ଆଦିବାସୀ ଗାଁରେ ଏହି ପର୍ବକୁ ନିଆରା ଢଙ୍ଗରେ ପାଳନ କରାଯାଇଛି। ଗାଁର କିଛି ଯୁବକ ଏକ ଚକ୍ରିଦୋଳି ତିଆରି କରିଛନ୍ତି। ସେହି ଦୋଳିରେ ଗାଁର ଛୋଟପିଲାଙ୍କ ଠାରୁ ଆରମ୍ଭ କରି ଯୁବତୀ ଓ ମହିଳାମାନେ ବସି ଦୋଳି ଖେଳୁଛନ୍ତି। ଥରକେ ୬ଜଣବସି ଦୋଳି ଖେଳିବାର ମଜା ଉଠାଇଛନ୍ତି। ଏହି ଦୋଳି ତିଆରି କରିବାକୁ ସେମିତି କିଛି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିନି। କେବଳ ବୁଦ୍ଧି ବଳରେ ଦୋଳି ତିଆରି କରାଯାଇଛି। ଚକ୍ରି ଦୋଳିକୁ ନେଇ ସବୁଆଡେ ଚର୍ଚ୍ଚା ଜୋର୍ ଧରିଛି। ଦୁଇଟି କାଠ ପୋତି ସେଥିରେ ବାଉଁଶ ଓ ପଟାବାନ୍ଧି ଦୋଳି ତିଆରି କରାଯାଇଛି। ଯାତ୍ରାରେ ରାମଦୋଳି ଯେପରି ଚକ୍ରିପରି ବୁଲିଥାଏ ଠିକ୍ ସେହିପରି କାଠରେ ତିଆରି ଦୋଳି ଚକ୍ରିଭଳି ବୁଲିଥାଏ। ଏଥିରେ ଖେଳିବାକୁ ବେଶ ମଜାଲାଗିଥାଏ ବୋଲି ଗାଁର କୁନି ପିଲାମାନେ କହିଛନ୍ତି। ବଡ଼କଥା ହେଉଛି ନିଜର ବୁଦ୍ଧିବଳରେ ଏତେ ସୁନ୍ଦର ଦୋଳିକୁ ତିଆରି କରାଯାଇଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ନେପାଳ ଗାଁରେ ଏହି ଦୋଳିକୁ ନେଇ ସବୁଠି ବେଶ ଚର୍ଚ୍ଚା ଆରମ୍ଭ ହୋଇଥିବା ଜଣାପଡ଼ିଛି। ଗାଁ ଲୋକେ ମିଶି ଦୋଳିଖେଳିବା ସହିତ ରଜପର୍ବରେ ଭୋଜିଭାତ କରି ମଜା ନେଇଥିବା ପ୍ରକାଶ କରିଛନ୍ତି।

## ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଆବେଦନ

**ପୁରୀ,୧୭।୬/ଏନ୍‌ଏନ୍‌ଏସ୍:** ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୪ ନିମନ୍ତେ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନମାନଙ୍କଠାରୁ ପୁରସ୍କାର ପାଇଁ ଆବେଦନ ଗ୍ରହଣ କରାଯାଉଛି। କ୍ରୀଡ଼ା କ୍ଷେତ୍ରରେ ଆଜୀବନ ଉପଲବ୍ଧି, କ୍ରୀଡ଼ାରେ ଉଲ୍ଲେଖନୀୟ କୃତିତ୍ୱ ଲାଭ କରିଥିବା ବର୍ଷର ଶ୍ରେଷ୍ଠ କ୍ରୀଡାବିତ, କ୍ରୀଡ଼ା ପ୍ରଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, କ୍ରୀଡ଼ା ପ୍ରୋତ୍ସାହନ ପାଇଁ ସର୍ବୋତ୍କୃଷ୍ଟ ଅବଦାନ, କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ, ବର୍ଷର ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡାବିତ, ବର୍ଷର ଶ୍ରେଷ୍ଠ କନିଷ୍ଠ ଉଦୀୟମାନ କ୍ରୀଡାବିତ, ବର୍ଷର ଶ୍ରେଷ୍ଠ କ୍ରୀଡା ବୈଷୟିକ ଅଧିକାରୀ, ସହକାରୀ କର୍ମକର୍ତ୍ତା ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯିବ। ଏ ସମ୍ପର୍କରେ ସବିଶେଷ ମାର୍ଗଦର୍ଶିକା, ଫର୍ମ, ପୁରସ୍କାର ରାଶି ଇତ୍ୟାଦି କ୍ରୀଡା ଓ ଯୁବ ସେବା ବିଭାଗ ୱେବସାଇଟ୍‌ରେ ଉପଲବ୍ଧ ରହିଛି। ମନୋନୟନ ପତ୍ର ଉଭୟ ଅଫ୍‌ଲାଇନ ଓ ଅନ୍‌ଲାଇନ ପଦ୍ଧତିରେ ଆବେଦକଙ୍କ ନାମ, ପୂର୍ଣ୍ଣ ଠିକଣା, ଯୋଗାଯୋଗ ନମ୍ବର, ଇମେଲ ଆଇଡି ଉଲ୍ଲେଖ ସହ ୱେବସାଇଟ୍ ମାଧ୍ୟମରେ ୨୫.୬.୨୫ ରିଖ ଅପରାହ୍ଣ ୫ ଘଟିକା ସୁଦ୍ଧା ଗ୍ରହଣ କରାଯିବ ବୋଲି କ୍ରୀଡା ନିର୍ଦ୍ଦେଶକ ଅବଗତ କରିଛନ୍ତି। ଅଫଲାଇନ ମାଧ୍ୟମରେ ଆବେଦନପତ୍ରକୁ ନିର୍ଦ୍ଦେଶକ କ୍ରୀଡା, କ୍ରୀଡା ଓ ଯୁବ ସେବା ବିଭାଗ, କଳିଙ୍ଗ ଷ୍ଟାଡିୟମ, ନୂଆପଲ୍ଲୀ, ଭୁବନେଶ୍ୱର ୭୫୧୦୧୨ଙ୍କୁ ମଧ୍ୟ ସ୍ପୀଡ୍ ପୋଷ୍ଟ, କୋରିଅର ମାଧ୍ୟମରେ ମଧ୍ୟ ପ୍ରେରଣ କରିବାକୁ ଅନୁରୋଧ କରାଯାଇଛି।

**OFFICE OF THE COLLECTOR & DISTRICT MAGISTRATE, KHORDHA** F-30

Letter No. 11461 OSRTC Dtd. 16.06.2025

**Selection of agency for providing facility management services (FMS) at Atala Bus Stand Begunia Block of Khordha District**

Request for Proposal is invited from eligible Firm / Agency interested to provide different Manpower Services / Facility Management Services (FMS) at Type-C Category of Atala Bus Stand on outsourcing basis for Begunia Bus Stand of Khordha District. Details regarding the eligibility criteria, Terms & Conditions and formats of submission of tender may be downloaded from the website https://khordha.odisha.gov.in / and the tender should reach the office of the undersigned by 30.06.2025 (05:00 PM). The RFP (Technical Bid) will be open on 01.07.2025 (11.00 AM). The undersigned reserves the right to reject any or all the tenders without assigning any reason thereof.

Sd/- Collector-Cum-Chairman,
District Level ABS Committee, Khordha

OIPR-24351/11/0072/2526

**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ୍ ନଂ- e-Tender/2025/18, dated 16.06.2025. [illegible] Divisional Railway Manager (Engg.), ଦକ୍ଷିଣ ପୂର୍ବ ରେଳପଥ, [illegible] ... E-KGP-HQ-23-2025 ... E-KGP-WEST-24-2025 ... E-KGP-EAST-46-2025 ... E-KGP-EAST-47-2025 ... E-KGP-EAST-48-2025 ... E-KGP-EAST-49-2025 ... E-KGP-SOUTH-29-2025 ... E-KGP-SOUTH-30-2025 ... E-KGP-SOUTH-31-2025 ... E-KGP-WEST-25-2025 ... [illegible] www.ireps.gov.in [illegible] www.ireps.gov.in [illegible]

(PR-282)

# ତ୍ରିଦିବସୀୟ ରଜ ମହୋତ୍ସବ ଉଦ୍‌ଯାପିତ



**କଣ୍ଟାପଡ଼ା,୧୭।୬/ଏନ୍‌ଏନ୍‌ଏସ୍:** ସାଇଲୋ ବଡ଼ବିଲ ସ୍ଥିତ ଗୋପବନ୍ଧୁ ବିଦ୍ୟା ମନ୍ଦିର ତରଫରୁ ଆୟୋଜିତ ତ୍ରିଦିବସୀୟ ରଜ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଅବସରପ୍ରାପ୍ତ ଆୟକର ଆୟୁକ୍ତ ଆର୍ତ୍ତବନ୍ଧୁ ପାତ୍ର, ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ପ୍ରଧାନମନ୍ତ୍ରୀ ଜନଔଷଧୀର ପୂର୍ବତନ ନିର୍ଦ୍ଦେଶକ ନିକୁଞ୍ଜ ବିହାରୀ ଷଡଙ୍ଗୀ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ବନଲତା ଗଡ଼ବାଡ଼, ସ୍କୁଲର ପ୍ରଥମବର୍ଷ ଛାତ୍ର ବିଶ୍ୱମ୍ଭର ପାତ୍ର ଓ ପ୍ରାକ୍ତନ ଛାତ୍ର ପ୍ରଭଞ୍ଜନ ପାତ୍ର। ଗତ ମାଟ୍ରିକ ପରୀକ୍ଷାରେ କଣ୍ଟାପଡ଼ା ବ୍ଲକର ସର୍ବାଧିକ ନମ୍ବର ରଖିଥିବା ଶୀର୍ଷ ତିନିଜଣ ଛାତ୍ରଛାତ୍ରୀ ଓ ସ୍ଥାନୀୟ ସ୍କୁଲର ଅଷ୍ଟମ ଓ ନବମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖି ଥିବା ପିଲା ମାନଙ୍କୁ ଉତ୍ତରୀୟ ମାନପତ୍ର, ପୁଷ୍ପଗୁଚ୍ଛ ଓ ଅର୍ଥରାଶି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରେଷ୍ଠ ପରିବେଶବିତ ଭାବରେ ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ଶ୍ରେଷ୍ଠ ସାମାଜିକ କର୍ମୀ ଭାବେ ଅତୀଶ ରାଉତ, ଶ୍ରେଷ୍ଠ ଚାରିଟେବଲ ଟ୍ରଷ୍ଟ ଭାବେ ଅବନୀ କୁମାର ବେହେରା ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀ ଭାବରେ ଶକ୍ତିମୟୀ ପ୍ରତ୍ୟୁସର ଗ୍ରୁପକୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ପ୍ରକାର ପ୍ରତିଯୋଗିତା ରେ ଭାଗ ନେଇ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୋଡପିଠା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ମମତା ଷଡଙ୍ଗୀ ଦ୍ୱିତୀୟ ରେ ଥିବା ଏଲିନା ହାସିନା ତୃତୀୟ ସ୍ଥାନ ଅଧିକାର କରିଥିବା ସୂର୍ଯ୍ୟସ୍ନାତା ସ୍ୱାଇଁଙ୍କୁ ପୁରସ୍କୃତ କରା ଯାଇଥିଲା ସେହିପରି ପଞ୍ଚିରେ ପ୍ରିୟଦର୍ଶିନୀ ଓଝା, ସ୍ନେହାଞ୍ଜଳି ଭୋଇ ରାନୁ ଭୋଇ, ହୁଳହୁଳିରେ ସୁପ୍ରିୟା ଆଚାର୍ଯ୍ୟ, ମିନତୀ ଷଡଙ୍ଗୀ ସୂର୍ଯ୍ୟସ୍ନାତା ସ୍ୱାଇଁ, ମୁରୁଜ ରେ ସୌଭାଗ୍ୟ ରଞ୍ଜନ ଦାଶ, ଅର୍ପିତା ସାମନ୍ତରାୟ, ଲକ୍ଷ୍ମୀପ୍ରିୟା ଦାଶ, ପ୍ରଣତି ଭୋଳ ଏଲିନା ପାତ୍ର ବରିଷ୍ଠ ପାରମ୍ପରିକ ନୃତ୍ୟ ପ୍ରତିଯୋଗିତାରେ ଅଙ୍କିତା ଆଚାର୍ଯ୍ୟ, ଶୁଭସ୍ମିତା ଭୋଳ ସୋନାଲି ବେହେରା, ବରିଷ୍ଠ ବିଭାଗରେ ପୂଜା ପରିଡା, ସୁଜାତା ଆଚାର୍ଯ୍ୟ, ସୁପ୍ରିୟା ଆଚାର୍ଯ୍ୟ କନିଷ୍ଠ ବିଭାଗ ପାରମ୍ପରିକ ନୃତ୍ୟରେ ଆଦ୍ୟାଶା ମହାପାତ୍ର, ରାଜଲକ୍ଷ୍ମୀ ପରିଜା ଅର୍ପିତା ଓଝା କନିଷ୍ଠବର୍ଗ ଆଧୁନିକରେ ସସ୍ମିତା ସ୍ୱାଇଁ, ଶ୍ରେୟା ପଟ୍ଟନାୟକ, ସ୍ୱୀକୃତି ଭୋଇ କୁଇଜରେ କାବ୍ୟାଶ୍ରୀ କାନୁନ୍‌ଗୋ, ଲକ୍ଷ୍ମୀପ୍ରିୟା ଓଝା, ସ୍ୱାଗତିକା ରାଉତରାୟ, ଲକ୍ଷ୍ମୀପ୍ରିୟା ବେହେରା ସଂଗୀତରେ କଳ୍ପନା ଆଚାର୍ଯ୍ୟ, କ୍ଷେତ୍ରମଣି ଆଚାର୍ଯ୍ୟ, ତେଜସ୍ୱିନୀ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ମଞ୍ଚ ପରିଚାଳନାରେ ସଭାପତି ପ୍ରିୟନାଥ ଆଚାର୍ଯ୍ୟ, ସମ୍ପାଦକ ସଞ୍ଜୟ କୁମାର ରାଉତରାୟ ଓ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ବିଭୁତି ଭୂଷଣ ପଣ୍ଡା, କିଶୋର ପାତ୍ର, କିଶୋର ରାଉତରାୟ, ରଂଜିତ ରାଉତରାୟ, ବିରେନ ଆଚାର୍ଯ୍ୟ ପ୍ରମୁଖ ସହାୟତା କରିଥିଲେ।

## ଦୋକାନ ଭିତରକୁ ପଶିଗଲା କାର୍, ଜଣେ ମୃତ

**ଖୋର୍ଦ୍ଧା,୧୭।୬/ଏନ୍‌ଏନ୍‌ଏସ୍:** ୫୭ନଂ ଜାତୀୟ ରାଜପଥର ପୁରୁସାହି ଛକ ନିକଟରେ ଆଜି ଏକ କାର୍ ଭାରସାମ୍ୟ ହରାଇ କେତେକ ଗାଡିକୁ ଧକ୍କାଦେଇ ଏକ ଦୋକାନ ଭିତରେ ପଶିଯିବାରୁ କାର୍ ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ପୁରୁସାହି ଚାନ୍ଦପୁରର ଶ୍ରୀନିବାସ ବେହେରା(୫୩)। ଶ୍ରୀନିବାସ ଲାଇନମ୍ୟାନ୍ ଭାବେ କାର୍ଯ୍ୟ କରୁଥିଲେ। ପ୍ରକାଶଥାଉ କି, ଦିନ ଗୋଟାଏ ବେଳେ ଆଜି ପୁରୁସାହି ଛକ ରାସ୍ତାକଡରେ ଶ୍ରୀନିବାସ ସାଇକେଲ ରଖି ଠିଆ ହୋଇଥିଲେ। ଏହି ସମୟରେ ଭୁବନେଶ୍ୱର ଦିଗରୁ ଆସୁଥିବା ଓଡି୦୨ ସିକେ୨୨୩୪ ନମ୍ବର ବିଶିଷ୍ଟ କାର୍‌ଟି ହଠାତ୍ ଭାରସାମ୍ୟ ହରାଇ ଶ୍ରୀନିବାସଙ୍କୁ ଧକ୍କା ଦେବା ସହ ପରେ ଏକ କାର୍ ଓ ୩ଟି ବାଇକ୍‌କୁ ଧକ୍କାଦେଇ ଏକ ଦୋକାନ ଭିତରେ ପଶିଯାଇଥିଲା। ଶ୍ରୀନିବାସଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାରକରି ଖୋର୍ଦ୍ଧା ମେଡିକାଲ ନେଇଥିଲେ ହେଁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରୁ ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିଛି। ଶ୍ରୀନିବାସଙ୍କ ଭାଇଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁକରି ଡ୍ରାଇଭରକୁ ଅଟକ ରଖି ତଦନ୍ତ ଚଳାଇଥିବା ଜଣାଯାଇଛି।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ, ୨ ଗୁରୁତର

**ପିପିଲି,୧୭।୬/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ପୁରୀ ଜାତୀୟ ରାଜପଥର ପିପିଲି ଥାନା ଅନ୍ତର୍ଗତ ବାଇପାସ ରାସ୍ତାରେ ଏକ ଅଜଣା ଗାଡି ଧକ୍କାରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଜନୈକା ମହିଳାଙ୍କ ସମେତ ତାଙ୍କର ୭ବର୍ଷର ପୁଅ ଗୁରୁତର ଆହତ ହୋଇଥିବା ଖବର ମିଳିଛି। ମୃତକ ହେଲେ ରବିନାରାୟଣ ବେହେରା(୪୦)। ତାଙ୍କ ଘର ଢେଙ୍କାନାଳ ଜିଲ୍ଲାରେ ବୋଲି ପୁଲିସକୁ ପରିଚୟ ମିଳିଛି। ପ୍ରାପ୍ତ ସୂଚନା ମୁତାବକ ବାଇକ୍ ଯୋଗେ ସ୍ୱାମୀ ସ୍ତ୍ରୀ ସହିତ ୭ବର୍ଷର ପୁଅ ପୁରୀ ଅଭିମୁଖେ ଯାଉଥିବା ବେଳେ ପିପିଲି ଥାନା ଅନ୍ତର୍ଗତ ବାଇପାସ ରାସ୍ତାରେ ଏକ ଅଜଣା ଗାଡ଼ି ଧକ୍କାଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ବାଇକ୍ ସହ ୩ଜଣ ଗୁରୁତର ଆହତ ହୋଇ ତଳେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକମାନଙ୍କ ସହାୟତାରେ ପୁଲିସ ତାଙ୍କୁ ଉଦ୍ଧାରକରି ପିପିଲି ମେଡିକାଲରେ ଭର୍ତ୍ତି କରିଥିଲେ। ରବିନାରାୟଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଅନ୍ୟ ୨ ଗୁରୁତରଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତରିତ କରିଥିଲେ। ପିପିଲି ପୁଲିସ ପହଞ୍ଚି ମୃତ ଶରୀର ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିଲେ। ଏ ନେଇ ପିପିଲି ଥାନାରେ ଏକ ମାମଲା ରୁଜୁ କରାଯିବା ସହ ଗାଡ଼ିକୁ ଜବତକରି ତଦନ୍ତ ଜାରି ରଖିଥିବା ପିପିଲି ଥାନା ଏସ୍‌ଆଇ ସୁରମା ସ୍ୱାଇଁ ସୂଚନା ଦେଇଛନ୍ତି।

## ମାହାଙ୍ଗାରେ ବଢ଼ୁଛି ଡାଇରିଆ ରୋଗୀଙ୍କ ସଂଖ୍ୟା

**କୁଆଁପାଳ,୧୭।୬/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକରେ ୧୩ତାରିଖ ଠାରୁ ଆଜି ପର୍ଯ୍ୟନ୍ତ ୭୭ଜଣ ଡାଇରିଆ ରୋଗୀ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକ୍ଷକା ତନୁସ୍ମିତା ବିଶ୍ୱାଣୀ ସୂଚନା ଦେଇଛନ୍ତି। ଚିକିତ୍ସା ପରେ ଡାଇରିଆ ରୋଗୀ ସୁସ୍ଥହୋଇ ଘରକୁ ଫେରିଯାଉଥିବା ସୂଚନା ମିଳିଛି। ଅପରପକ୍ଷରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୮ନମ୍ବର ଓ ୬ନମ୍ବର ମୁଖ୍ୟ କେନାଲର ଶାଖା କେନାଲ ଗୁଡିକ ଏବେ ନର୍ଦ୍ଦମା ପାଣିରେ ପରିପୂର୍ଣ୍ଣ ଏପରିକି ନିଶ୍ଚିନ୍ତକୋଇଲିର ଜଳଖିଆ ଦୋକାନ ଗୁଡିକର ନର୍ଦ୍ଦମା ପାଣି ହାଟପାର୍ଶ୍ୱ ଦେଇଯାଇଥିବା କେନାଲରେ ଛଡାଯାଇଥାଏ। ସେହିପରି ୮ନମ୍ବର କେନାଲ ନିଶ୍ଚିନ୍ତକୋଇଲି ବଜାର ନିକଟରେ ଆବର୍ଜନା ହୋଇପଡିଥିଲା ବେଳେ ୬ନମ୍ବର କେନାଲର ପନ୍ଦରବାଟିଆ ଏବଂ ଗୋକନ ମଣିଯୋରୀ ଦେଇ ଯାଇଥିବା ଶାଖା କେନାଲଟି ଏବେ ମଇଳା ପାଣିରେ ପରିପୂର୍ଣ୍ଣ। କେନାଲ ପାର୍ଶ୍ୱରେ ବସବାସ କରୁଥିବା ଲୋକମାନେ ନିଜ ଘରର ମଇଳା ପାଣିକୁ କେନାଲ ଭିତରକୁ ଛାଡୁଥିଲା ବେଳେ ଗୋରୁ ଗୋବର ଓ ଖତକୁ କେନାଲ ପାର୍ଶ୍ୱରେ ଜମା କରୁଛନ୍ତି। କେନାଲରେ ପାଣି ନାହିଁ ହେଲେ ଏବେ ବି ମଇଳା ପାଣିରେ ପରିପୂର୍ଣ୍ଣ ହୋଇ କେନାଲ ଗୁଡିକ ପଡିଛି। ଅପରପକ୍ଷରେ ମାହାଙ୍ଗା ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ଜଳଖିଆ ଦେକାନରେ ଅପମିଶ୍ରିତ ଭେଜାଲ ତେଲରେ ଜଳଖିଆ ପ୍ରସ୍ତୁତ କରାଯାଉଛି। ରାସ୍ତା ପାର୍ଶ୍ୱରେ ଖୋଲିଥିବା ଗୁପ୍‌ଚୁପ୍ ଓ ଦହିବରା ଉଠା ଦୋକାନୀ ଗୁଡିକ ମାଛିବସା ଖାଦ୍ୟ ବିକ୍ରି କରୁଛନ୍ତି, ଯାହାକି ସ୍ୱାସ୍ଥ୍ୟପ୍ରତି ଅହିତକର। ଏଥିପ୍ରତି ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବା ସାଧାରଣରେ ଅଭିଯୋଗ ହେଉଛି। ଜଳସମ୍ପଦ ବିଭାଗ ଓ ସ୍ୱାସ୍ଥ୍ୟବିଭାଗ ତୁରନ୍ତ ମାହାଙ୍ଗା ଅଞ୍ଚଳରେ ବ୍ୟାପୁଥିବା ଡାଇରିଆ ରୋଗର କାରଣର ପ୍ରତିକାର ନିମନ୍ତେ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ସହ କେନାଲର ସଫେଇ ଓ ଭେଜାଲ ତେଲରେ ପ୍ରସ୍ତୁତ ଖାଦ୍ୟସାମଗ୍ରୀର ମାନ ପରୀକ୍ଷା କରିବା ପାଇଁ ସର୍ବସାଧାରଣରେ ଦାବି ହେଉଛି।

**OFFICE OF THE SUPERINTENDING ENGINEER, RWS&S DIVISION, BHUBANESWAR.** O-302

E-Mail: eebbsrrwss@gmail.com

**QUOTATION CALL NOTICE No. 08 of 2025-26**

Executive Engineer, RWS&S Division, Bhubaneswar on behalf of the Governor of Odisha invites quotations in sealed covers for the following work as stated below from authorised Dealer / Distributor / supplier under following terms and conditions

| | | |
|---|---|---|
| 1 | Nature of work | Repair of Instruments & Accessories installed in the State Water Testing Laboratory, Bhubaneswar (Online UPS-10 KVA & Replacement of Spray Chamber for ICP-MS) |
| 2 | No. of Item: | 02 (two) |
| 3 | Time for completion | 15 (fifteen) days |
| 4 | Cost of bidding document : | Rs.2000.00 |
| 5 | The quotation document will be available in O/o the Superintending Engineer, RWS&S Division, Bhubaneswar | From Dt.20.06.2025 (10.00 AM) to dt. 30.06.2025 (1.00 PM) |
| 6 | Last date and time for submission Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | Dt.30.06.2025 up to 4.00 P.M |
| 7 | Date & time of opening of Quotation: | Dt.01.07.2025. at 11.00 A.M in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall be appear in office notice board of the undersigned.

Sd/- Superintending Engineer
RWS&S Division, Bhubaneswar

OIPR-25011/11/0018/2526

## ପ୍ରଥମ ପୃଷ୍ଠାରୁ

### କୃଷି ଓ କୃଷକଙ୍କ ବିକାଶ ...

ଆରମ୍ଭ କରି ଦଶମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ମାଣ୍ଡିଆ ଲଡୁ ପ୍ରଦାନ କରାଯାଉଛି । ସିଏମ୍ କିଷାନ୍ ଯୋଜନାରେ ଚାଷୀଭାଇଙ୍କୁ ୪ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଉଛି । ଏଥିରେ ସହରାଞ୍ଚଳର କୃଷକଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ଗତ ଅକ୍ଷୟ ତୃତୀୟା ଅବସରରେ ୨,୩୮୧ଜଣ ବିଶେଷ ଭାବେ ଅନୁନ୍ନତ ଚାଷୀ ଏବଂ ୨୫,୫୩୨ ସହରାଞ୍ଚଳ ଚାଷୀଙ୍କ ସମେତ ମୋଟ୍ ୫୦ ଲକ୍ଷ ୨ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୧,୦୨୫ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସିଏମ୍ କିଷାନ୍ ସହିତ 'ପିଏମ୍-ସମ୍ମାନ ନିଧି' ସଂଯୁକ୍ତ ହୋଇ ଚାଷୀ ଭାଇମାନଙ୍କୁ ଆର୍ଥିକ ସହଯୋଗ ପ୍ରଦାନ କରୁଛି । ଆହୁରି ମଧ୍ୟ ଚାଷୀଙ୍କ ପରିବାରକୁ ସମ୍ପୂର୍ଣ୍ଣ ରୂପେ ସଶକ୍ତ କରିବା ପାଇଁ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ କୃଷି ବିଦ୍ୟାନିଧି ଯୋଜନାରେ ଚାଷୀଙ୍କ ସନ୍ତାନ-ସନ୍ତତିମାନଙ୍କ ଉଚ୍ଚଶିକ୍ଷା ପାଇଁ ଛାତ୍ରବୃତ୍ତି ସହାୟତା ଯୋଗାଇ ଦିଆଯାଉଛି । ଏହା ସହିତ ବଳଭଦ୍ର ଜୈବିକ ଚାଷ ମିଶନ ଯୋଗେ ରସାୟନମୁକ୍ତ ଜୈବିକ ଚାଷକୁ ପ୍ରୋତ୍ସାହନ ଦିଆଯାଉଛି । ଅମୃତ ଅନ୍ନ ପ୍ରକଳ୍ପ ଅଧୀନରେ ଓଡ଼ିଶାରେ ଉତ୍ପାଦିତ ରସାୟନମୁକ୍ତ ଦେଶୀ ବାସ୍ନାଯୁକ୍ତ ଚାଉଳ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୋଠଭୋଗରେ ବ୍ୟବହାର ହେଉଛି ଏବଂ ଆଗାମୀ ଦିନରେ ଏହା ସମ୍ପୂର୍ଣ୍ଣ ମହାପ୍ରସାଦ ପ୍ରସ୍ତୁତିରେ ବ୍ୟବହାର କରାଯିବ । ଆମ କୃଷକ ଭାଇଭଉଣୀଙ୍କ ସଶକ୍ତିକରଣକୁ ଆମ ସରକାର ସର୍ବାଧିକ ଗୁରୁତ୍ୱ ଦେଇଛି ଏବଂ ଏକ ବର୍ଷ ଭିତରେ ସଫଳତା ମଧ୍ୟ ପାଇଛି । ନିର୍ବାଚନ ସମୟରେ ଆମର ଏକ ମୁଖ୍ୟ ପ୍ରତିଶ୍ରୁତି ଥିଲା ରାଜ୍ୟର ଲକ୍ଷ ଲକ୍ଷ ଚାଷୀ ଭାଇ ଭଉଣୀଙ୍କୁ ସେମାନଙ୍କ କଠୋର ପରିଶ୍ରମର ପ୍ରକୃତ ମୂଲ୍ୟ ପ୍ରଦାନ କରିବା । ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ରଖିଛୁ । ମାନନୀୟ ପ୍ରଧାନମନ୍ତ୍ରୀ ମଧ୍ୟ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ମଧ୍ୟ ଆହ୍ୱାନ ଦେଇଛନ୍ତି । ଉଭୟ ରାଜ୍ୟ ଓ ଦେଶର ଏହି ଲକ୍ଷ୍ୟ ପୂରଣ ପାଇଁ କୃଷି ଓ କୃଷକଙ୍କ ବିକାଶ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ତାର ସହ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ କହିଥିଲେ ଯେ କୃଷି ଓ କୃଷକର ବିକାଶ ପାଇଁ ଆମ ସରକାର ରାଜ୍ୟ ବଜେଟ୍‌ରେ ଚଳିତବର୍ଷ ଅଧିକ ଆର୍ଥିକ ପ୍ରସ୍ତାବ ଦେଇଛନ୍ତି ଏବଂ ଆଗାମୀ ଥର ବଜେଟ୍‌ରେ ମଧ୍ୟ ଅଧିକ ଆର୍ଥିକ ବଜେଟ୍‌ର ପ୍ରାବଧାନ ରଖିଛୁ । ଆଜି ଓଡ଼ିଶା ଭାରତ ବାହାରକୁ ମଧ୍ୟ ଫଳ ରପ୍ତାନି କରିପାରୁଛି । ଏହା ହୋଇ ପାରୁଛି, ଆମର ଦୃଢ଼ ପ୍ରତିବଦ୍ଧତାର ପରିଚୟ । କିଛି ବର୍ଷ ମଧ୍ୟରେ ବଲାଙ୍ଗୀରଠାରେ ଆଗ୍ରିକଲଚର୍ କଲେଜ ପ୍ରତିଷ୍ଠା ହେବ ଏବଂ ସୋନପୁରଠାରେ ମାଛ ଚାଷୀଙ୍କୁ ଉନ୍ନତ ଜ୍ଞାନକୌଶଳର ଶିକ୍ଷା ଦେବା ପାଇଁ ଫିସରୀ କଲେଜ ମଧ୍ୟ ପ୍ରତିଷ୍ଠା କରିବାର ଯୋଜନା ଅଛି ବୋଲି ସେ ଘୋଷଣା କରିଛନ୍ତି ।

ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ କହିଛନ୍ତି ଯେ ବଲାଙ୍ଗୀରର ଚାଷ ଓ ବଲାଙ୍ଗୀର ଚାଷୀ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରଦାନ କରିବା ଆମ ରାଜ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏଣୁ ଚାଷୀ ଭାଇ ଭଉଣୀଙ୍କ ସମସ୍ତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ସେହିପରି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ ଯେ ପ୍ରତ୍ୟେକ ଗାଁ ହେବ କୃଷି ସଶକ୍ତ ଗାଁ । କାରଣ ଆମ ରାଜ୍ୟକୁ ବିକଶିତ କରିବାକୁ ହେଲେ ପ୍ରଥମେ ଆମ ମେରୁଦଣ୍ଡ, ଆମ ଚାଷକୁ ସମୃଦ୍ଧ କରିବାକୁ ପଡ଼ିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ସଫଳ ଚାଷୀଙ୍କୁ ପୁରସ୍କୃତ କରିବା ସହିତ ସେମାନଙ୍କୁ ସମସ୍ତ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ କରି ନିଜ ଚାଷ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଟିଟିଲାଗଡ଼ ବିଧାୟକ, ନବୀନ କୁମାର ଜୈନ୍, କଣ୍ଟାବାଞ୍ଜି ବିଧାୟକ, ଲକ୍ଷ୍ମଣ ବାଗ୍, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ମଞ୍ଚାସୀନ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲାପାଳ ଗୌରବ ଶିବାଜୀ ଇଶାଲ୍କର ଧନ୍ୟବାଦ ଦେଇଥିଲେ ।

### ସମସ୍ତ ଜିଲ୍ଲାକୁ ଆଲର୍ଟ ...

ଏବଂ ଅଧିକ ୨୦ ଟି ମୋବାଇଲ୍ ହେଲ୍‌ଥ ଟିମ୍ ମୁତୟନ କରାଯାଇଛି । ଏହାଛଡ଼ା ପ୍ରଭାବିତ ଅଞ୍ଚଳରେ ୪୫ ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର (ହେଲଥ କ୍ୟାମ୍ପ) ଆୟୋଜନ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ସମନ୍ୱୟ ରଖି ଆବଶ୍ୟକତା ମୁତାବକ ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟ କରିବା ନିମନ୍ତେ ଡାକ୍ତର ବୃନ୍ଦା ଡାକ୍ତର ଏବଂ ସ୍ୱାସ୍ଥ୍ୟଟିମଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ, ଗ୍ରାମ ଓ ସହରାଞ୍ଚଳର ୱାର୍ଡସ୍ତରରେ ମାଇକ୍ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଚାର, ସ୍ୱାସ୍ଥ୍ୟ କାନ୍ଥରେ ଡାଇରିଆ ସମ୍ବନ୍ଧିତ ସ୍ୱତନ୍ତ୍ର ସୂଚନା ପ୍ରଦାନ, ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନରେ ଓ.ଆର୍.ଏସ୍ ଏବଂ ଜିଙ୍କ୍ କର୍ଣ୍ଣର ସ୍ଥାପନ, ଗ୍ରାମ୍ୟ କଲ୍ୟାଣ ସମିତିମାନଙ୍କର ସ୍ୱତନ୍ତ୍ର ବୈଠକରେ ସତର୍କତା ଓ ସଚେତନତାମୂଳକ ବାର୍ତ୍ତାର ପ୍ରସାର ଏବଂ ବିଭିନ୍ନ ପାନୀୟ ଜଳସ୍ରୋତଗୁଡିକର ନିୟମିତ ବିଶୋଧିକରଣ ଆଦି କାର୍ଯ୍ୟକ୍ରମକୁ କ୍ଷେତ୍ରସ୍ତରରେ ବ୍ୟାପକ କରାଯାଇଛି । ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଏନ୍‌ଏଚ୍‌ଏମ୍ ତରଫରୁ ମଧ୍ୟ ୧୦ଟି ଭ୍ରାମ୍ୟମାଣ ସଚେତନତା ଭ୍ୟାନ୍ ନିୟୋଜନ କରାଯାଇଛି ।

### ତଦନ୍ତ କରିବ କ୍ରାଇମ୍‌ବ୍ରାଞ୍ଚ୍ ...

କରିବେ କ୍ରାଇମ୍‌ବ୍ରାଞ୍ଚର ସିଏଡବ୍ଲ୍ୟୁ ଏବଂ ସିଡବ୍ଲ୍ୟୁ ଆଇଜି ଏସ୍. ସାଇନି । ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟାରେ ଜଣେ ଯୁବତୀ ତାଙ୍କ ପୁରୁଷ ବନ୍ଧୁ ସହ ଗୋପାଳପୁର ବେଳାଭୂମି ବୁଲିବାକୁ ଆସିଥିଲେ । ସେଠାରେ ୧୦ ଜଣ ଯୁବକ ଉଭୟଙ୍କୁ ଘେରି ଯାଇଥିଲେ । ପୁରୁଷ ବନ୍ଧୁ ଏବଂ ଯୁବତୀଙ୍କ ଭିଡିଓ ଉତ୍ତୋଳନ କରି ଘର ଲୋକଙ୍କୁ ପଠାଇବେ କହି ବ୍ଲାକ୍‌ମେଲିଂ କରି ଟଙ୍କା ମାଗିଥିଲେ ଏବଂ ଫୋନ୍ ପେ' ଜରିଆରେ କିଛି ଟଙ୍କା ବି ନେଇଥିଲେ । ଏହାକୁ ନେଇ ପାଟିତୁଣ୍ଡ ହେବା ପରେ ଯୁବକମାନେ ପୁରୁଷ ବନ୍ଧୁଙ୍କୁ ମାଡ଼ ମାରିବା ସହ କାବୁ କରି ନେଇଥିଲେ । ୩ଜଣ ଯୁବକ ସମ୍ପୃକ୍ତ ଯୁବତୀଙ୍କୁ ଅନ୍ଧାର ସ୍ଥାନକୁ ଉଠାଇ ନେଇ ଦୁଷ୍କର୍ମ କରିଥିଲେ । ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିଲେ । ଏନେଇ ରବିବାର ରାତି ୧୦ଟାରେ ପୀଡ଼ିତା ଓ ତାଙ୍କ ପୁରୁଷବନ୍ଧୁ ଗୋପାଳପୁର ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଜଣାଇଥିଲେ । ଏହି ଘଟଣାରେ ପୁଲିସ ହାତରେ ୧୦ ଜଣ ଧରାପଡ଼ିଥିଲା ବେଳେ ସେମାନଙ୍କ ମଧ୍ୟରେ ୪ ନାବାଳକ ରହିଛନ୍ତି ।

### ମୋସାଦ୍ ମୁଖ୍ୟାଳୟ ଉପରେ ...

କରିନାହିଁ । ଇସ୍ରାଏଲ୍ ସୈନ୍ୟ ମୁଖପାତ୍ର ବ୍ରିଗେଡିୟର୍ ଜେନେରାଲ୍ ଏଫି ଡେଫ୍ରିନ୍ କହିଛନ୍ତି ଯେ ଇରାନର ମିସାଇଲ୍ ଆକ୍ରମଣ ବେଶି କ୍ଷତି କରିନାହିଁ । ଇରାନ୍ ପକ୍ଷରୁ ହୋଇଥିବା ଆକ୍ରମଣକୁ ଆଇରନ ଡୋମ୍ ପ୍ରତିରକ୍ଷା ବ୍ୟବସ୍ଥା ଦ୍ୱାରା ନଷ୍ଟ କରିଦିଆଯାଇଛି । ଇସ୍ରାଏଲ୍ ମିଡିଆ ମଧ୍ୟ ଦର୍ଶାଇଛି, ଇରାନ୍‌ର କିଛି ମିସାଇଲ୍ ତେଲ ଅଭିଭ ଓ ହେର୍ଜଲିୟାରେ କିଛି ମାତ୍ରାରେ କ୍ଷତି କରିଛି କିନ୍ତୁ ମୋସାଦ ମୁଖ୍ୟାଳୟ କିମ୍ବା ଆମାନ କେନ୍ଦ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ କ୍ଷତି ହୋଇନାହିଁ । ଇସ୍ରାଏଲ୍ କହିଛି, ଇରାନର ଆକ୍ରମଣ ଏକ ବାସ ପାର୍କିଂ ଲଟ୍ ଓ କିଛି ଆବାସିକ ଅଞ୍ଚଳରେ ସୀମିତ ରହିଛି । ପ୍ରକାଶ, ମଙ୍ଗଳବାର ସକାଳେ ଇସ୍ରାଏଲ୍ ସେନା (ଆଇଡିଏଫ୍) ଦାବି କରିଥିଲା ଯେ ଇସ୍ରାଏଲ୍ ପକ୍ଷରୁ ହୋଇଥିବା ଆକ୍ରମଣରେ ଇରାନୀ ସେନା ମୁଖ୍ୟ ତଥା ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲି ଖାମେନିଙ୍କ ଘନିଷ୍ଠ ସହଯୋଗୀ ମେଜର୍ ଜେନେରାଲ୍ ଅଲି ଶାଦମାନୀ ମୃତ୍ୟୁବରଣ କରିଛନ୍ତି । ତେହେରାନସ୍ଥିତ ଆଇଆର୍‌ଜିସି (ଇସଲାମିକ୍ ରିଭୋଲ୍ୟୁସନରୀ ଗାର୍ଡସ୍ କର୍ପସ୍) ଖାତମ୍-ଅଲ୍-ଆନବିୟା କେନ୍ଦ୍ରୀୟ ମୁଖ୍ୟାଳୟ ଉପରେ ହୋଇଥିବା ଆକ୍ରମଣରେ ଅନ୍ୟ କିଛି ଇରାନୀୟ ସାମରିକ ଅଧିକାରୀଙ୍କ ସହ ଶାଦମାନୀ ମଧ୍ୟ ନିହତ ହୋଇଥିବା ଆଇଡିଏଫ୍ ଦାବି କରିଛି । ଜୁନ୍ ୧୩ ତାରିଖରେ 'ଅପରେସନ୍ ରାଇଜିଂ ଲାୟନ୍' ଆରମ୍ଭ କରିବା ସହ ଇସ୍ରାଏଲ୍ ସେନା ଇରାନ୍‌ର ଅନେକ ସାମରିକ ଘାଟି, ଆଣବିକ କେନ୍ଦ୍ର ଉପରେ ଆକ୍ରମଣ କରିଛି । ଏଥିରେ ଇରାନ୍‌ର ନାଟାଞ୍ଜ ପରମାଣୁ କେନ୍ଦ୍ର ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ନେଇ ଆଇଏଇଏ (ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି) ସ୍ପଷ୍ଟ କରିଛି । ମଙ୍ଗଳବାର ଆଇଏଇଏ କହିଛି ଯେ ଇରାନର ନାଟାଞ୍ଜ ପରମାଣୁ କେନ୍ଦ୍ର ( ୟୁରାନିୟମ ଏନ୍‌ରିଚମେଣ୍ଟ ସେଣ୍ଟର୍) ଉପରେ ଗତ ଶୁକ୍ରବାର ଇସ୍ରାଏଲ୍ ପଟୁ ହୋଇଥିବା ବିମାନ ଆକ୍ରମଣର 'ସିଧାସଳଖ ପ୍ରଭାବ' ଏହି ସୁବିଧାର ଭୂତଳ ସେଣ୍ଟ୍ରିଫ୍ୟୁଜ୍ ହଲ୍ ଉପରେ ପଡ଼ିଥିବା ଅନୁମାନ କରାଯାଉଛି । ଏତଦ୍‌ବ୍ୟତୀତ, ଇସ୍ରାଏଲୀ ଆକ୍ରମଣରେ ଏହି ସ୍ଥାନକୁ ପରିଚାଳନା କରୁଥିବା ବିଦ୍ୟୁତ କେନ୍ଦ୍ର ମଧ୍ୟ ନଷ୍ଟ ହୋଇଯାଇଛି । ଏହା ଦ୍ୱାରା ତେଜଷ୍କ୍ରିୟ ଓ ରାସାୟନିକ ବିକିରଣ ଓ ପ୍ରଦୂଷଣର ବିପଦ ବଢିଛି । ପ୍ରକାଶ, ପ୍ରଥମଥର ପାଇଁ ଜାତିସଂଘର ପରମାଣୁ ନୀରିକ୍ଷଣ ସଂସ୍ଥା ଇରାନର ପରମାଣୁ କାର୍ଯ୍ୟକ୍ରମର ଏକ ପ୍ରମୁଖ ପରମାଣୁ ସ୍ଥଳ ନାଟାଞ୍ଜର ଭୂତଳ ଅଂଶ ଉପରେ ଆକ୍ରମଣ ଯୋଗୁଁ ହୋଇଥିବା କ୍ଷତିର ମୂଲ୍ୟାଙ୍କନ କରିଛି । ହାଇ-ରିଜୋଲ୍ୟୁସନ୍ ସାଟେଲାଇଟ୍ ଚିତ୍ର ଆଧାରରେ ଆଇଏଇଏ ଏପରି ଅନୁମାନ କରୁଥିବା କହିଛି । ଅନ୍ୟପକ୍ଷରେ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ଏକ ବିବୃତ୍ତିରେ ତେହେରାନର ବାସିନ୍ଦାଙ୍କୁ ତେହେରାନ ଛାଡ଼ିବାକୁ ସତର୍କ କରାଇଦେଇଛନ୍ତି । ଇରାନ୍‌ବାସୀଙ୍କୁ ସମ୍ବୋଧିତ କରି ଟ୍ରମ୍ପ କହିଛନ୍ତି, ସେମାନେ ସର୍ବୋଚ୍ଚ ନେତା ଭାବେ ବିବେଚନା କରୁଥିବା ଅୟାତୋଲ୍ଲା ଖାମେନେଇ ଏବେ କେଉଁଠି ଲୁଚିଛନ୍ତି ସେସମ୍ପର୍କରେ ଇସ୍ରାଏଲ୍ ଏବଂ ଆମେରିକା ପାଖରେ ସୂଚନା ରହିଛି । କିନ୍ତୁ ବର୍ତ୍ତମାନ ସମୟରେ ଖାମେନେଇଙ୍କୁ ହତ୍ୟା କରାଯିବ ନାହିଁ । ତାଙ୍କ ପାଖରେ ଏବେ ବି ଆତ୍ମସମର୍ପଣ କରିବାର ଏବଂ ଆଣବିକ ଚୁକ୍ତି ସ୍ୱାକ୍ଷର କରିବାର ସୁଯୋଗ ଅଛି । ଯଦି ସେ ଏପରି ନକରନ୍ତି ତେବେ ତାଙ୍କୁ ଇରାକ୍‌ର ପୂର୍ବତନ ଶାସକ ସଦ୍ଦାମ ହୁସୈନ୍‌ଙ୍କ ପରି ପରିଣାମ ଭୋଗ କରିବାକୁ ପଡ଼ିବ । ଇରାନ କୌଣସି ପରିସ୍ଥିତିରେ ମଧ୍ୟ ପରମାଣୁ ଅସ୍ତ୍ର ରଖିପାରିବ ନାହିଁ ବୋଲି ମଧ୍ୟ ଟ୍ରମ୍ପ ଏହି ଅବସରରେ ଘୋଷଣା କରିଛନ୍ତି । ସୂଚନାଯୋଗ୍ୟ କାନାଡ଼ାରେ ଆରମ୍ଭ ହୋଇଥିବା ଜି-୭ ଶିଖର ସମ୍ମିଳନୀରେ ମଧ୍ୟ ଇରାନ୍-ଇସ୍ରାଏଲ୍ ଯୁଦ୍ଧ ପ୍ରସଙ୍ଗରେ ଆଲୋଚନା ଆରମ୍ଭ ହୋଇଛି ।

# ତିନିରଥର ପାରା ଭାଡ଼ିକୁ ମିଶାଇ ପୋଟଳ ସେଟିଂ ଶେଷ

**ପୁରୀ,୧୭।୬/ଏନ୍‌ଏନ୍‌ଏସ୍:** ଆଜି ରଥ ନିର୍ମାଣର ୪୮ ତମ ଦିବସରେ ରଥ ନିର୍ମାଣକାରୀ ସେବକମାନେ ରଥଖଳା ଠାରେ ସକାଳ ୮ଘଟିକା ସମୟରେ ଉପସ୍ଥିତ ପୂର୍ବକ ଉପସ୍ଥାନ ଦେଇ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଏଥିସହ ୩୪ଜଣ ଚିତ୍ରକାର ସଦସ୍ୟ ଦେବରାଜ ମହାପାତ୍ର ମୁଖ୍ୟ ଚିତ୍ରକାର ସେବକଙ୍କ ତତ୍ତ୍ୱାବଧାନରେ ତିନିରଥ ରଙ୍ଗ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ଗତକାଲି ସୁଦ୍ଧା ତିନିରଥର ପ୍ରଥମ ଭୁଇଁ ଉଭୟ ପଟରେ କଇଞ୍ଚି ପଡ଼ିବା ସହ ଦ୍ୱିତୀୟ ଭୁଇଁ ଉଭୟପାର୍ଶ୍ୱରେ ଅନ୍ଧାରୀ ତାଗ ବାଡ଼ିଆ ଯାଇ ତୃତୀୟ ଭୁଇଁରେ କଇଞ୍ଚି ସହ ଅନ୍ଧାରୀ ତାଗ ବାଡିଆ ଶେଷ ହୋଇଥିଲା । ତିନିରଥର ଖପୁରୀ ସମେତ ପାରା ଭାଡ଼ି କୁ ମିଶାଇ ପୋଟଳ ସେଟିଙ୍ଗ ଶେଷ ହୋଇଛି । ଆଜି ତିନିରଥ ର ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ସହଯୋଗୀ ମହାରଣା ସେବକ ଏବଂ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇ ସେବକ ମାନଙ୍କ ସହଯୋଗରେ ତିନି ରଥରେ ଖପୁରୀ ସମେତ ପାରାଭାଡ଼ି କୁ ମିଶାଇ ୧୩ ପରସ୍ତ ପୋଟଳ ସେଟିଙ୍ଗ ସମ୍ପୂର୍ଣ୍ଣ ହୋଇଛି । ଏଥିସହ ତିନିରଥର ଚାରି କୋଣମାନଙ୍କୁ ଛାଡି ବେଦୀ ଚାରିପଟେ ପାରୁସ ପଟା ପଡ଼ିବା ଶେଷ ହୋଇଛି । ତିନିରଥକୁ ଦୁଆର ବେଢ଼ା ଉଠିବା ପରେ, ଖାଲି ଥିବା ଏହି କୋଣ ଗୁଡ଼ିକରେ ପଟା ବାଡ଼ିଆ କାର୍ଯ୍ୟ ସମ୍ପନ୍ନ ହେବ । ଆଜି ତିନିରଥର ବେଦୀ ସିଂହାସନ ପ୍ରସ୍ତୁତି ପାଇଁ ରଥ ଚାରି ନାହାକା ଆଗ ଏବଂ ପଛ ଡ଼ମକରେ ପାଞ୍ଚ ଗୋଟି ଲେଖାଏଁ ୨୦ଫୁଟିଆ ଜଗତ ପୃଷ୍ଠ ସେଣୀ ପଡ଼ି କଣ୍ଠା ବାଡ଼ିଆ ଶେଷ ହୋଇଛି । ବେଦୀ ଚାରି ପାର୍ଶ୍ୱରେ ପଟା ବାଡିଆ ଶେଷ ହେବା ପରେ, ବେଦୀ ପରିସରକୁ ବଢ଼ାଇବା ପାଇଁ ସେଣି ପତନ ରେ ବେଦୀ ଉଭୟ ପାର୍ଶ୍ୱରେ ତିନୋଟି ଲେଖାଏଁ ୬ ଗୋଟି ବାହୁଟ ଫାଳିଆ ପଡ଼ି ପଟା ପକାଯାଇ ବେଦୀ ପ୍ରସ୍ତୁତ କରାଯିବ । ଏଥିସହ ଆଜି ତିନିରଥ ଦୁଆର ବେଢ଼ା ଫ୍ରେମ୍ ନିର୍ମାଣ ଶେଷ ହୋଇଛି, ଫ୍ରେମ୍‌ରେ ପଟା ପଡ଼ିବା ବାକି ରହିଛି । ରୂପକାର ସେବକ ମାନେ ତିନିରଥ ର ୩୨ ଗୋଟି ନାଟ ଗୋଡ଼ରୁ ୧୬ ଗୋଟି ନାଟ ଗୋଡ଼ ରେ ରୂପ ଖୋଦେଇ ଶେଷ କରି ଚିତ୍ରକାର ମାନଙ୍କୁ ରଙ୍ଗ କାର୍ଯ୍ୟ ପାଇଁ ଯୋଗାଇ ଦେଇଥିଲେ, ବାକି ୧୬ ଗୋଟି ନାଟ ଗୋଡ଼ରୁ ୧୩ ଗୋଟି ନାଟ ଗୋଡର ରୂପ ଖୋଦେଇ ଶେଷ ହୋଇ ରୂପଗୁଡ଼ିକର ପୋଲିସ କାର୍ଯ୍ୟ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି, ବାକି ତିନି ଗୋଟି ନାଟ ଗୋଡ଼ରେ ରୂପ ଖୋଦେଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏଥିସହ ତିନିରଥରେ ପଟାଗୁଜ ଗୁଡ଼ିକରେ ସିଂହ ବିରାଳ, ଗଜ ବିରଳ ଏବଂ ନରବିରଳ ଚିତ୍ର ଖୋଦେଇ ଜାରୀ ରଖିଛନ୍ତି । ଅନ୍ୟପଟେ ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ପୋଟଳ କଣ୍ଟା ଯୋଗାଇବା ପରେ ତିନିରଥ କଳସ କଣ୍ଟା, ଦୁଆର ବେଢ଼ା ପାଇଁ କଣ୍ଟା ନିର୍ମାଣ ସହ ତିନିରଥ ଗଣ୍ଡି କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି । ସେପଟେ ଦରଜୀ ସେବକମାନେ ତିନିରଥର ବତା କନାରେ ଲେସ୍ ଫିଟିଂ ସହ ଦୁଆର ବେଢ଼ା ଏବଂ ଚନ୍ଦ୍ରଶାଳୀ ପାଇଁ କନା କଟିଂ ଶେଷକରି ଲେସ୍ ଷ୍ଟିଚିଙ୍ଗ୍ କାର୍ଯ୍ୟ ଜାରୀ ରହିଛି ।



## ଦୀର୍ଘଦିନର ସମସ୍ୟା ଓ ଦାବିର ସମାଧାନକଲେ ସାଂସଦ

# ୩ କୋଟି ଟଙ୍କା ଅନୁଦାନରେ ରାସ୍ତା ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ



**ଖୋର୍ଦ୍ଧା,୧୭।୬/ଏନ୍‌ଏନ୍‌ଏସ୍:** ସମସ୍ୟା ଦୂର କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ । ୧୭ ଜୁନ୍ ବସୁମତି ସ୍ନାନଠାରୁ ମାଜେଣା ଠାରୁ ବନ୍ତଳ ପର୍ଯ୍ୟନ୍ତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଗତ ନଭେମ୍ବର ୨୦୨୩ରେ ମଲ୍ଲିପୁର ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ସାଂସଦ ଏହି ଗ୍ରାମ ପରିଦର୍ଶନରେ ଆସି ରାସ୍ତା ସମସ୍ୟା ନେଇ ନିଜେ ଅନୁଭବ କରିଥିଲେ । ଗମନାଗମନ ସମସ୍ୟାଟିକୁ ସାଂସଦ ନିଜେ ହୃଦୟଙ୍ଗମ କରିଥିଲେ । ଏହି ରାସ୍ତା ଉପରେ ୭ଟି ପଞ୍ଚାୟତବାସୀ ନିର୍ଭର କରିଥାନ୍ତି । ପୂର୍ବରୁ ଭୁବନେଶ୍ୱର, ଖୋର୍ଦ୍ଧା, ଟାଙ୍ଗିକୁ ଏହି ରାସ୍ତା ଦେଇ ଯାତାୟାତ କରିବା ଦୀର୍ଘ ଘଣ୍ଟା ଲାଗୁଥିଲା । ପୂର୍ବରୁ ଏହି ରାସ୍ତାଟି ଜଙ୍ଗଲ ପରିବେଶ ବିଭାଗ ଅଧୀନରେ ରହିଥିଲା । ଫଳରେ ଏହି ରାସ୍ତାର ଆଧୁନିକୀକରଣ କରିବା ସମ୍ଭବ ହେଉନଥିଲା । ଭୁବନେଶ୍ୱର ସାଂସଦଙ୍କ ଉଦ୍ୟମରେ ତତ୍କାଳୀନ ଜଙ୍ଗଲ ଓ ପରିବେଶ ବିଭାଗ ଅଧିକାରୀ ଏବଂ ବର୍ତ୍ତମାନର ଜଙ୍ଗଲ ପରିବେଶ ବିଭାଗ ଅଧିକାରୀଙ୍କ ସହ କଥା ହେବା ପରେ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନକୁ ଆସିଥିଲା । ଏହା ପରେ ଏହି ରାସ୍ତା ନିର୍ମାଣ ପାଇଁ ପ୍ରାୟ ୩କୋଟି ଟଙ୍କାର ବଜେଟ୍ ଅନୁମୋଦନ ହୋଇଛି । ୩କିଲୋମିଟର ଦୀର୍ଘ ରାସ୍ତାକୁ ଆସନ୍ତା ୯ମାସ ଭିତରେ ରାସ୍ତା କାମ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ସାଂସଦ ମହୋଦୟା ନିର୍ଦ୍ଦେଶ ଦେଇଛନ୍ତି । ଏହି ୩କିଲୋମିଟର ରାସ୍ତା ପୂରଣ ହେବା ପରେ ଏହି ଲୋକଙ୍କୁ ଆଉ ପୂର୍ବପରି ଘଣ୍ଟା ଘଣ୍ଟା ରାସ୍ତା ସମସ୍ୟାରେ ପଡିବାକୁ ପଡିବନି, ଡାକ୍ତରଖାନା ଯିବାକୁ ଖୋର୍ଦ୍ଧା ଦେଇ ୨୫କିଲୋମିଟର ବାଟ ଅଧିକ ବୁଲିବାକୁ ପଡୁଥିଲା, ତାହା ଆଉ ହେବନାହିଁ । ଏହି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ କହିଥିଲେ, ରାଜନୀତିମାନେ ହେଉଛି ବିକାଶ ଏବଂ ବିକାଶ କରିବା ପାଇଁ ମୁଁ ରାଜନୀତିକୁ ଆସିଛି । ପ୍ରତିଟି ପଞ୍ଚାୟତରେ ଆଗାମୀ ୪ ବର୍ଷ ଭିତରେ ସାଂସଦଙ୍କ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଯୁବକମାନଙ୍କ ପାଇଁ ଲାଇବ୍ରେରୀ ନିର୍ମାଣ ହେବ ବୋଲି ସାଂସଦ ଘୋଷଣା କରିଥିଲେ । କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ବିଶ୍ୱରଂଜନ ବଡଜେନା, ମଲ୍ଲିପୁର ଗ୍ରାମର ବରିଷ୍ଠ ନାଗରିକ ରାମ ବାବୁ, ସରପଞ୍ଚ ସୁଧାଂଶୁ ସେଠୀ, ସମିତିସଭ୍ୟ ଲିଲି ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗ ଏକଜିକୁଟିଭ ଇଂଜିନିୟର ଅଶୋକ କୁମାର ବେହେରା ଏବଂ ଶତାଧିକ ଜନତା ଯୋଗଦେଇଥିଲେ ।

## କୁମ୍ଭୀର ପ୍ରକଳ୍ପର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ବାଲୁକା କଳାକୃତି




**ପୁରୀ,୧୭।୬/ଏନ୍‌ଏନ୍‌ଏସ୍:** ରାଜ୍ୟରେ କୁମ୍ଭୀର ପ୍ରକଳ୍ପର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା କୁମ୍ଭୀର ପ୍ରକଳ୍ପକୁ ନେଇ ସୁନ୍ଦର ବାଲୁକା କଳାକୃତି କରାଯାଇଛି । ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ପାଣିପାଗ ପରିବର୍ତ୍ତନ ବିଭାଗ ପକ୍ଷରୁ କୁମ୍ଭୀର ପ୍ରକଳ୍ପ ୫୦ ବର୍ଷ ପୂର୍ତ୍ତି ତଥା ସୁବର୍ଣ୍ଣ ଜୟନ୍ତୀ ବର୍ଷ ଉପଲକ୍ଷେ ଓୟୁଏଟି ସମ୍ମିଳନୀ କକ୍ଷରେ ଏହି ଉତ୍ସବର ଆୟୋଜନ କରାଯାଇଥିଲା ।

## ଚଳିତବର୍ଷ ବୃଦ୍ଧି କରାଯିବ ରଥର ଚାରମାଳ

**ପୁରୀ,୧୭।୬/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷ ରଥର ଚାରମାଳର ଲମ୍ବା ବୃଦ୍ଧି କରାଯିବ । ଗତବର୍ଷ ଆଡ଼ପ ପହଣ୍ଡି ସମୟର ତାଳଧ୍ୱଜ ରଥରୁ ପ୍ରଭୁ ବଳଭଦ୍ର ପଡ଼ିଯିବା ଘଟଣାରେ ଗଠିତ ୩ ଜଣିଆ ତଦନ୍ତ କମିଟିର ସୁପାରିଶ ଆଧାରରେ ଶ୍ରୀମନ୍ଦିର ପ୍ରଶାସନ ଏହି ନିଷ୍ପତ୍ତି ନେଇଛି । ଏ ବର୍ଷ ରଥର ଚାରମାଳର ଲମ୍ବା ବୃଦ୍ଧି କରାଯିବ । ନିୟମ ଅନୁଯାୟୀ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଚାରମାଳର ଲମ୍ବା ୨୫ ଫୁଟ ,ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଚାରମାଳର ଲମ୍ବା ୨୪ ଫୁଟ ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଚାରମାଳର ଲମ୍ବା ୨୩ ଫୁଟ ରହିଥାଏ । ଏ ବର୍ଷ ଏହାକୁ ଆଉ ୨ ଫୁଟ ବୃଦ୍ଧି କରି ସ୍ଲୋପ କରିବା ପାଇଁ ଚିନ୍ତା କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନ ଇଞ୍ଜିନିୟରିଂ ଟିମ ଓ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ବୈଷୟିକ ପରାମର୍ଶ ଅନୁଯାୟୀ ଏହି କାର୍ଯ୍ୟ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ପ୍ରକାଶ କରିଥିଲେ । ଆଜି ସନ୍ଧ୍ୟାରେ ସେ ଏ ନେଇ ଭୋଇ ସେବକଙ୍କ ସହ ଆଲୋଚନା କରିଥିଲେ । ଚାରମାଳ ପାଇଁ ଆବଶ୍ୟକ ତାଳ ଗଛ କାଠ ଢେଙ୍କାନାଳର ଜଣେ ଦାତା ଦାନ ସୂତ୍ରରେ ଯୋଗାଉଛନ୍ତି । ସେହିପରି ଚଳିତ ବର୍ଷ ଶ୍ରୀଗୁଣ୍ଡିଚା ମନ୍ଦିର ରଥ ରହିବା ସ୍ଥାନରେ ଆକର୍ଷଣୀୟ ଝୋଟି, ଚିତା କରାଯିବ । ଜାତୀୟ ରାଜପଥ ବିଭାଗର କାର୍ଯ୍ୟ ପରେ ରଥଯାତ୍ରା ପର ଦିନ ଅବଶିଷ୍ଟ ଝୋଟି, ଚିତା କାର୍ଯ୍ୟ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ କରାଯିବ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢ଼ି ଆଜି ଅନ୍ୟ ଅଧିକାରୀଙ୍କ ଝୋଟି, ଚିତା କାର୍ଯ୍ୟ ଅନୁଧ୍ୟାନ କରିଥିଲେ ।

## ଘୋଷଯାତ୍ରା ପାଇଁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ




**ପୁରୀ,୧୭।୬/ଏନ୍‌ଏନ୍‌ଏସ୍:** ଜଗନ୍ନାଥ ମନ୍ଦିର ପ୍ରଶାସନ, ପୁରୀର ମୁଖ୍ୟ ପ୍ରଶାସକ, ଡ଼. ଅରବିନ୍ଦ କୁମାର ପାଢ଼ୀ ଆଜି ରାଜଭବନରେ ମାନ୍ୟବର ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟିଙ୍କୁ ଭେଟି ମହାପ୍ରଭୁଙ୍କ ଆଗାମୀ ପବିତ୍ର ଘୋଷଯାତ୍ରା ପାଇଁ ନିମନ୍ତ୍ରଣ କରିଛନ୍ତି । ରାଜ୍ୟପାଳ ଏହି ଆମନ୍ତ୍ରଣ ପାଇ ଡ. ପାଢ଼ୀଙ୍କୁ ଧନ୍ୟବାଦ ଜଣାଇଥିଲେ ଓ କହିଥିଲେ ଯେ, ଘୋଷଯାତ୍ରା ଓଡ଼ିଶାର ଐତିହ୍ୟ ଓ ଆସ୍ଥାର ପ୍ରତୀକ । ମୁଁ ଏହି ପବିତ୍ର ଅବସରରେ ଅଂଶଗ୍ରହଣ କରିବାକୁ ଅପେକ୍ଷା କରୁଛି ।

### ଆସନ୍ତା ୩ ଦିନ ପ୍ରବଳ ...

ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ଏହି ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ଝଟକା ପବନର ବେଗ ୩୦-୪୦ କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି । ସେହିପରି ଆସନ୍ତାକାଲି ପାଇଁ ୧୮ତାରିଖରେ ମଧ୍ୟ ବଜ୍ରପାତ ଜନିତ ଚେତାବନୀ ନଥିଲେ ଅରେଞ୍ଜ ୱାର୍ଣ୍ଣିଂ ଜାରି ରହିଛି । ମୟୂରଭଞ୍ଜର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିବ । କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ଼, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିବ । ସେହିପରି ଅନୁଗୁଳ, ବୌଦ୍ଧ, ବରଗଡ଼, ଝାରସୁଗୁଡା, ଦେବଗଡ଼ ଓ ଢେଙ୍କାନାଳ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ଜାରି ରହିବ । ଆସନ୍ତା ୧୯ତାରିଖରୁ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ରହିଛି । ସମ୍ବଲପୁର, ଝାରସୁଗୁଡା, ଢେଙ୍କାନାଳ, ଦେବଗଡ଼, ଅନୁଗୁଳ, ବୌଦ୍ଧ, ସୋନପୁର, ବରଗଡ଼ର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିବ । ତେବେ ଉତ୍ତରପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସମୁଦ୍ର ପତନଠାରୁ ବାୟୁମଣ୍ଡଳର ୩.୧ କିମିରୁ ୭.୬ କିମି ମଧ୍ୟରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ସମେତ ବିଦର୍ଭ ଓ ଛତିଶଗଡ଼ କିଛି ଅଞ୍ଚଳକୁ ମୌସୁମୀ ଅଗ୍ରସର ହେବାକୁ ପାଗ ଅନୁକୂଳ ରହିଛି । ଏହାର ପ୍ରଭାବରେ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ବର୍ଷା ଜାରି ରହିଛି । ଗତ ୨୪ଘଣ୍ଟାରେ ଚାନ୍ଦବାଲିରେ ସର୍ବାଧିକ ୪୭.୪ ମିମି ବର୍ଷା ହୋଇଥିବାବେଳେ ରାଉରକେଲାରେ ୩୫.୮ ମିମି, ଝାରସୁଗୁଡ଼ା ୨୮.୬ ମିମି, ଭଦ୍ରକ ୧୯.୧ ମିମି, କେନ୍ଦୁଝର ୧୫.୬ ମିମି, ବରଗଡ଼ ୧୩.୭ ମିମି, ଯାଜପୁର ୮.୫ ମିମି, ବାଲେଶ୍ୱର ୮.୨ ମିମି ଏବଂ ଦାରିଙ୍ଗିବାଡିରେ ୨.୦ ମିମି ବର୍ଷା ରେକର୍ଡ ହୋଇଛି ।

### ଆର୍ମେନିଆ ଦେଇ ଇରାନରୁ ...

ପରାମର୍ଶ ଦିଆଯାଇଛି ଯେ ଯେଉଁମାନେ ନିଜସ୍ୱ ସମ୍ବଳ ସହିତ ତେହେରାନ ଛାଡ଼ିପାରିବେ, ସେମାନେ ତୁରନ୍ତ ନିରାପଦ ସ୍ଥାନକୁ ଯାଆନ୍ତୁ । ସୂଚନାଯୋଗ୍ୟ ଜମ୍ମୁ କାଶ୍ମୀର ଛାତ୍ର ସଂଘ ଅନୁଯାୟୀ, ପ୍ରାୟ ୧୧୦ ଜଣ ଭାରତୀୟ ଛାତ୍ର ତେହେରାନର ଉର୍ମିଆ ମେଡିକାଲ୍ କଲେଜରେ ପାଠପଢ଼ନ୍ତି । ସେମାନଙ୍କ ମଧ୍ୟରେ ୯୦ଜଣ କେବଳ କାଶ୍ମୀର ଛାତ୍ର ଅଛନ୍ତି । ସମସ୍ତଙ୍କୁ ସୁରକ୍ଷିତ ଭାବରେ ସୀମା ପାର କରି ଆର୍ମେନିଆକୁ ପଠାଯାଇଛି ।

# ନନ୍ଦପୁର ପଞ୍ଚାୟତରେ ବିକାଶ ବାହନ ରଥ ପରିକ୍ରମା



**ଖୋର୍ଦ୍ଧା,୧୭।୬/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ବ୍ଲକ ନନ୍ଦପୁର ପଞ୍ଚାୟତରେ ଆଜି ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବର୍ଷ ଏକ ଉପଲବ୍ଧି ଅନେକ ନେଇ ଏକ ଜନସଚେତନତା ବିକାଶ ବାହାନ ରଥକୁ ଉଦ୍‌ଘାଟନ କରାଯାଇଛି । ଏହି ବିକାଶ ବାହାନ ରଥ ରାଜ୍ୟ ଓ କେନ୍ଦ୍ର ସରକାର ଙ୍କ ବିଭିନ୍ନ ଜନହିତ କର ଯୋଜନାକୁ ପ୍ରତି ଗାଁକୁ ଯାଇ ଲୋକଙ୍କୁ ସଚେତନ କରିବା ତତ ସହିତ ରାଜ୍ୟ ସରକାର ବର୍ଷକ ମଧ୍ୟରେ କରିଥିବା ସୁଭଦ୍ରା ଯୋଜନା ଠାରୁ ଆରମ୍ଭ କରି, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲା, ଅନ୍ତୋଦ୍ୟ ଯୋଜନାରେ ଗୃହ, ୮୦ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ଓ ଶାରୀରିକ ଭିନ୍ନକ୍ଷମଙ୍କୁ ୩୫୦୦ଟଙ୍କାର ଭତ୍ତା ବୃଦ୍ଧି, ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ଆଦି ଅନେକ ଯୋଜନା ଉପରେ ସଚେତନତା କରିବା । ଏ ନେଇ ଆଜି ନନ୍ଦପୁର ପଞ୍ଚାୟତଠାରେ ଯୁବ ସରପଞ୍ଚ ବିପ୍ଳବ କେଶରୀ ବଳିଆରସିଂହଙ୍କ ଆୟୋଜନରେ ଅତିଥି ରୂପେ ପୂର୍ବତନ ଜିଲ୍ଲା ପରିଷଦ ଖୋର୍ଦ୍ଧାର ସଭାପତି ପ୍ରଫୁଲ୍ଲ କୁମାର ଦଳାଇ ଉଦ୍‌ଘାଟନ କରିବା ପରେ ଏହି ରଥ ପଞ୍ଚାୟତ ପରିକ୍ରମା କରିଥିଲା । ଏହି ଅବସରରେ ପଞ୍ଚାୟତର ନିର୍ବାହୀ ଅଧିକାରୀ ବିଭୁ ପ୍ରସାଦ ସୁବୁଦ୍ଧି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସନ୍ଦୀପ କୁମାର ପାଣିଗ୍ରାହୀ, ନନ୍ଦପୁର ଡାଟା ଏଣ୍ଟ୍ରି ଅପରେଟର ସୁମନ୍ତ କୁମାର ସାହୁ, ସମାଜସେବୀ ଚିତ୍ରସେନ ଜଗଦେବ, କୃପାସିନ୍ଧୁ ବଳିଆରସିଂ, ମହିଳା ମହାସଙ୍ଘ ସଭାନେତ୍ରୀ ସୀତା ଦେଇ, ୱାର୍ଡ ସଭ୍ୟ ସୁନୀଲ କୁମାର ବଳିଆରସିଂ, ଦିଲୀପ କୁମାର ସାହୁ, ଓ ପ୍ରଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ରହି ନୂତନ ଭାବେ ମଞ୍ଜୁର ହୋଇଥିବା ଭତା, ଓ ଅନ୍ତୋଦ୍ୟ ଯୋଜନାରେ ଆବାସ ଗୃହ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ପରେ ବୃକ୍ଷରୋପଣ ସହିତ ପାଲା କଳାକାରଙ୍କ ଦ୍ୱାରା ନିଶା ନିବାରଣ ଓ ସରକାରଙ୍କ ଜନହିତ କାରି ଯୋଜନା ଉପରେ ଉପସ୍ଥିତ ଲୋକଙ୍କୁ ସଚେତନତା କରାଯାଇଥିଲା । ଏଥିରେ ପଞ୍ଚାୟତର ସମସ୍ତ ଲୋକପ୍ରତିନିଧି, ୱାର୍ଡ ସଭ୍ୟସଭ୍ୟା, ସ୍ୱେଚ୍ଛାସେବୀ ଯୁବକ, ଯୁବତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ସହଯୋଗ କରିଥିଲେ ।

# ଆଜିର ଇତିହାସ

- ୧୫୭୬-ମହାରାଣା ପ୍ରତାପ ଓ ଆକବରଙ୍କ ମଧ୍ୟରେ ହଳଦୀଘାଟି ଯୁଦ୍ଧ ହୋଇଥିଲା।
- ୧୬୫୮-ଔରଙ୍ଗଜେବ, ଆଗ୍ରାର କିଲ୍ଲା ଉପରେ କବ୍ଜା କରିଥିଲେ।
- ୧୯୪୦-ନେତାଜୀ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ଫରୱାର୍ଡ ବ୍ଲକ୍‌ର ସ୍ଥାପନା କରିଥିଲେ।
- ୧୯୫୬- ହିନ୍ଦୁ ଉତ୍ତରାଧିକାର ଅଧିନିୟମ ପାରିତ ହୋଇଥିଲା।
- ୧୯୮୭-ଏମ୍ଏସ୍ ସ୍ୱାମୀନାଥନଙ୍କୁ ପ୍ରଥମ ବିଶ୍ୱ ଖାଦ୍ୟ ପୁରସ୍କାର ମିଳିଥିଲା।
- ୧୯୯୧-ପୂର୍ଣ୍ଣ ବହୁମତ ନହେବା କାରଣରୁ କଂଗ୍ରେସ ଲୋକସଭାର ସବୁଠାରୁ ବଡ଼ ପାର୍ଟି ହୋଇଥିଲା।

# ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ପେସାଗତ ଜୀବନରେ ସକାରାତ୍ମକ ପରିବର୍ତ୍ତନ ହେବ। କାର୍ଯ୍ୟର ପରିଣାମ ଉତ୍ତମ ରହିବ। ନୂଆ ସାଧନରୁ ଧନ ପ୍ରାପ୍ତି ଯୋଗ ରହିଛି। ସାଙ୍ଗସାଥିଙ୍କ ସାହାଯ୍ୟରୁ ଧନ ଆୟର ଅବସର ପାଇବେ।

**ବୃଷ** - କଠିନ ପରିଶ୍ରମର ଫଳ ମିଳିବ। କ୍ୟାରିୟର୍-ବ୍ୟାପାର ଦିଗରୁ ସଫଳତା ମିଳିବ। ପ୍ରୟାସ ଲାଭକାରୀ ହେବ। ପରିବାର ଓ ସାଙ୍ଗସାଥିଙ୍କ ସହଯୋଗରୁ ଧନ ଆୟ କରିବେ। ଆର୍ଥିକ ମାମଲାରେ ରିସ୍କ ନିଅନ୍ତୁ ନାହିଁ।

**ମିଥୁନ** - ଆର୍ଥିକ ମାମଲା ଉପରେ ଅଳ୍ପ ଧ୍ୟାନ ଦେବେ। ସମ୍ପର୍କରେ ଉତ୍ଥାନ-ପତନ ସମ୍ଭବ। ସିନିୟର୍ସଙ୍କ ସାହାଯ୍ୟ ନେବେ। ପଦ-ପ୍ରତିଷ୍ଠା ବୃଦ୍ଧି ହେବ। କ୍ୟାରିୟର୍‌ର ଲକ୍ଷ୍ୟକୁ ନେଇ ମୋଟିଭେଟେଡ୍ ନଜର ଆସିବେ।

**କର୍କଟ** - ପେସାଗତ ଜୀବନର ବାତାବରଣ ଅନୁକୂଳ ରହିବ। ଆୟ ବୃଦ୍ଧିର ନୂଆ ଅବସର ପାଇବେ। ପାରିବାରିକ ଜୀବନ ସୁଖମୟ ହେବ। ସାଙ୍ଗସାଥିଙ୍କ ସହିତ ଭ୍ରମଣ ଯୋଗ ରହିଛି। ସମ୍ପର୍କରେ ଭଲ ପାଇବା ଓ ମିଠାସ୍ ରହିବ।

**ସିଂହ** - ଆୟ ବୃଦ୍ଧିର ନୂଆ ବିକଳ୍ପର ସନ୍ଧାନ ନେବେ। କାର୍ଯ୍ୟର ଉତ୍ତମ ପରିଣାମ ପାଇବେ। ସାମାଜିକ ପଦ-ପ୍ରତିଷ୍ଠା ବୃଦ୍ଧି ଯୋଗ ଅଛି। ଧନ ଆୟର ଅବସର ମିଳିବ। ପ୍ରପର୍ଟିର ସମାଧାନ ପାଇଁ ଦିନଟି ଉତ୍ତମ।

**କନ୍ୟା** - ନିବେଶର ଅନେକ ସୁନେଲି ଅବସର ପାଇବେ। ଆର୍ଥିକ ସ୍ଥିତିରେ ସୁଧାର ହେବ। ଫିଟ୍‌ନେସ୍ ଉପରେ ଧ୍ୟାନ ଦିଅନ୍ତୁ। କ୍ୟାରିୟର୍ ଗ୍ରୋଥ୍‌ର ସମ୍ଭାବନା ରହିଛି। ଘରେ ମାଙ୍ଗଳିକ କାର୍ଯ୍ୟର ଆୟୋଜନ ହେବ।

**ତୁଳା** - ପୁରୁଣା ନିବେଶରୁ ଭଲ ରିଟର୍ଣ୍ଣ ପାଇବେ। ଧନର ଆୟ ବୃଦ୍ଧି ହେବ। ପେସାଗତଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। କାର୍ଯ୍ୟରେ ବିଳମ୍ବ ହେବ। ସ୍ୱାସ୍ଥ୍ୟକୁ ନେଇ ଅବହେଳା କରନ୍ତୁ ନାହିଁ।

**ବିଛା** - ଆର୍ଥିକ ମାମଲାରେ ଭାଗ୍ୟର ସାଥ୍ ପାଇବେ। ନୂଆ ସୋର୍ସରୁ ଧନ ପ୍ରାପ୍ତ ହେବ। ପେସାଗତଙ୍କ ଜୀବନରେ ବାତାବରଣ ଅନୁକୂଳ ରହିବ। ନୂଆ କାର୍ଯ୍ୟର ଦାୟିତ୍ୱ ନେବେ। ନୂଆ ପ୍ରପର୍ଟି କିଣିବା ସମ୍ଭବ। ନୂଆ କୌଶଳ ଶିଖିବେ।

**ଧନୁ** - ଆଜି ଆର୍ଥିକ ମାମଲାରେ ଧ୍ୟାନ ଦେବେ। ସୁସ୍ଥ ଜୀବନଶୈଳୀକୁ ଫଲୋ କରିବେ। ଦୈନନ୍ଦିନ ଜୀବନରୁ ବ୍ରେକ୍ ନେବେ। ପରିବାର ସହିତ ଜୀବନ ବିତେଇବେ। ସମାଜରେ ମାନ-ସମ୍ମାନ ବୃଦ୍ଧି ହେବ। ସ୍ୱାସ୍ଥ୍ୟରେ ସୁଧାର ଆସିବ।

**ମକର** - ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଚାକିରି-କାରବାରରେ ଅପାର ସଫଳତା ମିଳିବ। ପେସାଗତଙ୍କ ଜୀବନରେ ବ୍ୟସ୍ତତା ରହିବ। ଜୀବନସାଥି ସହିତ ବୈଚାରିକ ମତଭେଦ ସମ୍ଭବ।

**କୁମ୍ଭ** - ଦିନଟି ବହୁତ ଶୁଭ। ନିବେଶ ପାଇଁ ଖୁବ୍ ଭଲ ଅବସର ପାଇବେ। ଧନ-ସମ୍ପତ୍ତି ବୃଦ୍ଧି ହେବ। ଅଫିସ୍‌ରେ କାମ ଭଲରେ କରିବେ। ପିତାମାତାଙ୍କ ସପୋର୍ଟ ମିଳିବ। ରୋମାଣ୍ଟିକ ଜୀବନରେ ଖୁସି ରହିବ।

**ମୀନ** - କାର୍ଯ୍ୟସ୍ଥଳେ କାମରେ ଅବହେଳା ନକଲେ ଭଲ। ପେସାଗତ ଜୀବନରେ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିବ। ଘର ପରିବାରରେ ଆନନ୍ଦମୟ ଜୀବନ ରହିବ। ବାଧାବିଘ୍ନ ବିନା ଜରୁରୀ କାମ ସମ୍ପନ୍ନ ହେବ।

## ଶ୍ରୀମଦ୍ ଭଗବଦ୍‌ଗୀତା



**କଥଂ ବିଦ୍ୟାମହଂ ଯୋଗିଂସ୍ତ୍ୱାଂ ସଦା ପରିଚିନ୍ତୟନ୍।**
**କେଷୁ କେଷୁ ଚ ଭାବେଷୁ ଚିନ୍ତ୍ୟୋସି ଭଗବନ୍ ମୟା। (୧୦/୧୭)**

ହେ ଯୋଗୀନ୍! ମୁଁ କିପରି ତୁମକୁ ସବୁବେଳେ ଚିନ୍ତାକରି ଜାଣି ପାରିବି ? ହେ ଭଗବନ୍! କେଉଁ କେଉଁ ପଦାର୍ଥରେ କି ଭାବରେ ତୁମକୁ ଚିନ୍ତା କରିବି ମୋତେ କହିଦିଅ। ଭଗବାନ ନାନା ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ, ତେଣୁ ଏଠାରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ଯୋଗୀନ୍ ବୋଲି ସମ୍ବୋଧନ କରୁଛନ୍ତି। ଯେଉଁ ବିଭୂତି ବର୍ଣ୍ଣନା କରିବାକୁ ଅର୍ଜୁନ ପଚାରୁଛନ୍ତି ସେସବୁ ବିଭୂତି ଈଶ୍ୱରଙ୍କର ଐଶ୍ୱର୍ଯ୍ୟର ପ୍ରକାଶ ମାତ୍ର। ଈଶ୍ୱର କେଉଁଠାରେ କେତେ ଭାବରେ ବିଦ୍ୟମାନ ତାହା କିଏ କହିପାରିବ ? ତେଣୁ ଅର୍ଜୁନ ବିଭୂତି ବିଷୟ ଜାଣିବା ପାଇଁ ଅର୍ଜୁନଙ୍କୁ ପ୍ରର୍ଥନା କଲେ। ଶ୍ରୀ ରାମକୃଷ୍ଣ କହନ୍ତି - ଯେପରି ଖେଳନା ଫଳ ଓ ଖେଳନା ହାତୀ ସତ ଫଳ ଓ ସତ ହାତୀକୁ ସ୍ମରଣ କରାଇଦିଏ, ଠିକ୍ ସେହିପରି ପ୍ରତୀକ ଓ ମୂର୍ତ୍ତି ଭକ୍ତମାନଙ୍କୁ ଶାଶ୍ୱତ ଓ ନିରାକାର ଈଶ୍ୱରଙ୍କର ଦିବ୍ୟ ଅସ୍ତିତ୍ୱକୁ ସ୍ମରଣ କରାଇଦିଏ।

## ବୀରତା ଓ ପରାକ୍ରମର ଉଦାହରଣ

# ରାଣୀ ଲକ୍ଷ୍ମୀବାଈ

୧୮୫୮ର ଆଜିର ଦିନରେ ଇଂରେଜମାନଙ୍କ ସହିତ ମୁକାବିଲା କରି ରାଣୀ ଲକ୍ଷ୍ମୀବାଈ ବୀରଗତି ପ୍ରାପ୍ତ ହୋଇଥିଲେ। ଏଥିପାଇଁ ଏହି ଦିନଟିକୁ ତାଙ୍କ ବଳିଦାନ ଦିବସ ଭାବରେ ପାଳନ କରାଯାଏ। ଆଜି ତାଙ୍କର ବୀରତା ଓ ଶୌର୍ଯ୍ୟକୁ ସ୍ମରଣ କରିବାର ଦିନ। ଯୁଦ୍ଧକ୍ଷେତ୍ର ପାଇଁ କେବଳ ପୁରୁଷମାନଙ୍କୁ ଯୋଗ୍ୟ ବୋଲି ସମସ୍ତେ ମାନୁଥିଲେ ମଧ୍ୟ ଏପରି କେତେକ ମହିଳା ଯୋଦ୍ଧା ଅଛନ୍ତି ଯେଉଁମାନେ ନିଜର ପରାକ୍ରମ ଜରିଆରେ ଇତିହାସରେ ସବୁଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଯାଇଛନ୍ତି। ଏହି ସୂଚୀରେ ରାଣୀ ଲକ୍ଷ୍ମୀବାଈଙ୍କ ନାମ ପ୍ରଥମ ସ୍ଥାନରେ ରହିଛି। ସେ ଯୁଦ୍ଧ କୌଶଳ ଓ ନିଜର ମାତୃତ୍ୱ ଧର୍ମ ସହିତ ଇତିହାସରେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିଗଲେ। ଏହି କ୍ରମରେ ତାଙ୍କ ବିଷୟରେ କେତୋଟି ରୋଚକପୂର୍ଣ୍ଣ ତଥ୍ୟ ନିମ୍ନରେ ଦିଆଯାଇଛି।

---୧୯ ନଭେମ୍ବର, ୧୮୨୮ରେ ବାରାଣସୀରେ ଏକ ମାରାଠୀ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ମାତାପିତା ତାଙ୍କ ନାମ ରଖିଥିଲେ ମଣିକର୍ଣ୍ଣିକା। ତାଙ୍କ ମାତାଙ୍କ ଦେହାନ୍ତ ହୋଇଯିବା ପରେ ପିତାଙ୍କ ସହିତ ପେଶୱାଙ୍କୁ ଆସିଥିଲେ ଯେଉଁଠାରେ ବାଜିରାଓ ଦ୍ୱିତୀୟ ତାଙ୍କର ଝିଅ ଭାବରେ ପାଳନ କରିଥିଲେ। ମାତ୍ର ୧୪ ବର୍ଷରେ ତାଙ୍କର ବିବାହ ହୋଇଥିଲା ଝାନ୍ସିର ରାଜା ଗଙ୍ଗାଧର ନେଭଲ୍‌କରଙ୍କ ସହିତ। ଏହିଠାରେ ତାଙ୍କ ନାମ ପରିବର୍ତ୍ତନ କରାଯାଇ ଲକ୍ଷ୍ମୀବାଈ ଦିଆଯାଇଥିଲା। ଏକ ପୁତ୍ର ସନ୍ତାନ ଜନ୍ମହେବା ପରେ ତା'ର ମୃତ୍ୟୁ ହୋଇଗଲା ଓ ରାଜା ଦାମୋଦର ରାଓଙ୍କୁ ପୋଷ୍ୟପୁତ୍ର ଭାବରେ ଗ୍ରହଣ କରିଥିଲେ। ଇଂରେଜମାନେ ଅବସର ପାଇ ଝାନ୍ସି ଉପରେ ଆକ୍ରମଣ କରିଥିଲେ ଓ ଝାନ୍ସି ଦୃଢ଼ତାର ସହିତ ଏହାର ଜବାବ ଦେଇଥିଲା। ଜୁନ୍ ୧୭ରେ ରାଣୀ ଲକ୍ଷ୍ମୀବାଈ ଶେଷ ଯୁଦ୍ଧ ଲଢ଼ିଥିଲେ। ଇଂରେଜମାନଙ୍କ ସହିତ ଯୁଦ୍ଧ କରୁ କରୁ ସେ ସୋନରେଖା ନାଳ ଆଡ଼କୁ ଚାଲିଯାଇଥିଲେ ଓ ତାଙ୍କ ଘୋଡ଼ା ନାଳ ଅତିକ୍ରମ କରିପାରି ନଥିଲା। ଏହି ସମୟରେ ଇଂରେଜମାନେ ତାଙ୍କ ଉପରେ ଆକ୍ରମଣ କରିଦେଇଥିଲେ। ଏ ସମୟରେ ଜଣେ ସୈନିକ ତାଙ୍କୁ ପାର୍ଶ୍ୱରେ ଥିବା ଏକ ମନ୍ଦିରକୁ ନେଇ ପହଞ୍ଚାଇଥିଲେ। ରାଣୀ ସେଠାରେ ପୂଜାରୀଙ୍କୁ ଅନୁରୋଧ କରି କହିଥିଲେ- ମୋ ପୁଅ ଦାମୋଦରର ରକ୍ଷା କରିବେ ଓ ମୋର ଶବ ଯେପରି ଇଂରେଜମାନଙ୍କ ହାତକୁ ନଯାଏ ସେଥିପାଇଁ ଚେଷ୍ଟା କରିବେ। ଏହାପରେ ରାଣୀ ପ୍ରାଣତ୍ୟାଗ କରିଥିଲେ। ଏହାପରେ ରାଣୀଙ୍କ ଅଙ୍ଗରକ୍ଷକମାନେ ଆନନ-ଫାନନରେ ରାଣୀଙ୍କ ଶବଦାହ କରିଥିଲେ।



# ଶ୍ରୀ ଲୋକନାଥ ମନ୍ଦିର




ପ୍ରତିବର୍ଷ ପୁରୀ ଠାରେ ରଥଯାତ୍ରାର ଆୟୋଜନ କରାଯାଏ। ଏହି ଯାତ୍ରା ଅପେକ୍ଷାରେ ଥାଆନ୍ତି ଶ୍ରଦ୍ଧାଳୁମାନେ। ଏ ବର୍ଷର ରଥଯାତ୍ରାର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇସାରିଛି। ପୁରୀର ଛୋଟ ବଡ଼ ଗଳିଗୁଡ଼ିକରେ ଏଥିପାଇଁ ସାଜସଜ୍ଜା ମଧ୍ୟ ଦେଖିବାକୁ ମିଳେ। ବିଶ୍ୱବିଖ୍ୟାତ ପୁରୀ ରଥଯାତ୍ରାର ରହିଛି ଖାସ୍ ମହତ୍ତ୍ୱ। ତେବେ ଏହି ମନ୍ଦିରର ମାତ୍ର ଦୁଇ କି.ମି ଦୂରରେ ଅବସ୍ଥିତ ଶ୍ରୀ ଲୋକନାଥ ମନ୍ଦିର ଯେଉଁଠାରେ ପୂଜା ପାଆନ୍ତି ଭଗବାନ ଶିବ। ଏହି ମନ୍ଦିରଟି ବହୁତ ଖାସ୍ କାରଣ ସେଠାରେ ଥିବା ଶିବଲିଙ୍ଗ ବର୍ଷସାରା ପାଣିରେ ବୁଡ଼ି ରହନ୍ତି ଓ ମାତ୍ର ଗୋଟିଏ ଦିନ ନଜର ଆସନ୍ତି। ଅନେକ ଲୋକ ଏହି ମନ୍ଦିର ସମ୍ପର୍କରେ ଜାଣନ୍ତି ନାହିଁ। କିନ୍ତୁ ପୁରୀକୁ ଯାଉଥିବା ଶ୍ରଦ୍ଧାଳୁମାନେ ଶ୍ରୀ ଲୋକନାଥ ମନ୍ଦିରର ଦର୍ଶନ କରିବା ଉଚିତ। ଏହି ମନ୍ଦିରରେ ସ୍ଥିତ ଶିବଲିଙ୍ଗଙ୍କ ପଛରେ ରହିଛି ଏକ ପୁରୁଣା କାହାଣୀ। ସେଠିକାର ନିବାସୀମାନଙ୍କ ଅନୁସାରେ ବନବାସ ସମୟରେ ଭଗବାନ ରାମ ଯେତେବେଳେ ମାତା ସୀତାଙ୍କ ସନ୍ଧାନ କରୁଥିଲେ ତାଙ୍କୁ ଖୋଜି ଖୋଜି ସେ ପହଞ୍ଚିଥିଲେ ପୁରୀରେ। ସେଠାରେ ଭଗବାନ ଶିବଙ୍କ ଦର୍ଶନ କରିବାକୁ ସେ ଚାହୁଁଥିଲେ। ସେଠିକାର ଜଣେ ସ୍ଥାନୀୟ ବାସିନ୍ଦା ତାଙ୍କୁ ଗୋଟିଏ ଲାଉ ଧରାଇ ଦେଇଥିଲେ ଯାହା ଦେଖିବା ପାଇଁ ଶିବଲିଙ୍ଗ ପରି ଥିଲା। ଭଗବାନ ରାମଙ୍କୁ ମନେହେଲା ଯେପରି ଭଗବାନ ଶିବ ତାଙ୍କୁ ଏହା ଜରିଆରେ କୌଣସି ସନ୍ଦେଶ ଦେଉଥିଲେ। ଏହାପରେ ସେ ଠିକ୍ ସେହି ସ୍ଥାନରେ ଲାଉର ସ୍ଥାପନା କରିଦେଲେ। ଅନେକ ବର୍ଷ ପରେ ସେଠାରେ ମନ୍ଦିରର ନିର୍ମାଣ ହେଲା ଯାହାକୁ ଲୋକମାନେ ଲୋକନାଥ ମନ୍ଦିର ଭାବରେ ଜାଣନ୍ତି। ତେବେ ମହାଶିବରାତ୍ରିର ଠିକ୍ ତିନି ଦିନ ପୂର୍ବରୁ ଏହି ଶିବଲିଙ୍ଗଙ୍କ ଦର୍ଶନ କରିପାରିବେ। ସେହି ଦିନ ପଙ୍କୋଦ୍ଧାର ଏକାଦଶୀ ପଡ଼େ। ଏହି ଏକାଦଶୀକୁ ପାପାଙ୍କୁଶା ଏକାଦଶୀ ନାମରେ ସମସ୍ତେ ଜାଣନ୍ତି। ଶ୍ରଦ୍ଧାଳୁମାନେ ବ୍ରତ ରଖିବା ଓ ଶିବଲିଙ୍ଗଙ୍କ ଦର୍ଶନ କରିବା ଦ୍ୱାରା ସବୁ ପାପରୁ ମୁକ୍ତି ପାଆନ୍ତି ଓ ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦୂର ହୁଏ।

# ଗୋଆ କ୍ରାନ୍ତି ଦିବସ



୧୮ ଜୁନ୍, ଗୋଆ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ତାରିଖ। କାରଣ ଏହି ଦିନ ଗୋଆର ସ୍ୱାଧୀନତା ପାଇବା ପାଇଁ ସଂଘର୍ଷର ମୂଳଦୁଆ ପଡ଼ିଥିଲା। ଦେଶର ବଡ଼ ସମାଜବାଦୀ ନେତା ରାମ ମନୋହର ଲୋହିଆଙ୍କର ଏହି ଦିନ ସହିତ ରହିଛି ଖାସ୍ ସମ୍ପର୍କ। ଗୋଆର ସ୍ୱାଧୀନତା ଦିଗରେ ତାଙ୍କର ରହିଛି ଖାସ୍ ଯୋଗଦାନ। ଦେଶ ସ୍ୱାଧୀନ ହେବା ପରେ ଆହୁରି ୧୪ ବର୍ଷ ସମୟ ଲାଗିଗଲା ଗୋଆକୁ ସ୍ୱାଧୀନତା ପାଇବା ପାଇଁ। ଏହାର କାରଣ ଗୋଆ ପର୍ତ୍ତୁଗାଲଙ୍କ ଆଧୀନରେ ଥିଲା। ୧୮ ଜୁନ୍, ୧୯୪୬ ଦିନ ଡ଼କ୍ଟର ରାମ ମନୋହର ଲୋହିଆ, ଗୋଆର ଲୋକମାନଙ୍କୁ ପର୍ତ୍ତୁଗାଲୀମାନଙ୍କ ବିରୁଦ୍ଧରେ ମୋର୍ଚ୍ଚା ଖୋଲିବା ପାଇଁ ପ୍ରେରିତ କରିଥିଲେ। ତାଙ୍କର ଏହି ପ୍ରାରମ୍ଭ ପରବର୍ତ୍ତୀ ସମୟରେ କ୍ରାନ୍ତିର ରୂପ ନେଇଥିଲା। ଏହାପରେ ଦେଶ ତଟୀୟ କ୍ଷେତ୍ରରେ ଗୋଆର ସ୍ୱାଧୀନତା ପାଇଁ ଏକ ଦୀର୍ଘ ଆନ୍ଦୋଳନ ଚଳାଇଥିଲା। ଶେଷରେ ୧୯ ଡିସେମ୍ବର, ୧୯୬୧ରେ ଗୋଆ, ପର୍ତ୍ତୁଗାଲୀଙ୍କ କବ୍ଜାରୁ ବାହାରି ଦେଶରେ ସାମିଲ ହୋଇଥିଲା। ଏଥିପାଇଁ ପର୍ତ୍ତୁଗାଲୀଙ୍କ ଉପରେ ଆକ୍ରମଣ କରିଥିଲା ଭାରତୀୟ ସେନା। କିନ୍ତୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା ପାଇବା ପାଇଁ ଗୋଆକୁ ଆହୁରି ୨୬ ବର୍ଷ ସମୟ ଲାଗିଗଲା।

ଅପରେସନ୍ ବିଜୟ-ଭାରତ ସରକାର ଡିସେମ୍ବର ମାସର ଆରମ୍ଭରେ ଏକ ସୈନ୍ୟ ଅଭିଯାନ କରିବା ପାଇଁ ପ୍ରସ୍ତୁତ ହୋଇଥିଲେ। ଏହି ଅଭିଯାନ ୩୬ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା। ସେନା ଉତ୍ତର ଓ ପୂର୍ବ ଗୋଆରେ ଆଗକୁ ବଢ଼ିଥିଲା ଓ ଡାବୋଲିମ୍ ପର୍ତ୍ତୁଗାଲର ବିମାନବନ୍ଦର ଉପରେ ବୋମା ବର୍ଷଣ କରିଥିଲା। ପୂର୍ବରୁ ଗୋଆ, ଡ଼ାମନ୍ ଓ ଡ଼ିଉ କେନ୍ଦ୍ରଶାସିତ ପ୍ରଦେଶ ଥିଲା। ୧୯୬୭ରେ ମହାରାଷ୍ଟ୍ରରେ ଗୋଆକୁ ବିଲୟ କରିଦେବା ପାଇଁ ଏକ ଜନମତ ସଂଗ୍ରହ କରାଯାଇଥିଲେ ମଧ୍ୟ ଅଧିକାଂଶ ଲୋକ ଗୋଆ ବିଲୟ ବିରୁଦ୍ଧରେ ଜନମତ ଦେଇଥିଲେ ଓ ଏହିଭଳି ଭାବରେ ୧୯୮୭ରେ ଗୋଆକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିଥିଲା।



# ବରଫ ତଳେ ରେଡିଓ ୱେଭ୍‌ସ




ପୂରା ଦୁନିଆର ବୈଜ୍ଞାନିକମାନେ ଅଲଗା ଅଲଗା ଅନ୍ୱେଷଣରେ ବ୍ୟସ୍ତ ରହୁଛନ୍ତି। ସାଧାରଣତଃ ସେମାନେ ନୂଆ ନୂଆ ଜିନିଷ ଓ ତଥ୍ୟର ସନ୍ଧାନ ନେବାକୁ ଚେଷ୍ଟା କରିଥାନ୍ତି। ବୈଜ୍ଞାନିକମାନେ ଏ ସମୟରେ ଦୁନିଆର ସବୁ ଭାଗରେ ନିଜର ଅନ୍ୱେଷଣ ଜାରି ରଖିଛନ୍ତି। ଏହା ମଧ୍ୟରୁ ଓ ସବୁଠାରୁ ଥଣ୍ଡା ସ୍ଥାନ ମଧ୍ୟରୁ ଆଣ୍ଟାର୍କଟିକା ମଧ୍ୟ ସାମିଲ ଅଛି। ବୈଜ୍ଞାନିକମାନେ ଅଲଗା ଅଲଗା ଅନ୍ୱେଷଣ କରି ନୂଆ ତଥ୍ୟଗୁଡ଼ିକ ପାଇବା ପାଇଁ ପ୍ରୟାସ କରୁଛନ୍ତି। ଆଣ୍ଟାର୍କଟିକାର ବରଫ ତଳୁ ଆସୁଥିବା ରେଡିଓ ୱେଭ୍‌ସ ବୈଜ୍ଞାନିକମାନଙ୍କୁ ଦ୍ୱନ୍ଦ୍ୱରେ ପକାଇ ଦେଇଛି। ଏହି ସିଗ୍‌ନାଲ୍ ଏତେ ଅଜବ ଯେ ପାର୍ଟିକିଲ୍ ଫିଜିକ୍ସର ସିଦ୍ଧାନ୍ତ ମଧ୍ୟ ଏହାକୁ ବୁଝି ପାରୁନାହିଁ। ଏହି ସ୍ୱର ବୋଧହୁଏ ବିଜ୍ଞାନକୁ ସେହି ପର୍ଯ୍ୟନ୍ତ ନେଇଯାଇପାରେ ଯେଉଁଠାରେ ବ୍ରହ୍ମାଣ୍ଡର କିଛି ଅସମାଧାନ ରହସ୍ୟ ଲୁଚି ରହିଛି। ଏହି ବରଫ ତଳେ ମିଳିଥିବା ରେଡିଓ ୱେଭ୍‌ସ ବରଫର ପୃଷ୍ଠଭାଗରେ ଥିବା ବରଫ ଠାରୁ ୩୦ ଡିଗ୍ରୀ ତଳର ବରଫ ଥିଲା। ସାମାନ୍ୟ ସ୍ଥିତିରେ ଏପରି ତରଙ୍ଗଗୁଡ଼ିକ ହଜାର ହଜାର କି.ମି ପର୍ଯ୍ୟନ୍ତ ଥିବା ପଥର ଦେଇ ଗତି କରିବା ପରେ ଚିହ୍ନଟ ହୋଇପାରେ ନାହିଁ। କିନ୍ତୁ ସେସବୁ ରେକର୍ଡ ହୋଇ ରହେ। ବାସ୍ତବରେ ବୈଜ୍ଞାନିକମାନେ ନ୍ୟୁଟ୍ରିନୋ ଅର୍ଥାତ ବିନା ଆବେଶ ଓ ଅତ୍ୟନ୍ତ ସୂକ୍ଷ୍ମ ଦ୍ରବ୍ୟମାନ ଥିବା କଣଗୁଡ଼ିକର ସନ୍ଧାନରେ ଥିଲେ। ଏହା ସାଧାରଣତଃ ସୂର୍ଯ୍ୟ, ସୁପରନୋଭା ବା ବିଗ୍ ବ୍ୟାଙ୍ଗ୍ ପରି ଅତ୍ୟଧିକ ଊର୍ଜାବାନ୍ ଘଟଣାଗୁଡ଼ିକରୁ ବାହାରନ୍ତି। କିନ୍ତୁ ଯେଉଁ ସିଗ୍‌ନାଲ୍ ମିଳିଥିଲା ତାହା ନ୍ୟୁଟ୍ରିନୋ ନଥିଲା। କୌଣସି ଅଣଦେଖା ରେଡିଓ ପ୍ରଭାବ ବରଫ ଓ ଦିଗ୍‌ବଳୟ ପାଖରେ ସକ୍ରିୟ ହୋଇପାରେ କିନ୍ତୁ ଏହା ଉପରେ କୌଣସି ଠୋସ୍ ପ୍ରମାଣ ନାହିଁ।

## ରିଲିଜ ହେଲା ପ୍ରଭାସଙ୍କ ଭୟଙ୍କର ରୂପ


ପ୍ୟାନ୍ ଇଣ୍ଡିଆ ଷ୍ଟାର ପ୍ରଭାସ ଦୀର୍ଘ ଦିନ ଧରି ତାଙ୍କର ବହୁପ୍ରତୀକ୍ଷିତ ଫିଲ୍ମ 'ଦ ରାଜା ସାବ୍'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ପ୍ରଭାସଙ୍କ ପ୍ରଶଂସକମାନେ ତାଙ୍କ ଫିଲ୍ମ ଅପେକ୍ଷାରେ ରହିଥିଲେ। ଏଥିପାଇଁ ନିର୍ମାତାମାନେ ଏହାର ଟିଜର୍ ରିଲିଜ କରିଛନ୍ତି। ମାରୁତି ଦସାରୀଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ ଏହି ହରର୍-କମେଡ଼ିରେ ଅଖିଳ ଭାରତୀୟ ଅଭିନେତା ପ୍ରଭାସ, ମୁନ୍ନା ମାଇକେଲ୍, ଅଭିନେତ୍ରୀ ନିଧି ଅଗ୍ରୱାଲ୍ ଓ ସଞ୍ଜୟ ଦତ୍ତ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। 'ଦି ରାଜା ସାବ୍'ର କାହାଣୀ ଏକ ଯୁବ ଉତ୍ତରାଧିକାରୀର ଚତୁଃପାର୍ଶ୍ୱରେ ଘୁରି ବୁଲୁଛି ଯିଏ ରାଜା ସାବ୍ ହେବା ପାଇଁ ନିଜର ରାଜକୀୟ ମନୋଭାବ ସହିତ ବିଦ୍ରୋହି ମନୋଭାବକୁ ଆପଣାଇଛି। ତେଲୁଗୁ ଭାଷାର ଏହି ହରର୍ କମେଡିଟି ୫ ଡ଼ିସେମ୍ବରରେ ପୂରା ଦୁନିଆର ରୁପେଲି ପରଦାରେ ରିଲିଜ ହେବ। ଦୁଇ ମିନିଟ୍ ୨୮ ସେକେଣ୍ଡର ଲମ୍ବା ଟିଜର୍‌ରେ ପ୍ରଭାସର ଏକ ନୂଆ ଅବତାର ଦେଖିବାକୁ ମିଳୁଛି। ତେବେ ବର୍ତ୍ତମାନ ସମୟରେ ପ୍ରଭାସ ପ୍ରାୟତଃ ଗମ୍ଭୀର ଭୂମିକାରେ ନଜର ଆସୁଛନ୍ତି। ଏହା ସହିତ ଦକ୍ଷିଣର ସୁନ୍ଦରୀ ମାଳବିକା ମୋହନନ ଏହି ହରର୍-କମେଡି ଫିଲ୍ମ ଜରିଆରେ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିବେ। ବ୍ରହ୍ମାନନ୍ଦମ୍ ଓ ଯୋଗୀ ବାବୁଙ୍କ ପରି ଅଭିନେତାଙ୍କୁ ଏଥିରେ ସହାୟକ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମ 'ଦି ରାଜା ସାବ୍'ର ନିର୍ମାଣ ଟିଜି ବିଶ୍ୱ ପ୍ରସାଦ ପିପଲ୍ ମିଡିଆ ଫ୍ୟାକ୍ଟ୍ରି ବ୍ୟାନର୍ ଅନ୍ତର୍ଗତ ନିର୍ମାଣ କରିଛନ୍ତି। ଏହାର ସଂଗୀତ ଦେଇଛନ୍ତି ଥମନ୍ ଏସ୍।



# ଲିଭର୍‌ରେ ପାଣି ଭରିବାର ଲକ୍ଷଣ



ଲିଭର୍ ଶରୀରର ଏକ ଜରୁରୀ ଅଙ୍ଗ। ଲିଭର୍ ଶରୀରର ରକ୍ତକୁ ପରିଷ୍କାର କରିବା କାମ କରେ। ଏହା ବ୍ୟତୀତ ପାଚନ ତନ୍ତ୍ରରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରେ। ଲିଭର୍‌ରେ ଯଦି ପାଣି ଭରେ ତେବେ ଶରୀରର କେତେକ ଅଙ୍ଗ ଉପରେ ମଧ୍ୟ ପ୍ରଭାବ ପଡ଼େ। ଲିଭର୍‌ରେ ପାଣି ଭରିବାକୁ କୁହାଯାଏ ଏସାଇଟିସ୍ ଯାହା ଲିଭର୍ ସିରୋସିସ୍ କାରଣରୁ ହୋଇଥାଏ। ଏହି କାରଣରୁ ଶରୀରରେ କିଛି ସଂକେତ ଦେଖିବାକୁ ମିଳେ।





- **ପେଟ ଫୁଲିବା**-ଲିଭର୍‌ରେ ପାଣି ଭରିବା ଯୋଗୁ ପେଟ ସମସ୍ୟା ହୋଇପାରେ। ଏଥିରେ ପେଟ ଫୁଲି ରହେ। ଫୁଲିବା ବ୍ୟତୀତ ପେଟ ବ୍ୟଥାର ସମସ୍ୟା ହୋଇପାରେ।
- **ଚେହେରାର ରଙ୍ଗ**-ଲିଭର୍‌ରେ ପାଣି ଜମା ହୋଇଗଲେ ଚେହେରା ଓ ଆଖିର ରଙ୍ଗ ହଳଦିଆ ପଡ଼ିଯାଏ। ସ୍କିନ୍ ବା ଆଖିଗୁଡ଼ିକ ହଳଦିଆ ହେବା ଦ୍ୱାରା ଲିଭର୍‌ରେ ଗଡ଼ବଡ଼ି ହୋଇପାରେ। ଚେହେରା ହଳଦିଆ ଦେଖାଦେଲେ ଏହାକୁ ଅଣଦେଖା କରନ୍ତୁ ନାହିଁ।
- **ଭୋକ ନ ଲାଗିବା**-ଏଥିରେ ପାଣି ଭରିବା କାରଣରୁ ଭୋକ ଲାଗେନାହିଁ। ସବୁବେଳେ ପେଟ ଭରି ରହିବା ପରି ଅନୁଭବ ହୁଏ ଓ ପାଣି ଭରିବାର ସଂକେତ ମିଳେ। ଲଗାତର ଅନେକ ଦିନ ପର୍ଯ୍ୟନ୍ତ ଭୋକ ନ ଲାଗିଲେ ତୁରନ୍ତ ଡାକ୍ତରଙ୍କ ପାଖକୁ ଯିବା ଉଚିତ।
- **ପାଦ ଫୁଲିବା**-ଲିଭର୍‌ରେ ପାଣି ଭରିବା କାରଣରୁ ଏହା ସଠିକ୍ ଭାବରେ କାମ କରେନାହିଁ। ଏପରି ସ୍ଥଳେ ଶରୀରରେ ପ୍ରୋଟିନ୍‌ର ସ୍ତର କମ୍ ହୋଇଯାଏ। ସେହି ସ୍ଥିତିରେ ପାଦ ଓ ଏହାର ଉପର ଭାଗ ଫୁଲିକି ରହେ।

## ଏସ୍‌ସିବିରେ ବିଶ୍ୱ ରକ୍ତଦାତା ଦିବସ




**କଟକ,୧୭।୬/ଏନ୍‌ଏନ୍‌ଏସ୍:** ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ରକ୍ତ ସଂଚାଳନ ବିଭାଗ ଓ ରକ୍ତ ଭଣ୍ଡାର ପକ୍ଷରୁ 'ବିଶ୍ୱ ରକ୍ତଦାତା ଦିବସ' ହେରିଟେଜ୍ ଅଡିଟୋରିୟମ୍‌ଠାରେ ପାଳିତ ହୋଇଯାଇଛି । ସ୍ୱଇଚ୍ଛାରେ ରକ୍ତଦାନ କରୁଥିବା ରକ୍ତାଦାତାମାନଙ୍କୁ ସମ୍ମାନ ଦେବା ଓ ରକ୍ତଦାନ ଆବଶ୍ୟକତା ସଂର୍ପକରେ ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ପ୍ରଫେସର ଡାକ୍ତର ସ୍ମିତା ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ । କାର୍ଯ୍ୟକ୍ରମରେ ପ୍ରଫେସର ଡାକ୍ତର ଲୁସି ଦାସ ମୁଖ୍ୟ ଅତିଥି ଏବଂ ସମ୍ମାନୀୟ ଅତିଥି ଭାବେ ପ୍ରଫେସର ଡାକ୍ତର ଗୌତମ ଶତପଥି ଓ ମୁଖ୍ୟବକ୍ତା ଭାବେ ଡାକ୍ତର ପ୍ରଦୀପ ପାତ୍ର ଯୋଗଦେଇଥିଲେ । ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ସମ୍ମାନିତ କରାଯାଇଥିଲା ବେଳେ ଏହି ଅବସରରେ ଏକ ରାଲି ଆୟୋଜିତ ହୋଇଥିଲା । ଡାକ୍ତର ସୁସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ସିଏମ୍‌ସି ଖାଦ୍ୟ ସୁରକ୍ଷା ଟିମ୍ ପକ୍ଷରୁ ଚଢ଼ଉ


# ସହରରେ ସିଲ୍ କରାଗଲା ୨ ହୋଟେଲ୍

**କଟକ,୧୭।୬/ଏନ୍‌ଏନ୍‌ଏସ୍ :** କଟକ ଜିଲ୍ଲାରେ ଦିନକୁ ଦିନ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ସାରା ଜିଲ୍ଲାରେ ୬୪ରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହେଲେଣି । ବାଙ୍କୀ ଓ ଟାଙ୍ଗୀ ଅଂଚଳରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ବାଙ୍କୀ ଘୋଳପୁରରୁ ୪୬ଜଣ ଓ ଟାଙ୍ଗୀରୁ ୧୮ ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ଅପର ପକ୍ଷରେ ୪୨ମୌଜାରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ସିଡିଏମ୍‌ଓଙ୍କ ପକ୍ଷରୁ ସୂଚନା ମିଳିଛି । ଆଜି ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ବାଙ୍କୀ ଅଞ୍ଚଳ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । ସେହିପରି ସିଟି ହସପିଟାଲ୍‌ରେ ସ୍ୱାସ୍ଥ୍ୟ ବିଭାଗ ଟିମ ସମୀକ୍ଷା କରିଛି । ସିଡିଏମଓଙ୍କ ସହ କିଛି ବରିଷ୍ଠ ଅଧିକାରୀ ସ୍ଥିତି ଅନୁଧ୍ୟାନ କରିଛନ୍ତି । ସିଟି ହସପିଟାଲ୍‌ରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ପାଇଁ ୨୫ଟି ବେଡ୍ ପ୍ରସ୍ତୁତ କରି ରଖାଯାଇଛି । ଏଥିସହ କଟକରେ ସ୍ଥିତି ପରଖିବା ପାଇଁ କେନ୍ଦ୍ରୀୟ ଟିମ୍ ମଧ୍ୟ ପହଞ୍ଚିଛନ୍ତି । ସହରରେ ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କାକୁ ଦୃଷ୍ଟିରେ ରଖି ବିଭିନ୍ନ ହୋଟେଲଗୁଡ଼ିକରେ ସିଏମ୍‌ସି ଖାଦ୍ୟ ସୁରକ୍ଷା ଟିମ ପକ୍ଷରୁ ଚଢ଼ଉ କରାଯାଇଛି । କଲେଜଛକ, ବାଦାମବାଡ଼ି ବସଷ୍ଟାଣ୍ଡ ଓ କଟକ ରେଳ ଷ୍ଟେସନ ନିକଟରେ ଥିବା ପ୍ରାୟ ୨୦ଟି ହୋଟେଲଗୁଡ଼ିକ ଉପରେ ସିଏମସି ପକ୍ଷରୁ ଆଜି ଚଢ଼ାଉ କରାଯାଇ ବିପୁଳ ପରିମାଣର ବାସୀ ଖାଦ୍ୟ ନଷ୍ଟ କରାଯାଇଛି । ଏଥିସହ ନିମ୍ନମାନର ପାଣି ବ୍ୟବହାର କରୁଥିବା ଯୋଗୁ କଟକ ରେଳ ଷ୍ଟେସନ ନିକଟରେ ଥିବା ୨ଟି ହୋଟେଲକୁ ସିଏମସି ଖାଦ୍ୟ ସୁରକ୍ଷା ଟିମ ସିଲ କରିଥିବା ଜଣାପଡ଼ିଛି ।



## ସୁବନ ଖୁଣ୍ଟିଆ ଚତୁର୍ଥ ସ୍ମାରକୀ ବକ୍ତୃତା

# କ୍ଷେତରୁ ଭବିଷ୍ୟତ ଗଠନ ପାଇଁ ବିଶିଷ୍ଟ ବକ୍ତାଙ୍କ ବକ୍ତବ୍ୟ



**ଭୁବନେଶ୍ୱର, ୧୭।୬/ଏନ୍‌ଏନ୍‌ଏସ୍:** ଗୀତଗୋବିନ୍ଦ ସଦନରେ ଆୟୋଜିତ କ୍ଷେତରୁ ଭବିଷ୍ୟତ ଗଠନ ପାଇଁ ସୁବନ ଖୁଣ୍ଟିଆ ଚତୁର୍ଥ ସ୍ମାରକୀ ବକ୍ତୃତାରେ ଉତ୍ସବରେ ସଭାପତିତ୍ୱ କରି ଇଷ୍ଟର୍ଣ୍ଣ ମିଡିଆର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଂଜନ ପଟ୍ଟନାୟକ କହିଲେ, କୃଷି ଉପରେ ନିର୍ଭରଶୀଳତା କମି କମି ଯାଉଛି । କୃଷକ ପ୍ରତି ଯେମିତି ସମ୍ମାନ ଓ ସୁବିଧା ମିଳିବା କଥା ତାହା ମିଳୁନାହିଁ । କୃଷି କ୍ଷେତ୍ରରେ ନୂଆ ଉଦ୍ଭାବନ କରିଥିବା ବୈଜ୍ଞାନିକଙ୍କୁ ସ୍ମରଣ କରିବା ସହ ନୂଆ ଜ୍ଞାନକୌଶଳକୁ ବ୍ୟବହାର କରି ଚାଷ ଓ ଚାଷୀଙ୍କୁ ବିକଶିତ କରିବାର ମାନସିକତା ସୃଷ୍ଟି ହେବା ଉଚିତ । ଏହି ଅବସରରେ ବିଶିଷ୍ଟ ଲେଖକ ନଟବର ଖୁଣ୍ଟିଆଙ୍କ ପୁସ୍ତକ 'କୃଷି ମହାବିଦ୍ୟାଳୟ: ଜଣେ ଛାତ୍ରର ସ୍ମୃତି' ପୁସ୍ତକକୁ ଅତିଥିମାନେ ପାଠକାର୍ପିତ କରିଥିଲେ । କୃଷି ବିଜ୍ଞାନୀ ଡଃ ତ୍ରିନାଥ ମହାରଣା ପୁସ୍ତକ ସମୀକ୍ଷା କରି ପାଠପଢ଼ା ସମୟର କୃଷି ମହାବିଦ୍ୟାଳୟର ସ୍ମୃତିକୁ ରୋମନ୍ଥନ କରିଥିଲେ । କୃଷି ବିଜ୍ଞାନି ଡଃ ଜାଫ୍ରାନ କେଶରୀ ରାୟ ଅଧିକ ଅମଳକ୍ଷମ ଧାନ ଓ ଦେଶୀ ଧାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଭାରତ ବଳକା ଖାଦ୍ୟଶସ୍ୟ ଦେଶ ଭାବେ ରପ୍ତାନି କରି ବୈଦେଶିକ ମୁଦ୍ରା ଅର୍ଜନ କରୁଛି । ଏହା ସତ୍ତ୍ୱେ ଭାରତ ଦୁର୍ଭାଗ୍ୟର ଦେଶ ବୋଲି କୁହାଯାଉଛି । ଦେଶରେ ୮୦ କୋଟି ଲୋକଙ୍କୁ ମାଗଣା ଚାଉଳ ବଣ୍ଟାଯାଉଛି । ତଥାପି ପୁଷ୍ଟିହୀନତାରେ ଶ୍ରୀଲଙ୍କାଠାରୁ ଖରାପ ସ୍ଥିତିରେ ଭାରତ । ଏପର୍ଯ୍ୟନ୍ତ ନାଗରିକମାନଙ୍କୁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ମିଳୁନାହିଁ । ଚାଷ ଓ ଚାଷୀର ଗୁରୁତ୍ୱକୁ ପ୍ରାଧାନ୍ୟ ଦିଆଯାଉନାହିଁ । ଚାଷୀଙ୍କ ଫସଲର ଉପଯୁକ୍ତ ଦାମ୍ ମିଳୁନି । ଭାଗଚାଷୀଙ୍କୁ ସହାୟତା ମିଳୁନି କିମ୍ବା ଚାଷ ଜମିକୁ ପାଣି ନାହିଁ । ଏସବୁ ପ୍ରତି ଦୃଷ୍ଟି ଦେବା ବଦଳରେ ଶାସନତନ୍ତ୍ର ସୀମିତ ସମ୍ବଳ ଭାବେ ରହିଥିବା ଖଣି ଖୋଳି ଦେଶର ଜିଡିପି ବଢ଼ାଇବାରେ ବ୍ୟସ୍ତ । ଜିଡିପି ପ୍ରତି ମାତ୍ର ୧୮ % ଅବଦାନ ଦେଉଥିବାରୁ କୃଷିକୁ ଶାସନ ବ୍ୟବସ୍ଥାରେ ପ୍ରାଧାନ୍ୟ ମିଳୁନାହିଁ । କିନ୍ତୁ ଭୁଲି ଯିବା ଉଚିତ୍ ନୁହେଁ ଯେ କୃଷି ହିଁ ଆମ ଅର୍ଥନୀତିର ମେରୁଦଣ୍ଡ । ବୈଜ୍ଞାନିକ ଓ ରାଜନେତା ଏ ଦିଗପ୍ରତି ଦୃଷ୍ଟି ଦେବା ସହ ଅନ୍ନଦାତାଙ୍କୁ କିପରି ଉଚିତ ସମ୍ମାନ ମିଳିବ ସେଥିପ୍ରତି ବ୍ୟବସ୍ଥା କରିବା ଉଚିତ । ମୁଖ୍ୟତଃ କୃଷି ଗବେଷଣାର ନବ ଉନ୍ମେଷ ସହ କୃଷି କ୍ଷେତ୍ରରେ ଦୀର୍ଘସ୍ଥାୟୀ ବ୍ୟବସ୍ଥାର ଆବଶ୍ୟକତା ରହିଛି । ସୁବନ ଖୁଣ୍ଟିଆ ସ୍ମୃତି ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଚତୁର୍ଥ ବାର୍ଷିକ ସ୍ମୃତିସଭା ଏବଂ 'କୃଷି ମହାବିଦ୍ୟାଳୟ: ଜଣେ ଛାତ୍ରର ସ୍ମୃତି' ପୁସ୍ତକ ଉନ୍ମୋଚନ ଉତ୍ସବରେ ସୁବନ ଖୁଣ୍ଟିଆ ଚତୁର୍ଥ ସ୍ମାରକୀ ବକ୍ତୃତା ପ୍ରଦାନ କରି ଏହି କହିଛନ୍ତି ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ । ଶ୍ରୀ ଖୁଣ୍ଟିଆ ପ୍ରାରମ୍ଭିକ ସୂଚନା ଦେବା ସହ ଜେଜେବାପା ସୁବନ ଖୁଣ୍ଟିଆଙ୍କ ଦେଶ ପ୍ରତି ଥିବା ଅଙ୍ଗିକାରବଦ୍ଧତା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ଗୋବିନ୍ଦ ଭୂୟାଁ ଅତିଥିଙ୍କୁ ସ୍ୱାଗତ କରିବା ସହ ଅନୁଷ୍ଠାନର କାର୍ଯ୍ୟଧାରା ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ କୃଷି ଗବେଷକ ଡଃ ସତ୍ୟରଂଜନ ଦାସ, ଆଦର୍ଶ ମହିଳା ଚାଷୀ ନମଜିନୀ ମଲ୍ଲିକ ଓ ଆଦର୍ଶ ଧାନ ଚାଷୀ ତ୍ରିଲୋଚନ ପରିଡ଼ାଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା । ଡଃ ସରୋଜିନୀ ପାଣି, ଆକାଶ ଭୂୟାଁ ଓ ଡଃ ଶରତ ଚନ୍ଦ୍ର ପରିଡ଼ା ମାନପତ୍ର ପାଠ କରିଥିଲେ । ଅନୁଷ୍ଠାନର ଆବାହକ ଜଗଦୀଶ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

# ସହକାରୀ ପ୍ରଫେସର୍‌ଙ୍କ ଚୂଡ଼ାନ୍ତ ଚୟନ ଉପରେ ହାଇକୋର୍ଟଙ୍କ ସ୍ଥଗିତାଦେଶ

**କଟକ,୧୭।୬/ଏନ୍‌ଏନ୍‌ଏସ୍:** ନିଯୁକ୍ତି ନିୟମ ଉଲ୍ଲଂଘନ ଗୁରୁତର ଅଭିଯୋଗ ପରେ ସ୍ଥାନୀୟ ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୟାନସର୍ (ଏଏଚ୍‌ପିଜିଆଇସି) ରେ ସହକାରୀ ପ୍ରଫେସର ପଦବୀ ପାଇଁ ଚୂଡ଼ାନ୍ତ ଚୟନ ପ୍ରକ୍ରିୟା ଉପରେ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି । ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଅବକାଶକାଳୀନ ଖଣ୍ଡପୀଠ ଦ୍ୱାରା ଏହି ମଧ୍ୟବର୍ତ୍ତୀକାଳୀନ ଆଦେଶ ଜାରି କରାଯାଇଛି । ନିଯୁକ୍ତି ପ୍ରକିୟାକୁ ଆଗକୁ ବଢ଼ିବାକୁ କୋର୍ଟ ଅନୁମତି ଦେଇଛନ୍ତି, କିନ୍ତୁ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ପ୍ରତିଷ୍ଠାନକୁ ଚୂଡ଼ାନ୍ତ ନିଯୁକ୍ତି ଦେବାକୁ ହାଇକୋର୍ଟ ବାରଣ କରିଛନ୍ତି । ସୂଚନାଯୋଗ୍ୟ, ୨୮ ମେ' ୨୦୨୫ରେ ପ୍ରକାଶିତ ନିଯୁକ୍ତି ବିଜ୍ଞାପନକୁ ଚାଲେଞ୍ଜ୍ କରି ଏକ ଆବେଦନର ଉତ୍ତରରେ ଏହି ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ନିଯୁକ୍ତି ନିୟମ ଏବଂ ପ୍ରତିଷ୍ଠାନର ଉପନିୟମ ଅନୁଯାୟୀ ଲିଖିତ ପରୀକ୍ଷାର ଅନୁପସ୍ଥିତିକୁ ଏକ ପ୍ରମୁଖ ଉଲ୍ଲଂଘନ ଭାବରେ ଆବେଦନକାରୀ ଦର୍ଶାଇଥିଲେ, ଯାହା ସାର୍ବଜନୀନ ନିଯୁକ୍ତିରେ ଯୋଗ୍ୟତାଭିତ୍ତିକ ଚୟନ ଓ ସ୍ୱଚ୍ଛତାର ଉଲ୍ଲଂଘନ କରିଛି । କୋର୍ଟ ଏଏଚପିଜିଆଇସିର ନିର୍ଦ୍ଦେଶକ ଏବଂ ଡିନ୍‌ଙ୍କୁ ନୋଟିସ୍ ଜାରି କରିଛନ୍ତି । ୨ ସପ୍ତାହ ମଧ୍ୟରେ ସେମାନଙ୍କୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କୁ ଉତ୍ତର ଦାଖଲ କରିବା ପାଇଁ ହାଇକୋର୍ଟ ଆଉ୨ ସପ୍ତାହ ସମୟ ପ୍ରଦାନ କରିଛନ୍ତି ।

# କୃଷି ଓ କୃଷକ ସଚେତନତା କର୍ମଶାଳା




**କଟକ,୧୭।୬/ଏନ୍‌ଏନ୍‌ଏସ୍:** କୃଷି ଓ କୃଷକ କଲ୍ୟାଣ କ୍ଷେତ୍ରରେ ସରକାର ନେଉଥିବା ପଦକ୍ଷେପଗୁଡ଼ିକ ସଂପର୍କରେ ଜନସାଧାରଣ ଅଧିକରୁ ଅଧିକ ସଚେତନ ହୋଇ ସେସବୁର ଲାଭ ଉଠାଇବା ଆବଶ୍ୟକ । ଆଜି ସ୍ଥାନୀୟ ବାଲିଯାତ୍ରା ପଡ଼ିଆଠାରେ ବିକାଶ ମେଳାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଶିଷ୍ଟ ବକ୍ତାମାନେ କୃଷକମାନଙ୍କ ପାଇଁ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ମୃତ୍ତିକା ଉର୍ବରତା ଏବଂ ଜୈବିକ ସାର ପ୍ରୟୋଗ କରି ଉତ୍ପାଦନ ବୃଦ୍ଧି କରିବା, ମୃତ୍ତିକା ସଂରକ୍ଷଣ ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ୧୯ଜଣ ହିତାଧିକାରୀଙ୍କୁ ପ୍ରକଳ୍ପ କାର୍ଯ୍ୟ ଆଗେଇ ନେବା ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଏଥିସହ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଆଦି ସଂପର୍କରେ ତଥ୍ୟ ଉପସ୍ଥାପନା କରାଯାଇଥିଲା । ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ସୁଶାନ୍ତ ନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରାଜଶ୍ରୀ ବେହେରା, କୃଷି ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ ଜେନା, ଡ.ଦିଲ୍ଲୀପ ଷଡଙ୍ଗୀ, ସହକାରୀ ମତ୍ସ୍ୟ ଅଧିକାରୀ ଗୌରୀ ଶଙ୍କର ନନ୍ଦ, କୃଷି ବିଜ୍ଞାନ କେନ୍ଦ୍ରର ବିଶେଷଜ୍ଞ ଡ.ପ୍ରଜ୍ଞାରଂଜନ ସାହୁ, ସହକାରୀ ପ୍ରାଣୀ ଚିକିତ୍ସକ ଡା.ଅମିତ ରଂଜନ ସାହୁ ପ୍ରମୁଖ ଆଲୋଚନା ଚକ୍ରରେ ଉପସ୍ଥିତ ଥିଲେ ।

# ୨୯ରେ ଗୃହରକ୍ଷୀ ପଦବୀ ନିମନ୍ତେ ଲିଖିତ ପରୀକ୍ଷା

କଟକ,୧୭।୬/ଏନ୍‌ଏନ୍‌ଏସ୍: କଟକ ସହରାଞ୍ଚଳରେ ଖାଲି ପଡ଼ିଥିବା ମୋଟ ୨୦୯ଟି ଗୃହରକ୍ଷୀ ପଦବୀ ନିମନ୍ତେ ଲିଖିତ ପରୀକ୍ଷା ଆସନ୍ତା ଜୁନ୍ ୨୯ ତାରିଖରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି । ଏହି ପରୀକ୍ଷା ପାଇଁ ବୈଧ ଆବେଦନପତ୍ରର ଆବେଦନକାରୀ ମାନଙ୍କ ପାଇଁ କଟକ ସହରାଞ୍ଚଳ ଗୃହରକ୍ଷୀ କାର୍ଯ୍ୟାଳୟ ବକ୍ସିବଜାରଠାରେ ଆସନ୍ତା ୨୪ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଆଡମିଟ୍ କାର୍ଡ ଉପଲବ୍ଧ ହେବ । ଆଡମିଟ୍ କାର୍ଡ ନେବା ସମୟରେ ପ୍ରାର୍ଥୀମାନେ ନିଜ ପରିଚୟ ପ୍ରମାଣପତ୍ର (ଆଧାର କାର୍ଡ) ଦାଖଲ କରିବା ବାଧ୍ୟତାମୂଳକ । ଅବୈଧ ଆବେଦନ ପତ୍ରଗୁଡ଼ିକର ତାଲିକା କଟକ ସହରାଞ୍ଚଳର ସମସ୍ତ ଥାନା ତଥା ସମଦେଷ୍ଟା ଗୃହରକ୍ଷୀ କାର୍ଯ୍ୟାଳୟ, କଟକ ସହରାଞ୍ଚଳ, ବକ୍ସିବଜାର, ରିଜର୍ଭ ଲାଇନ୍‌ର ସୂଚନାଫଳକ ଏବଂ କାନ୍ଥରେ ପ୍ରକାଶ କରାଯାଇଛି । ପରୀକ୍ଷା କେନ୍ଦ୍ର ଓ ସମୟ ସଂପର୍କରେ ପ୍ରାର୍ଥୀମାନଙ୍କ ଆଡମିଟ୍ କାର୍ଡରେ ଉଲ୍ଲେଖ ରହିବ ।

# ପେନ୍‌ସନ୍ ଲେନ୍‌ଠାରେ ଭେଣ୍ଡିଂଜୋନ୍ କାର୍ଯ୍ୟ ଜାରି ରଖିବାକୁ ଦାବିପତ୍ର

**କଟକ,୧୭।୬/ଏନ୍‌ଏନ୍‌ଏସ୍:** ପେନ୍‌ସନ୍ ଲେନ୍ ମହଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବେପାରିମାନଙ୍କ ସହ ପେନ୍‌ସନ୍ ଲେନ୍‌ଠାରେ ନିର୍ମାଣ ହେବାକୁ ଥିବା ଭେଣ୍ଡିଂଜୋନ୍ କାମକୁ ବନ୍ଦ ନକରିବା ପାଇଁ ସଂପାଦକ ତଥା ଯୁବ ସମାଜସେବୀ ସେକ ଗୁଲାମମୋଇଦ୍ଦିନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଧାୟିକା ସୋଫିଆ ଫିରଦୋସ, ମେୟର୍ ସୁବାସ ଚନ୍ଦ୍ର ସିଂ, କଟକ ଜିଲ୍ଲାପାଳ, ଅତିରିକ୍ତ କମିସନର ଏବଂ ସ୍ଥାନୀୟ କର୍ପୋରେଟର୍‌ଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦୀର୍ଘ ୩୦ ବର୍ଷ ହେଲା ସେଠାକାର ସ୍ଥାନୀୟ ଛୋଟ ବ୍ୟବସାୟୀମାନେ ବସି ବେପାର କରି ଆସୁଛନ୍ତି । ଏହି ଭେଣ୍ଡିଂ ଜୋନ୍ ନିର୍ମାଣ ଦ୍ୱାରା ସେମାନେ ସ୍ଥାୟୀ ଭାବେ ସେଠାରେ ବ୍ୟବସାୟ କରିପାରିବେ । କିଛି ଖଳ ପ୍ରକୃତିର ଲୋକ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଏହି କାମକୁ ବିରୋଧ କରିବା ସହ ଏକ ମିଛ ଦସ୍ତଖସ୍ତ ସ୍ଥାନୀୟ ଲୋକଙ୍କର ନାମରେ କରି ବିରୋଧ କରୁଛନ୍ତି ବୋଲି ମହଲ୍ଲା କମିଟି ସଂପାଦକ ଶ୍ରୀ ଗୁଲାମମୋଇଦ୍ଦିନ କହିଛନ୍ତି ।




ପେନସନ ଲେନ ମହଲ୍ଲା କମିଟି ଏବଂ ସ୍ଥାନୀୟ ବାସିନ୍ଦା ସହ ବେପାରି ବନ୍ଧୁମାନେ ଏହାକୁ ତୀବ୍ର ନିନ୍ଦା କରିବା ସହ ଏହି ଭେଣ୍ଡିଂ ଜୋନ କାର୍ଯ୍ୟକୁ ଯଥାଶୀଘ୍ର ଆରମ୍ଭ କରାଯାଇ ଶେଷ କରିବା ପାଇଁ ନିବେଦନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ପେନ୍‌ସନ୍ ଲେନ୍ ମହଲ୍ଲା କମିଟି ସଭାପତି ଜାବେଦ ଇକବାଲ, ଯୁଗ୍ମ ସଂପାଦକ ଅବଦୁଲ ସାହିଦ, କୋଷାଧକ୍ଷ ସେକ ଖାଲିଦ ରହେମାନ, ଉପ ସଭାପତି ଇମ୍ରାନ ଖାନ, ସେକ ଜାବିର, ମୌଷର ଅଲି,ଏସ ପଦ୍ମା, ଜି ଭାସ୍କର ରାଓ, ସେକ ସଲାମତ ଅଲ୍ଲୀ, ଏସ ଶ୍ରୀନୁ, ଏମ୍ ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଏସ୍‌ସିବିରେ ହଇଜା ରୋଗୀଙ୍କୁ ଭେଟିଲେ ସୋଫିଆ

**କଟକ,୧୭।୬/ଏନ୍‌ଏନ୍‌ଏସ୍:** ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ହଇଜା ରୋଗୀମାନଙ୍କୁ ମଙ୍ଗଳବାର ଅପରାହ୍ଣ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଭେଟି ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଛନ୍ତି । ଏସସିବି ଅଧୀକ୍ଷକ ଡାକ୍ତର ଗୌତମ ଶତପଥି ବିଧାୟିକାଙ୍କୁ ରୋଗୀମାନଙ୍କର ସ୍ୱାସ୍ଥ୍ୟବସ୍ଥା ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ବର୍ଷା ଆରମ୍ଭରୁ ରାଜ୍ୟରେ ଡାଇରିଆ ବ୍ୟାପିବାରେ ଲାଗିଲାଣି । ଜଣେ ରୋଗୀକୁ ମେଡିକାଲ୍‌ରେ ଭର୍ତ୍ତି ହେଲାବେଳକୁ ଘରେ ଆଉ ଜଣେ ଅସୁସ୍ଥ ହୋଇ ପଡୁଛି । ଧୀରେ ଧୀରେ ଏହା ବଢ଼ିବାକୁ ଲାଗିଲାଣି । କଟକ ଏସସିବି ମେଡିକାଲରେ ୩୦ ରୁ ଉର୍ଦ୍ଧ୍ୱ ରୋଗୀ ଏବେ ଚିକିତ୍ସିତ ହେଉଛନ୍ତି । ଯାଜପୁରରେ ଏହା ଅତି ମାତ୍ରାରେ ବ୍ୟାପିଛି । କଟକରେ ଯେପରି ଏହି ଅବସ୍ଥା ନହେଉ ସ୍ୱାସ୍ଥ୍ୟ ବିଭାଗ ସେଥିପ୍ରତି ଧ୍ୟାନ ଦେବାକୁ ବିଧାୟିକା ସୋଫିଆ କହିଛନ୍ତି । ତୁରନ୍ତ ସରକାର ଏହା ଉପରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ସହିତ ଜନ ସଚେତନା କାର୍ଯ୍ୟକ୍ରମ ସୃଷ୍ଟି କରିବା ପାଇଁ ସୋଫିଆ ଫିରଦୋସ କହିଛନ୍ତି । ଅନ୍ୟମାନକ ମଧ୍ୟରେ ନଗର କଂଗ୍ରେସ ପୁରବତନ ସଭାପତି ଗିରିବାଳା ବେହେରା, ସ୍ଥାନୀୟ କର୍ପୋରେଟର୍ ଜେ.କାମେଶ୍ୱର ରାଓ, ସନ୍ତୋଷ ପାତ୍ର, ସ୍ମୃତି ରଞ୍ଜନ ରାଉତ, ସୁରଜିତ ସାହୁ, ଅବଦୁଲ ନସିମ, ଶୋନୁ ସ୍ୱାଇଁ, ମହେଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ ।



# ଆଥଲେଟ୍ ଶ୍ରାବଣୀ ନନ୍ଦ ସମ୍ବର୍ଦ୍ଧିତ




**କଟକ,୧୭।୬/ଏନ୍‌ଏନ୍‌ଏସ୍:** ଓଡ଼ିଶା ଅଲମ୍ପିକ୍ ଆସୋସିଏସନ୍ ପକ୍ଷରୁ ଆଜି ବାରବାଟୀ ଷ୍ଟାଡିୟମ୍‌ସ୍ଥିତ ହର୍ସଗେଟ୍‌ଠାରେ ଆଥଲେଟ୍ ଶ୍ରାବଣୀ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସମ୍ବର୍ଦ୍ଧନା ସ୍ୱରୂପ ତାଙ୍କୁ ୫୦ହଜାର ଟଙ୍କା ଅର୍ଥରାଶି ପୁରସ୍କାର ଏବଂ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ସୂଚନାଯୋଗ୍ୟ, ଚଳିତ ମାସ କୋରିଆଠାରେ ଅନୁଷ୍ଠିତ ୨୬ତମ ଏସିଆନ୍ ଆଥଲେଟିକ୍ ଚମ୍ପିଆନ୍‌ଶିପ୍‌ରେ ମହିଳା ରିଲେ ପ୍ରତିଯୋଗିତାରେ ଭାରତ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଶ୍ରାବଣୀ ନନ୍ଦ ଏହି ପ୍ରତିଯୋଗିତାରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରି ଦେଶକୁ ରୌପ୍ୟ ପଦକ ହାସଲ କରାଇବାରେ ସମର୍ଥ ହୋଇଥିଲେ । ଶ୍ରାବଣୀ ନନ୍ଦ ଓଡ଼ିଶାର ଏକମାତ୍ର ମହିଳା ଖେଳାଳି ଯିଏକି ୨୬ତମ ଏସିଆନ୍ ଆଥଲେଟିକ୍ ଚମ୍ପିଆନଶିପ୍‌ରେ ମହିଳା ବିଭାଗରେ ଭାଗ ନେଇଥିଲେ । ସେ ଓଡ଼ିଶା ପାଇଁ ଗର୍ବ ଓ ଗୌରବ । ତେଣୁ ଆଜି ଓଡ଼ିଶା ଅଲମ୍ପିକ୍ ଆସୋସିଏସନ୍ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଓଡ଼ିଶା ଅଲମ୍ପିକ ଆସୋସିଏସନ୍‌ର ସଂପାଦକ ଅଭିଜିତ ପାଲ ଓ ପୂର୍ବତନ ସଂପାଦକ ଆର୍ଶିବାଦ ବେହେରା ଶ୍ରାବଣୀ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ କୋଚ ଅରୁଣ ଦାସ ଏବଂ ଅଲମ୍ପିକ ଆସୋସିଏସନ୍‌ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ଦିନିକିଆରୁ ସୋଫି ଡିଭାଇନ୍‌ଙ୍କ ସନ୍ନ୍ୟାସ ଘୋଷଣା

## ୨୦୨୫ ବିଶ୍ୱକପ୍ ହେବ ଅନ୍ତିମ ଟୁର୍ଣ୍ଣାମେଣ୍ଟ

## ଟି-୨୦ କ୍ରିକେଟ୍ ଓ ଫ୍ରାଞ୍ଚାଇଜି କ୍ରିକେଟ୍ ଉପରେ ଫୋକସ୍




**ୱେଲିଂଟନ୍,୧୭।୬/ଏଜେନ୍ସି:** ନ୍ୟୁଜିଲାଣ୍ଡ ମହିଳା ଟିମ୍ କ୍ୟାପ୍ଟେନ୍ ସୋଫି ଡିଭାଇନ୍ ଚଳିତ ବର୍ଷ ଭାରତ ଏବଂ ଶ୍ରୀଲଙ୍କାରେ ହେବାକୁ ଥିବା ଦିନିକିଆ ବିଶ୍ୱକପ୍ ରେ ଏହି ଫର୍ମାଟ୍‌ରୁ ସନ୍ନ୍ୟାସ ନେବେ। ତେବେ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଖେଳ ଜାରି ରଖିବେ। ମଙ୍ଗଳବାର ସୋଫି ଏହି ଘୋଷଣା କରିଛନ୍ତି। ନ୍ୟୁଜିଲାଣ୍ଡର ୧୭ ମହିଳା ଖେଳାଳିଙ୍କ ସେଣ୍ଟ୍ରାଲ୍ କଣ୍ଟ୍ରାକ୍ଟ ଲିଷ୍ଟ ପ୍ରକାଶ ପାଇବାର ଗୋଟିଏ ଦିନକ ପୂର୍ବରୁ ୩୫ ବର୍ଷୀୟା ସୋଫି ଦିନିକିଆରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ସେ ଏବେ ସେଣ୍ଟ୍ରାଲ୍ କଣ୍ଟ୍ରାକ୍ଟ ଗ୍ରୁପ୍‌ର ଅଂଶ ହେବେ। ନାହିଁ। ଡିଭାଇନ୍ ବିଶ୍ୱକପ୍‌ରେ ଟିମ୍‌ର ନେତୃତ୍ୱ କରିବେ ଏବଂ ଏହାପରେ ଘରୋଇ ସିଜନ୍ ପୂର୍ବରୁ ନୂଆ କ୍ୟାପ୍ଟେନ୍ ନିଯୁକ୍ତ କରାଯିବ।

ଡିଭାଇନ୍‌ଙ୍କୁ ୧୯ ବର୍ଷର ଚମତ୍କାର ଦିନିକିଆ କ୍ୟାରିୟର୍ ୨୦୦୬ରେ ଆରମ୍ଭ ହୋଇଥିଲା। ସେ ୧୭ ବର୍ଷ ବୟସରେ ଦିନିକିଆ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ସର୍ବାଧିକ ଦିନିକିଆ ମ୍ୟାଚ୍ ଖେଳିଥିବା ମହିଳା କ୍ରିକେଟର୍‌ଙ୍କ ମଧ୍ୟରେ ସୁଜି ବେଟ୍ସଙ୍କ ପରେ ସେ ଦ୍ୱିତୀୟ ଖେଳାଳି ଏବଂ ରନ୍ ସଂଗ୍ରହ ମାମଲାରେ ଚତୁର୍ଥ ସ୍ଥାନରେ ରହିଛନ୍ତି। ତାଙ୍କ ନାମରେ ୮ ଦିନିକିଆ ଶତକ ରହିଛି, ଯାହା ନ୍ୟୁଜିଲାଣ୍ଡ ମହିଳା କ୍ରିକେଟର୍‌ଙ୍କ ମଧ୍ୟରେ ବେଟ୍ସଙ୍କ ପରେ ଦ୍ୱିତୀୟ ସର୍ବାଧିକ। ସେହିପରି ମହିଳା ଦିନିକିଆରେ ସେ ନ୍ୟୁଜିଲାଣ୍ଡର ଦ୍ୱିତୀୟ ସର୍ବାଧିକ (୧୦୭) ୱିକେଟ୍ ହାସଲକାରୀ। ଲି ତାହୁହୁ (୧୧୫)ଙ୍କ ସହ ୧୦୦ରୁ ଊର୍ଦ୍ଧ୍ୱ ୱିକେଟ୍ ହାସଲକାରୀ ଦୁଇ ଖେଳାଳିଙ୍କ ମଧ୍ୟରେ ସାମିଲ। ବର୍ତ୍ତମାନ ସୁଦ୍ଧା ସୋଫି ଡିଭାଇନ୍ ୧୫୨ ଦିନିକିଆ ମ୍ୟାଚ୍ ଖେଳି ୩୯୯୦ ରନ୍ କରିଛନ୍ତି। ଦିନିକିଆରୁ ସନ୍ନ୍ୟାସ ଘୋଷଣା ସତ୍ତ୍ୱେ ଡିଭାଇନ୍ ଟି-୨୦ କ୍ରିକେଟ୍ ଜାରି ରଖିବେ। କାରଣ ତାଙ୍କ ନିକଟରେ ବହୁ ବିଦେଶୀ ଫ୍ରାଞ୍ଚାଇଜି କଣ୍ଟ୍ରାକ୍ଟ ରହିଛି। ସନ୍ନ୍ୟାସ ଘୋଷଣା କରି ସେ କହିଛନ୍ତି, 'ଧୀରେ ଧୀରେ ପଛକୁ ହଟିବା ପାଇଁ ଏହା ମୋ ପାଇଁ ଠିକ୍ ସମୟ। ନ୍ୟୁଜିଲାଣ୍ଡ କ୍ରିକେଟ୍‌ର ସମର୍ଥନ ପାଇଁ କୃତଜ୍ଞ। ମୁଁ ସମ୍ପୂର୍ଣ୍ଣ ଭାବେ ସମର୍ପିତ ଏବଂ ଆଗାମୀ ୬ରୁ ୯ ମାସ ମଧ୍ୟରେ ମୋର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବି।'

# ଚାରିଦିନ ବିଶିଷ୍ଟ ହେବ ଟେଷ୍ଟ୍ ମ୍ୟାଚ୍

## ଭାରତ, ଇଂଲଣ୍ଡ, ଅଷ୍ଟ୍ରେଲିଆ ପାଞ୍ଚଦିନ ଖେଳିବେ




**ଦୁବାଇ,୧୭।୬/ଏଜେନ୍ସି:** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଏକ ବଡ଼ ପରିବର୍ତ୍ତନ କରିବାକୁ ଯାଉଛି। ଏକ ରିପୋର୍ଟ ଅନୁସାରେ ଆଇସିସି ୨୦୨୭-୨୯ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ (ଡବ୍ଲ୍ୟୁଟିସି) ସାଇକ୍ଲରେ ଛୋଟ ଦେଶଗୁଡ଼ିକ ପାଇଁ ଚାରିଦିନିଆ ଟେଷ୍ଟ୍ ମ୍ୟାଚ୍ କରାଇବାକୁ ପ୍ରସ୍ତୁତ ଅଛି। ଅନ୍ୟପକ୍ଷରେ ଭାରତ, ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଏବେ ମଧ୍ୟ ପାରମ୍ପରିକ ଭାବେ ଚାଲିଆସୁଥିବା ୫ ଦିନିଆ ମ୍ୟାଚ୍ ଖେଳିପାରିବେ।

ଟେଷ୍ଟ୍ ମ୍ୟାଚ୍‌ରେ ଏକଦିନ କମ୍ କରିବା ପଦକ୍ଷେପ ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ହେବ ଏବଂ ଏହା ଦ୍ୱାରା ଛୋଟ ଦେଶଗୁଡ଼ିକୁ ଅଧିକ ଟେଷ୍ଟ ଏବଂ ଦୀର୍ଘ ଅବଧିର ସିରିଜ୍ ଖେଳିବାରେ ସହାୟତା ମିଳିବ। 'ଦ ଗାର୍ଡିଅନ୍'ର ଏକ ରିପୋର୍ଟ ଅନୁସାରେ ଗତ ସପ୍ତାହରେ ଲର୍ଡ୍ସରେ ଆୟୋଜିତ ଡବ୍ଲ୍ୟୁଟିସି ଫାଇନାଲ୍ ଅବସରରେ ଆଇସିସି ଅଧ୍ୟକ୍ଷ ଜୟ ଶାହ ୨୦୨୭-୨୯ ଡବ୍ଲ୍ୟୁଟିସି ସାଇକ୍ଲ ପାଇଁ ୪ ଦିନିକିଆ ଟେଷ୍ଟ୍ ପାଇଁ ସମର୍ଥନ ବ୍ୟକ୍ତ କରିଥିବା ଚର୍ଚ୍ଚା ହୋଇଥିଲା। ଏଥିରେ କୁହାଯାଇଛି 'ଏହା ସତ୍ତ୍ୱେ ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ଭାରତକୁ ଆଶେସ୍, ବର୍ଡର-ଗାଭାସ୍କର ଟ୍ରଫି ଏବଂ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି ପାଇଁ ୫ ଦିନିକିଆ ଟେଷ୍ଟ୍ ସିରିଜ୍ ଖେଳିବାକୁ ଅନୁମତି ମିଳିବ।

ଆଇସିସି ପ୍ରଥମେ ୨୦୧୭ରେ ଦ୍ୱିପାକ୍ଷିକ ସିରିଜ୍ ପାଇଁ ଚାରିଦିନିଆ ଟେଷ୍ଟ୍‌କୁ ମଞ୍ଜୁରୀ ଦେଇଥିଲା। ଇଂଲଣ୍ଡ ୨୦୧୯ ଓ ୨୦୧୩ରେ ଆୟର୍ଲାଣ୍ଡ ବିପକ୍ଷରେ ଚାରିଦିନିଆ ଟେଷ୍ଟ୍ ମ୍ୟାଚ୍ ପରେ ଗତ ମାସରେ ଟ୍ରେଣ୍ଟ୍ ବ୍ରିଜ୍‌ରେ ଜିମ୍ବାୱେ ବିପକ୍ଷରେ ମଧ୍ୟ ଚାରିଦିନିଆ ଟେଷ୍ଟ୍ ମ୍ୟାଚ୍ ଖେଳିଥିଲା।

ରିପୋର୍ଟ ଅନୁସାରେ କେତେକ ଛୋଟ ଦେଶ ସମୟ ଏବଂ ଅର୍ଥ କାରଣରୁ ଟେଷ୍ଟ୍ ମ୍ୟାଚ୍ ଆୟୋଜନ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। କିନ୍ତୁ ଚାରିଦିନିକିଆ ଟେଷ୍ଟ୍ ମ୍ୟାଚ୍ ଆରମ୍ଭ ହେଲେ ୩ ଟେଷ୍ଟ୍ ମ୍ୟାଚ୍‌ର ପୂରା ସିରିଜ୍ ୩ ସପ୍ତାହରୁ ମଧ୍ୟ କମ୍ ସମୟରେ ଖେଳାଯାଇପାରିବ। ଏଥିରେ କୁହାଯାଇଛି, ସମୟ ବରବାଦ କରିବାରୁ ବଞ୍ଚିବା ପାଇଁ ୪ ଦିନିକିଆ ଟେଷ୍ଟ୍ ମ୍ୟାଚ୍‌ରେ ପ୍ରତିଦିନ ଖେଳ ସମୟକୁ ୯୦ ଓଭର୍‌ରୁ ବୃଦ୍ଧିକରି ୯୮ ଓଭର୍ କରିଦିଆଯାଇଛି।

ଗତ ସପ୍ତାହରେ ଲର୍ଡ୍ସରେ ଅଷ୍ଟ୍ରେଲିଆ ବିପକ୍ଷ ରୋମାଞ୍ଚକ ଫାଇନାଲ୍‌ରେ ବିଶ୍ୱ ଚାମ୍ପିଅନ୍ ହେବା ସତ୍ତ୍ୱେ ସାଉଥ୍ ଆଫ୍ରିକାର ନିରସ କାର୍ଯ୍ୟକ୍ରମ ଏହି ପ୍ରସଙ୍ଗକୁ ଆହୁରି ଉଜାଗର କରିଛି ଏବଂ ଏହାପରେ ଏଥିରେ ପରିବର୍ତ୍ତର ଆବଶ୍ୟକତା ଥିବା ଅନୁଭୂତ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି।

# ଆଜିଠାରୁ ହକି ଇଣ୍ଡିଆ ମାଷ୍ଟର୍ସ କପ୍

**ଚେନ୍ନାଇ,୧୭।୬/ଏଜେନ୍ସି:** ପୁରୁଷ ହକି ଇଣ୍ଡିଆ ମାଷ୍ଟର୍ସ କପ୍‌ର ଉଦଘାଟନୀ ସିଜିନ୍ ଆସନ୍ତାକାଲିଠାରୁ ଚେନ୍ନାଇରେ ଆରମ୍ଭ ହୋଇ ଜୁନ୍ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଜାତୀୟ ମହାସଂଘ ହକି ଇଣ୍ଡିଆ ମଙ୍ଗଳବାର ଘୋଷଣା ଏହି କରିଛି। ଏକ ସୋସିଆଲ୍ ମିଡିଆ ପୋଷ୍ଟରେ ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ ପ୍ରଥମ ଥର ପାଇଁ ଭାରତୀୟ ହକି କିମ୍ବଦନ୍ତୀମାନେ ପୂର୍ବ ଗୌରବକୁ ପୁନର୍ଜୀବିତ କରିବା ଏବଂ କ୍ରୀଡ଼ାର ସ୍ପିରିଟ୍ ପାଳନ ପାଇଁ ପୁଣିଥରେ ଟର୍ଫରେ ଏକାଠି ହେବେ। ଚେନ୍ନାଇର ମେୟର ରାଧାକୃଷ୍ଣନ ପଞ୍ଜାବ ଓ ପୁଡୁଚେରୀ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ।

କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍ ଜୁନ୍ ୨୩ ଓ ୨୪ ତାରିଖରେ ଖେଳାଯିବ। ସେମିଫାଇନାଲ୍ ମ୍ୟାଚ୍ ୨୫ରେ ଏବଂ ଫାଇନାଲ୍ ୨୭ ତାରିଖରେ ଅନୁଷ୍ଠିତ ହେବ। ଏହି ଇଭେଣ୍ଟରେ ୧୧ ପୁରୁଷ ଟିମ୍‌କୁ ଚାରିଟି ପୁଲ୍‌ରେ ଭାଗ କରାଯାଇଛି। ତିନିଟି ପୁଲ୍‌ରେ ଜିତିଟି ଲେଖାଏ ଟିମ୍ ଥିବାବେଳେ ଗୋଟିଏ ପୁଲ୍‌ରେ ଦୁଇଟି ଟିମ୍ ରହିଛନ୍ତି। ପୁଲ୍-ଏ'ରେ ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, କେରଳ; ପୁଲ୍-ବି'ରେ ଓଡିଶା, ପଞ୍ଜାବ, ପୁଡୁଚେରୀ; ପୁଲ୍-ସି'ରେ ଚଣ୍ଡିଗଡ଼, ମହାରାଷ୍ଟ୍ର, ମଣିପୁର ଏବଂ ପୁଲ୍-ଡି'ରେ ହରିଆଣା ଓ କର୍ଣ୍ଣାଟକ ଟିମ୍ ସ୍ଥାନ ପାଇଛନ୍ତି।

# କ୍ୟାପ୍ଟେନ୍ ନହେବା ମୋ ନିଷ୍ପତ୍ତି ଥିଲା: ବୁମ୍‌ରା

## ଇଂଲଣ୍ଡରେ ପ୍ରଥମ ଟେଷ୍ଟ୍ ପାଇଁ ଫିଟ୍, ସମସ୍ତ ମ୍ୟାଚ୍ ଖେଳିନପାରନ୍ତି



**ଲିଡ୍ସ,୧୭।୬/ଏଜେନ୍ସି:** ଭାରତୀୟ ଟେଷ୍ଟ୍ ଟିମ୍‌ର ନେତୃତ୍ୱ ନେବାକୁ ସେ ମନା କରିଦେଇଥିବା ଫାଷ୍ଟ ବୋଲର୍ ଜସ୍‌ପ୍ରୀତ୍ ବୁମ୍‌ରା କହିଛନ୍ତି। ଏହା ସହିତ ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ୍ ମ୍ୟାଚ୍ ପାଇଁ ଉପଲବ୍ଧ ରହିବେ ବୋଲି ବୁମ୍‌ରା କହିଛନ୍ତି। ୩୧ ବର୍ଷୀୟ ପେସର୍ ସ୍କାଇ ସ୍ପୋର୍ଟ୍ସରେ ଦିନେଶ କାର୍ତ୍ତିକଙ୍କ ସହ କଥାବାର୍ତ୍ତା ବେଳେ ଏହା କହିଛନ୍ତି। ନେତୃତ୍ୱ ପ୍ରଶ୍ନରେ ବୁମ୍‌ରା କହିଛନ୍ତି 'ନେତୃତ୍ୱ ପାଇଁ ମୁଁ ବିସିସିଆଇ ଏବଂ ଚୟନକର୍ତ୍ତାଙ୍କୁ ମନା କରିଥିଲି। ଏଥିରେ କୌଣସି ବିବାଦ କିମ୍ବା ମୋତେ ବରଖାସ୍ତ କରାଯାଇଥିବା ପରି କୌଣସି କାହାଣୀ ନାହିଁ।' ରୋହିତ ଶର୍ମାଙ୍କ ସନ୍ନ୍ୟାସ ପରେ କେତେକ ପୂର୍ବତନ କ୍ରିକେଟର୍ ବୁମ୍‌ରାଙ୍କୁ କ୍ୟାପ୍ଟେନ୍ କରିବାକୁ ସମର୍ଥନ ଜଣାଇଥିଲେ। ବୁମ୍‌ରା କହିଛନ୍ତି, ରୋହିତ-କୋହଲିଙ୍କ ସନ୍ନ୍ୟାସ ପୂର୍ବରୁ ମୁଁ ବୋର୍ଡ ସହିତ କଥା ହୋଇଥିଲି। ମୋ ୱାର୍କଲୋଡ୍‌ର ସୂଚନା ଦେଇଥିଲି। ସେହିପରି ପିଠି ଯନ୍ତ୍ରଣାର ଚିକିତ୍ସା ପରେ ସର୍ଜନଙ୍କ ସହିତ କଥା ହୋଇଥିଲି। ମୋତେ ନେତୃତ୍ୱ ଦିଆଯାଉ, ଏହା ମୁଁ ଚାହୁଁ ନଥିଲି।'

ଭାରତୀୟ ଟିମ୍ ସହିତ ବୁମ୍‌ରା ଏବେ ଇଂଲଣ୍ଡ ଗସ୍ତରେ ଅଛନ୍ତି। ଟିମ୍ ସେଠାରେ ୫ ମ୍ୟାଚ୍‌ର ଟେଷ୍ଟ ସିରିଜ୍ ଖେଳିବ। ପ୍ରଥମ ମ୍ୟାଚ୍ ଜୁନ୍ ୨୦ରୁ ଲିଡ୍ସରେ ଖେଳାଯିବ। ଇଂଲଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ୍ ପାଇଁ ସେ ଉପଲବ୍ଧ ଅଛନ୍ତି ବୋଲି ଏହି ଅବସରରେ ବୁମ୍‌ରା କହିଛନ୍ତି। ନିଜ ଫିଟ୍‌ନେସ୍ ଉପରେ ସେ କହିଛନ୍ତି - 'ଅତିକମ୍‌ରେ ତିନିଟି ମ୍ୟାଚ୍ ଖେଳିବାକୁ ଚାହୁଁଛି, ଏହାର ମୋ ଯୋଜନା ରହିଛି। ତେବେ ଏପର୍ଯ୍ୟନ୍ତ କୌଣସି ସଂଖ୍ୟା ସ୍ଥିର କରିନାହିଁ। କିନ୍ତୁ ପ୍ରଥମ ମ୍ୟାଚ୍ ପାଇଁ ପ୍ରସ୍ତୁତ ଅଛି। ଆଗକୁ କ'ଣ ହେଉଛି ଦେଖିବା।'

### ଖଣ୍ଡିତର ସର୍ବଭାରତୀୟ କବାଡ଼ି ଉଦ୍‌ଯାପିତ

# ଉଭୟ ବର୍ଗରେ ଯୁଗ୍ମ ଚାମ୍ପିଅନ୍





**କୁଆଖିଆ,୧୭।୬/ଏଜେନ୍ସି:** ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ୍ ଖଣ୍ଡିତର ପଡ଼ିଆରେ ତିନିଦିନ ଧରି ଆୟୋଜିତ ୭୦ତମ ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା ସୋମବାର ରାତିରେ ଉଦ୍‌ଯାପିତ ହୋଇଛି। ବର୍ଷା କାରଣରୁ ପୁରୁଷ ଓ ମହିଳା ବର୍ଗର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇନପାରିବା ଫଳରେ ଉଭୟ ବର୍ଗର ଦୁଇ ଫାଇନାଲିଷ୍ଟ ଟିମ୍‌କୁ ଯୁଗ୍ମ ଚାମ୍ପିଅନ୍ ଘୋଷଣା କରାଯାଇଛି। ପୁରୁଷ ବର୍ଗରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ବିଳାସପୁର ଚାମ୍ପିଅନ୍ ହୋଇଥିବା ବେଳେ ମହିଳା ବର୍ଗରେ ଦକ୍ଷିଣ-ପୂର୍ବ ରେଳବାଇ ଓ ପୂର୍ବତଟ ରେଳବାଇ ଟିମ୍‌କୁ ଯୁଗ୍ମ ଚାମ୍ପିଅନ୍ ଘୋଷିତ କରାଯାଇଛି। ପୁରୁଷ ବର୍ଗର ଦୁଇ ଚାମ୍ପିଅନ୍ ଟିମ୍‌କୁ ୧.୫୦ ଲକ୍ଷ ଟଙ୍କା ଲେଖାଏ ଏବଂ ମହିଳା ବିଭାଗର ଦୁଇ ଚାମ୍ପିଅନ୍ ଟିମ୍‌କୁ ୪୦ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଛି।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ସମ୍ମାନିତ ଅତିଥି ଭାବେ କୋରାଇ ବିଧାୟକ ଆକାଶ ଦାସନାୟକ ଏବଂ ସମାଜସେବୀ ରୋଟାରିଆନ୍ ମୀନତି ସାହୁ ଯୋଗଦେଇ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜକ କମିଟି ସଭାପତି ପ୍ରଦରପ କୁମାର ସେଠୀ, ଉପଦେଷ୍ଟା ରବୀନ୍ଦ୍ର ପୃଷ୍ଟି, ସମ୍ପାଦକ ସମରେନ୍ଦ୍ର ଦାଶ, କୃଷ୍ଣକାନ୍ତ ପଣ୍ଡା ଓ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

# ପ୍ରଥମ ଥର ଟି-୨୦ ଅନ୍ତର୍ଜାତୀୟରେ ୩ ସୁପର୍ ଓଭର୍

▪ ନେପାଳକୁ ହରାଇଲା ନେଦାରଲାଣ୍ଡ ▪ ୩ୟ ସୁପର୍ ଓଭର୍‌ରେ ରନ୍ କରିପାରିଲାନି ନେପାଳ



**ନୂଆଦିଲ୍ଲୀ,୧୭।୬/ଏଜେନ୍ସି:** ସ୍କଟ୍‌ଲାଣ୍ଡରେ ଆୟୋଜିତ ଟି-୨୦ ତ୍ରିକୋଣୀୟ ସିରିଜ୍‌ରେ ନେଦରଲାଣ୍ଡ ଓ ନେପାଳ ମଧ୍ୟରେ ମ୍ୟାଚ୍‌ର ଫଳାଫଳ ୩ଟି ସୁପର୍ ଓଭର୍ ପରେ ନିର୍ଣ୍ଣିତ ହୋଇଛି। ଶେଷରେ ଏହି ମ୍ୟାଚ୍‌କୁ ନେଦରଲାଣ୍ଡ ଜିତିଛି। ତିନିଟି ସୁପର୍ ଓଭର୍ ଖେଳାଯିବା ଟି-୨୦ ଅନ୍ତର୍ଜାତୀୟରେ ପ୍ରଥମ ଘଟଣା। ସେହିପରି ସୁପର୍ ଓଭର୍‌ରେ ଜୟ-ପରାଜୟର ନିଷ୍ପତ୍ତି ହେବାରେ ଏହା ୪୧ତମ ଟି-୨୦ ଅନ୍ତର୍ଜାତୀୟ।

ସୋମବାର ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ମ୍ୟାଚ୍ ନେଦରଲାଣ୍ଡ ଓ ନେପାଳ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ନେଦରଲାଣ୍ଡ ୨୦ ଓଭର୍‌ରେ ୭ ୱିକେଟ୍ ହରାଇ ୧୫୨ ରନ୍ କରିଥିଲା। ଜବାବରେ ନେପାଳ ନିର୍ଦ୍ଧାରିତ ଓଭର୍‌ରେ ୮ ୱିକେଟ୍ ବିନିମୟରେ ୧୫୨ ରନ୍ କରିବା ଫଳରେ ମ୍ୟାଚ୍ ଟାଇ ହୋଇଥିଲା। ପ୍ରଥମ ସୁପର୍ ଓଭର୍‌ରେ ପ୍ରଥମେ ନେପାଳ ଏକ ୱିକେଟ୍ ହରାଇ ୧୯ ରନ୍ କରିଥିଲଣ। ଜବାବରେ ନରନ୍ କେସିଙ୍କ ଓଭର୍‌ରେ ନେଦରଲାଣ୍ଡର ମ୍ୟାକ୍ସ ଓ'ଡାଉ୍ ଓ ମାଇକେଲ୍ ଲେଭିଟ୍ ୧୯ ରନ୍ କରି ସୁପର୍ ଓଭର୍‌କୁ ମଧ୍ୟ ଟାଇ କରାଇଥିଲେ। ଦ୍ୱିତୀୟ ସୁପର୍ ଓଭର୍‌ରେ ପ୍ରଥମେ ବ୍ୟାଟିଂ କରି ନେଦରଲାଣ୍ଡ ଏକ ୱିକେଟ୍ ବିନିମୟରେ ୧୭ ରନ୍ କରିଥିଲା। ଜବାବରେ ଦୀପେନ୍ଦ୍ର ସିଂହ ଏରୀ ଓ ରୋହିତ ପୌଡେଲ୍ ନେପାଳ ପକ୍ଷରୁ ୧୭ ରନ୍ କରିଥିଲେ। ଫଳରେ ମ୍ୟାଚ୍ ଆଉ ଏକ ସୁପର୍ ଓଭର୍‌କୁ ଯାଇଥିଲା।

ତୃତୀୟ ସୁପର୍ ଓଭର୍‌ରେ ୨୧ ବର୍ଷୀୟ ଅଫ୍ ସ୍ପିନର୍ ଜ୍ୟାକ୍ ଲାୟନ୍ କେଚେଟ୍ ଚମତ୍କାର ପ୍ରଦର୍ଶନ କରି ନେପାଳ ବ୍ୟାଟର୍ ରୋହିତ ପୌଡେଲ୍ ଓ ରୂପେଶ ସିଂହଙ୍କୁ କୌଣସି ରନ୍ କରିବାକୁ ଦେଇନଥିଲେ। ଶେଷରେ ସନ୍ଦୀପ ଲାମିଛାନେଙ୍କ ପ୍ରଥମ ବଲ୍‌ରେ ଛକା ମାରି ମାଇକେଲ୍ ଲେଭିଟ୍ ନେଦରଲାଣ୍ଡକୁ ବିଜୟୀ କରାଇଥିଲେ।

### ଭାରତ- ଇଂଲଣ୍ଡ ଟେଷ୍ଟ୍ ସିରିଜ୍

# ବିଜେତା କ୍ୟାପ୍ଟେନ୍‌ଙ୍କୁ ମିଳିବ 'ପଟୌଦି ମେଡାଲ୍'




**ନୂଆଦିଲ୍ଲୀ,୧୭।୬/ଏଜେନ୍ସି:** ଭାରତ ଓ ଇଂଲଣ୍ଡ ମଧ୍ୟରେ ଜୁନ୍ ୨୦ରୁ ଆରମ୍ଭ ହେବାକୁ ଥିବା ପାଞ୍ଚ ମ୍ୟାଚ୍‌ର ଟେଷ୍ଟ୍ ସିରିଜ୍ ପୂର୍ବରୁ ଏକ ବଡ଼ ନିଷ୍ପତ୍ତି ସାମ୍ନାକୁ ଆସିଛି। ସିରିଜ୍ ବିଜେତା କ୍ୟାପ୍ଟେନ୍‌ଙ୍କୁ ପଟୌଦି ମେଡାଲ୍‌ରେ ସମ୍ମାନିତ କରାଯିବ। ଏହାଦ୍ୱାରା ଦୁଇ ଦେଶର କ୍ରିକେଟ୍ ପ୍ରତିଯୋଗିତାରେ ଏହି ରାଜ ପରିବାରର ନାମ ବଜାୟ ରହିବ। ପଟୌଦି ପରିବାରର ଏହି ଦୁଇ ଦେଶର କ୍ରିକେଟ୍ ସହିତ ଗଭୀର ସମ୍ପର୍କ ରହିଛି। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ଏହା ପୂର୍ବରୁ ପଟୌଦି ଟ୍ରଫିର ନାମ ପରିବର୍ତ୍ତନ କରି ତେନ୍ଦୁଲକର-ଆଣ୍ଡରସନ୍ ଟ୍ରଫି କରିବାକୁ ନିଷ୍ପତ୍ତି ନେଇଥିଲା। ଏହାପରେ ଭାରତର ପୂର୍ବତନ କ୍ୟାପ୍ଟେନ୍ ସୁନୀଲ୍ ଗାଭାସ୍କରଙ୍କ ସମେତ କ୍ରିକେଟ୍ ଜଗତର କେତେକ ଅନ୍ୟ ହସ୍ତୀ ମଧ୍ୟ ଏହି ଟ୍ରଫିର ନାମ କରିବର୍ତ୍ତନକୁ ସମାଲୋଚନା କରିଥିଲେ। ଉଲ୍ଲେଖଯୋଗ୍ୟ, ପଟୌଦିଙ୍କ ନାମ ଭାରତ-ଇଂଲଣ୍ଡ କ୍ରିକେଟ୍‌ର ଅଂଶ ଭାବେ ବାଜୟ ରହିବା ଉଚିତ ବୋଲି ସ୍ୱୟଂ ସଚିନ୍ ତେନ୍ଦୁଲକର ଇସିବିକୁ ଅନୁରୋଧ କରିଥିଲେ। ଏଥିରେ ଇସିସି ସହମତି ଜଣାଇବା ସହିତ ବିଜେତା କ୍ୟାପ୍ଟେନ୍‌ଙ୍କୁ ପଟୌଦି ମେଡାଲ୍ ଦେବାକୁ ନିଷ୍ପତ୍ତି ନେଇଛି। ଏଥିରେ ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କର ମଧ୍ୟ ଭୂମିକା ରହିଛି। ଗତ ସପ୍ତାହରେ ଲର୍ଡ୍ସରେ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ ଫାଇନାଲ୍ ଅବସରରେ ଏହାର ଅନୌପଚାରିକ ଘୋଷଣା ହେବାର ଥିଲା। ମାତ୍ର ଅହମଦାବାଦରେ ଏୟାର୍ ଇଣ୍ଡିଆ ବିମାନ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଏହାକୁ ଟାଳି ଦିଆଯାଇଥିଲା। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଏହାର ଆୟୋଜନ ହୋଇପାରି ନଥିବାରୁ ଏବେ ଟ୍ରଫି ନାମ ପରିବର୍ତ୍ତନର ଅନୌପଚାରିକ ଘୋଷଣା ଲିଡ୍ସରେ ସିରିଜ୍‌ର ପ୍ରଥମ ମ୍ୟାଚ୍‌ର ଦିନକ ପୂର୍ବରୁ ଜୁନ୍ ୧୯ରେ କରାଯିବ।




### ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍

# ସ୍ମୃତି ମନ୍ଧାନା ନଂ.୧ ବ୍ୟାଟର୍



**ଦୁବାଇ,୧୭।୬/ଏଜେନ୍ସି:** ଆଇସିସି ପକ୍ଷରୁ ମଙ୍ଗଳବାର ଜାରି ସଦ୍ୟତମ ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତର ସ୍ମୃତି ମନ୍ଧାନା ଶୀର୍ଷରେ ପହଞ୍ଚିଛନ୍ତି। ସେ ସାଉଥ୍ ଆଫ୍ରିକାର ଲୌରା ୱୁଲ୍‌ଭାର୍ଟ ଓ ଇଂଲଣ୍ଡର ନାଟ୍‌ଲୀ ସିଭର୍ ବ୍ରଣ୍ଟଙ୍କୁ ପଛରେ ପକାଇ ପାଞ୍ଚବର୍ଷ ପରେ ନଂ.୧ ବ୍ୟାଟର୍ ହୋଇଛନ୍ତି। ମନ୍ଧାନା ୨୦୧୯ରେ ଶେଷଥର ପାଇଁ ଇଂଲଣ୍ଡ ବିପକ୍ଷ ସିରିଜ୍ ସମାପ୍ତି ପରେ ଶୀର୍ଷରେ ପହଞ୍ଚିଥିଲେ। ବୋଲର୍‌ମାନଙ୍କ ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଅଫ୍ ସ୍ପିନର୍ ଦୀପ୍ତି ଶର୍ମା ଚତୁର୍ଥ ସ୍ଥାନରେ ବଜାୟ ରହିଛନ୍ତି। ସେହିପରି ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ସେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହା ବ୍ୟତୀତ ଉଭୟ ଫର୍ମାଟ୍‌ର ଅଲ୍‌ରାଉଣ୍ଡର୍ ର୍‍ୟାଙ୍କିଙ୍ଗ୍‌ରେ ଦୀପ୍ତି ଶୀର୍ଷ-୪ ମଧ୍ୟରେ ରହିଛନ୍ତି।

ମନ୍ଧାନା ର୍‍ୟାଙ୍କିଙ୍ଗ୍‌ରେ ଗୋଟିଏ ସ୍ଥାନର ଲମ୍ଫ ପ୍ରଦାନ କରି ୭୨୭ ପଏଣ୍ଟ ସହିତ ଶୀର୍ଷରେ ପହଞ୍ଚିଛନ୍ତି। ସିଭର୍-ବ୍ରଣ୍ଟ ମଧ୍ୟ ଗୋଟିଏ ସ୍ଥାନ ଉପରକୁ ଉଠିବା ସହିତ ୭୧୯ ପଏଣ୍ଟ ସହ ୱୁଲ୍‌ଭାର୍ଟଙ୍କ ସହିତ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ-୧୦ରେ ଭାରତର ଅନ୍ୟ କୌଣସି ଖେଳାଳିଙ୍କୁ ସ୍ଥାନ ମିଳିନାହିଁ। ଜେମିମା ରଡ୍ରିଗ୍ସ ୧୫ଶ ଏବଂ ହରମନପ୍ରୀତ୍ କୌର୍ ୧୬ଶ ସ୍ଥାନରେ କାଏମ ଅଛନ୍ତି।

ଟି-୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ରେ ମଧ୍ୟ ମନ୍ଧାନାଙ୍କୁ ଛାଡ଼ିଦେଲେ ଭାରତର କୌଣସି ବ୍ୟାଟର୍ ଶୀର୍ଷ-୧୦ରେ ସାମିଲ ନାହାନ୍ତି। ମନ୍ଧାନା ଚତୁର୍ଥ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର ବେଥ୍ ମୁନୀ, ୱେଷ୍ଟଇଣ୍ଡିଜ୍‌ର ହେଲି ମାଥ୍ୟୁଜ୍ ଏବଂ ଅଷ୍ଟ୍ରେଲିଆର ତାହଲିୟା ମ୍ୟାକ୍‌ଗ୍ରା ଟପ୍-୩ ସ୍ଥାନରେ କାଏମ ଅଛନ୍ତି। ଦିନିକିଆ ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ଦୀପ୍ତି ଶର୍ମା ଚତୁର୍ଥ ସ୍ଥାନରେ ରହିଛନ୍ତି। ଇଂଲଣ୍ଡର ସୋଫି ଏକ୍କ୍ଲେଷ୍ଟନ୍, ଅଷ୍ଟ୍ରେଲିଆର ଆଶ୍‌ଲେ ଗାର୍ଡନର୍ ଓ ମେଗନ୍ ଶଟ୍ ଶୀର୍ଷ-୩ ସ୍ଥାନରେ ରହିଛନ୍ତି। ଏହି ଲିଷ୍ଟରେ ଭାରତର ପରବର୍ତ୍ତୀ ଶୀର୍ଷ ଖେଳାଳି ହେଉଛନ୍ତି ରେଣୁକା ସିଂହ। ସେ ୨୪ତମ ସ୍ଥାନ ବଜାୟ ରଖିଛନ୍ତି। ତେବେ ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ଦୀପ୍ତି ଦ୍ୱିତୀୟ ସ୍ଥାନରେ ଥିବାବେଳେ ରେଣୁକା ପଞ୍ଚମ ସ୍ଥାନରେ ରହିଛନ୍ତି। ଉଭୟ ଫର୍ମାଟ୍‌ର ଅଲ୍‌ରାଉଣ୍ଡର୍ ର୍‍ୟାଙ୍କିଙ୍ଗ୍‌ରେ କୌଣସି ପରିବର୍ତ୍ତନ ହୋଇନାହିଁ। ଦିନିକିଆରେ ଆଶ୍‌ଲେ ଗାର୍ଡନର୍ ଶୀର୍ଷରେ ଥିବାବେଳେ ଦୀପ୍ତି ଚତୁର୍ଥ ସ୍ଥାନ ବଜାୟ ରଖିଛନ୍ତି। ସେହିପରି ଟି-୨୦ରେ ହେଲି ମାଥ୍ୟୁଜ୍ ନଂ.୧ ଏବଂ ଦୀପ୍ତି ନଂ.୩ରେ ରହିଛନ୍ତି।

## ୫ ବର୍ଷ ପରେ ଶୀର୍ଷକୁ ଫେରିଲେ

## ବୋଲିଂ ର୍‍ୟାଙ୍କିଙ୍ଗ୍ ଚତୁର୍ଥରେ ଦୀପ୍ତି

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra